# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ଶାହ ନେଲେ ବଡ଼ ନିଷ୍ପତ୍ତି | ୬



ପରୀକ୍ଷାର୍ଥୀଙ୍କୁ ଚାପମୁକ୍ତ ନେଇ ଟିପ୍ସ ଦେଲେ ଦୀପିକା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୧୫ Vol. 21 No-315 13 FEBRUARY 2025 THURSDAY BHUBANESWAR ଗୁରୁବାର, ୧୩ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ରାବଡି ପ୍ରଥାକୁ ନେଇ ବର୍ଷିଲେ ସୁପ୍ରିମକୋର୍ଟ

# ବିକାଶରେ ପ୍ରତିବନ୍ଧକ





**ଗଭୀର ଚିନ୍ତା ପ୍ରକଟ କଲେ ଖଣ୍ଡପୀଠ**

**ମାଗଣା ଯୋଜନା ଲୋକଙ୍କୁ କରୁଛି କୁଢିଆ**

**ରୋକ୍ ଲଗାଇବାକୁ କମିଟି ଗଠନ ନିମନ୍ତେ ପରାମର୍ଶ**

ନୂଆଦିଲ୍ଲୀ,୧୨।୨: ଦେଶର ଲୋକମାନେ ମାଗଣାରେ ରାସନ ଓ ଟଙ୍କା ପାଉଥିବାରୁ ଆଉ କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହା ଅତି ଚିନ୍ତାର ବିଷୟ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବି.ଆର.ଗବାଇ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସିଙ୍କୁ ନେଇ ଗଠିତ ଖଣ୍ଡପୀଠ ସହରାଞ୍ଚଳରେ ରହୁଥିବା ବାସହୀନଙ୍କୁ ରହିବା ପାଇଁ ଘର ଯୋଗାଇ ଦେବା ପ୍ରସଙ୍ଗ ସଂପର୍କିତ ଏକ ମାମଲାର ଶୁଣାଣିବେଳେ ଏଭଳି ମତ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଦେଶରେ ପ୍ରତି ନିର୍ବାଚନ ପୂର୍ବରୁ ରାବଡି ପ୍ରଥା ବା ମାଗଣା ଯୋଜନା ଘୋଷଣା କରାଯାଉଛି। ବିଭିନ୍ନ ରାଜନୈତିକ ଦଳ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ମାଗଣା ସେବାର ଲୋଭ ଦେଖାଉଛନ୍ତି। ଏହିସବୁ ଦଳର ନେତା ଓ ମନ୍ତ୍ରୀମାନେ ପୁଳାପୁଳା ମାଗଣା ପ୍ରତିଶ୍ରୁତି ଦେବାକୁ ମଧ୍ୟ ସାମାନ୍ୟତମ କୁଣ୍ଠା କରୁନାହାନ୍ତି। ଲୋକମାନେ ମାଗଣାରେ ସବୁକିଛି ପାଇ ଯାଉଥିବାରୁ ଆଉ କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ଏହି ଯୋଜନା ସେମାନଙ୍କୁ କୁଢିଆ କରିବାରେ ସହାୟକ ହେଉଛି। ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଏହି ଲୋକମାନେ କିଛି କାମ ନ କରି ମାଗଣାରେ ବସି ଟଙ୍କା ପାଉଛନ୍ତି। ଆମେ ଆପଣଙ୍କ ଚିନ୍ତାଧାରାକୁ ସ୍ୱାଗତ କରୁଛୁ। କିନ୍ତୁ ମାଗଣା ପାଉଥିବା ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତର ଅଂଶବିଶେଷ କରିବାରେ କ୍ଷତି କେଉଁଠି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଦେଶର ବିକାଶରେ ସେମାନେ ମଧ୍ୟ ଯୋଗଦାନ କରିବାକୁ ଅନୁମତି ପାଇବା ଜରୁରି। ମାମଲାର ଶୁଣାଣିବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ଆଟର୍ଣ୍ଣି ଜେନେରାଲ ଆର.ଭେଙ୍କଟରମଣୀ କହିଥିଲେ ଯେ ସହରାଞ୍ଚଳ ଗରିବମୁକ୍ତ ମିଶନ ପାଇଁ ସରକାର ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିରେ ବାସହୀନଙ୍କୁ ଘର ଯୋଗାଇ ଦିଆଯିବାର ପ୍ରାବଧାନ ମଧ୍ୟ ରହିବ। ତେବେ ଖଣ୍ଡପୀଠ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ କେତେ ସମୟ ଲାଗିବ ବୋଲି ପ୍ରଶ୍ନ କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୬ ସପ୍ତାହ ପରେ କରାଯିବ। ସୂଚନାଯୋଗ୍ୟ ଯେ ମାଗଣା ପ୍ରତିଶ୍ରୁତିକୁ ନେଇ ସର୍ବୋଚ୍ଚ ଅଦାଲତ ପ୍ରଥମ ଥରପାଇଁ ଚିନ୍ତାପ୍ରକଟ କରିନାହାନ୍ତି, ବରଂ ପୂର୍ବରୁ ଏପରି ବ୍ୟବସ୍ଥାକୁ ବାରମ୍ବାର ସମାଲୋଚନା କରି ଆସିଛନ୍ତି। ଏହି ଯୋଜନାକୁ ନେଇ ସୁପ୍ରିମକୋର୍ଟ ସରକାର ଓ ନିର୍ବାଚନ କମିଶନଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ଅଦାଲତ କହିଥିଲେ ଯେ ଏହି ପ୍ରସଙ୍ଗରେ କମିଶନ ଓ ସରକାର ହାତଝାଡ଼ି ଚୁପ୍ ବସିପାରିବେ ନାହିଁ। ସେମାନେ କିଛି କରିପାରିବେ ନାହିଁ ବୋଲି କହିପାରିବେ ନାହିଁ। ସରକାର ଏବଂ ନିର୍ବାଚନ ଆୟୋଗ ମିଶି ଏହି ଯୋଜନା ବନ୍ଦ କରିବା ପାଇଁ ବିଚାର କରିବା ଜରୁରି ବୋଲି ଖଣ୍ଡପୀଠ କହିବା ସହ ଏଥିପାଇଁ ଏକ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ।

## ଆଜିଠୁ ବିଧାନସଭା ବଜେଟ୍ ଅଧିବେଶନ

# ସୁରକ୍ଷା କଡ଼ାକଡ଼ି



- ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କଲେ ଡିଜିପି
- ୩୦ ପ୍ଲାଟୁନ୍ ଫୋର୍ସ, ୧୦୦ ଅଧିକାରୀ ନିୟୋଜିତ
- ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ
- ସରକାରଙ୍କୁ ଘେରିବା ପାଇଁ ବିରୋଧୀଙ୍କ ରଣନୀତି
- ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ
- ବିଧାନସଭା ହେଲା ପେପରଲେସ୍

ଭୁବନେଶ୍ୱର,୧୨।୨(ଭାସ୍କର ନ୍ୟୁଜ): ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ବଜେଟ୍ ଅଧିବେଶନ। ଏହା ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲୁ ରହିବ। ଦୁଇଟି ପର୍ଯ୍ୟାୟରେ ଏହି ଅଧିବେଶନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟଟି ଚଳିତମାସ ୧୩ରୁ ୨୧ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅଧିବେଶନରେ ମୋଟ ୨୮ଟି କାର୍ଯ୍ୟ ଦିବସ ରହିଛି। ବଜେଟ୍ ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭପାଟି ନିଜର ଅଭିଭାଷଣ ରଖିବେ। ରାଜ୍ୟର ବିକାଶ ଓ ଅଭିବୃଦ୍ଧିର ଚିତ୍ର ବଖାଣିବେ। ବିକଶିତ ଓଡ଼ିଶାର ନକ୍ସା ମଧ୍ୟ ଉପସ୍ଥାପନ କରିବେ। ୧୪ ଓ ୧୫ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆସିଥିବା ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା କରାଯିବ। ତେବେ ବଜେଟ୍ ଅଧିବେଶନ ପୂର୍ବରୁ ରାଜଭବନରେ ବୁଧବାର ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବଜେଟ୍ ଅଧିବେଶନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୩୦ ପ୍ଲାଟୁନ ଫୋର୍ସ ସୁରକ୍ଷା ● ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି



ଭୁବନେଶ୍ୱର,୧୨।୨(ଭାସ୍କର ନ୍ୟୁଜ): ସମଗ୍ର ଶିକ୍ଷା ଅଧୀନରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକଙ୍କ ଦରମାରେ ବୃଦ୍ଧି ଘଟିଛି। ଏ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିବା ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକ ପୂର୍ବରୁ ୧୧ହଜାର ଟଙ୍କା ରହିଥିବାବେଳେ ଏବେ ଏହାକୁ ବୃଦ୍ଧି କରାଯାଇ ୧୬ହଜାର ଟଙ୍କା କରାଯାଇଛି। ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ନିୟୋଜିତ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ମାସିକ ୧୧ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଥିଲା। ଦରମା ବୃଦ୍ଧି ପାଇଁ ଏହି ଶିକ୍ଷକମାନଙ୍କ ପକ୍ଷରୁ ବାରମ୍ବାର ଦାବି ମଧ୍ୟ ହୋଇ ଆସୁଥିଲା। ଗତ ଜାନୁଆରୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବର୍ଗର ଶିକ୍ଷକମାନଙ୍କ ମାସିକ ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ଏ ସଂପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଥିଲେ। ଏହି ଦରମା ବୃଦ୍ଧି କାର୍ଯ୍ୟକାରୀ ହେଲେ ୧୩ହଜାର ୭୪୦ ଶିକ୍ଷକ ଶିକ୍ଷୟିତ୍ରୀ ଉପକୃତ ହେବେ। ବୁଧବାରଠାରୁ ଏହି ବର୍ଦ୍ଧିତ ଦରମା ଲାଗୁ ହେବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ କହିଛି ଯେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସ୍ୱରୂପ ଏହି ଶିକ୍ଷକମାନଙ୍କ ଦରମାରେ ୪ହଜାର ୯ଶହ ଟଙ୍କା ବୃଦ୍ଧି କରାଯାଇଛି। ସରକାର ସତର୍କତାର ସହିତ ବିଚାର କରିବା ପରେ ଏହି ଶିକ୍ଷକମାନଙ୍କ ଦରମା ବୃଦ୍ଧି କରିଛନ୍ତି। ଫଳରେ ଏହା ଶିକ୍ଷାଦାତାଙ୍କୁ ସଶକ୍ତ କରିବା ସହ ପ୍ରାଥମିକ ଶିକ୍ଷାକୁ ସୁଦୃଢ କରିବ ବୋଲି ଆଶା କରାଯାଉଛି। ସ୍କିମାଟିକ୍ ଶିକ୍ଷକଙ୍କ ଦରମା ବୃଦ୍ଧି ପରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଭାରତର କନସୁଲେଟ୍ ଜେନେରାଲକୁ ଉଦ୍‌ଘାଟନ କଲେ ମୋଦୀ-ମାକ୍ରନ୍



ନୂଆଦିଲ୍ଲୀ,୧୨।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ବୁଧବାର ମର୍ସିଲେରେ ନୂତନ ଭାବେ ଖୋଲାଯାଇଥିବା ଭାରତର କନସୁଲେଟ୍ ଜେନେରାଲକୁ ମିଳିତଭାବେ ଉଦ୍‌ଘାଟନ କରିଛନ୍ତି। ମୋଦୀ ଏବଂ ମାର୍କନଙ୍କ ଦ୍ୱାରା ଏହି ଉଦ୍‌ଘାଟନ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କରେ ଏକ ଐତିହାସିକ ଘଟଣା ବୋଲି କୁହାଯାଉଛି। ଉଦ୍‌ଘାଟନ ଉତ୍ସବରେ ରାଷ୍ଟ୍ରପତି ମାକ୍ରନଙ୍କ ଉପସ୍ଥିତି ଏକ ସ୍ୱତନ୍ତ୍ର ସମ୍ମାନ ଥିଲା ଓ ମୋଦୀ ଏହାକୁ ଭୁରିଭୁରି ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରବାସୀ ଭାରତୀୟଙ୍କ ଦ୍ୱାରା ଉଭୟ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ୨୦୨୩ ଜୁଲାଇରେ ମାର୍ସିଲେରେ ଏକ କନସୁଲେଟ୍ ଜେନେରାଲ ଖୋଲିବା ନେଇ ମୋଦୀ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିବା ଚତୁର୍ଦ୍ଦଶ ଭାରତ-ଫ୍ରାନ୍ସ ସିଇଓ ଫୋରମରେ ଉଭୟ ନେତା ମିଳିତଭାବେ ଉଦ୍‌ବୋଧନ ଦେଇଥିଲେ। ଏହି ଫୋରମରେ ବିଭିନ୍ନ କମ୍ପାନୀର ଏକାଧିକ ସିଇଓ ଏକତ୍ରିତ ହୋଇଥିଲେ। ଏହି ଅସରରେ ପ୍ରତିରକ୍ଷା, ମହାକାଶ, ବିକଶିତ ପ୍ରଯୁକ୍ତି ବିଦ୍ୟା, ଭିତ୍ତିଭୂମି, ଏଆଇ, ଜୀବବିଜ୍ଞାନ, ଜୀବନ ଶୈଳୀ ପରି ବିଭିନ୍ନ ବିଭାଗ ଉପରେ ଆଲୋକପାତ କରାଯାଇଥିଲା। ତେବେ ମୋଦୀ ବୁଧବାର ଆମେରିକା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଥିବାବେଳେ ଗୁରୁବାର ଅପରାହ୍ନ ୪ଟାରେ ଆମେରିକା ରାଷ୍ଟ୍ରପତି ● ପୃଷ୍ଠା ୫ ଦେଖନ୍ତୁ

**ଆଜି ମୋଦୀ-ଟ୍ରମ୍ପ ଆଲୋଚନା**

## ସଂକ୍ଷେପରେ...

### ବ୍ୟକ୍ତିଗତ ସଚିବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନୂଆଦିଲ୍ଲୀ,୧୨।୨: କେନ୍ଦ୍ର ଆଦିବାସୀ ବ୍ୟାପାରମନ୍ତ୍ରୀ ଜୁଏଲ ଓରାମଙ୍କ ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱରେ ଥିବା ବରିଷ୍ଠ ଆଇଏଏସ୍ ଡାକ୍ତର ପରାଗ ହର୍ଷଦ ଗାଭାଲି ଜାନୁଆରୀ ୨୩ ତାରିଖରୁ ବିନା ଅନୁମତିରେ ଛୁଟିରେ ରହିଥିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ସଚିବଙ୍କୁ ଚିଠି କରିଛନ୍ତି ଶ୍ରୀ ଓରାମ। ଏଥିସହ ତାଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦେବାକୁ ମଧ୍ୟ କହିଛନ୍ତି।

### ପରୀକ୍ଷା ହବ୍‌କୁ ଗଲା ପ୍ରଶ୍ନପତ୍ର

ଭୁବନେଶ୍ୱର,୧୨।୨(ଭାସ୍କର ନ୍ୟୁଜ): ପରୀକ୍ଷା ହବକୁ ପଠାଗଲା ପରୀକ୍ଷା ଯୁକ୍ତ ୨ ପରୀକ୍ଷା ପ୍ରଶ୍ନପତ୍ର। ଚଳିତ ଥର ୨୦୫ ପରୀକ୍ଷା ହବ୍ ହୋଇଛି। ଆସନ୍ତା ୧୮ରୁ ହେବାକୁ ଥିବା ଯୁକ୍ତ ୨ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୦ଟି ରୁଟ ଦେଇ ଯିବ ପରୀକ୍ଷା ପ୍ରଶ୍ନପତ୍ର। କଡାକଡି ସୁରକ୍ଷା ବ୍ୟବସ୍ଥା ଭିତରେ ପରୀକ୍ଷା ହବକୁ ପଠାଯାଇଛି ପ୍ରଶ୍ନ ପତ୍ର। ୩ ଲକ୍ଷ ୯୩ ହଜାର ୬୧୮ ପରୀକ୍ଷାର୍ଥୀ ଦେବେ ପରୀକ୍ଷା। ଆଜି ଦକ୍ଷିଣ ଓଡିଶା ଓ ପଶ୍ଚିମ ଓଡିଶା ଅଧୀନରେ ଆସୁଥିବା ପରୀକ୍ଷା ହବ୍ ଗୁଡିକୁ ପରୀକ୍ଷା ପ୍ରଶ୍ନ ପତ୍ର ପଠାଯାଇଛି।

### ଦୁର୍ଘଟଣାରେ ୫ ମୃତ

କୋଣାର୍କ/ନୟାଗଡ଼,୧୨।୨(ଭାସ୍କର ନ୍ୟୁଜ): ବୁଧବାର ପୃଥକ ସ୍ଥାନରେ ଦୁର୍ଘଟଣା ଘଟି ୫ଜଣଙ୍କ ଜୀବନ ଯାଇଛି। କୋଣାର୍କ-କାକଟପୁର ରାସ୍ତାର ବଢେଇ ଛକରେ ଏକ ବାଇକ୍‌ରେ ଯାଉଥିବା ୩ ଯୁବକ ଭାରସାମ୍ୟ ହରାଇବାରୁ ଏକ ମଣ୍ଡପରେ ପିଟି ହୋଇ ପ୍ରାଣ ହରାଇଛନ୍ତି। ସେହିପରି ନୟାଗଡ଼ ଇଟାମାଟି ଅଞ୍ଚଳରେ ଏକ କାର୍ ଦୋକାନ ଭିତରକୁ ମାଡ଼ିଯିବାରୁ ୨ଜଣଙ୍କର ମୃତ୍ୟୁ ଘଟିଛି।

**ସେନ୍‌ସେକ୍ସ: ୭୬,୧୭୧.୦୮**

**ସର୍ବାଧିକ: ୩୪.୮ ଡିଗ୍ରୀ**
**ସର୍ବନିମ୍ନ: ୨୧.୨ ଡିଗ୍ରୀ**

### ୧୨।୨।୨୦୨୫ ର ମତାମତ

ଇଭିଏମ୍ ବଦଳରେ ବାଲାଟ୍ ଭୋଟ ପ୍ରଚଳନ ଦାବି ଠିକ୍ କି?




### ଆଜିର ପ୍ରସଙ୍ଗ

ଚାଲୁ ରହିଥିବା ମାଗଣା ଯୋଜନା ଉପରେ ରୋକ୍ ଲଗାଯିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ସୁଭଦ୍ରା ପଇସା ମିଳିଗଲା ପରେ
ମହିଳାଙ୍କ ଖୁସି ଭାରି
ଝିଅ ଜନ୍ମ ପାଇଁ ବାର ହଜାର ଯେ
ସରକାର ଦେବେ ଭରି
ଯୋଜନା ଗଲାଣି ଡରି
ଏତେ ଯୋଜନାକୁ କିଏ ଦେବ ଟଙ୍କା
ରଣଭାରେ ଯିବା ମରି...।

## ଫେବୃଆରୀରେ ରେକର୍ଡ ଭାଙ୍ଗିଲା ତାତି

# ପ୍ରଥମ ଥରପାଇଁ ୩୭ ଡିଗ୍ରୀ ଛୁଇଁଲା



ଭୁବନେଶ୍ୱର,୧୨।୨(ଭାସ୍କର ନ୍ୟୁଜ): ସାଧାରଣତଃ ଫେବୃଆରୀ ମାସରେ ଶୀତର ପ୍ରଭାବ ରହିଥାଏ। ତେବେ ଚଳିତବର୍ଷ ଜଳବାୟୁ ପରିବର୍ତ୍ତନ ଯୋଗୁ ମାଘରେ ବାଘ ଭଳି ଶୀତ ପରିବର୍ତ୍ତେ ପ୍ରବଳ ତାତି ଅନୁଭୂତ ହେଉଛି। ଗତ ଦୁଇଦିନ ହେବ ସାରା ରାଜ୍ୟରେ ତାତିର ପ୍ରଭାବ ଦେଖା ଦେଇଛି। ବୁଧବାର ରାଜ୍ୟରେ ପ୍ରଥମ ଥରପାଇଁ ତାତି ରେକର୍ଡ ଭାଙ୍ଗିବା ସହ ପାରଦ ୩୭ ଡିଗ୍ରୀ ଛୁଇଁଛି। ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ବୁଧବାର ୩୭ ଡିଗ୍ରୀ ରେକର୍ଡ ହୋଇଛି। ଏଥିସହ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ମଧ୍ୟ ବୃଦ୍ଧି ପାଇଛି। ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୩୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ତାତିକୁ ନେଇ ଜୀବଜୀବନ ଅସ୍ତବ୍ୟସ୍ତ ହୋଇ ଉଠିଛି। ତେବେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି କଲାଭଳି ଏକ ଖବର ଦେଇଛି। ବିଭାଗର ସୂଚନା ଅନୁଯାୟୀ ରାଜ୍ୟରେ ୩ରୁ ୪ ଦିନ ଭିତରେ ପାରଦ ହ୍ରାସ ପାଇବ ଓ ତାପମାତ୍ରା ସ୍ୱାଭାବିକ ରହିବ। ● ପୃଷ୍ଠା ୫ ଦେଖନ୍ତୁ

## ୩-୦ରେ ସିରିଜ କବ୍‌ଜା କଲା ଟିମ୍ ଇଣ୍ଡିଆ

# ଇଂଲଣ୍ଡକୁ ୧୪୨ ରନ୍‌ରେ ହରାଇଲା




ଅହମ୍ମଦାବାଦ,୧୨।୨: ତୃତୀୟ ଦିନିକିଆରେ ଇଂଲଣ୍ଡକୁ ବଡ଼ ରନ୍ ବ୍ୟବଧାନରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ପ୍ରଥମ ଦୁଇଟି ମୁକାବିଲାରେ ଭାରତର ବିଜୟ ହୋଇଥିବାବେଳେ ତୃତୀୟ ମ୍ୟାଚ୍‌କୁ ୧୪୨ ରନ୍‌ରେ ଜିତି ନେଇଛି ରୋହିତବାହିନୀ। ବ୍ୟାଟରଙ୍କ ପରେ ବୋଲରଙ୍କ ପ୍ରଭାବଶାଳୀ ପ୍ରଦାର୍ଶନ ବଳରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳା ଯାଇଥିବା ତୃତୀୟ ଦିନିକିଆରେ ଭାରତ ଇଂଲଣ୍ଡକୁ ୧୪୨ ରନ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୩-୦ରେ କ୍ଲିନ୍‌ସୁଇପ୍ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୩୫୬ ରନ୍ କରିଥିବାବେଳେ ଇଂଲଣ୍ଡ ୩୪.୨ ବଲ୍‌ରେ ୨୧୪ ରନ୍ କରିଥିଲା। (ସବିଶେଷ ବିବରଣୀ ଖେଳ ପୃଷ୍ଠାରେ)

## ସିପିଆଇ ରିପୋର୍ଟରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକା

# ୯୬ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୧୨।୨: ଭାରତରେ ଦୁର୍ନୀତି ବଢିଛି। ବିଶ୍ୱର ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାର ୯୬ତମ ସ୍ଥାନରେ ରହିଛି ଭାରତ। ଦୁର୍ନୀତିର ଧାରଣ ପରିସଂଖ୍ୟକ(ସିପିଆଇ) ୨୦୨୪ର ରିପୋର୍ଟରେ ଏଭଳି କିଛି ତଥ୍ୟ ଉଲ୍ଲେଖ କରାଯାଇଛି। ତେବେ ଏହି ରିପୋର୍ଟରେ ଡେନମାର୍କକୁ ବିଶ୍ୱର ସବୁଠାରୁ ସ୍ୱଚ୍ଛ ରାଷ୍ଟ୍ରରୂପେ ଉଲ୍ଲେଖ କରାଯାଇଛି। ଡେନମାର୍କ ପଛକୁ ଫିନଲାଣ୍ଡ, ସିଙ୍ଗାପୁର ଓ ନ୍ୟୁଜିଲାଣ୍ଡ ରହିଛନ୍ତି। ବିଶ୍ୱସ୍ତରରେ ସର୍ବସାଧାରଣ ସ୍ଥାନ ବା ସରକାରୀ କାର୍ଯ୍ୟାଳୟରେ ହେଉଥିବା ଅନିୟମିତତାକୁ ଆଧାର କରି ଏହି ତାଲିକା ପ୍ରକାଶ କରାଯାଇଛି। ଗତବର୍ଷ ତୁଳନାରେ ଭାରତ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାର ତିନୋଟି ସ୍ଥାନ ତଳକୁ ଖସିଛି। ଅର୍ଥାତ୍ ଭାରତରେ ଦୁର୍ନୀତି ବୃଦ୍ଧି ପାଇଛି। ୨୦୨୩ ସର୍ଭେ ରିପୋର୍ଟରେ ଭାରତର ସ୍ଥାନ ୯୩ ରହିଥିଲା। ୧୮୦ ଦେଶରେ ସରକାରୀ ସ୍ତରରେ ହେଉଥିବା ଦୁର୍ନୀତିକୁ ନଜରରେ ରଖାଯାଇ ଏହି ତାଲିକା ପ୍ରକାଶ କରାଯାଇଛି। ବିଭିନ୍ନ ବିଶେଷଜ୍ଞ ଓ ବ୍ୟବସାୟିକ କ୍ଷେତ୍ର ସହ ଜଡ଼ିତ ଲୋକଙ୍କ ମତାମତକୁ ଆଧାର କରି ଶୂନରୁ ୧୦୦ ପଏଣ୍ଟ ମଧ୍ୟ ରାଷ୍ଟ୍ରଗୁଡ଼ିକୁ ଦିଆଯାଇଛି। ଶୂନ ସବୁଠାରୁ ଦୁର୍ନୀତିଗ୍ରସ୍ତ ଏବଂ ୧୦୦ ସବୁଠାରୁ ସ୍ୱଚ୍ଛ ବୋଲି କୁହାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ ଦୁର୍ନୀତି ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ସବୁଠାରୁ ବିପଜ୍ଜନକ ସମସ୍ୟା ଭାବେ ଉଭା ହୋଇଛି। କିନ୍ତୁ ଅନେକ ରାଷ୍ଟ୍ରରେ ଦୁର୍ନୀତି ରୋକିବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ଏହି ତାଲିକା ଅନୁଯାୟୀ ଭାରତର ମୋଟ ପଏଣ୍ଟ ୨୦୨୪ରେ ୩୮ ରହିଛି। ୨୦୨୩ରେ ଏହା ୩୯ ଥିବାବେଳେ ୨୦୨୨ରେ ଏହା ୪୦ ରହିଥିଲା। ଏହାର ଅର୍ଥ ଭାରତରେ ଦୁର୍ନୀତି ପ୍ରତିବର୍ଷ ବୃଦ୍ଧି ପାଉଛି। ଭାରତର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର କଥା ବିଚାରକୁ ● ପୃଷ୍ଠା ୫ ଦେଖନ୍ତୁ




ବେତନଟୀ, (ଭାସ୍କର ନ୍ୟୁଜ୍ ) : ଭୁବନେଶ୍ୱରରେ ଗଢ଼ା ଯାଇଥିବା କେନ୍ଦ୍ର ସରକାରଙ୍କ ପେନସନ ଓ ପରିବାର ପେନସନଭୋକ୍ତା ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ ଉଦ୍ଦେଶ୍ୟରେ ପୁରୁଣା ଏ ଜି କଲୋନୀ ସ୍ଥିତ ପୂଜା ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ପେନସନଭୋକ୍ତା ଶୁକଦେବ ପଟ୍ଟନାୟକ ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଭାବରେ ଶଙ୍କର୍ଷଣ ପ୍ରଧାନ ଓ ଉପ ସଭାପତି ଭାବରେ ଅବନୀକାନ୍ତ ପାତ୍ର ଏବଂ ସାଧାରଣ ସମ୍ପାଦକ ଭାବରେ ବୃନ୍ଦାବନ ସାହୁ ଶପଥ ନେଇ ଥିବା ବେଳେ ଶ୍ରୀନିବାସ ମହାନ୍ତି ସହ ସମ୍ପାଦକ ଭାବରେ ଶପଥ ଗ୍ରହଣ କରିଥିଲେ। ତା ଛଡ଼ା ଶରତ ଚନ୍ଦ୍ର ରାୟ କୋଷାଧକ୍ଷ ଭାବରେ ଶପଥ ନେଇଥିଲେ । ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ସର୍ବଶ୍ରୀ ବ୍ରଜେନ୍ଦ୍ର କୁମାର ମହାନ୍ତି, ବୈକୁଣ୍ଠନାଥ ନାୟକ, ବିଜୟ କୁମାର ପଟ୍ଟନାୟକ, ପ୍ରଦୀପ୍ତ କୁମାର ବଳିଆର ସିଂହ, ଚିତ୍ତରଞ୍ଜନ ପଟ୍ଟନାୟକ, ସତ୍ୟାନନ୍ଦ ପାଣି ଓ ମେନକା ସୁନ୍ଦରୀ ଦେବୀ ଶପଥ ଗ୍ରହଣ କରିଥିଲେ । ଏହି ସଂଘ ଓଡିଶା ରାଜ୍ୟ ସ୍ତରୀୟ ଏକ ରେଜିଷ୍ଟ୍ରି ଭୁକ୍ତ ଅନୁଷ୍ଠାନ ହୋଇଥିବାରୁ ଓଡିଶା ରାଜ୍ୟ ଭିତରେ ରହୁଥିବା ସମସ୍ତ କେନ୍ଦ୍ର ସରକାରଙ୍କ ପେନସନ ଓ ପରିବାର ପେନସନ ଭୋଗୀ ମାନେ ସଦସ୍ୟ ହୋଇ ପାରିବେ ବୋଲି ସାଧାରଣ ସମ୍ପାଦକ ବୃନ୍ଦାବନ ସାହୁ ଜଣାଇଛନ୍ତି ।

# ନିରାଶ୍ରୟମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ପାଇଁ ଆଲୋଚନା




କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ରହୁଥିବା ନିରାଶ୍ରୟ ବ୍ୟକ୍ତିମାନଙ୍କୁ ଆର୍ଥିକ କ୍ଷେତ୍ରରେ ସହାୟତା ପ୍ରଦାନ କରିବା ସହ ସେମାନଙ୍କୁ ସାବାଳକ ହେବା ପର୍ଯ୍ୟନ୍ତ ଆର୍ଥିକ ସହାୟତା,ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ସହଯୋଗ ଦେବା ପାଇଁ କେନ୍ଦୁଝଗଡ ପୌରପାଳିକାର ୧ ନମ୍ବର ୱାର୍ଡର କାଉନସିଲର ଶରତ କୁମାର ସାହୁ ଜିଲା ଶିଶୁ ମଙ୍ଗଳ ସମିତିର ପଦାଧିକାରୀଙ୍କୁ ଭେଟିଛନ୍ତି । ଆଲୋଚନା ସମୟରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡଃ ବିଭୂତି ଭୂଷଣ ଦାଶ, ସଦସ୍ୟା ରାଜଶ୍ରୀ ଉପାଧ୍ୟାୟ, ସୋନାଲୀ ସିଂ ପ୍ରମୁଖ ଆଲେଚନା କରିଥିଲେ । ସରକାରଙ୍କ ତରଫରୁ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସହାୟତାକୁ କିପରି ତୃଣମୂଳସ୍ତରରେ ପହଂଚି ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଯେଉଁମାନଙ୍କ ବୟସ ୧୮ବର୍ଷରୁ କମ ଓ ସେମାନଙ୍କର ବାପା-ମା କୌଣସି କାରଣରୁ ମୃତ୍ୟୁବରଣ କରିଥିବେ, କିମ୍ବା ପିତୃହରା, ମାତୃହରା, ଏଚଆଇଭି ରୋଗରେ ପୀଡ଼ିତ ବ୍ୟକ୍ତି ଓ ଶିଶୁଯତ୍ନ ଅନୁଷ୍ଠାନମାନଙ୍କୁ ସହାୟତା ରାଶି ମିଳିପାରିବ ବୋଲି ଜଣାପଡିଛି । ଏହି ଯୋଜନା ପୃଷ୍ଠପୋଷକତା ରାଶି ସହାୟତା ଆକାରରେ ମିଳିପାରିବ ବୋଲି ଜଣାପଡିଛି । ଗ୍ରାମାଞ୍ଚଳରେ ୭୨ହଜାର ଟଙ୍କାରୁ କମ ଆୟ ଥିବା ବର୍ଗ ଓ ସହରାଞ୍ଚଳରେ ୯୬ହଜାରରୁ କମ ଥିବା ହିତାଧିକାରୀ ସହାୟତା ପାଇପାରିବେ ବୋଲି ଜଣାପଡିଛି । ଏହି ଯୋଜନାକୁ ନେଇ ବ୍ୟାପକ ସଚେତନତା ସହ ଆଦିବାସୀ ଅଧୁଷିତ ପୁରୁଣା ସହରର ଯୋଗ୍ୟ ବ୍ୟକ୍ତିଙ୍କୁ କିପରି ଅଧିକ ପରିମାଣରେ ଏଥିରେ ସାମିଲ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ ।

## ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

ଗୋପ(ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ବୈଠକ ଗୃହରେ ଜିଲ୍ଲା କୌଶଳ ଓ ଦକ୍ଷତା ବିକାଶ ପକ୍ଷରୁ ଏକ ବୈଷୟିକ ଓ ଦକ୍ଷତା ଭିତ୍ତିକ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଗୋପ ବ୍ଲକ ବିଭିନ୍ନ ପଂଚାୟତରୁ ୧୫୦ ଜଣ ଆଶାୟୀ ପ୍ରାର୍ଥୀ ଯୋଗଦେଇଥିଲେ । ଏହି

**ଯୋଗଦେଲେ ୧୫୦ ଆଶାୟୀ ପ୍ରାର୍ଥୀ**

ଶିବିରରେ ବେକାର ଯୁବକ ଯୁବତୀ ମାନଙ୍କୁ ଆତ୍ମନିର୍ଭରଶୀଳ ହେବାପାଇଁ ପରାମର୍ଶ ଦେଇଥିଲେ । ରାମ ତରଙ୍ଗ, ୱାର୍ଲଡ ସ୍କିଲ ସେଣ୍ଟର ଆଦି ୮ ଟି କଂପାନୀ ପକ୍ଷରୁ ଏହି ପରାମର୍ଶ ଦିଆଯାଇଥିଲା । ଏହି ଶିବିରରେ ଜିଲ୍ଲା କୌଶଳ ଓ ଦକ୍ଷତା ବିକାଶ କୋ-ଅର୍ଡିନେଟର ବାମଦେବ ସାହୁ, ବିପିଏମ୍ ପଙ୍କଜିନୀ ଦାଶ,ବ୍ଲକ ଜୀବିକା ମିଶନ ସଂଯୋଜକ ଚିନ୍ମୟ କୋଠରୀ ପ୍ରମୁଖ ଯୋଗଦେଇଥିଲେ ।

# ନୂତନ ଭାରପ୍ରାପ୍ତ ଅଧିକାରୀଙ୍କ ଯୋଗଦାନ



କୃଷ୍ଣପସାଦ (ଭାସ୍କର ନ୍ୟୁଜ୍ ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନାରେ ନୂତନ ଭାବେ ଯୋଗଦେଲେ ଥାନା ଭାରପ୍ରାପ୍ତ ଅଧିକାରୀ ଭାବଗ୍ରାହୀ ରାଉତ। କାର୍ଯ୍ୟରତ ଆଇଆଇସି ବସନ୍ତ କୁମାର ସାହୁଙ୍କ ଅନ୍ୟତ୍ର ବଦଳି ପରେ ଶ୍ରୀ ରାଉତ ନୂତନ ଭାବେ ଥାନା ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ପୁରୀ ସଦର ଥାନାରେ କାର୍ଯ୍ୟରତ ଥିଲେ। କୃଷ୍ଣପ୍ରସାଦ ଥାନାରେ ଯୋଗ ଦେବାପରେ ଥାନାର ସମସ୍ତ କର୍ମଚାରୀ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ । କୃଷ୍ଣପ୍ରସାଦ ଥାନା ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ପଚାରି ବୁଝିଥିଲେ।

# ଶିଶୁ ଆଶ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ଭଦ୍ରକ(ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ, ଭଦ୍ରକ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ କନ୍ୟାକୁ ବଞ୍ଚାନ୍ତୁ, କନ୍ୟାକୁ ପଢ଼ାନ୍ତୁର ୧୦ବର୍ଷ ପୂର୍ତ୍ତି ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗାନ୍ଧୀ ଓଡିଶା ବାଳାଶ୍ରମ,ଗରଦପୁର ଓ ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ଚାନ୍ଦିଆପଦା ଲାଙ୍ଗୁଡି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ୍ ଅଧିକାରୀ ସୁବ୍ରତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ,ପରାମର୍ଶ ଦାତ୍ରି ସସ୍ମିତା ନାୟକ, ଝରଣା ବିଶ୍ୱାଳ, ସୌମ୍ୟ ରଂଜନ ଦାସ, ପ୍ରଜ୍ଞା ଦାସ, ତଥାଗତ ଜେନା ସମେତ ଅନ୍ତେବାସୀମାନେ ଯୋଗଦାନ କରିଥିଲେ। ସେହିପରି ଉତ୍କଳମଣି ଶିଶୁ ଆଶ୍ରମରେ ଅଧିକ୍ଷକ ଧନଞ୍ଜୟ ଜେନା, ନିବେଦିତା ଲେଙ୍କା, ତାପସ ଜେନା,ସମ୍ପିତ ନାୟକ ସମେତ ଚାଇଲ୍ଡ ଲାଇନର କର୍ମକର୍ତ୍ତା ଦିଗବିଜୟ ମହାନ୍ତି, ଲକ୍ଷ୍ମଣ ଜେନା,ଚନ୍ଦ୍ରକାନ୍ତ ଗୋଚ୍ଛାୟତ,କାହ୍ନୁ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।ଶିଶୁ ସୁରକ୍ଷାର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍କାଉଟ୍ ଗାଇଡ୍ ଡାଇମଣ୍ଡ ଜୁବଲି ସମାରୋହରେ ସଫଳତା

କେନ୍ଦୁଝର(ଭାସ୍କର ନ୍ୟୁଜ୍): ତାମିଲନାଡୁର ତ୍ରିଚିନ୍ନାପଲ୍ଲୀ ଠାରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ ଭାରତ ସ୍କାଉଟ ଗାଇଡ ଡାଇମଣ୍ଡ ଜୁବଲି ସମାରୋହରେ କେନ୍ଦୁଝର ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟର ଗାଇଡ ଛାତ୍ରୀମାନେ ଯୋଗଦେଇ ସଫଳତା ହାସଲ କରିଛନ୍ତି। ଏଥିରେ ଜିଲ୍ଲାର ଦୁଇଟି ବିଦ୍ୟାଳୟ ସାମିଲ ହୋଇଥିଲେ। ବିଦ୍ୟାଳୟର ଗାଇଡ କ୍ୟାପଟେନ ସଂଯୁକ୍ତା ନାଥଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ଓଡିଶା ଟିମ୍‌ରେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରକାର ପ୍ରତିଯୋଗିତା ତଥା ମାର୍ଚ୍ଚ ଫାଷ୍ଟ, ଲୋକନୃତ୍ୟ, ପିଜାଣ୍ଟ ସୋରେ ଛାତ୍ରୀମାନେ ଅଂଶଗ୍ରହଣ କରି ଓଡିଶାକୁ ଗୌରବାନ୍ୱିତ କରିଛନ୍ତି। ପ୍ରତ୍ୟେକ ଗାଇଡ ଓ ଗାଇଡ କ୍ୟାପଟେନଙ୍କୁ ଜାତୀୟ ସ୍ତରରେ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ତପନ କୁମାର ପଣ୍ଡା କୃତି ଛାତ୍ରୀମାନଙ୍କୁ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହାସହିତ ବିଦ୍ୟାଳୟ ପରିଚାଳନା କମିଟି ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଛାତ୍ରୀମାନଙ୍କୁ ତଥା ଗାଇଡ କ୍ୟାପଟେନ ଶ୍ରୀମତୀ ନାଥଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ବିଦ୍ୟାଳୟର ଏହି ସଫଳତା କେନ୍ଦୁଝର ଜିଲ୍ଲା ସମେତ ଓଡିଶା ପାଇଁ ଗର୍ବର ଉତ୍ସଥିଲା।




# ସରକାରୀ ଚାକିରିଆଙ୍କ ପରେ ଆୟକରଦାତାଙ୍କୁ ରାସନ ଛାଟ

- ଯୋଗାଣ ନିରୀକ୍ଷକ ଙ୍କ କାର୍ଯ୍ୟାଳୟରେ ଆୟକରଦାତାଙ୍କ ଲମ୍ବା ଦରଖାସ୍ତ
- ଆଗକୁ ଗାଡି, କୋଠାଘର ଓ ବିଜୁଳି ବିଲର ତଦନ୍ତ
- ୨ଦିନ ପରେ ସରିବ ଅବଧି

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ରାସନ କାର୍ଡ କଟିଯିବା ତାତି ନିଆଁ ଧରିଛି। ବର୍ଷ ବର୍ଷ ଧରି କଣ୍ଟ୍ରୋଲ ସାମଗ୍ରୀ ଆଗଭଳି ଆଉ ମିଳିବ ନାହିଁ ଆଭାସ ପାଇ ଏବେ ଅସ୍ତରଙ୍ଗ ବ୍ଲକରେ ହିତାଧିକାରୀମାନଙ୍କ ଭୀଷଣ ଭିଡ଼ ପରିଲକ୍ଷିତ ହୋଇଛି। ଏ ସଂକ୍ରାନ୍ତୀୟ ଦରଖାସ୍ତ ରଖି ରଖି ନାକେଦମ୍ ହୋଇ ପଡିଲେଣି ଯୋଗାଣ ନିରୀକ୍ଷକ। ଚାକିରିଆ ପରେ ଏବେ ଆୟକରଦାତାଙ୍କ ଉପରେ ଆରମ୍ଭ ହୋଇଛି ରାସନ କାର୍ଡ ପ୍ରହାର। ରାସନ କାର୍ଡ ହାତେଇଥିବା ଆୟକରଦାତାଙ୍କୁ ତାଲିକା ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପ୍ରତ୍ୟେକ ପଂଚାୟତକୁ ପଠାଇ ଦିଆଯାଇଛି। ଏହି କ୍ରମରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତରେ ୭ଶହ ୦୫ଜଣଙ୍କର ନାଁ ସାମ୍ନାକୁ ଆସିଛି ବୋଲି ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଏହି ସବୁ ହିତାଧିକାରୀଙ୍କ ତାଲିକା ତୁରନ୍ତ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାଞ୍ଚ ପରେ ଏହି ଆୟକରଦାତାଙ୍କର ନାଁ ବି ରାସନ କାର୍ଡ ତାଲିକାରୁ କାଟ ହେବ ବୋଲି ଆଶା କରାଯାଉଛି। ସେଥିପାଇଁ ରାସନ କାର୍ଡ ହିତାଧିକାରୀ ଙ୍କ ଭିତରେ ଭୟ ଖେଳିଯାଇଛି। ସୂଚନା ମୁତାବକ, କିଛି ଦିନ ତଳେ ସରକାର ରାସନ କାର୍ଡ ତାଲିକାରେ ଥିବା ସରକାରୀ କର୍ମଚାରୀଙ୍କୁ ଠାବ କରିଥିଲେ। ଶିକ୍ଷକ ଙ୍କ ଠାରୁ ଆରମ୍ଭ କରି କଲେଜ ଅଧ୍ୟାପକ, ବରିଷ୍ଠ ଅଧିକାରୀଙ୍କ ଯାଏ ବି ଏଚଆରଏମ୍ଏସ ପୋର୍ଟାଲରେ ପଞ୍ଜିକୃତ ହୋଇଥିଲେ ଏବଂ ସରକାରୀ ରାଜକୋଷରୁ ଦରମା ନେଉଥିଲେ, ସରକାର ସବୁ ସରକାରୀ ଚାକିରିଆଙ୍କର ନାଁ ଏବଂ ଠିକଣା ବାହାର କରି ଜାନୁୟାରୀ ୩୧ତାରିଖ ସୁଦ୍ଧା କାର୍ଡ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥ୍ୟ ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୬୨ଟି ଚାକିରିଆ ପରିବାର ଠାବ ହୋଇଥିବା ବେଳେ ଯାଞ୍ଚରେ ୩୨ଜଣଙ୍କର କାଟିସାରିଛି, ଆଉ କିଛି ଯାଞ୍ଚ ଚାଲିଛି। ସେହିପରି ଅସ୍ତରଙ୍ଗ ବ୍ଲକ ୧୫ଟି ପଂଚାୟତ ରେ ୭ଶହ ୦୫ଜଣ ଆୟକରଦାତାଙ୍କର ତାଲିକା ଆସିଛି, ସେଥିରୁ ୩ଜଣ ଏଯାବତ କାର୍ଡ ଫେରସ୍ତ କରିଛନ୍ତି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ଆୟକର ଦାତା ଯଥା ଆଳଙ୍ଗପୁର ୫୬ଟି, ଆଳସାହି ୬୧ଟି, ଅସ୍ତରଙ୍ଗ ୬୫ଟି, ଛୁରିଆନା ୩୨ଟି, କେନ୍ଦ୍ରାପଟି ୫୭ଟି, କୋରଣା ୩୯ଟି, ମାଣ୍ଡୁକି ୨୯ଟି, ନଗର ୪୪ଟି, ନଇଗୁଆଁ ୮୫ଟି, ନୂଆଗଡ ୭୧ଟି, ପାଟଳଦା ୨୯ଟି, ସରିପୁର ୭୩ଟି, ଶିଖୁଅ ୪୧ଟି ଓ ତାଳଦା ୨୩ଟି ଆୟକର ଥିବା ବେଳେ ମୋଟ ୭ଶହ ୦୫ଜଣ ଆୟକରଦାତା ତାଲିକା ଆସିଛି। ଉକ୍ତ ପ୍ରତିକାର୍ଡରେ ହାରାହାରି ପ୍ରାୟ ୪ଜଣ ଲେଖାଏଁ ସଦସ୍ୟ ରାସନ ହାତଉଥିଲେ। ମୋଟ ଉପରେ ପରିବାର ସଂଖ୍ୟା ୨୯ଶହ ୯୧ଜଣ ହିତାଧିକାରୀ ବହୁ ବର୍ଷ ହେଲା ରାସନ ସାମଗ୍ରୀ ହାତେଇଥିବା ବିଭାଗୀୟ ତଥ୍ୟରୁ ସ୍ପଷ୍ଟ ହୋଇଛି। ବହୁ ସ୍ଥଳରେ କିନ୍ତୁ ଲୋକମାନେ ବ୍ୟବସାୟ ବା ଚାଷବାସ ନିମନ୍ତେ ଅଟୋ, କୃଷି ଯନ୍ତ୍ରପାତି ଆଦି ବ୍ୟାଙ୍କରୁ ଋଣ ନେଇ କ୍ରୟ କରିଛନ୍ତି। ଋଣ ଆବେଦନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଆୟ ପ୍ରମାଣପତ୍ର ଆବେଦନକାରୀ ମାନଙ୍କ ଠାରୁ ନିୟମ ଦୃଷ୍ଟିରୁ ଗ୍ରହଣ କରିଥାନ୍ତି। ଏବେ ସେହି ଆୟ ପ୍ରମାଣପତ୍ରକୁ ଗଣ୍ଠି କରାଯାଇଛି। ଫଳରେ ଶତାଧିକ ରାସନକାର୍ଡ ହିତାଧିକାରୀ ଉକ୍ତ ନିୟମବଳରେ ସ୍କାନରକୁ ଚାଲି ଆସିଛନ୍ତି। କେତେକ ସ୍ଥାନରେ ଶାଶୂ, ଶ୍ୱଶୁରଙ୍କୁ ଢାଲ କରି ଜ୍ୱାଇଁ ଟିକସ ଫାଙ୍କିବାକୁ ବ୍ୟବସାୟିକ କାରବାର କରିଛନ୍ତି। ଏବେ ସେ ଦିଗଟି ବି ପଦାକୁ ବାହାରି ଆସିଥିବାରୁ ବହୁ ଲୋକ କୌଣସି ବ୍ୟବସାୟ ନ କରି ବା ଆୟ ନଥାଇ ରାସନକାର୍ଡରୁ ବଂଚିତ ରହିବା ଆଶଙ୍କା ପ୍ରକାଶ ପାଇଛି। ଏଣେ ସରକାରୀ ସ୍ତରରେ ତନାଘନା ରାସନ କାର୍ଡ ହିତାଧିକାରୀଙ୍କ ମହଲରେ ଛନକା ପଶିଯାଇଛି। ବିଭିନ୍ନ ପ୍ରକାରର ଅଭିଯୋଗ ଧରି ବହୁ ହିତାଧିକାରୀ ଅସ୍ତରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଦପ୍ତରରେ ସଫେଇ ଦେବାକୁ ଲାଗିଲେଣି। ତେବେ ସାମ୍ନାକୁ ଆସିଥିବା ତାଲିକାରେ ଏଭଳି କିଛି ଲୋକଙ୍କ ନାମ ନାହିଁ ଯେଉଁମାନେ କି ବ୍ୟବସାୟ କରୁଛନ୍ତି। ଏକାଧିକ ବାଇକ୍ ଚଢୁଥିବା ବେଳେ ଦୁଇ ମହଲା କୋଠାରେ ଏସି ଲଗାଇ ରହୁଛନ୍ତି । ଜଣେ ଯୋଗାଣ ଡିଲର ନାମ ଗୋପନରଖି କହିବା ଅନୁସାରେ ଆଗକୁ ଚାରିଚକିଆ ଗାଡି , ପେନ୍‌ସନ୍, କୋଠାଘର, ବିଜୁଳି ବିଲ୍ ସମ୍ବନ୍ଧରେ ତଦନ୍ତ ହେବ। ତଥାପି ଏବେ ରାସନ୍ କାର୍ଡ କଟିବାର ମାତ୍ରା ବୃଦ୍ଧି ପାଇଚାଲିଛି। ଆଗକୁ ମଧ୍ୟ ଅଧିକ ଅଯୋଗ୍ୟ ହିତାଧିକାରୀ ନିଶ୍ଚିତ ଚିହ୍ନଟ ହେବେ। ଏଣେ କେଉଁ ଗଳାବାଟ ଦେଇ ରାସନକାର୍ଡ ବଞ୍ଚାଇ ରଖିହେବ ସେ ସଂକ୍ରାନ୍ତରେ ବହୁ ଲୋକ ଚାରିଆଡ଼େ ଚକ୍କର କାଟିଲେଣି। ହାତଗୁଞ୍ଜା ଦେବାକୁ ଉଦ୍ୟମ କଲେଣି। ବିଶେଷକରି ଅଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନଟ ହୋଇ ସାରିଥିବାରୁ ନିଜ ନାମକୁ ରାସନକାର୍ଡ ତାଲିକାରୁ ବାଦ୍ ଦେଇ ପରିବାରର ଅନ୍ୟ ସମସ୍ତଙ୍କୁ ତାଲିକାରେ କିଭଳି ସ୍ଥାୟୀ ରଖିହେବ ସେଦିଗରେ ଧାଁ ଧପଡ଼ ଚଳାଇଛନ୍ତି। ଦଲାଲମାନେ ବି ସକ୍ରିୟ ରହି ନିରୀହ ଲୋକମାନଙ୍କୁ ବୋକା ବନାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏବେ ସେସବୁ ଦିଗରେ ଧରପଗଡ଼କୁ ଜୋରଦାର କରାଯାଇଛି। ଫେବୃଆରୀ ୧୫ତାରିଖପରେ ଜଣାପଡିବ କେତେ ଅଯୋଗ୍ୟ ହିତାଧିକାରୀ ବାଦ ପଡିଲେ।



# ଓଡ଼ିଶା ବ୍ରିଗେଡ ସ୍କୁଲର ୧୧ ତମ ମହୋତ୍ସବ




ବାରିପଦା(ଭାସ୍କର ନ୍ୟୁଜ୍): ସଭାପତି ବସନ୍ତ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ମହୋତ୍ସବ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଶ୍ରୀସତ୍ୟସାଇ ସେବା ସଂଗଠନ ମୟୂରଭଞ୍ଜର ବିଶ୍ୱରଂଜନ ସାହୁ ଯୋଗ ଦେଇଥିବାବେଳେ ଅତିଥି ଭାବେ ହୃଷୀକେଶ ଜେନା,ପ୍ରକାଶ ରଞ୍ଜନ ଦାସ, କୁଞ୍ଜ ବିହାରୀ ସେଠୀ , ମାନସ ରଞ୍ଜନ ମହାପାତ୍ର , ରଞ୍ଜନ ମହାପାତ୍ର, ଗୋପାଳ ଚନ୍ଦ୍ର ମହାନ୍ତ, ମଳୟ କୁମାର ନାୟକ, ରାଜ କିଶୋର ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ବ୍ରିଗେଡ ସ୍କୁଲର କବ୍ ବାଦକ, ବ୍ୟାଣ୍ଡ ବାଦକ ଏବଂ ବୁଲବୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ପୁଷ୍ପଗୁଚ୍ଛ ଓ ବ୍ୟାଚ ଦେଇ ସମ୍ମାନିତ କରାଯାଇଥିଲା। ମହୋତ୍ସବରେ ଶିକ୍ଷୟିତ୍ରୀ ନିର୍ମଳା ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ନମିତା ଦଣ୍ଡପାଟ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ରଣା ଅତିଥି ପରିଚୟ କରିବା ପରେ ଅତିଥି ମାନଙ୍କ ଦ୍ୱାରା ସତ୍ୟସାଇ ବାବାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ଜ୍ୱଳନ କରିଥିଲେ । ପରବର୍ତ୍ତୀ ସମୟରେ ସ୍କୁଲର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବେଦ ପାଠ କରାଯିବା ପରେ ସ୍କୁଲ ଉପାଧକ୍ଷ ଶିକ୍ଷୟିତ୍ରୀ ପ୍ରକୃତି ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ସ୍କୁଲର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ଆସିଥିବା ଅତିଥି ମାନେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସଭାପତିଙ୍କ ଅଭିଭାଷଣ ପରେ ବ୍ରିଗେଡ ସ୍କୁଲ ର ବିଭିନ୍ନ ପ୍ରକାର ଏକାଡେମୀ ଉତ୍କର୍ଷତା ଯଥା କାଗଜ ହସ୍ତଶିଳ୍ପ, ମୁଖା ତିଆରି, ବେଦ , ଶ୍ଳୋକ, ରଙ୍ଗୋଲି,ସଙ୍ଗୀତ, ବିଜ୍ଞାନ ମେଳା,ସର୍ବାଧିକ ଉପସ୍ଥାନ, ଉତ୍ତମ ପୋଷାକ , ଉତ୍ତମ ଶୃଙ୍ଖଳା , ସର୍ବୋଚ୍ଚ ନମ୍ବର, ଶୃଙ୍ଖଳାଗତ ସ୍ଥିର ଚିତ୍ତରେ ବସିବା, ନୃତ୍ୟ ଓ ଗୀତ ଇତ୍ୟାଦିରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ବ୍ରିଗେଡ ସ୍କୁଲ ତରଫରୁ ମାନପତ୍ର ଓ ଟ୍ରଫି ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ବେଳେ ପୂର୍ବରୁ ରାଜ୍ୟପାଳ ଙ୍କ ଠାରୁ ପୁରସ୍କୃତ ହୋଇଥିବା ଛାତ୍ର ଛାତ୍ରୀ ନନ୍ଦନ ଘୋଷ, ଆମ୍ବିକେଶ୍ ପାଢ଼ୀ, ଅସିତ ପରିଡ଼ା, ପ୍ରୀୟାଂସି ମହାନ୍ତ, ପ୍ରତ୍ୟୁଷ ପ୍ରିୟଂଶୁ ସେନାପତି ଏବଂ ଦିପ୍ତିଶ୍ମିତା ନାଏକ ଙ୍କୁ ମଧ୍ୟ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ତେବେ ୨୦୨୪/୨୫ ଚଳିତ ବର୍ଷ ବ୍ଲକ୍‌ରେ ସର୍ବୋଚ୍ଚ ନମ୍ବର ରଖି ସ୍କଲାର୍ଶିପ୍ ପାଇଥିବା ସ୍କୁଲର ପଞ୍ଚମ ଶ୍ରେଣୀରେ ପଢୁଥିବା ଶୁପ୍ରତୀକ ଦାସ ଛାତ୍ର ପ୍ରଥମ ,ତୃତୀୟ ଶ୍ରେଣୀରେ ପଞ୍ଚମ ସ୍ଥାନ ଅଧିକାର କରିଥିବା ଦିବ୍ୟାଂଶୁ ନାଏକ ଏବଂ ଷଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରୟାଂଶି ମହାନ୍ତଙ୍କୁ ସତ୍ୟସାଇ ବାବାଙ୍କ ଜନ୍ମସ୍ଥଳୀ ପୁଟପର୍ତ୍ତି କୁ ଯିବା ଆସିବା ଖର୍ଚ୍ଚ ବାବଦରେ ଟିକେଟ ପୁଟପର୍ତ୍ତି ଆୱାର୍ଡ ସ୍କୁଲ ତରଫରୁ ପ୍ରଦାନ କରାଯାଇଥିଲା । ଶେଷରେ ଅଧ୍ୟାପିକା ମିତାଞ୍ଜଳୀ ସାସ୍‌ମଲ୍ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ । ମହୋତ୍ସବରେ ସ୍କୁଲ ର କୁନି ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଦ୍ରକ ରୁ ଆସିଥିବା ଜେ.ପି କ୍ରିଷ୍ଣା ଙ୍କ ମ୍ୟାଜିକ୍ ଶୋ ସମସ୍ତଙ୍କୁ ମନମୁଗ୍ଧ କରିଥିଲା।

# ସିପିଆଇ (ଏମ)ର ଗଣ ବିକ୍ଷୋଭ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସିପିଆଇଏମ. ଆଞ୍ଚଳିକ କମିଟି ତରଫରୁ କୃଷ୍ଣପ୍ରସାଦ ତହସିଲ କାର୍ଯ୍ୟାଳୟ ସାମନାରେ ଶତାଧିକ କର୍ମୀଙ୍କ ଗଣ ବିକ୍ଷୋଭ ହୋଇଥିଲା। ମଧ୍ୟାହ୍ନ ୧୨ଘଣ୍ଟା ସମୟରେ ବ୍ଲକ ଛକ ଠାରୁ ଶତାଧିକ ସି ପି ଆଇ କର୍ମୀ ହାତରେ ପ୍ଲାଗ କାର୍ଡ଼ ଓ ଦଳୀୟ ପତାକା ସହ ଏକ ଶୋଭାଯାତ୍ରା ରେ ଆସି ତହସିଲ କାର୍ଯ୍ୟାଳୟ ସାମନାରେ ଛ ଦଫା ଦାବିନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଦାବିହେଲା ଅଦିନିଆ ବର୍ଷାରେ ଚାଷୀଙ୍କ ଫସଲ କ୍ଷତି ପୂରଣ ଅର୍ଥ ରାଶି ପ୍ରଦାନ, ଖାଦ୍ୟ ଦ୍ରବ୍ୟରେ ୧୮%ଜିଏସ ଟି ପ୍ରତ୍ୟାହାର କରିବା ସହ ଦରଦାମ ନିୟନ୍ତ୍ରଣ, ଚିନାବାଦାମ ପାଇଁ ବ୍ୟାଙ୍କ ଋଣ ଓ ମଣ୍ଡି ଖୋଲିବା ଯୋଜନା ବାର୍ଦ୍ଧକ୍ୟ ଓ ବିଧବା ଭତା ୩୫୦୦କୁ ବୃଦ୍ଧି ଓ ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କୁ ୩୦୦ମାଗଣା ବିଦ୍ୟୁତ, ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ, ଭୂମିହୀନଙ୍କୁ ଜମିପଟା ପ୍ରଦାନ ଓ ବ୍ଲକ ରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦାବି ନେଇ କୃଷ୍ଣପ୍ରଶାଦ ସି ପି ଆଇ. ଏମ. ସଭାପତି ଉମାକାନ୍ତ ଜେନା କର୍ମୀ ଜଗବନ୍ଧୁ ସେନାପତି ଶରତ ଚନ୍ଦ୍ର ରାୟଗୁରୁ ଅଜୟ ବରାଳ ସମେତ ବହୁ କର୍ମୀ ସାମିଲ ହୋଇ ବିକ୍ଷୋଭ କରି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ପବିତ୍ର ମାଘ ପୂର୍ଣ୍ଣିମାରେ ପ୍ରଭୁ ଗୋରେଖନାଥଙ୍କ ଜନ୍ମ ଉତ୍ସବ ପାଳିତ

## ୨୦ ହଜାରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ କଲେ ଦର୍ଶନ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଧିନ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ଜନ୍ମ ଉତ୍ସବ ବୁଧବାର ପବିତ୍ର ମାଘପୂର୍ଣ୍ଣିମା ଅଗ୍ନିଉତ୍ସବରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସର ପ୍ରାତଃରେ ମହାସ୍ନାନ ଓ ମଙ୍ଗଳ ଆଳତୀ, ଗୀତାଯଜ୍ଞ,କରାଯାଇ ପ୍ରଭୁଙ୍କୁ ଆବାହନ କରାଯାଇଥିଲା।ସନ୍ଧ୍ୟାରେ ଆଳତୀ ଭଜନ କୀର୍ତ୍ତନ କରାଯିବାପରେ ରାତିରେ ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଜନ୍ମ ଉତ୍ସବରେ ୨୦ ହଜାରରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହୋଇ ପ୍ରଭୂଙ୍କ ଆଶୀଷ ଭିକ୍ଷା କରିଥିଲେ।ସମସ୍ତ ଭକ୍ତମାନଙ୍କ ପାଇଁ ମନ୍ଦିର ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।ଏହି ଉତ୍ସବରେ ଦେବତ୍ତୋର ବିଭାଗର ଆସିଷ୍ଟାଣ୍ଡ କମିଶନର ଦିଲିପ କୁମାର ଶତପଥି, ପହଞ୍ଚି ଭକ୍ତମାନଙ୍କ ପାଇଁ ପୀଠରେ କରାଯାଇଥିବା ସମସ୍ତ ବ୍ୟବସ୍ଥାକୁ ବୁଲି ଦେଖି ବା ସହ ସନ୍ତୋଷ ବ୍ୟକ୍ତ କରିଥିଲେ। ମଧ୍ୟାହ୍ନରେ ତିର୍ତ୍ତୋଲ ବିଧାୟକ ଡ଼ ରମାକାନ୍ତ ଭୋଇ ପୀଠରେ ପହଞ୍ଚି ପ୍ରଭୁଙ୍କ ଆଶିଷ ଲାଭ କରି ଭକ୍ତମାନଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥାକୁ ବୁଲି ଦେଖିଥିଲେ। ପୀଠର ମୁଖ୍ୟ ପୂଜକ ଦିଲିପ କୁମାର ପଣ୍ଡା ଓ ଜ୍ଞାନ ରଂଜନ ପଣ୍ଡାଙ୍କ ପରିଚାଳନାରେ ପ୍ରଭୁଙ୍କର ସମସ୍ତ ପୂଜାବିଧି ସମାପନ ହୋଇଥିଲା। ଜଗତସିଂହପୁର ଦେବୋତ୍ତର ବିଭାଗର ଇନସ୍‌ପେକ୍ଟର ପ୍ରଦିପ୍ତ ସାହୁ ଓ ହିସାବ ରକ୍ଷକ ସରୋଜ ସାହାଣୀ ପରିଚାଳନାରେ ସହଯୋଗ କରିଥିବା ବେଳେ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, କ୍ଷୀରୋଦ କୁମାର ମହାନ୍ତି, ପ୍ରଶାନ୍ତ କୁମାର ଭୂୟାଁ, ପ୍ରମୋଦ କୁମାର ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି,ରମେଶ ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ଦାଶ ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇ ଟ୍ରାଫିକ ସମସ୍ୟା ଓ ଭିଡକୁ ନିୟନ୍ତ୍ରଣ କରାଯାଇଥିବା ବେଳେ ମାଜିଷ୍ଟ୍ରେଟ ଭାବେ ତିର୍ତ୍ତୋଲ ଅତିରିକ୍ତ ତହସିଲ ଦାର ତପସ୍ୱିନୀ ନାୟକ ଉପସ୍ଥିତଥିଲେ। ଭକ୍ତମାନଙ୍କ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପାନୀୟଜଳ, ଶୌଚାଳୟର, ଆଲୋକିକରଣ ର ସୁବନ୍ଦୋବସ୍ତ କରାଯିବା ସହ ମେଡିକାଲ ଟିମ ପକ୍ଷରୁ ୧୦ ଜଣ କର୍ମଚାରୀ ପର୍ଯ୍ୟାୟ କ୍ରମେ ଉପସ୍ଥିତ ରହି ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିଥିଲେ। ପର୍ଯ୍ୟାପ୍ତ ପରିମାଣର ଓଆରଏସ, ମେଡିସିନ, ସାଲାଇନର ବ୍ୟବସ୍ଥା ସହ ଆମ୍ବୁଲାନସ, ଅଗ୍ନିଶମ ବିଭାଗର ଦମକଳ ଗାଡି ମଧ୍ୟ ନିୟୋଜିତ କରାଯାଇଥିଲା। ପୂଜକ ଦିଲିପ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ, ରମେଶ ମହାନ୍ତି, ଦିଲିପ ସ୍ୱାଇଁଙ୍କ ପରିଚାଳନାରେ ସ୍ଥାନୀୟ କେରକେରା ଗ୍ରାମର ଗୋରେଖ ବାହିନୀର ୮୦ଜଣ ରୁ ଉର୍ଦ୍ଧ୍ୱ ସଦସ୍ୟ ଓ ଗ୍ରାମବାସୀଙ୍କ ଦ୍ୱାରା ଦିବାରାତ୍ର ପ୍ରସାଦ ପରିବେଷଣ ହୋଇଥିଲା।

# ବ୍ୟାସ ସରୋବର ମହୋତ୍ସବରେ ଶିଶୁ ସାହିତ୍ୟ ଆଲୋଚନାଚକ୍ର



ବ୍ୟାସନଗର:(ଭାସ୍କର ନ୍ୟୁଜ୍): ବଉଳ ଫୁଲ ଶିଶୁ ସାହିତ୍ୟ ସଂସଦ ତରଫରୁ ବ୍ୟାସ ସରୋବର ମହୋତ୍ସବର ୪ର୍ଥ ସଂଧ୍ୟାରେ ଶିଶୁ ସାହିତ୍ୟର ଭବିଷ୍ୟତ ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଝାଡେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ଡ଼ ଅକ୍ଷୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ କହିଲେ ଯେ ଶିଶୁର ବିକାଶରେ ହିଁ ସଭ୍ୟତାର ବିକାଶ ସମ୍ଭବ। ତେଣୁ ଶିଶୁ ମନ ଭିତରେ ଏକ ସକରାତ୍ମକ ଭାବ ଜାଗ୍ରତ କରିବା ଦରକାର ଯାହା ତା ନିଜକୁ ଗଢ଼ିବା ସଙ୍ଗେ ସଙ୍ଗେ ଦେଶ ଓ ଦଶ ପାଇଁ ଚିନ୍ତା କରିବାକୁ ପ୍ରେରଣା ଯୋଗାଇବ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ପ୍ରଶାନ୍ତ ସ୍ୱାଇଁ, ଡ. ଦୁଷ୍ମନ୍ତ ନାୟକ, ଡ. କୁଶଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଶିଶୁ ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମତ ପ୍ରକାଶ କରିଥିଲେ। 'ବଉଳ ଫୁଲ ' ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ବ୍ରଜେଶ୍ୱରୀ ସିଂ ବାର୍ଷିକ ବିବରଣୀ ପାଠ କରି ସଂସଦର ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଏହି ଉତ୍ସବରେ ଡ. ରାଜକିଶୋର ପାଢ଼ୀ, ସୁଦାମ ଚରଣ ନାୟକ, ସାମ୍ବାଦିକ ପବିତ୍ର ରଞ୍ଜନ ମହାନ୍ତି, ଧରିତ୍ରୀ ଦାସ, ଡ. ଦୟାନିଧି ଦାସ, କ୍ଷେତ୍ରବାସୀ ମହାନ୍ତ, ଶୁକଦେବ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ମହେଶ୍ୱର ନାୟକ ମଞ୍ଚ ନିମନ୍ତ୍ରଣ, ଅଶ୍ୱିନି କୁମାର ଦାସ ଅତିଥି ପରିଚୟ ଓ ମଦନ ମୋହନ ବିନ୍ଧାଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ନାରାୟଣ ଶତପଥୀ ବେଦପାଠ କରିଥିଲେ। ଶିକ୍ଷାବିତ୍ ମଦନ ମୋହନ କରଙ୍କ ସଭାପତିତ୍ୱରେ ଓ ଲବଙ୍ଗଲତା ପରିଡ଼ା, ବିକାଶ ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସରୋଜିନୀ ପଣ୍ଡା, ସୀମା ମିଶ୍ର, ଶ୍ୟାମଲେନ୍ଦୁ ପାତ୍ର, କୈଳାଶ ପାତ୍ର, ପ୍ରତିମା ସାହୁ,ଶୁକଦେବ ବେହେରା, ବେଲାଳସେନ ପତି, କିଶୋର ମହାନ୍ତ, ଇନ୍ଦ୍ରମଣି ମହାକୁଡ଼, ବିଶ୍ୱନାଥ ପାଢ଼ୀ, ବିଜୟ କର ପ୍ରମୁଖ ଶତାଧିକ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଉକ୍ତ କବିତା ପାଠୋତ୍ସବରେ ଗୁରୁଚରଣ ନାୟକ ଅତିଥି ଭାବରେ ଯୋଗ ଦେଇଥିଲେ ଓ ଝୁମୁକା ନୃତ୍ୟ ଏକାଡେମୀ କଳାକାର ମାନେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

# ଜବରଦଖଲ ବଢ଼ାଉଛି ଟ୍ରାଫିକ ସମସ୍ୟା



ଆସିକା:(ଭାସ୍କର ନ୍ୟୁଜ୍):/ ଗଞ୍ଜାମ ଜିଲ୍ଲାର ଗମନା ଗମନର ମୁଖ୍ୟ କେନ୍ଦ୍ର ସ୍ଥଳୀ ହେଉଛି ଆସିକା ସହର। ଆସିକା ସହରର ବଜାର ସାହି ଓ ଅଶୋକ ସିନେମା ହଲ ରାସ୍ତାଦେଇ ଲକ୍ଷ୍ମୀ ବଜାର ଏବଂ ବସଷ୍ଟାଣ୍ଡ ଯିବାକୁ ଏକ ବିକଳ୍ପ ରାସ୍ତା। ଅଶୋକା ସିନେମା ହଲ ଠାରୁ ବିନାୟକ ବଜାରରେ ପ୍ରତିଦିନ ଟ୍ରାଫିକ ଜାମରେ ସ୍କୁଲ,କଲେଜ ଯାଉଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ କାର୍ଯ୍ୟାଳୟକୁ ଯାଉଥିବା ଜନସାଧାରଣ ଅସୁବିଧା ର ସମ୍ମୁଖୀନ ହୁଅନ୍ତି। ସୋନା ମିଞ୍ଜିନ ଟାଉନହଲ ଠାରେ ପରିବା ହାଟ ବସୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଦୈନନ୍ଦିନ ଲାଗିରହେ। ଏହି ଦୁଇ ପ୍ରମୁଖ ରାସ୍ତାରେ ଥିବା ଉଭୟ ପାର୍ଶ୍ୱରେ ଦୁଇଚକିଆ ବାଇକ ରହିବା ଫଳରେ ମଧ୍ୟ ଟ୍ରାଫିକ ଅବସ୍ଥା ଲାଗିରହେ। ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବାରମ୍ବାର ଜବର ଦଖଲ ପାଇଁ ରାଜସ୍ୱ ବିଭାଗକୁ ପତ୍ର ଲେଖି ଚୁପଚାପ ବସି ରହୁଥିବାର ନଜିର ରହିଛି। ରାଜସ୍ୱ ବିଭାଗ କେବଳ ଧର୍ମକୁ ଆଖିଠାର ଭଳି କିଛି ବଡ଼ ବଡ଼ ବ୍ୟବସାୟୀ ମାନଙ୍କୁ ନୋଟିସ ଜବର ଦଖଲ ଉଚ୍ଛେଦ ପାଇଁ ଦିଆଯାଏ। ସ୍ଥାନୀୟ ପ୍ରଶାସନ ଦେଇଥିବା ନୋଟିସ କେବଳ କାଗଜ କଲମରେ ରହିଯାଇଛି ବୋଲି ଚର୍ଚ୍ଚା ମଧ୍ୟ ହୁଏ। ଜବରଦଖଲ ଉଚ୍ଛେଦ ବେଳେ ସ୍ଥାନୀୟ ରାଜନେତା ମାନଙ୍କ ନିର୍ଦ୍ଦେଶକୁ ବାବୁମାନେ ଅକ୍ଷର ଅକ୍ଷରରେ ପାଳନ କରିବାର ବି ନଜିର ରହିଛି ।ଗତ କିଛି ଦିନ ହେଲା ଆସିକା ଅଞ୍ଚଳର କିଛି ବ୍ୟବସାୟୀ ମାନଙ୍କୁ କିଛି ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶରେ ବାରମ୍ବାର ନୋଟିସ ଦିଆଯାଉଥିବା ଆଲୋଚନା ହେଉଛି। ଜବର ଦଖଲ ଉଚ୍ଛେଦ ନାମରେ ନୋଟିସ ଦେବା ପରେ ବଡ଼ ଡ଼ିଲ ହେଉଥିବା ଯୋଗୁଁ ଉଚ୍ଛେଦ କାର୍ଯ୍ୟକ୍ରମ ସ୍ଥଗିତ ହେଉଥିବା ନେଇବି ଚର୍ଚ୍ଚା ହେଉଛି। ଆସିକା ରେ ଲାଗିରହିଥିବା ଟ୍ରାଫିକ ଜାମ ପାଇଁ ବାବୁ ମାନଙ୍କ ଇଚ୍ଛା ଶକ୍ତିର ଅଭାବ ନା ସାଇଲେନ୍ସ ପ୍ଲିଜ ବୋଲି ଏବେ ଆଲୋଚନା ର ବିଷୟ ହୋଇଛି।




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜାରାଣୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପ୍ରାଙ୍ଗଣରେ ମହିୟସୀ ମହିଳା ଶକୁନ୍ତଳା ଜେନାଙ୍କ ୪୬ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଶ୍ରଦ୍ଧାଞ୍ଜଳି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିମଳା ନନ୍ଦନ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଅତିଥିମାନେ ପ୍ରଦୀପ ପ୍ରଜ୍ଜଳନ କରିବା ସହିତ ମହିୟସୀ ମହିଳାଙ୍କ ଫଟୋରେ ପୁଷ୍ପାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ମୃତି ସଭାରେ ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଦିଲ୍ଲିପ ଦାଶଶର୍ମା, ପ୍ରାକ୍ତନ ଅଧକ୍ଷା ଡ. ସୁହାସିନୀ ମହାପାତ୍ର, ବିଶିଷ୍ଟ ସାହିତିକ ଅମରେଶ ବିଶ୍ୱାଳ, ଶିତଳ ଚନ୍ଦ୍ର ମହାନ୍ତି, ଜଗନ୍ନାଥ ଭୁୟାଁ ଓ ରିନା ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଶକୁନ୍ତଳା ଜେନା ସ୍ୱାଧୀନତା ଆନ୍ଦୋଳନରେ ଝାସଦେବା ସହିତ ସେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ମୁରଲୀଧର ଜେନାଙ୍କୁ ଆନ୍ଦୋଳନ ସମୟରେ ବହୁ ସହାୟତା ପ୍ରଦାନ କରିଥିଲେ ବୋଲି କହିଥିଲେ । ଶକୁନ୍ତଳା ଜେନାଙ୍କ ପରିବାରରୁ ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ଓ ବିଦ୍ୟାଳୟର ନିର୍ଦ୍ଦେଶିକା ଶୁଭଦା ପଟ୍ଟନାୟକ ଶ୍ରଦ୍ଧାଳି ସଭାରେ ସମସ୍ତ ପ୍ରକାର ସହଯୋଗ କରିଥିଲେ ।



### ରାଜ୍ୟର ୯୦ ଏଡ଼େଡ଼ କଲେଜ ଭିତ୍ତିଭୂମିର ବିକାଶ ପାଇଁ ୧୦୪ କୋଟି ଟଙ୍କା ଅନୁମୋଦନ

## ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ପ୍ରାଥମିକ ଲକ୍ଷ୍ୟ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ୯୦ ଗୋଟି ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର (ଏଡ଼େଡ଼ କେଲଜ) ଭିତ୍ତିଭୂମି ବିକାଶ ପ୍ରକଳ୍ପ ନିମନ୍ତେ ସରକାରଙ୍କ ତରଫରୁ ୧୦୪ କୋଟି ଟଙ୍କା ଅର୍ଥରାଶି ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପରେ ରାଜ୍ୟର ୯୦ଟି ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟ କରାଯିବ । ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଛାତ୍ରାବାସ, କଲେଜରେ ଅତିରିକ୍ତ ଶ୍ରେଣୀ ଗୃହ, କମନ ରୁମ୍, ଲାଇବ୍ରେରୀ, ଲାବ୍ରୋଟୋରୀ, କମ୍ପ୍ୟୁଟର ଲବ୍ରୋଟୋରୀ, ମଲ୍ଟି ପରପସ୍ ହଲ୍, ଆଡମିନିଷ୍ଟ୍ରେଟିଭ ବିଲଡ଼ିଙ୍ଗ, ଶୌଚାଳୟ ଆଦିର ନିର୍ମାଣ, ମରାମତି



ବା ପୁନରୁଦ୍ଧାର କାର୍ଯ୍ୟ କରିବା ନିମନ୍ତେ ଏହି ଅର୍ଥରାଶିକୁ ବିନିଯୋଗ କରାଯିବ । ମିଳିଥିବା ସୂଚନା ଅନୁଯାୟୀ, ପ୍ରକଳ୍ପ ପାଇଁ ଅନୁମୋଦିତ ହୋଇଥିବା ସର୍ବମୋଟ ଧନରାଶିକୁ ପର୍ଯ୍ୟାୟକ୍ରମ ଭାବେ ମହାବିଦ୍ୟାଳୟ ଗୁଡ଼ିକୁ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ସର୍ବମୋଟ ଅର୍ଥରାଶିର ଶତକଡ଼ା ୩୩ ପ୍ରତିଶତ ପ୍ରଦାନ କରାଯିବ । ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଏହି ପ୍ରଥମ ପର୍ଯ୍ୟାୟ ଅର୍ଥରାଶି ପାଇବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟ ନିର୍ବାହୀ ସଂସ୍ଥା ବା କେନ୍ଦ୍ର ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ କରିବା ସହ ମିଳିଥିବା ଅର୍ଥରାଶିର ବିନିଯୋଗ ପତ୍ର (ୟୁଟିଲାଇଜେସନ ସାର୍ଟିଫିକେଟ) ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବେ । ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଏକ ଆଭାସୀ ବୈଠକରେ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଅଧକ୍ଷ ଓ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ମନ୍ତ୍ରୀ ଶ୍ରୀ ସୂରଜ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଲାଭକରି ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ସମସ୍ୟାର ଯେପରି ତ୍ୱରିତ ସମାଧନ କରାଯାଇପାରିବ ସେ ସମ୍ବନ୍ଧରେ ମଧ ଆଲୋଚନା କରିଥିଲେ ।

## ଯୁବକଙ୍କୁ ଅପହରଣ
### ଥାନାରେ ଏତଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଚାଞ୍ଚଲ୍ୟ । ଯୁବକଙ୍କୁ ବନ୍ଧୁକ ଦେଖାଇ ଅପହରଣ । କାରରେ ଖଣ୍ଡଗିରି ବଗ ପାର୍କ ନିକଟରୁ ଅପହରଣ କରାଯାଇଥିଲା । ତେବେ ତପୋବନ ନିକଟରେ ଅପହରଣକାରୀଙ୍କ ଠାରୁ ଖସି ଆସି ଥାନାରେ ଅଭିଯୋଗ କରିଛନ୍ତି ଅପହୃତ ଯୁବକ । ଯୁବକଙ୍କ ଅଭିଯୋଗ ଅନୁଯାୟୀ ଭରତପୁର ଥାନା ପୋଲିସ ତଦନ୍ତ କରୁଛି । ଯୁବକଙ୍କ ମୋବାଇଲକୁ ଅପହରଣକାରୀମାନେ ନେଇଯାଇଛନ୍ତି । ଫୋନ କରି ୨ଲକ୍ଷ ଟଙ୍କା ପରିବାର ଲୋକଙ୍କୁ ଅପହରଣକାରୀ ମାଗୁଥିବା ଅଭିଯୋଗ ହୋଇଛି । ଟଙ୍କା ନଦେଲେ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ଅପହରଣକାର ।

### ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ବୈଠକ
## ଜନଜାତିଙ୍କ ପାଇଁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଦିବାସୀ ଅଞ୍ଚଳ ଉପ ଯୋଜନା (ଟିଏଏସପି) ସଂପର୍କିତ ବଜେଟ୍ ତଦାରଖ ବ୍ୟବସ୍ଥା ଏବଂ ଏହାର ପରିଚାଳନା ସଂପର୍କରେ ଏକ ବୈଠକ ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ



ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆମ ଦେଶରେ ପ୍ରାୟ ୭୦୦ ପ୍ରକାର ଆଦିବାସୀ ରହୁଛନ୍ତି ଯାହାର ସଂଖ୍ୟା ପ୍ରାୟ ୧୦ କୋଟି ଏବଂ ଓଡ଼ିଶାରେ ଏହାର ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ଅଟନ୍ତି ଯାହାକି ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଏବଂ ପ୍ରଗତିଶୀଳନୀତି ଜରିଆରେ ସମନ୍ୱିତ ପଦକ୍ଷେପ ନେଇଛନ୍ତି । ଏଥିରେ ଜନଜାତିମାନଙ୍କ ପାଇଁ ମୌଳିକ ସୁବିଧା, ସ୍ୱାସ୍ଥ୍ୟ, ଖାଦ୍ୟ, ଜୀବିକାର୍ଜନ ଓ ଆୟ, ଶିକ୍ଷା ଓ ଦକ୍ଷତା ବିକାଶ ଅନ୍ତର୍ଗତ ୬ଟି ଲେଖାଏଁ ଭିନ୍ନ ଭିନ୍ନ ଉପ ସୂଚକ ରହିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ଯୋଜନା ଓ ସଂଯୋଜକ ବିଭାଗ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ଅର୍ଥ ବିଭାଗ ସମ୍ମିଳିତ ପ୍ରୟାସରେ ଜନଜାତି ସମୁଦାୟର ଜୀବନ ଧାରଣର ମାନରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ଏହା ଏକ ଅଭିନବ ପ୍ରଚେଷ୍ଟା । ଏହି ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ, ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଯୋଜନା ଓ ସଂଯୋଜକ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

### ଜେଇଇ ମେନ୍‌ରେ ଆଲେନ୍ ଛାତ୍ର ନବନୀତ ଓଡ଼ିଶା ରାଜ୍ୟ ଟପ୍ପର
## ୨୭୮ ଛାତ୍ର କରିଛନ୍ତି ୯୦ ପ୍ରତିଶତରୁ ଅଧିକ ସ୍କୋର



ALLEN CAREER INSTITUTE KOTA (RAJASTHAN)
path to success

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ଜେଇ ମେନ୍ ଜାନୁଆରୀ ସେସନ୍‌ର ଫଳାଫଳ ପ୍ରକାଶ କରିଛି । ଫଳାଫଳରେ, ଏନ୍‌ଟିଏ ଘୋଷଣା କରିଛି ଯେ ୧୪ ଜଣ ଛାତ୍ର ୧୦୦ ଏନ୍‌ଟିଏ ସ୍କୋର କରିଛନ୍ତି ଯାହା ମଧ୍ୟରୁ ୫ ଜଣ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍‌ର ଛାତ୍ର । ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ, ରଜନୀଶ ଶ୍ରୀବାସ୍ତବ ଘୋଷଣା କରିଛନ୍ତି ଯେ, ଆଲେନ୍ ଓଡ଼ିଶାର ଏକ କ୍ଲାସରୁମ୍ ଛାତ୍ର ନବନୀତ ପ୍ରିୟଦର୍ଶୀ ୯୯.୯୮୯୬୪୦୭ ପ୍ରତିଶତ ପ୍ରଭାବଶାଳୀ ସ୍କୋର ସହିତ ଓଡ଼ିଶା ରାଜ୍ୟରେ ଟପ୍ପର ହୋଇଛନ୍ତି । ସେ ବିଗତ ୪ବର୍ଷ ଧରି ଆଲେନ୍ ଇନଷ୍ଟିଚ୍ୟୁଟ୍ ଛାତ୍ର ଅଟନ୍ତି । ଏହା ସହିତ, ପ୍ରୋଗ୍ରାମର ୨୭୮ ଜଣ ଛାତ୍ର ୯୦ ପ୍ରତିଶତରୁ ଅଧିକ ସ୍କୋର କରିଛନ୍ତି । ସେମାନଙ୍କ ମଧ୍ୟରେ, ୨୦୬ ଜଣ ଛାତ୍ର ୯୫ ପ୍ରତିଶତରୁ ଅଧିକ ସ୍କୋର କରିଛନ୍ତି, ୭୩ ଜଣ ଛାତ୍ର ୯୯ ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ସ୍କୋର କରିଛନ୍ତି, ଏବଂ ୨ ଜଣ ଛାତ୍ର ବ୍ୟକ୍ତିଗତ ବିଷୟରେ ସମ୍ପୂର୍ଣ୍ଣ ୧୦୦ ପ୍ରତିଶତ ହାସଲ କରିଛନ୍ତି । ଜାତୀୟ ଫଳାଫଳରେ ଓମ୍ ପ୍ରକାଶ ବେହେରା, ରଜିତ ଗୁପ୍ତା, ସକ୍ଷମ ଜିନ୍ଦଲ ଏବଂ ଅର୍ଣ୍ଣଭ ସିଂହ ଆଲେନ୍ ଅନଲାଇନ୍ ଟେଷ୍ଟ ସିରିଜ୍ ହର୍ଷ ଝାଙ୍କ ସହିତ ୧୦୦ ଏନ୍‌ଟିଏ ସ୍କୋର କରିଛନ୍ତି । ଏନ୍‌ଟିଏ ଉତ୍ତର କୀ ଏବଂ ରେକର୍ଡ ହୋଇଥିବା ଉତ୍ତର ଅନୁସାରେ, ଓମ ପ୍ରକାଶ ବେହେରା ୩୦୦ ରୁ ୩୦୦ ନମ୍ବର ରଖିଛନ୍ତି । ଏହା ସହିତ, ୪୪ ଜଣ ରାଜ୍ୟ ଟପରଙ୍କ ତାଲିକା ପ୍ରକାଶିତ ହୋଇଥିଲା, ଯେଉଁଥିରୁ ୧୩ ଜଣ ଆଲେନର । ରାଜ୍ୟ ଟପ୍ପରମାନଙ୍କ ମଧ୍ୟରେ ଅଛନ୍ତି ଅର୍ଣ୍ଣବ ସିଂହ, ରଜିତ ଗୁପ୍ତା, ସକ୍ଷମ ଜିନ୍ଦଲ, ରାଜସ୍ଥାନର ଓମ ପ୍ରକାଶ, ଛତିଶଗଡ଼ର ଶୌର୍ଯ୍ୟ ଅଗ୍ରୱାଲ, ଝାଡ଼ଖଣ୍ଡର ଅଭିମନ୍ୟୁ ଟିବ୍ରେୱାଲ, ବିହାରର ପାଣିନି, ଓଡ଼ିଶାରୁ ନବନିତ ପ୍ରିୟଦର୍ଶୀ, ହିମାଚଳ ପ୍ରଦେଶର ଧୈର୍ଯ୍ୟ ଶର୍ମା, ଆସାମରୁ କୃଷ୍ଣ ଚକ୍ରବର୍ତ୍ତୀ, ପୁଡୁଚେରୀର ଇ କୁମାରନ, ଦିଲ୍ଲୀର ହର୍ଷ ଝା ଏବଂ ମେଘାଳୟର ନିଶିତା ।



ବିଧାନସଭା ବଜେଟ୍ ଅଧିବେଶନ ପୂର୍ବରୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ନାଲ୍‌କୋ ପକ୍ଷରୁ ସର୍ବଭାରତୀୟ ଭେଣ୍ଡର ମିଟ୍ ଆୟୋଜିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନାଲକୋ ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ନାଲକୋ ରିସର୍ଚ ଆଣ୍ଡ ଟେକ୍ନୋଲୋଜି ସେଣ୍ଟର ଠାରେ 'ଏକତାରେ ପ୍ରଗତି' ଥିମ୍ ଉପରେ ଆଧାରିତ ସର୍ବଭାରତୀୟ ଭେଣ୍ଡର ମିଟ ୨୦୨୫ ଆୟୋଜିତ



ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନାଲକୋକୁ ବିଭିନ୍ନ ଆନୁଷଙ୍ଗିକ ଏବଂ ଉପଯୋଗୀ ଅଂଶ, କଞ୍ଚାମାଲ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଥିବା ବିକ୍ରେତା ଏବଂ ପ୍ରୋକ୍ୟୋରର୍ମେଣ୍ଟ ପଲିସି ଡିଭିଜନ (ବ୍ୟୟ ବିଭାଗ, ଭାରତ ସରକାର), ଏମ୍‌ଏସ୍‌ଏମଇ, ଜେମ ତଥାନାଲକୋର ଅଧିକାରୀମାନେ କମ୍ପାନୀର କ୍ରୟ ସମ୍ବନ୍ଧୀୟ ନୀତି ନିୟମ, ଜେମକ୍ରୟ ପ୍ରକ୍ରିୟା, ଏମ୍‌ଏସ୍‌ଏମଇ ସମ୍ବନ୍ଧୀୟ ସୂଚନା ଏବଂ ଟିଆରଇଡି ଏସଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଉପସ୍ଥାପନା ଏବଂ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏଥିସହ ସହ ନାଲକୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଏବଂ ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମାଙ୍କ ସମେତ ସାର୍ବଜନୀନ କ୍ରୟ ବିଭାଗ (ଅର୍ଥ ମନ୍ତ୍ରଣାଳୟ)ର ନିର୍ଦ୍ଦେଶକ ମନୀଷ ଭାଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସାର୍ବଜନୀନ କ୍ରୟ ବିଭାଗ, ଏମଏସଏମଇ, ଆରଏକ୍ସଆଇଏଲ, ଜେମ ଏବଂ ନାଲକୋର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ ।

### ସ୍କୁଲ ଛାତ୍ରୀ ଅଟକ ଘଟଣା
## ପୋଲିସ ଅଧିକାରୀଙ୍କୁ ଜବାବ ତଲବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବ୍ଲକିଂ ଚେକିଂ ସମୟରେ ସ୍କୁଲ ଛାତ୍ରୀ ଅଟକ ରହିବା ଘଟଣା ।ପ୍ରତିକ୍ରିୟା ରଖିଛନ୍ତି ପୋଲିସ କମିଶନର । ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ କଡାକଡି କରାଯାଉଛି । ଛାତ୍ରୀଜଣକ ୯ରୁ ୧୦ ମିନିଟ ଅଟକି ରହିଥିଲେ । ସେମାନେ ଭୁଲ ଗାଡିଚାଳନା କରିଥିବାରୁ ପୋଲିସ ଅଟକ ରଖିଥିଲେ ।ମୁଁ ଛାତ୍ରୀଙ୍କ ମାଙ୍କ ସହିତ କଥା ହୋଇଛି । ସଂପୃକ୍ତ ପୋଲିସ ଅଧିକାରୀଙ୍କୁ ଉତ୍ତର ମଗାଯାଇଛି ।ପୋଲିସକୁ ସମୟ ଅନୁସାରେ ନରମ ଏବଂ କଠୋର ହେବାକୁ ପଡ଼ିବ । ସମ୍ବେଦନଶୀଳ ହେବାକୁ ପଡ଼ିବ ବୋଲି ପୋଲିସ କମିଶନର ଏସ ଦେବଦତ୍ତ ସିଂ କହିଛନ୍ତି ।

## ସରକାରକୁ ଘେରିବାକୁ ବିଜେଡିର ରଣନୀତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଧାନସଭାରେ ଶାସକ ଦଳକୁ ଘେରିବ ବିଜେଡି । ବିଭିନ୍ନ ପ୍ରସଙ୍ଗରେ ଉଠାଇ ବିଧାନସଭାରେ ଶାସକ ଦଳକୁ ଘେରିବା ପାଇଁ ବିରୋଧୀ ବିଜେଡି ରଣନୀତି ପ୍ରସ୍ତୁତ କରିଛି । ଆଜି ଏହାକୁ ନେଇ ବିଜେଡି ବିଧାୟକ ଦଳ ବୈଠକ ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଧକ୍ଷତାରେ ବସିଥିଲା । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ନାରୀ ନିର୍ଯ୍ୟାତନା ବଢୁଛି । ବିଧାନସଭାରେ ବିଜେଡି ଏହାକୁ ପ୍ରମୁଖ ପ୍ରସଙ୍ଗ ଭାବେ ଉଠାଇବ ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି । ବିଜେପି ସରକାରଙ୍କ ୯ ମାସ ମଧ୍ୟରେ ରାଜ୍ୟର ଅର୍ଥବ୍ୟବସ୍ଥା ତଳକୁ ଖସିଛି । ଡବଲ ଇଞ୍ଜିନ ସରକାର କେନ୍ଦ୍ର ଓଡ଼ିଶାକୁ ଅବହେଳା କରିଛି । ରେଳ ଅନୁଦାନ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରାଯାଉଛି । ଚାଷୀ ଏବଂ ଚାଷ ପ୍ରସଙ୍ଗ ଏବେ ରାଜ୍ୟରେ ପ୍ରମୁଖ ସମସ୍ୟା । ମଣ୍ଡି ଅବ୍ୟବସ୍ଥା କଟନି ଚଟନୀ ପ୍ରସଙ୍ଗକୁ ବିଧାନସଭାରେ ପ୍ରମୁଖ ପ୍ରସଙ୍ଗ କରିବ ବିଜେଡି । ବିଜେଡି ଓଡ଼ିଶାର ସର୍ବଶ୍ରେଷ୍ଠ ବିରୋଧୀ ଦକ ଭାବେ ଓଡ଼ିଶା ବାସୀଙ୍କ ଆକ୍ରୋଶ ବିଧାନସଭାରେ ଉପସ୍ଥାପନ କରିବ ବିଜୁ ଜନତା ଦଳ ।

## ମାନସ ଚୌଧୁରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର ପାଇଁ ପ୍ରଦେଶ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ପ୍ରଦେଶ ଯୁବ କଂଗ୍ରେସ ନେତା ଶ୍ରୀ ରଞ୍ଜିତ ପାତ୍ର ଏବଂ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ବହୁ ଛାତ୍ର ଓ ଯୁବ କଂଗ୍ରେସ କର୍ମୀମାନେ ଶ୍ରୀ ଚୌଧୁରୀଙ୍କ ବାସଭବନକୁ ଯାଇ ଶ୍ରୀ ଚୌଧୁରୀଙ୍କୁ



ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସୁଦିପ ସାମଲ, ନିହାର ବେହେରା, ଆଲୋକ ଦାସ, ସାରୁ ଖାନ୍, ମହମ୍ମଦ ପରଭେଜ୍, ଜଗଦିଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ାପ୍ରତିଭା ବିକାଶ କରିବା ଆମ ଲକ୍ଷ୍ୟ: କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ସମସ୍ତ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ କ୍ୟାବିନେଟରେ ନିଷ୍ପତି ହୋଇଛି । ଏହି ପରିପ୍ରେକ୍ଷୀରେ ବ୍ଲକ ଗୁଡ଼ିକରେ ହେବାକୁ ଥିବା ଷ୍ଟାଡିୟମ ନିମନ୍ତେ ଉପଯୁକ୍ତ ସ୍ଥାନ ନିରୂପଣ କରିବା ପାଇଁ ଆଜି କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ଏକ ବୈଠକର ଆୟୋଜନ କରାଯାଇଥିଲା । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିବା ଏହି ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ବୈଠକର ପ୍ରାରମ୍ଭରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ବ୍ଲକ ସ୍ତରରେ ହେବାକୁ ଥିବା ଷ୍ଟାଡିୟମର ରୂପରେଖ, ବୈଶିଷ୍ଟ୍ୟ ଓ ବିଶେଷତା ସମ୍ବନ୍ଧରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ନିଜ ଜିଲ୍ଲା ଅଧୀନରେ ଆସୁଥିବା ବ୍ଲକଗୁଡ଼ିକରେ ଷ୍ଟାଡିୟମ ନିର୍ମାଣ ପାଇଁ ସ୍ଥିରୀକୃତ ହୋଇଥିବା ଉପଯୁକ୍ତ ସ୍ଥାନ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ । ଏଥିସହିତ ଯେଉଁ ବ୍ଲକ ଗୁଡ଼ିକରେ ଏଯାବତ ସ୍ଥାନ ନିରୂପଣ ହୋଇପାରିନାହିଁ, ସେହି ବ୍ଲକ ଗୁଡ଼ିକରେ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଆସନ୍ତା ଫେବୃଆରୀ ୨୦ ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଅବଗତ କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ଏଥିସହିତ ସମସ୍ତ ଜନସାଧାରଣ ଓ କ୍ରୀଡ଼ାବିତମାନଙ୍କ ସୁବିଧା ନିମନ୍ତେ ଷ୍ଟାଡ଼ିୟମଗୁଡ଼ିକୁ ଯଥା ସମ୍ଭବ ବ୍ଲକ ହେଡ଼ କ୍ୱାର୍ଟର ପାଖରେ ରହିଥିବା ସ୍ଥାନରେ ନିର୍ମାଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଆମ ସରକାର ବିକଶିତ ଓଡ଼ିଶା-୨୦୩୬ର ଲକ୍ଷ୍ୟ ରଖିଛନ୍ତି । ବିକଶିତ ଓଡ଼ିଶା ଗଠନ ପାଇଁ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ହେଉଛି ଆମର ପ୍ରାଥମିକତା । ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରିବା ସହ ଓଡ଼ିଶାର ପ୍ରତିଟି ବ୍ଲକ, ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ସେ ଲକ୍ଷ୍ୟ ନେଇ ବ୍ଲକ ସ୍ତରୀୟ ଷ୍ଟାଡିୟମର ନିର୍ମାଣ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଆଗାମୀ ଦିନରେ ଷ୍ଟାଡିୟମର ନିର୍ମାଣ କରିବା ସହ ଏହାର ସୁପରିଚାଳନା ଏବଂ କ୍ରୀଡ଼ାବିତମାନଙ୍କୁ ଯେପରି ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯିବ ।ଏଥିସହିତ ତୃଣମୂଳ ସ୍ତରର କ୍ରୀଡ଼ାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯେପରି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିପାରିବେ ତାହା ଲକ୍ଷ୍ୟ ରଖା ଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଜିର ବୈଠକରେ ମତପ୍ରକାଶ କରିଥିଲେ ।

## ଜୀବନୀ ପୁସ୍ତକ ଡିଅର ଡି.ଆର ଉନ୍ମୋଚିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତ୍ୟେକ ସଫଳ ବ୍ୟକ୍ତି ପଛରେ ବଡ଼ ସଂଘର୍ଷ ଲୁଚି ରହିଛି । ଯାହା ବାହାରକୁ ସହଜରେ ଦେଖା ଯାଏ ନାହିଁ । ସଫଳ ଉଦ୍ୟୋଗପତି ଦୀପ୍ତିରଂଜନ ପଟ୍ଟନାୟକଙ୍କ ପଛରେ ମଧ ବଡ଼ ସଂଘର୍ଷ ଭରା କାହାଣୀ ଲୁଚି ରହିଛି । ତାଙ୍କର ନିରନ୍ତର ସଂଘର୍ଷ, କର୍ତ୍ତବ୍ୟ ନିଷ୍ଠା, ପ୍ରତିଶ୍ରୁତିବଦ୍ଧତା ଆଜି ତାଙ୍କୁ ସଫଳତାର ଶିଖରରେ ପହଞ୍ଚାଇଛି । ବିବାହ ପରେ ତାଙ୍କ ସଂଘର୍ଷର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ସେ ଜୀବନରେ ଅନେକ ଠକାମିର ଶିକାର ହୋଇଛନ୍ତି । ହେଲେ ନିଜେ କେବେ କାହାକୁ ଠକିବାକୁ ଚେଷ୍ଟା କରିନାହାନ୍ତି । ତାଙ୍କରି ତ୍ୟାଗ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠା ହୋଇ ପାରିଛି । ତାଙ୍କ ଭଳି ଜଣେ ଦରଦୀ ଉଦ୍ୟୋଗପତିଙ୍କ ଜୀବନୀ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେବ । ତ୍ରିବେଣୀ ଆର୍ଥମୁଭର୍ସ ପକ୍ଷରୁ ଆୟୋଜିତ ଉଦ୍ୟୋଗପତି ଦୀପ୍ତିରଂଜନ ପଟ୍ଟନାୟକଙ୍କ ଜୀବନୀ 'ଡିଅର ଡି.ଆର.-ଝରଣାରୁ ନଦୀ ହେବାର କାହାଣୀ' ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି 'କିଟ୍ ଓ କିସ୍'ର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଡ. ଅଚ୍ୟୁତ ସାମନ୍ତ । ବିଶିଷ୍ଟ ଲେଖକ ଦାଶ ବେନହୁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଯୋଗଦେଇ କହିଲେ, ଡିଆର ପଟ୍ଟନାୟକ ଜଣେ ଆଦର୍ଶ ପୁରୁଷ ଓ ପ୍ରତିଶ୍ରୁତିକୁ ପାଳନ କରୁଥିବା ଭଲ ମଣିଷ । ତାଙ୍କ ଜୀବନୀକୁ ଲେଖିଥିବା ଡ. ସଞ୍ଜୟ ହାତୀ ନିରପେକ୍ଷ ଭାବେ ଜୀବନୀକୁ ଅନୁଶୀଳନ କରିଛନ୍ତି । ଅତିଥି ଭାବେ ବିପିୟୁଟିର ପୂର୍ବତନ କୁଳପତି ଓଁକାରନାଥ ମହାନ୍ତି ଯୋଗଦେଇ କହିଲେ, ରାଉରକେଲା ବିକାଶରେ ଡିଆରଙ୍କ ବଡ଼ ଭୂମିକା ରହିଛି । ଡିଆରଙ୍କ ଜୀବନ ଇନ୍ଦ୍ରଧନୁ ସଦୃଶ୍ୟ । ସେ ଅସଂଖ୍ୟ ବ୍ୟକ୍ତିଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି । ତାଙ୍କ ଜୀବନୀ ଜନସମାଜକୁ ଦିଗଦର୍ଶନ ଦେବ । ଆତ୍ମଜୀବନୀର ଲେଖକ ଡ. ସଞ୍ଜୟ ହାତୀ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରି କହିଲେ, ପ୍ରିୟର ଡିଆରଙ୍କୁ ବୁଝିବା ଥିଲା ମୋ ପାଇଁ ବଡ଼ କଥା । ଜଣେ ସଫଳ ବ୍ୟକ୍ତିଙ୍କ ପଛରେ ଏତେ ଯେ ଦରଦୀ କାହାଣୀ ଲୁଚି ରହିଥାଏ ତାହା ଜାଣି ସ୍ତମ୍ଭୀଭୂତ ହୋଇଥିଲି । ଶ୍ରୀ ପଟ୍ଟନାୟକ ନିଜ ଅନୁଭୂତିକୁ କହିବା ବେଳେ ଭାବବିହ୍ୱଳ ହୋଇ ଯାଇଥିଲେ । ସେ କହିଲେ, ମୁଁ ନିଜକୁ କେବେ ମହାପୁରୁଷ ବୋଲି ଭାବିନି । ଈଶ୍ୱରଙ୍କ ଆଶୀର୍ବାଦରୁ ବହୁତ କିଛି ପାଇଛି । ସଭାପତିତ୍ୱ ଭାଷଣରେ ଦାଶ ବେନହୁର କହିଲେ, ଆତ୍ମଜୀବନୀ ସାମାଜିକ ଇତିହାସର ପୃଷ୍ଠା । ପ୍ରତ୍ୟେକ ସଫଳ ବ୍ୟକ୍ତି ଡିଆରଙ୍କ ଭଳି ଜୀବନୀ ଲେଖିବା ଦରକାର । ଏହି ଅବସରରେ ଶ୍ରୀ ପଟ୍ଟନାୟକ ପତ୍ନୀ ଇନ୍ଦ୍ରାଣୀ ପଟ୍ଟନାୟକଙ୍କୁ ନିଜ ଜୀବନୀ ପୁସ୍ତକ ଉପହାର ଦେଇଥିଲେ ।

## ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମବାର୍ଷିକୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ସୃଜନ (ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟବାସ) ଫେବୃଆରୀ ୧୨ ତାରିଖ ଦିନ ଭୁବନେଶ୍ୱରର ଉତ୍କଳ ରଙ୍ଗ ମଞ୍ଚଠାରେ ଶାସ୍ତ୍ରୀୟ ନୃତ୍ୟ ଓ



ସଙ୍ଗୀତ କାର୍ଯ୍ୟକ୍ରମ ସହ ଗୁରୁଜୀଙ୍କ ୯୯ତମ ଜନ୍ମବାର୍ଷିକୀ ପାଳନ କରାଯାଇଛି । ଏଥିପାଇଁ ସୃଜନ (ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟବାସ), ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର (ଜିକେସିଏମ ଓଆରସି) ସହ ସହଭାଗିତା କରିଛି । ଗୁରୁ ଶ୍ରୀ କେଳୁଚରଣ ମହାପାତ୍ରଙ୍କ ସମ୍ମାନରେ ବିଶିଷ୍ଟ ଅତିଥି ଓ ମାଣ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନଙ୍କ ଗହଣରେ ପ୍ରଖ୍ୟାତ ଥିଏଟର ବ୍ୟକ୍ତିତ୍ୱ ମନୋଜ କୁମାର ପଟନାୟକ, ପ୍ରଖ୍ୟାତ ଥିଏଟର ବ୍ୟକ୍ତିତ୍ୱ ଧିର ମଲିକ, ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଲକ୍ଷ୍ମୀକାଂ ପାଲିତ, ପ୍ରଖ୍ୟାତ ଓଡିଶୀ ଗୁରୁ ବିଚିତ୍ରନାନ୍ଦ ସ୍ୱାଇଁ, ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଓ ଓଡିଶୀ ସଙ୍ଗୀତ ଗାୟିକା ଅନୁଜା ତାରିଣୀ ମିଶ୍ର (ଓଏଏସ୍), ସୃଜନ, ଭୁବନେଶ୍ୱରର ନିର୍ଦ୍ଦେଶକ ଏବଂ ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକର ଆର୍ଟସ୍, କମ୍ୟୁନିକେଶନ୍ସ ଆଣ୍ଡ ଇଣ୍ଡିକ ଷ୍ଟଡିଜ୍ ବିଭାଗର ଅଧ୍ୟାପକ ଓ ଡିନ ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକ ସଙ୍ଗୀତ ପ୍ରଦର୍ଶନ ଓ ଏକ ଗ୍ରୁପ ଡ୍ୟାନ୍ସ ଉପସ୍ଥାପିତ ହୋଇଥିଲା । ପ୍ରଥମ ଅଧା ଭାଗରେ 'ଫ୍ରମ ରାଗ ଟୁ ଭାବ- ଏ ମ୍ୟୁଜିକାଲ ଏକ୍ସପେରିଏନ୍ସ ୱିଥ ରୁପକ କୁମାର ପରିଡା' ନାମକ କାର୍ଯ୍ୟକ୍ରମରେ ଦର୍ଶକମାନେ ପ୍ରଖ୍ୟାତ ଗାୟକ ରୁପକ କୁମାର ପରିଡାଙ୍କ ଚମତ୍କାର ପ୍ରଦର୍ଶନକୁ ଉପଭୋଗ କରିଥିଲେ । ଏହି ଭାବପୂର୍ଣ୍ଣ ପ୍ରଦର୍ଶନରେ ରୁପକ କୁମାର ପରିଡାଙ୍କ ସହ ସକ୍ଷମ ଓ ବହୁମୂଖୀ ସଙ୍ଗୀତ ସାଥୀ ଭାବେ ତବଲାରେ ନିକୁଞ୍ଜ ବିହାରୀ ସାମଲ, ଗିଟାର ବାଦକ ଭାବାତୋଶ ମହାନ୍ତି, ବଂଶୀ ଓ ସାକ୍ସୋଫୋନ ବାଦକ ଏମ. ଶ୍ରୀମାଦ୍ରି ଏବଂ କୀବୋର୍ଡରେ ଦୀପୁ ଦାସ ମହାପାତ୍ର ଉପସ୍ଥିତ ଥିଲେ । ତବଲାର ତାଳ, ଗିଟାର ଓ କୀବୋର୍ଡର ସୁର ଏବଂ ବଂଶୀ ଓ ସାକ୍ସୋଫୋନର ସମନ୍ୱୟ କଣ୍ଠସ୍ୱରକୁ ବହୁମାତ୍ରାରେ ସୁମଧୁର ଓ ମନମୁଗ୍ଧକାରୀ କରିଥିଲା । ଏହି ସନ୍ଧ୍ୟାର ୨ୟ ଓ ଶେଷ ଉପସ୍ଥାପନାରେ ଗୁରୁ ପିତାମ୍ବର ବିଶ୍ୱାଳ ଓ ତାଙ୍କ ଟ୍ରୁପ ସୁରଭି ଏକ ଗ୍ରୁପ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଗୁରୁ ଦୂର୍ଗା ଚରଣ ରଣବୀରଙ୍କର ଜଣେ ବରିଷ୍ଠ ଓଡିଶୀ ନୃତ୍ୟ କଳାକାର ଓ ଶିଷ୍ୟ ଭାବେ ଗୁରୁ ପିତାମ୍ବର ବିଶ୍ୱାଳ ହେଉଛନ୍ତି ଜଣେ ସଫଳ ଓ ପ୍ରତିଷ୍ଠିତ ଓଡିଶୀ ନୃତ୍ୟଶିଳ୍ପୀ ଓ ବହୁମୂଖୀ କଳାକାର ଏବଂ ସେ ଗୁରୁ ସମ୍ମାନ ଆୱାର୍ଡ ଓ ଗୁରୁ ଦେବ ପ୍ରସାଦ ଦାସ ଆୱାର୍ଡରେ ମଧ ସମ୍ମାନିତ ହୋଇଛନ୍ତି ।

## ୫୦୦+ ସଫଳ କିଡନୀ ପ୍ରତ୍ୟାରୋପଣ କରିଛି ମଣିପାଲ ହସ୍ପିଟାଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଣିପାଲ ହସ୍ପିଟାଲ ଭୁବନେଶ୍ୱର ୫୦୦ରୁ ଅଧିକ ସଫଳ କିଡନୀ ପ୍ରତିରୋପଣ କରି ଓଡିଶାରେ କିଡନୀ ପ୍ରତିରୋପଣ କ୍ଷେତ୍ରରେ ପୁଣି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି । ଯେଉଁଥିରେ ରୋଗୀଙ୍କର ଅସାଧାରଣ ସହନଶୀଳତା ସହିତ ହସ୍ପିଟାଲର ଅଭିଜ୍ଞ ଡାକ୍ତର, ଉତ୍ସର୍ଗୀକୃତ ନର୍ସ, କର୍ମଚାରୀ ଏବଂ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ବେଶ ସହାୟକ ହୋଇଥିଲା । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କିଡ୍‌ନୀ ପ୍ରତିରୋପଣ ହୋଇଥିବା ବ୍ୟକ୍ତି, ତାଙ୍କୁ କିଡ୍‌ନୀ ଦାନ କରିଥିବା ବ୍ୟକ୍ତି, ତାଙ୍କ ପରିବାର ସଦସ୍ୟ, ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗଦାନ କରିଥିଲେ । ଗୋଟିଏ ମଞ୍ଚରେ ଏକାଠି ହୋଇ ନିଜ ନିଜର ଅନୁଭବ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ ଏବଂ ରାଜ୍ୟ ନୋଡାଲ ଅଫିସର ଡାକ୍ତର ଉମାକାନ୍ତ ସତପଥୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତୀମୟ ମହାପାତ୍ର ଏବଂ ୟୁନିଟ୍ ହେଡ୍ ମେଡିକାଲ ସର୍ଭିସ ଡାକ୍ତର ସିଦ୍ଧାର୍ଥ ମିଶ୍ର ଯୋଗ ଦେଇଥିଲେ । ଏହା ସହିତ କାର୍ଯ୍ୟକ୍ରମରେ ୬୦ରୁ ଅଧିକ କିଡ୍‌ନୀ ରୋଗୀ, ତାଙ୍କ ପରିବାର ସଦସ୍ୟମାନେ କିଡନୀ ପ୍ରତିରୋପଣ ପୂର୍ବରୁ ଏବଂ କିଡନୀ ପ୍ରତିରୋପଣ ପରେ ତାଙ୍କର ଅନୁଭବ ଏବଂ ସଫଳ କିଡନୀ ପ୍ରତିରୋପଣର କ୍ଷେତ୍ର ବିଷୟରେ ସମସ୍ତଙ୍କୁ କହିଥିଲେ ।





"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଅନ୍ତରୀଣ ସରକାରର ଅସହାୟତା

ଭାରତର ନୈତିକ, ସାମରିକ ଓ ଅର୍ଥନୈତିକ ସାହାଯ୍ୟ ସହଯୋଗରେ ଜନ୍ମଲାଭ କରିଥିବା ପଡ଼ୋଶୀ ବାଂଲାଦେଶ ଏବେ ଆମ ଦେଶର ଶତ୍ରୁ ପାଲଟି ଯାଇଛି । ଏଠାରେ ଆୱାମୀ ଲିଗ୍ ନେତ୍ରୀ ଶେଖ୍ ହାସିନାଙ୍କ ସରକାର ବିରୋଧରେ ଆନ୍ଦୋଳନ ମୁଣ୍ଡ ଟେକିବା ସଙ୍ଗେ ସଙ୍ଗେ ସେ କ୍ଷମତାଚ୍ୟୁତ ହେବା ପରେ ଏବେ ଭାରତରେ ଆଶ୍ରୟ ଗ୍ରହଣ କରିଛନ୍ତି । ବାଂଲାଦେଶରେ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍‌ଙ୍କ ତତ୍ତ୍ୱାବଧାନରେ ଏକ ଅନ୍ତରୀଣ ସରକାର ଶାସନ ଦାୟିତ୍ୱ ଗ୍ରହଣ କରିଛନ୍ତି । ମାତ୍ର ଏହି ସରକାର ଦେଶର ଆଇନଶୃଙ୍ଖଳା ପରିସ୍ଥିତିକୁ ସମ୍ଭାଳିବାରେ ବିଫଳ ହେବା ସହିତ ବାଂଲାଦେଶ ବର୍ତ୍ତମାନ ଘୋର ଆର୍ଥିକ ଦୁଃସ୍ଥିତିର ସମ୍ମୁଖୀନ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ବାଂଲାଦେଶକୁ ଆର୍ଥିକ ସହାୟତା ବନ୍ଦ କରିଦେଇଛନ୍ତି । ମୋଟାମୋଟି ଭାବରେ ଏହି ଦେଶ ଏବେ ଘୋର ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା ଭିତର ଦେଇ ଗତି କରୁଛି । ଏହାରି ଭିତରେ ବାଂଲାଦେଶର ଅନ୍ତରୀଣ ସରକାର କେବଳ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରିନାହାନ୍ତି, ସେଠାରେ ହିନ୍ଦୁ ବିରୋଧୀ ହିଂସା ଓ ମାନସିକତା ଦିନକୁ ଦିନ ବଢ଼ିବାରେ ଲାଗିଛି । ଦେଶର ବିଭିନ୍ନ ସ୍ଥାନରେ ହିନ୍ଦୁ ମନ୍ଦିରଗୁଡ଼ିକୁ ଧ୍ୱଂସ କରାଯାଉଥିବା ବେଳେ ଧର୍ମଗୁରୁମାନଙ୍କୁ ଗିରଫ କରାଯାଉଛି । ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ମଧ୍ୟ ଅବ୍ୟାହତ ରହିଛି । ଗତ ଦୁଇମାସ ମଧ୍ୟରେ ପଡ଼ୋଶୀ ଦେଶରେ ହିନ୍ଦୁମାନଙ୍କୁ ଟାର୍ଗେଟ୍ କରି ୭୬ଟି ଆକ୍ରମଣ ମାମଲା ରୁଜୁ ହୋଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି ଯେ, ୨୦୨୪ ନଭେମ୍ବର ୨୬ରୁ ୨୦୨୫ ଜାନୁଆରୀ ୨୫ ତାରିଖ ମଧ୍ୟରେ ବାଂଲାଦେଶରେ ସମୁଦାୟ ୭୬ଟି ହିଂସାର ମାମଲା ସାମନାକୁ ଆସିଛି । ଗତବର୍ଷ ଅଗଷ୍ଟ ମାସରୁ ହିଂସାକାଣ୍ଡରେ ୨୩ଜଣ ହିନ୍ଦୁଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫୨ଟି ମନ୍ଦିର ଉପରେ ଆକ୍ରମଣ ହୋଇଛି । କ୍ରମାଗତ ଭାବରେ ଏଭଳି ହିଂସାଜାରି ରହିଥିବାରୁ ବୈଦେଶିକ ମନ୍ତ୍ରଣାଳୟ ଉଦ୍‌ବେଗ ପ୍ରକାଶ କରିଛି । ବାଂଲାଦେଶର ହିନ୍ଦୁମାନଙ୍କୁ ଇସ୍‌ଲାମୀୟ ଉଗ୍ରପନ୍ଥୀମାନେ ଖୋଜି ଖୋଜି ଆକ୍ରମଣ କରୁଥିବାରୁ ସେଠାର ଅନ୍ତରୀଣ ସରକାର ଏହାକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଭାରତ ବାରମ୍ବାର ଅନୁରୋଧ କରୁଛି । ଏହାସତ୍ତ୍ୱେ ପରିସ୍ଥିତିରେ ବିଶେଷ କୌଣସି ଉନ୍ନତି ଦେଖିବାକୁ ମିଳୁନାହିଁ । ସେଠାକାର ହିନ୍ଦୁମାନଙ୍କୁ ସୁରକ୍ଷା ଦେବା ସହିତ ବାଂଲାଦେଶ ସହ କୂଟନୈତିକ, ସାମରିକ ଓ ବାଣିଜ୍ୟିକ ସମ୍ପର୍କ ବଢ଼ାଇବାକୁ ଭାରତ ଆଗ୍ରହୀ ଥିବାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ସୁରକ୍ଷାକୁ ନେଇ ଅନ୍ତରୀଣ ସରକାର ଅଧିକ ସମ୍ବେଦନଶୀଳ ହେବାକୁ ଭାରତ ପକ୍ଷରୁ ପରାମର୍ଶ ଦିଆଯାଇଛି । ଅନ୍ୟପକ୍ଷରେ ଦୁଇଦେଶ ଭିତରେ କୂଟନୈତିକ ସମ୍ପର୍କ ଦିନକୁ ଦିନ ତିକ୍ତ ହେଉଥିବା ବେଳେ ଏବେ ସୀମାରେ ମଧ୍ୟ ଭାରତ ବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ହାମ୍ ରେଡିଓ ଅପରେଟରମାନେ ଭାରତ-ବାଂଲାଦେଶ ସୀମାରେ ହିନ୍ଦୀ, ଆରବୀ ଓ ଉର୍ଦ୍ଦୁରେ ସନ୍ଦେହଜନକ ସଙ୍କେତ ଠାବ କରିଛନ୍ତି । ୟୁନୁସ୍‌ଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ଭାରତ ବିରୋଧୀ କାର୍ଯ୍ୟକଳାପ ରୋକିବାରେ ନିଜର ଅସହାୟତା ପ୍ରକାଶ କରିବା ନିଶ୍ଚିତ ଭାବରେ ଦୁର୍ଭାଗ୍ୟଜନ । ବାଂଲାଦେଶ ନିଜକୁ ଏକ ଧର୍ମନିରପେକ୍ଷ ଦେଶ ବୋଲି ଦାବି କରୁଥିବା ବେଳେ ସଂଖ୍ୟାଲଘୁଙ୍କୁ ନିର୍ଯାତନା ଏହାର ଅସଲ ମୁଖା ଖୋଲି ଦେଇଛି ।

# ସାମ୍ବାଦିକ ପେନସନ୍ ଓ ପ୍ରେସ୍ ଏକାଡେମୀ



ପ୍ରଭୁକଲ୍ୟାଣ ମହାପାତ୍ର
ବରିଷ୍ଠ ସାମ୍ବାଦିକ
ମୋ: ୯୯୩୭୭୧୧୩୮୯

ସାମ୍ବାଦିକତା ହେଉଛି ଏକ ମହାନ୍ ବୃତ୍ତି, ଯେଉଁଥିରେ ସମାଜସେବା କରିବାର ବିପୁଳ ସୁଯୋଗ ଓ ସମ୍ଭାବନା ରହିଛି । ଏହି ବୃତ୍ତିର ସଠିକ୍ ଉପଯୋଗ ଦ୍ୱାରା ସମାଜର ଅଶେଷ କଲ୍ୟାଣ ସାଧନ ସମ୍ଭବ ହୋଇଥାଏ । ତେଣୁ ଏହି ବୃତ୍ତିଧାରୀ ବ୍ୟକ୍ତିବିଶେଷ ବା ସାମ୍ବାଦିକମାନଙ୍କୁ ସମାଜ ମଧ୍ୟ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିଥାଏ ।

ସାମ୍ବାଦିକ ଓ ରାଜନେତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । କାରଣ ଜନସେବା ହେଉଛି ଏହି ଦୁଇଟି ବୃତ୍ତିର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଦୁଇ ବୃତ୍ତିର ବ୍ୟକ୍ତିବିଶେଷ ମଧ୍ୟ ସମାଜରେ ସମ୍ମାନସ୍ପଦ । ତେବେ ରାଜନେତାମାନଙ୍କ ଆତ୍ମକୈନ୍ଦ୍ରିକ ମନୋଭାବ ଯୋଗୁଁ ସାଂସଦ ଓ ବିଧାୟକଙ୍କ ଭଳି ଜନ ପ୍ରତିନିଧିମାନେ ଆର୍ଥିକ ଦୃଷ୍ଟିରୁ ଅପେକ୍ଷାକୃତ ସ୍ୱଚ୍ଛଳ ସ୍ଥିତିରେ କାଳାତିପାତ କରୁଛନ୍ତି । ମାତ୍ର ରାଜନେତାମାନଙ୍କ ଆଚରଣ ଓ ଆଭିମୁଖ୍ୟରେ ସଂକୀର୍ଣ୍ଣତା ରହିବା ଯୋଗୁଁ ଓଡ଼ିଶାରେ ସାମ୍ବାଦିକମାନେ ଆର୍ଥିକ ଦୁର୍ଗତିର ଶୀକାର ହୋଇ ଅତ୍ୟନ୍ତ ଦୁର୍ଦ୍ଦଶାଗ୍ରସ୍ତ ଜୀବନ ବିତାଉଛନ୍ତି ।

ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଜଣେ ରାଜନେତା ଅବସରପ୍ରାପ୍ତ ସରକାରୀ ଅଧିକାରୀ, ପୂର୍ବତନ ବିଧାୟକ ଏବଂ ପ୍ରାକ୍ତନ ସାଂସଦ ହୋଇଥିଲେ, ସେ ଏକକାଳୀନ ତିନୋଟିଯାକ ପଦବୀର ପେନସନ୍ ହାତେଇ ପାରିବେ । ତେଣୁ ଅଭିଯୋଗ ହୁଏ ଯେ, ନିଜେ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଥିବା ଯୋଗୁଁ ରାଜନେତାମାନେ ନିଜ ସପକ୍ଷରେ ଏଭଳି ସୁବିଧା କରାଇ ନେଇଛନ୍ତି । କେବଳ ସେତିକି ନୁହେଁ, ବିଧାୟକ ଓ ସାଂସଦମାନେ ନିଜ ଦରମା, ଭତ୍ତା ଏବଂ ପେନସନ୍ ସଂଶୋଧନର କ୍ଷମତା ମଧ୍ୟ ନିଜ ହାତରେ ରଖିଛନ୍ତି । ରାଜନେତା ମାନଙ୍କ ଏଭଳି ଆତ୍ମସ୍ୱାର୍ଥକୈନ୍ଦ୍ରିକ ଆଚରଣକୁ ବଭିନ୍ନ ମହଲ ଘୋର ନାପସନ୍ଦ କରିବା ସହିତ ଦୃଢ଼ ବିରୋଧ ମଧ୍ୟ କରୁଛନ୍ତି ।

ଏହି ପୃଷ୍ଠଭୂମିରେ ସାମ୍ବାଦିକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା ଯଥାର୍ଥ ମନେହୁଏ । ସମାଜ ପ୍ରତି ସାମ୍ବାଦିକମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ, ସେମାନଙ୍କ ଆର୍ଥିକ ଅସ୍ୱଚ୍ଛଳ ସ୍ଥିତିକୁ ଉପଲବ୍ଧି କରିବା ସହିତ ସାମ୍ବାଦିକତା ଭଳି ଅନିଶ୍ଚିତ ତଥା ବିପଦଜନକ ବୃତ୍ତିକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ପ୍ରଦେଶର ରାଜ୍ୟ ସରକାର ପତ୍ରକାର ପେନସନ୍ ବ୍ୟବସ୍ଥା ଲାଗୁ କରିଛନ୍ତି । କେତେକ ରାଜ୍ୟ ସରକାର ଅନ୍ୟୁନ ୨୦ ବର୍ଷର ସାମ୍ବାଦିକତା ଅଭିଜ୍ଞତା ଥିବା ପତ୍ରକାରମାନଙ୍କୁ ୫୮ ବୟସ ପରେ ମାସିକ ପେନସନ୍ ସହିତ ସ୍ୱାସ୍ଥ୍ୟବୀମା, ନଗଦ ଅର୍ଥରାଶିର ପୁରସ୍କାର ପ୍ରଭୃତି ମଧ୍ୟ ପ୍ରଦାନ କରୁଛନ୍ତି । ତେବେ ସାମ୍ବାଦିକମାନଙ୍କ ଲାଗି ପେନସନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ଓଡ଼ିଶାରେ ଦାବି ହୋଇ ଆସୁଥିଲେ ମଧ୍ୟ ବିଭିନ୍ନ ଦଳର ସରକାର ତାକୁ ଅଣଦେଖା କରି ଆସୁଛନ୍ତି ।

ଅଶୀ ଦଶକରେ ରାଜ୍ୟରେ କଂଗ୍ରେସ ସରକାର ପ୍ରତିଷ୍ଠା ହୋଇଥିଲା । ଜାନକୀ ବଲ୍ଲଭ ପଟ୍ଟନାୟକ ସେହି ସମୟରେ ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଥିଲେ । ଜାନକୀବାବୁ କେବଳ ଜଣେ ବିଚକ୍ଷଣ ରାଜନେତା ନଥିଲେ । ସେ ମଧ୍ୟ ଥିଲେ ଜଣେ ପ୍ରଥିତଯଶା ସାହିତ୍ୟିକ ଏବଂ ବିଶିଷ୍ଟ ସାମ୍ବାଦିକ । ସେତେବେଳେ ସାମ୍ବାଦିକମାନଙ୍କୁ ପେନସନ୍ ଦେବା ଲାଗି ରାଜ୍ୟରେ ସ୍ୱର ଉତ୍ତୋଳନ ହୋଇଥିଲା । ସାମ୍ବାଦିକରୁ ରାଜନେତା ବନିଥିବା ଜାନକୀବାବୁ ନିଶ୍ଚିତ ଭାବରେ 'ପତ୍ରକାର ପେନସନ୍' ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ବୋଲି ରାଜ୍ୟର ସାମ୍ବାଦିକମାନେ ସ୍ୱାଭାବିକ ଭାବରେ ଆଶା କରିଥିଲେ । କିନ୍ତୁ ଜାନକୀ-ସରକାର ଉପରେ ଉପଯୁକ୍ତ ଚାପ ସୃଷ୍ଟି ଅଭାବରୁ ତାହା ରୂପାୟିତ ହୋଇ ପାରିଲା ନାହିଁ ।

ଦୁଇ ହଜାର ମସିହାରେ ଓଡ଼ିଶାରେ ନବୀନ-ସରକାର ପ୍ରତିଷ୍ଠା ହେଲା । ଏହି ସମୟରେ ମଧ୍ୟ ସାମ୍ବାଦିକମାନଙ୍କୁ ପେନସନ୍ ଦେବାଲାଗି ଦୃଢ଼ ଦାବି ଉପସ୍ଥାପନ କରାଗଲା । ଫଳରେ ନୀବନ ସରକାର ବିଧାନସଭା ଭିତରେ ଓ ବାହାରେ ଏକାଧିକ ଥର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ, ଏହି ପେନସନ୍ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରାଯିବ । ଦେବାଶିଷ ନାୟକ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ଥିବାବେଳେ ଗୋଟିଏ କମିଟି ଗଠନ କରିଥିଲେ । ଉକ୍ତ କମିଟି କେତେକ ରାଜ୍ୟକୁ ଗସ୍ତକରି ସାମ୍ବାଦିକ ପେନସନ୍ ଯୋଜନାର କାର୍ଯ୍ୟକାରିତାକୁ ମଧ୍ୟ ଅନୁଧ୍ୟାନ କରିଥିଲା । ଏପରିକି ୨୦୧୪ ମସିହା ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ନବୀନଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ ଘୋଷଣା କରିଥିଲା ଯେ, ରାଜ୍ୟର ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଓ ସ୍ୱାସ୍ଥ୍ୟ ବୀମା ଯୋଜନା ତୁରନ୍ତ ଲାଗୁ କରାଯିବ । ଏହାପରେ ନବୀନ ପଟ୍ଟନାୟକ ଅଧିକ ଦଶବର୍ଷ ଧରି ରାଜ୍ୟକୁ ଶାସନ କରିଥିଲେ ସୁଦ୍ଧା ନିର୍ବାଚନ ସମୟର ପେନସନ୍ ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ ପାସୋରି ଦେଇଥିଲା ।

ନବୀନ ସରକାର କ୍ଷମତାରେ ଥିବାବେଳେ ମୁଖ୍ୟ ବିରୋଧୀ ଦଳ ହିସାବରେ ବି.ଜେ.ପି. ବା ଭାରତୀୟ ଜନତାପାର୍ଟିର ବିଧାୟକମାନେ ମଧ୍ୟ ସାମ୍ବାଦିକ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବା ଲାଗି ବଳିଷ୍ଠ ଦାବି ଉପସ୍ଥାପନ କରିଥିଲେ । ପରିବର୍ତ୍ତିତ ପରିସ୍ଥିତିରେ ବି.ଜେ.ପି. ଗତ ଆଠ ମାସ ଧରି ରାଜ୍ୟରେ କ୍ଷମତାସୀନ ଅଛି । ନିକଟରେ ବିଜେପିର ମୋହନ ସରକାର ଜରୁରି ପରିସ୍ଥିତି ସମୟରେ କାରାବରଣ କରିଥିବା ରାଜନେତା ଏବଂ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ପାଇଁ ପେନସନ୍ ଘୋଷଣା କରିଛି । ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ଏବଂ ପ୍ରଶଂସନୀୟ ପଦକ୍ଷେପ । ମାତ୍ର ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳଧରି ଦାବି ହୋଇ ଆସୁଥିବା ପେନସନ୍ ଭଳି ମୌଳିକ ଦାବି ସମ୍ପର୍କରେ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ନିରବ ରହିବା ଘଟଣା ରାଜ୍ୟର ସାମ୍ବାଦିକମାନଙ୍କୁ ଗଭୀର ଭାବରେ ବ୍ୟଥିତ କରିଛି । ମାତ୍ର ଚବିଶ ବର୍ଷ ତଳେ ଅର୍ଥାତ୍ ୨୦୦୦ ମସିହାରେ ଛତିଶଗଡ଼, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ ଭଳି ଛୋଟିଆ ରାଜ୍ୟର ପ୍ରାଦେଶିକ ସରକାର ସାମ୍ବାଦିକମାନଙ୍କ ଲାଗି ପେନସନ୍ ବ୍ୟବସ୍ଥା ଲାଗୁ କରି ସାରିଛନ୍ତି । ଏପରିକି ପୁଡୁଚେରୀ ଭଳି କ୍ଷୁଦ୍ର କେନ୍ଦ୍ର ଶାସିତ ଅଞ୍ଚଳ ୨୦୦୩ ମସିହାରୁ ସାମ୍ବାଦିକମାନଙ୍କୁ ପେନସନ୍ ପ୍ରଦାନ କରୁଛି । ହରିଆନା ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ୧୫ ହଜାର ଟଙ୍କା ପେନସନ୍ ସହିତ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ଦେଉଛନ୍ତି । ଛତିଶଗଡ଼ ସରକାର ସାମ୍ବାଦିକମାନଙ୍କୁ ମାସିକ ଦଶ ହଜାର ଟଙ୍କା ପେନସନ୍ ଆକାରରେ ପ୍ରଦାନ କରୁଥିବା ବେଳେ ଉତ୍ତରାଖଣ୍ଡ ଓ ଆସାମ ୮ ହଜାର ଟଙ୍କା, ଝାଡ଼ଖଣ୍ଡ ୭,୫୦୦ ଟଙ୍କା ପେନସନ୍ ଦେଉଛନ୍ତି । ଅନ୍ୟପକ୍ଷରେ ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ତ୍ରିପୁରା ଆଦି ରାଜ୍ୟ ମଧ୍ୟ ସାମ୍ବାଦିକମାନଙ୍କୁ ପେନସନ୍, ସ୍ୱାସ୍ଥ୍ୟବୀମା ଆଦି ସୁବିଧା ଯୋଗାଇ ଦେଉଛନ୍ତି । ଏତଦଭିନ୍ନ କେତେକ ରାଜ୍ୟ ସାମ୍ବାଦିକମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ନଗଦ ଅର୍ଥରାଶିର ପୁରସ୍କାର ମଧ୍ୟ ଦେଉଛନ୍ତି । ତେବେ ବିଡ଼ମ୍ବନାର ବିଷୟ ହେଉଛି, ରାଜ୍ୟର ତିନୋଟିଯାକ ପ୍ରମୁଖ ଦଳ ବିଜେପି, ବିଜେଡ଼ି ଓ କଂଗ୍ରେସ ଦଳର ରାଜନେତାମାନଙ୍କ ଆନ୍ତରିକତାର ଅଭାବ ଯୋଗୁଁ ୮୮ ବର୍ଷ ତଳେ ଭାଷାଭିତ୍ତିରେ ସୃଷ୍ଟ ପ୍ରଥମ ପ୍ରଦେଶ ଓଡ଼ିଶାରେ ଅଦ୍ୟାବଧି ସାମ୍ବାଦିକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରି ନାହିଁ । କିନ୍ତୁ ଏହି ଗରିବ ରାଜ୍ୟର କୋଟିପତି ବିଧାୟମାନଙ୍କ ପାଇଁ ବ୍ୟବସ୍ଥିତ ଲକ୍ଷାଧିକ ଟଙ୍କାର ଦରମା ଓ ଭତ୍ତା ନିଅଣ୍ଟ ହେଉଥିବାରୁ ସେମାନେ ତାହା ତୁରନ୍ତ ବୃଦ୍ଧି କରିବା ପାଇଁ ଦୃଢ ଦାବି କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଦରିଦ୍ର ଓଡ଼ିଶା ରାଜ୍ୟରେ ବର୍ତ୍ତମାନ ୭୩ ପ୍ରତିଶତ ଅର୍ଥାତ୍ ୧୦୭ ଜଣ କୋଟିପତି ବିଧାୟକ ଅଛନ୍ତି । ସେହି କୋଟିପତି ବିଧାୟକମାନେ ତାଙ୍କର ଦରମା ଓ ଭତ୍ତା ସ୍ୱେଚ୍ଛାକୃତ ଭାବେ ପରିହାର କରିବା ପରିବର୍ତ୍ତେ ତାହା ଅଗତ୍ୟା ପରିବର୍ଦ୍ଧନ କରାଯାଉ ବୋଲି ଆବାଜ ଉଠାଉଛନ୍ତି ।

ଅନ୍ୟପକ୍ଷରେ ଓଡ଼ିଶା ପ୍ରେସ୍ ଏକାଡେମୀ ପ୍ରତିଷ୍ଠା ଲାଗି ମଧ୍ୟ ରାଜ୍ୟ ସରକାର ସମାନ୍ୟତମ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି । ଏହି ଏକାଡେମୀ ଗଠନ କରାଗଲେ ରାଜ୍ୟରେ ସାମ୍ବାଦିକତାର ବିଭିନ୍ନ ଦିଗ ପରିପୁଷ୍ଟ ହୋଇପାରିବ । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏବେ ଗଳ୍ପ, କବିତା, ଉପନ୍ୟାସ, ଜୀବନୀ, ଅନୁବାଦ, ଆତ୍ମଜୀବନୀ, ରମ୍ୟରଚନା ଆଦି କ୍ଷେତ୍ରର ଯଶସ୍ୱୀ ଲେଖକମାନଙ୍କୁ ପ୍ରତିବର୍ଷ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଉଛି । ତଦ୍ୱାରା ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଋଦ୍ଧିମନ୍ତ ହୋଇପାରୁଛି । ଅନୁରୂପ ଭାବେ ପ୍ରେସ୍ ଏକାଡେମୀ ଗଠିତ ହେଲେ ଫିଚର, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ବିଶ୍ଳେଷଣ, ଅନୁସନ୍ଧାନମୂଳକ ରିପୋର୍ଟିଂ, ଲୋକଲୋଚନର ଅନ୍ତରାଳରେ ଥିବା ବିସ୍ମୃତ ତଥ୍ୟଗୁଡିକର ପୁନରୁଦ୍ଧାର, ମୌଳିକ ଜନସମସ୍ୟାଗୁଡ଼ିକର ବଳିଷ୍ଠ ଉପସ୍ଥାପନା, ସାମାଜିକ କୁସଂସ୍କାର ବିରୁଦ୍ଧରେ ଶାଣିତ ଲେଖନୀ ଚାଳନା, ଆମର ସମୃଦ୍ଧ ଆଦିବାସୀ ସଂସ୍କୃତିର ଲୁକ୍କାୟିତ ବିଷୟବସ୍ତୁ ଉଜାଗର, ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକର ଆଲୋଚନା ବେଶ୍ ପରିପୁଷ୍ଟ ହୋଇପାରିବ । ସାମ୍ବାଦିକମାନେ ମଧ୍ୟ ଏହି ସବୁ ମହତ୍ୱପୂର୍ଣ୍ଣ ଦିଗ ଉପରେ ଦୃଷ୍ଟି ନିକ୍ଷେପ କରି ବଳିଷ୍ଠ ଲେଖନୀ ଚାଳନା କରିପାରିବେ । ପ୍ରେସ୍ ଏକାଡେମୀ ପକ୍ଷରୁ ରାଜ୍ୟର ଶ୍ରେଷ୍ଠ ସାମ୍ବାଦିକ ପୁରସ୍କାର ପ୍ରଦାନ ସହିତ ସାମ୍ବାଦିକତାର ବିଭିନ୍ନ ବିଭାଗରେ ଶାଣିତ ଲେଖନୀ ଚାଳନା କରୁଥିବା ସାମ୍ବାଦିକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇପାରିବ । ଫଳରେ ସମ୍ବାଦିକତା କ୍ଷେତ୍ର ପରିପୁଷ୍ଟ ହେବା ସାଙ୍ଗକୁ ଓଡ଼ିଶା ଏବଂ ଓଡ଼ିଶାବାସୀ ବିଶେଷ ଭାବରେ ଉପକୃତ ହୋଇପାରିବେ ।

ତେବେ କେତେକ ମହଲରେ ସାମ୍ବାଦିକମାନଙ୍କୁ କେବଳ 'ଖବରଦାତା' ବୋଲି ସମ୍ବୋଧନ କରାଯାଉଛି । ଯେଉଁମାନେ ସାମ୍ବାଦିକମାନଙ୍କୁ କେବଳ 'ଖବରଦାତା' ହିସାବରେ ଚିତ୍ରଣ କରୁଛନ୍ତି, ସେମାନେ ନିଜ ଅଜ୍ଞାନତାର ହିଁ ପରିଚୟ ଦେଉଛନ୍ତି । ସାମ୍ବାଦିକତାର ବିଶାଳ ଦିଗନ୍ତକୁ ବୁଝିବା ପାଇଁ ସେମାନେ ଅକ୍ଷମ ବୋଲି ବିଚାରିବାକୁ ହେବ । ସାମ୍ବାଦିକ ବା ପତ୍ରକାରମାନଙ୍କ କଲମ ମୁନରେ ଅନେକ ଦେଶର ସରକାର ଓ ଶାସନ ମୁଖ୍ୟ ଟଳି ପଡ଼ିଛନ୍ତି । ତେଣୁ ସେମାନଙ୍କ ଶକ୍ତି ବା ପରାକ୍ରମକୁ ଯେଉଁମାନେ ଉପହାସ କରୁଛନ୍ତି, ସେମାନେ ନିଜର ସୀମିତ ଜ୍ଞାନକୁ ହିଁ ପ୍ରତିପାଦିତ କରୁଛନ୍ତି । ତେବେ ଓଡ଼ିଶାରେ ସାମ୍ବାଦିକମାନଙ୍କ ମଧ୍ୟରେ ଦୃଢ଼ ଏକତାର ଜରୁରି ଆବଶ୍ୟକତା ରହିଛି । ପେନସନ୍ ଓ ପ୍ରେସ୍ ଏକାଡେମୀ ଭଳି ମୌଳିକ ଦାବିଗୁଡ଼ିକ ସେମାନେ ସରକାରଙ୍କ ସମ୍ମୁଖରେ ବଳିଷ୍ଠ ଭାବରେ ଉପସ୍ଥାପନ କରି ପାରିଲେ, ତାହା ପୂରଣ ହେବା ପାଇଁ ଆଦୌ ବେଶୀ ସମୟ ଲାଗିବ ନାହିଁ ।

# ଦଉଡି ଡର



ଦେବଦତ୍ତ ବିଶ୍ୱାଳ
ଚହଟା, କଟକ
ମୋ: ୯୮୬୧୯୪୪୫୯୪

କୁହାଯାଏ-ଯାହାର ପୁଅକୁ ସାପ କାମୁଡ଼ିଥାଏ, ତା'ମାଆ ଦଉଡି ଦେଖିଲେ ସାପ ଭାବି ଡରେ । ରାତିରେ ଗଲାବେଳେ କେତେକ ଲୋକ ବଣବୁଦାକୁ ଭୂତ-ପ୍ରେତ ଭାବି ଭୟ ପାଆନ୍ତି । ଆଉ କେତେକ ଲୋକ ଗାଡ଼ି ମୋଟରରେ ଯାତ୍ରା ବେଳେ ଦୁର୍ଘଟଣା ବିଷୟ ଚିନ୍ତା କରନ୍ତି । ଯେଉଁମାନେ ଯେପରି ଭାବନା ବା ବିଚାର କରନ୍ତି, ସେପରି କାମ ହୋଇଯାଏ । ଆଜିର ମନୁଷ୍ୟ ଖଟିଆରେ ଶୋଇରହି ଅନେକ କିଛି କଳ୍ପନା କରେ । ସେଥି ମଧ୍ୟରୁ ଅଧିକାଂଶ ଅର୍ଥହୀନ । ମନୁଷ୍ୟର ମାନସିକ କଳ୍ପନା ଅନୁସାରେ ଭୟ ଓ ସନ୍ଦେହ ଜାତ ହୁଏ, ଦୁଃଖ ଜନ୍ମ ନିଏ । କଳ୍ପନା ପ୍ରସୂତ ଦୁଃଖ କେବଳ ଈଶ୍ୱର ବିଶ୍ୱାସ ଦ୍ୱାରା ଦୂର କରିବା ସମ୍ଭବ । ନିୟମିତ ଭଜନ-କୀର୍ତ୍ତନ ସ୍ୱାଧ୍ୟାୟ ହିଁ ଏଥିରୁ ମୁକୁଳିବାର ବାଟ । ଏହା ଦ୍ୱାରା ଆତ୍ମାକୁ ଶାନ୍ତି ମିଳିବ ଏବଂ ଦୁଃଖର ବିନାଶ ହେବ । କାଳ୍ପନିକ ଭୟ ଦୂର ହୋଇ ମାନସିକ ଶାନ୍ତି ମିଳିବ । କାଳ୍ପନିକ ଭୟ ଦୂର ହେଲେ ଦୁଃଖ ନାଶ ହୁଏ । ଜୀବ ଭୟମୁକ୍ତ ହୁଏ ।

ଜୀବନରେ ଦୁଃଖ କଥାଟି ଭାବିଲା ବେଳକୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି - 'ପୃଥିବୀ ତ ନୁହଁ ସୁଖମୟ ସ୍ଥାନ, ସୁଖଦୁଃଖ ବି ମିଶ୍ରିତ ବିଧିର ବିଧାନ । ନଥାଉ ମୋହର କିଛି ପାର୍ଥିବ ସମ୍ପତ୍ତି, ସ୍ୱର୍ଗୀୟ ପଦାର୍ଥ ଦେଇଛନ୍ତି ବିଶ୍ୱପତି । ଭାସି ଭାସି ଯାଉଥାଏ ଆନନ୍ଦ ସ୍ରୋତରେ, ପାର୍ଥିବ ସମ୍ପତ୍ତି ସୁଖ ଚାହେଁ ନାହିଁ ଥରେ ।' ଜୀବନ ଅଛି ଅର୍ଥାତ୍ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ସୁଖଦୁଃଖ । କିନ୍ତୁ ଅଯଥା ଓ ଅନ୍ୟଥା ଭାବେ କଳ୍ପନା ପ୍ରସୂତ ଦୁଃଖକୁ ଚିନ୍ତା କରି ଜୀବନକୁ ଦୁଃଖମୟ କରିବା ବର୍ତ୍ତମାନର ଜୀବନ ପାଇଁ କଷଣ କହିଲେ ଅତ୍ୟୁକ୍ତି ହେବନାହିଁ । କର୍ମମୟ ଜୀବନ ଭିତରେ ମଣିଷ ପ୍ରତିକ୍ଷଣ ଆହ୍ୱାନକୁ ସାମ୍ନା କରିଥାଏ ଏବଂ ସୁଖ ଓ ଦୁଃଖକୁ ସମାନ ଭାବେ ସାମ୍ନା କରି ଏହା ସହ ବଞ୍ଚିବା ହିଁ ଜୀବନ କହିଲେ ଅତ୍ୟୁକ୍ତି ହେବନାହିଁ । ସୁଖ ସୁଧା ଓ ଦୁଃଖର ଆଲୋଚନା ବେଳେ ମନେପଡୁଛନ୍ତି ପଲ୍ଲୀକବି ନନ୍ଦକିଶୋର ବଳ । ତାଙ୍କ କାଳଜୟୀ ଧାଡ଼ିଟି ଉଦ୍ଧୃତ କରୁଛି - 'ଆଜି ଯେ ସୁଖ ସୁଧା କରେ ବର୍ଷଣ, କାଲି ସେ ଦୁଃଖ କାଳକୁଟ କାରଣ । ବିକଚ କୁସୁମକୁ କଣ୍ଟକ ସରି, ସୁଖକୁ ଦୁଃଖ ସଦା ଅଛି ଆଦରି ।'

# ହସନ୍ତୁ ଓ ହସାନ୍ତୁ



ଅନୁପମା ଭୂୟାଁ
'ସାଇବିଥି' ୭ଡି/୧୩୫୪
ସେକ୍ଟର-୯, ସିଡିଏ, କଟକ

ଆପଣଙ୍କ ମୁଖମଣ୍ଡଳରେ ଟିକିଏ ହସ ଅନ୍ୟ ଜଣଙ୍କୁ କେତେ ଯେ ଆନନ୍ଦ ଦେଇପାରେ ତାହା ଜଣେ ଅନୁଭବୀକୁ ଜଣା । ମଣିଷ ଜୀବନରେ ବାସ୍ତବିକ ହସ ଏପରି ଏକ ଦୁର୍ଲ୍ଲଭ ଓ ମହାମୂଲ୍ୟ ସମ୍ପତ୍ତି ତାହା କଳ୍ପନାର ବାହାରେ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ଏହି ହସ ଦ୍ୱାରା ସମଗ୍ର ଜଗତକୁ ଏବଂ ସମଗ୍ର ଜୀବନକୁ ଆନନ୍ଦମୟ ଭାବେ ଅତିକ୍ରମ କରିପାରିବ । ହାସ୍ୟରସକୁ ଆଧୁନିକ ଚିକିତ୍ସା ବିଜ୍ଞାନୀମାନେ ସଂସାରର ସବୁଠାରୁ ବଡ଼ ମହୌଷଧି ବୋଲି ବିବେଚନା କରି ଆସୁଛନ୍ତି । ନିକଟରେ ଆମେରିକାର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ଅତ୍ୟାଧୁନିକ ଚିକିତ୍ସାନୁଷ୍ଠାନର ଗବେଷକ ମାନେ ବର୍ଷ ବର୍ଷ ଧରି ବିଶ୍ୱର ବିଭିନ୍ନ ଭାଗର ଲୋକମାନଙ୍କ ଭାବାବେଗ ଉପରେ ଗବେଷଣା କରି ଜାଣି ପାରିଛନ୍ତି ଯେ କେବଳ ହସ ହିଁ ଦୁଇଟି ଅପରିଚିତ ଲୋକଙ୍କୁ ନିକଟତର କରାଇପାରେ ଓ ପରସ୍ପର ମଧ୍ୟରେ ନିରବ ଭାବାବେଗ ବିନିମୟ କରିପାରିଥାଏ । ପୁଣି ଶିଶୁଟିଏ ଠାରୁ ବୟୋବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ହସ ହିଁ ମନର ଭାବକୁ ଅନ୍ୟ ନିକଟରେ ବ୍ୟକ୍ତ କରିପାରିଥାଏ । ତେଣୁ ଭାଷା ବିଜ୍ଞାନୀଙ୍କ ଠାରୁ ଆରମ୍ଭ କରି ମନୋବିଜ୍ଞାନୀଙ୍କ ପର୍ଯ୍ୟନ୍ତ ହସ ସମସ୍ତଙ୍କ ପାଇଁ ରହସ୍ୟ ହୋଇ ଆଜି ପର୍ଯ୍ୟନ୍ତ ରହିଆସିଛି । ଚିକିତ୍ସାବିଜ୍ଞାନୀଙ୍କ ମତରେ ଜଣେ ମଣିଷ କଥାବାର୍ତ୍ତା କଲାବେଳେ ପ୍ରତି ଦଶ ମିନିଟରେ ସାତଥର ହସିଥାଏ । ତାହା ତାଙ୍କ ଜାଣତରେ ହେଉ ଅବା ଅଜାଣତରେ । ସେହି ହସ ଟିକକ ହିଁ ଦୁଇ ଜଣ ଭାବ ବିନିମୟକାରୀଙ୍କ ମଧ୍ୟରେ ସଂପର୍କକୁ ନିବିଡ଼ କରିଥାଏ । ପୁଣି ହସିବା ସମୟରେ ସେହି ବ୍ୟକ୍ତିର ଶରୀରର ତନ୍ତୁଗୁଡ଼ିକ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ, ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ଓ କ୍ରୋଧ ତଥା ବିରକ୍ତି ଭାବ ଯୋଗୁଁ ରକ୍ତରେ ସୃଷ୍ଟ ଅନିଷ୍ଟକାରୀ ରାସାୟନିକ ପଦାର୍ଥ ଆପେ ଆପେ ଉଭେଇ ଯାଇଥାଏ ।

ହସ କିପରି ଅପରିଚିତ ଲୋକଙ୍କ ନିକଟତର କରାଇଥାଏ ତାହା ବଖାଣିଛନ୍ତି ଦିଶା ସୌଟର ଏବଂ ଫ୍ରାଙ୍କ ଆଇଜନର ନାମକ ଦୁଇଜଣ ଗବେଷକ । ସେମାନଙ୍କ ମତରେ ସେମାନେ ଯେତେବେଳେ ନାମିବ୍ୟାର ହିମବା ସଂପ୍ରଦାୟର ଲୋକମାନଙ୍କ ସହ ଭାବ ବିନିମୟ କରିବାକୁ ଚାହିଁଲେ ଏହି ଆଦିମ ଜନଜାତିର ଲୋକମାନେ ମୁହଁରେ ହସ ଫୁଟାଇ ସେମାନଙ୍କୁ ସ୍ୱାଗତ କରିଥିଲେ । ପ୍ରତିଥର ଭାବ ବିନିମୟ ବେଳେ ତାହା ହିଁ ଘଟିଥିଲା । ତେଣୁ ହସ ହେଉଛି ମଣିଷ ମନର ନୀରବ ପରିଭାଷା ।

ଏବେ ଚିକିତ୍ସା ବିଜ୍ଞାନୀମାନେ ପରାମର୍ଶ ଦିଅନ୍ତି ଯେ ପ୍ରତିଦିନ ମଣିଷ ଇଚ୍ଛା କରି କିଛି ସମୟ ହସିବା ଆବଶ୍ୟକ । ତାହା କାଳେ ରକ୍ତଚାପକୁ ନିୟନ୍ତ୍ରଣ କରେ । ତେଣୁ ଦେଶ ବିଦେଶରେ କିଛିବର୍ଷ ଧରି ହସ କ୍ଲବମାନ ଗଠନ କରାଯାଇଛି । ଯୁବକ ଠାରୁ ବୃଦ୍ଧବୃଦ୍ଧା ପ୍ରତିଦିନ ସକାଳେ ପ୍ରାତଃଭ୍ରମଣ କରିବା ବେଳେ ଏକତ୍ରିତ ହୋଇ ଠୋ ଠୋ ହୋଇ କିଛି ସମୟ ହସୁଥିବା ଏକ ସାଧାରଣ ଦୃଶ୍ୟରେ ପରିଣତ ହେଲାଣି । ତାହା ସେମାନଙ୍କୁ ଦିନଟି ସାରା ମନ ଓ ଶରୀରକୁ ସୁସ୍ଥ ଓ କାର୍ଯ୍ୟକ୍ଷମ ରଖିବାରେ ସହାୟକ ହୋଇଥାଏ ବୋଲି ଅନେକେ କହନ୍ତି । ହସୁଥିବା ବ୍ୟକ୍ତିକୁ ସଭିଏଁ ସୁଖୀ ବୋଲି କହନ୍ତି । କାରଣ ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନରେ ମଣିଷ ଚାହିଁଲେ ବି ବେଳେବେଳେ ହସିପାରେ ନାହିଁ । ଜଣେ ଦାର୍ଶନିକ ଜଣେ ବାଇଆକୁ ଆସୁଥିବାର ଦେଖି ଥରେ ମନ୍ତବ୍ୟ ଦେଇଥିଲେ, ଲୋକଟି କେଡ଼େ ଭାଗ୍ୟବାନ କେତେ ମନଖୋଲା ହସ ହସିପାରୁଛି । ବାସ୍ତବିକ ହସ ମଣିଷର ଶ୍ରେଷ୍ଠ ସମ୍ପଦ । କେହି ଭାବଗମ୍ଭୀର ମୁଦ୍ରାରେ ରହିଥିଲେ ତାକୁ ବନ୍ଧୁମାନେ କହନ୍ତି, ମୁହଁଟାକୁ ହାଣ୍ଡିଟା କରି କରିଛୁ କାହିଁକି ? କ'ଣ ଲକ୍ଷେ କି କୋଟିଏ ହରେଇଛୁ ? ମୁହଁରେ ହସକୁ ଜାଣି ଶୁଣି ଲୁଚାଇ ରଖୁଥିବା ବ୍ୟକ୍ତି ସତରେ ହତଭାଗା । କାରଣ ସଂସାରର ଶ୍ରେଷ୍ଠ ସଂପଦକୁ ସେ ହାତରେ ପାଇ ବି ଉପଭୋଗ କରିପାରୁନାହିଁ । ଭାରତରେ ହାସ୍ୟକୁ ଏକ ରସ ବୋଲି କୁହାଯାଇଛି । ଏ ରସ ପ୍ରକୃତରେ ଅମୃତ । ଏକଥା ଆମେ କହୁନାହୁଁ । ଏବେ କହୁଛନ୍ତି ଆଧୁନିକ ଓ ପାଶ୍ଚାତ୍ୟ ଚିକିତ୍ସାବିଜ୍ଞାନୀ । ସେମାନଙ୍କ ପରାମର୍ଶ ହସନ୍ତୁ ଓ ଅନ୍ୟକୁ ହସାନ୍ତୁ ।

# କୁମ୍ଭମେଳା ଓ କିନ୍ନର ଆଖଡ଼ାରେ ଅଘୋର କାଳୀ ସାଧନା



ଅଲେଖ ଚନ୍ଦ୍ର ସାମଲ
ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର
ଯାଜପୁର, ମୋ: ୯୪୩୭୨୫୭୧୨୩

ଆଜିର ଏଇ ଏକବିଂଶ ଶତାବ୍ଦୀର ଚରମ ବସ୍ତୁବାଦୀ, ଚରମ ହେତୁବାଦୀ ବିଜ୍ଞାନ ଓ ପ୍ରଯୁକ୍ତି ତନ୍ତ୍ରର ମାୟାଜାଲରେ ଛନ୍ଦି ହୋଇ ପଡ଼ିଥିବା ମଣିଷ ପାଇଁ ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସ୍ଥଳ ପାଲଟି ଯାଇଛି ଧର୍ମ, ଆଧ୍ୟାତ୍ମିକତା ତଥା ସମାବେଶୀ ମାନବିକ ଅନ୍ତରଙ୍ଗତାର ମହାସଙ୍ଗମ - ପୁଣ୍ୟତୋୟା ଗଙ୍ଗା, ଯମୁନା ଓ ଅନ୍ତଃଗାମିନୀ ସରସ୍ୱତୀଙ୍କ ମିଳନସ୍ଥଳୀ ପାଲଟି ଯାଇଛି ଉତ୍ତରିତ ଚେତନା - ସ୍ପନ୍ଦିତ ଭାବମହୋଦଧି । ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ପବିତ୍ର ମିଳନସ୍ଥଳ ପ୍ରୟାଗରାଜର ତ୍ରିବେଣୀ ସଙ୍ଗମକୁ ଆଜି କୋଟି କୋଟି ଅଗଣିତ ଶ୍ରଦ୍ଧାଳୁ, ସାଧୁସନ୍ଥ, ମୁନୀଋଷି ଓ ଭକ୍ତଜନଙ୍କ ଧାଡ଼ି ଛୁଟୁଛି । ସେହିପରି ଏହି ମହାକୁମ୍ଭରେ ଯୋଗଦାନ କରୁଛନ୍ତି କିନ୍ନର ଆଖଡ଼ା ସମ୍ପ୍ରଦାୟର । ଚଳିତ ବର୍ଷ ମହାକୁମ୍ଭର ପ୍ରଥମ ଅମୃତ ସ୍ନାନରେ ବୁଡ଼ ପକାଇଛନ୍ତି କିନ୍ନର ଆଖଡ଼ା । ଦେଶର ଉନ୍ନତି ଓ ଦେଶବାସୀଙ୍କ ପାଇଁ ପ୍ରାର୍ଥନା ମଧ୍ୟ କରିଛନ୍ତି । ପୁରାଣ ବର୍ଣ୍ଣନା ଅନୁଯାୟୀ ଦେବତାମାନେ ଶୃଙ୍ଗାର କରୁଥିବାରୁ କିନ୍ନରମାନେ ମଧ୍ୟ ସେହିପରି ଶୃଙ୍ଗାର କରିବାକୁ ପସନ୍ଦ କରିଥାନ୍ତି । ସେଇଥିପାଇଁ ପ୍ରୟାଗରାଜର ମହାକୁମ୍ଭମେଳାର ଅନ୍ୟତମ ଆକର୍ଷଣ ହେଉଛି କିନ୍ନର ଆଖଡ଼ା ।

ମହାକୁମ୍ଭରେ ଆଖଡ଼ା ଓ ସନ୍ଥ ସମୁଦାୟ ଅନେକ ଧାର୍ମିକ କାର୍ଯ୍ୟକ୍ରମ ରୀତିନୀତି ଓ ଅନୁଷ୍ଠାନକୁ ଆୟୋଜନ କରୁଥିବାବେଳେ ସେଥିମଧ୍ୟରୁ କିଛି ଧର୍ମାନୁଷ୍ଠାନ ଅତ୍ୟନ୍ତ ସ୍ୱତନ୍ତ୍ର ଓ ସାଧନା ଭାବରେ ରହସ୍ୟମୟ । ଏହି ରହସ୍ୟମୟ ପୂଜାଟି ହେଉଛି ଅଘୋର କାଳୀପୂଜା । କିନ୍ନରମାନେ ଅର୍ଦ୍ଧରାତ୍ରିରେ ସେମାନଙ୍କର ଆଖଡ଼ାରେ ଏହି ପୂଜା କରିଥାନ୍ତି । ଯଜ୍ଞକୁଣ୍ଡର ଚତୁଃପାର୍ଶ୍ୱରେ ନରମୁଣ୍ଡ ରଖି ଅଘୋରୀମାନେ ଏହି ପୂଜା କରିଥାନ୍ତି । ସାଧାରଣତଃ ଯେ କେହି ଶ୍ରଦ୍ଧାଳୁଙ୍କ ଭିତରେ ଏହି ପୂଜା ପଦ୍ଧତି ଭୟ ସୃଷ୍ଟି କରିଥାଏ । ଏବେର ପ୍ରୟାଗରାଜ ଠାରେ ଅନୁଷ୍ଠିତ ମହାକୁମ୍ଭମେଳା କ୍ଷେତ୍ରର ସେକ୍ଟର-୧୬ସ୍ଥିତ କିନ୍ନର ଆଖଡ଼ାରେ ଏହି ପୂଜା ଅନୁଷ୍ଠିତ ହେଉଛି । ଆଖଡ଼ା ଭିତରେ ଏକ ତ୍ରିକୋଣୀୟ ଯଜ୍ଞକୁଣ୍ଡ ନିର୍ମିତ ହୋଇଥାଏ ଓ ଯାହାର ସାମ୍ନା ଓ ପଛରେ ତ୍ରିଶୂଳ ପୋତାଯାଇଥାଏ । ତ୍ରିଶୂଳରେ ଅନେକ ମୁଣ୍ଡର ମାଳା ଝୁଲାଯାଏ । ଡାହାଣ ପାର୍ଶ୍ୱରେ ମା'କାଳୀଙ୍କର ଏକ ଭବ୍ୟ ମୂର୍ତ୍ତି ସ୍ଥାପିତ ହେବା ସହ ତାଙ୍କ ସାମ୍ନାରେ ପୂଜା ସାମଗ୍ରୀ ରଖାଯାଏ । କିନ୍ନର ଆଖଡ଼ାର ଅଘୋରୀ ସାଧୁଙ୍କ କହିବା ମୁତାବକ ପ୍ରତ୍ୟେକ ଅର୍ଦ୍ଧରାତ୍ରୀରେ ତନ୍ତ୍ରବିଧି ଅନୁଯାୟୀ କିନ୍ନର ଆଖଡ଼ାରେ ଅଘୋର କାଳୀପୂଜା ଅନୁଷ୍ଠିତ ହେଉଛି । ପୂଜା ପୂର୍ବରୁ ଅଘୋରୀମାନେ ଯଜ୍ଞକୁଣ୍ଡକୁ ଫୁଲ ଓ ଦୀପରେ ସଜାଇ ଥାନ୍ତି । ଯଜ୍ଞର ଚର୍ତୁପାର୍ଶ୍ୱରେ ରଖାଯାଇଥିବା ନର ମୁଣ୍ଡ ଉପରେ ଦୀପ ପ୍ରଜ୍ୱଳିତ ହୋଇଥାଏ । ଯଜ୍ଞକୁଣ୍ଡକୁ ଆକର୍ଷଣୀୟ ଭାବେ ରଙ୍ଗୋଲିରେ ସଜା ଯାଇଥାଏ । ଏହାପରେ ଯଜ୍ଞକୁଣ୍ଡରେ କାଠ ପକାଇ ଅଘୋରୀ ମହାମଣ୍ଡଳେଶ୍ୱର ମଣିକନ୍ଦନ ମହାରାଜ ମନ୍ତ୍ରୋଚାରଣ କରି ପୂଜା କରନ୍ତି । ସେ ହିଁ ଅଘୋରୀ ପୂଜାକୁ ସମ୍ପନ୍ନ କରନ୍ତି । ପୂଜା ସମୟରେ ଯଜ୍ଞକୁଣ୍ଡ ପାଖରେ ଥିବା ଦଶଟି ଡମ୍ବରୁକୁ ଶିଷ୍ୟମାନେ ମନ୍ତ୍ରୋଚାରଣ ପୂର୍ବକ ବଜାଇଥାନ୍ତି ।

କିନ୍ନର ଆଖଡ଼ାର ପୂଜା ପଦ୍ଧତି, ସାଧନା ଓ ଅନେକ ଗୋପନୀୟତା ହିଁ ସେହି ସାଧନାର ରହସ୍ୟମୟ ବ୍ୟାପ୍ତି । ଏହି ସାଧନା ଆଧ୍ୟାତ୍ମିକ ଶକ୍ତି, ଆସ୍ଥା ଓ ତନ୍ତ୍ର ବିଦ୍ୟାର ଏକ ଅଦ୍ୱୈତୀୟ ସଙ୍ଗମ । ଯାହା ସାଧକଙ୍କୁ ଭିନ୍ନ ଦୁନିଆକୁ ନେଇଯାଏ । ଚଳିତ ପ୍ରୟାଗରାଜର ମହାକୁମ୍ଭମେଳାରେ କିନ୍ନର ଆଖଡ଼ାର ଅଘୋରୀ ମୁଖ୍ୟ ସାଧକ ରହିଛନ୍ତି ମହାମଣ୍ଡଳେଶ୍ୱର ମଣିକନ୍ଦନ । ଯିଏ କି ପ୍ରତ୍ୟେକ ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ଅଘୋର କାଳୀପୂଜା କରିବା ସହ ଶିଷ୍ୟମାନଙ୍କୁ ଦୀକ୍ଷା ପ୍ରଦାନ କରନ୍ତି ଓ ଅଘୋର ସାଧନାର ମହତ୍ୱ ଓ ପରମ୍ପରାର ଜ୍ଞାନ ପ୍ରଦାନ କରୁଛନ୍ତି । ମଣିକନ୍ଦନ ମହାରାଜଙ୍କ କହିବା ଅନୁଯାୟୀ ଏହି ପୂଜା ଲୋକଙ୍କ କଲ୍ୟାଣ ଓ ସୁଖ ସମୃଦ୍ଧି ନିମିତ୍ତ ପାଇଁ ହୋଇଥାଏ । ଏଥିରେ ତନ୍ତ୍ର ଓ ଧର୍ମର ଅନନ୍ୟ ମିଳନ ରହିଛି ଯାହା ଆଧ୍ୟାତ୍ମିକ ଉନ୍ନତିର ଦ୍ୱାର ଖୋଲେ । ଏହି ସ୍ୱତନ୍ତ୍ର ସାଧନା କାଶୀର ମଣିକର୍ଣ୍ଣିକା ଘାଟ ଓ ଗୌହାଟୀର କାମାକ୍ଷା ଦେବୀ ମନ୍ଦିରରେ କରାଯାଏ । କିନ୍ତୁ ମହାକୁମ୍ଭରେ ଏହି ପୂଜାର ମହତ୍ୱ ଆହୁରି ବଢ଼ିଯାଏ । ତାଙ୍କ କହିବା ଅନୁଯାୟୀ ପବିତ୍ର ମହାକୁମ୍ଭ ସମସ୍ତ ଦେବୀ ଦେବତାଙ୍କର ଉପସ୍ଥିତି ଦ୍ୱାରା ପୂର୍ଣ୍ଣ ହେବାର ବିଶ୍ୱାସ ରହିଛି ସେଥିପାଇଁ ଏହି ସ୍ଥାନ ଓ ସମୟ ତନ୍ତ୍ର ସାଧନା ପାଇଁ ସର୍ବୋତ୍ତମ । କୁହାଯାଏ ଅର୍ଦ୍ଧରାତ୍ରୀ ତନ୍ତ୍ର ସାଧନା ପାଇଁ ଅଧିକ ଫଳଦାୟୀ । କାରଣ ଏହି ସମୟରେ ବ୍ରହ୍ମାଣ୍ଡୀୟ ଉର୍ଜ୍ଜା ଚରମରେ ଥାଏ ଏବଂ ସମଗ୍ର ସୃଷ୍ଟି ଜଗତ ଓ ପରିବେଶ ଶାନ୍ତ ଓ ନୀରବତାରେ ବିରାଜୁଥାଏ । ଏହାଦ୍ୱାରା ସାଧକଙ୍କୁ ପୂଜାର ଲାଭ ମିଳି ପାରିବ । ଅଘୋର ସାଧନାରେ ଗୁରୁଙ୍କର ଖାସ ମହତ୍ୱ ରହିଛି । ଗୁରୁଙ୍କ ସାନ୍ନିଧ୍ୟ, ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ହିଁ ଅଘୋର ପୂଜାର କ୍ରିୟା ଶିକ୍ଷା କରାଯାଏ । ଗୁରୁ ନିଜର ଅନ୍ତିମ ସମୟରେ ଶିଷ୍ୟ ମାନଙ୍କ ମଧ୍ୟରୁ ଜଣକୁ ନିଜର ଉତ୍ତରାଧିକାରୀ କରିଥାନ୍ତି । ଆପଣ ଜାଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେବେ ଏହି ଅଘୋର କାଳୀ ସାଧନା ବ୍ୟବସ୍ଥା ଯେତିକି ରହସ୍ୟମୟ ଯେତିକି ଭିତ୍ତିପ୍ରଦ । କାରଣ ଗୁରୁଙ୍କ ମୃତ୍ୟୁ ପରେ ସେହି ଶିଷ୍ୟ ଗୁରୁଙ୍କ ମୁଣ୍ଡକୁ ଗଣ୍ଡିରୁ ଅଲଗା କରି ପାଖରେ ରଖନ୍ତି । ଗୁରୁଙ୍କ ମୁଣ୍ଡକୁ ସର୍ବପ୍ରଥମେ ମା'ଅଘୋର କାଳୀଙ୍କୁ ଅର୍ପଣ କରାଯାଏ । ଏହାପରେ ଅମାବାସ୍ୟା ରାତ୍ରିରେ କପାଳ କ୍ରିୟା କରି ଶକ୍ତିକୁ ସିଦ୍ଧ କରାଯାଏ । ପ୍ରୟାଗରାଜର କୁମ୍ଭମେଳା ବୈଦିକ ଓ ତାନ୍ତ୍ରିକ ଯୋଗମାର୍ଗ ଆଧାରିତ ସାଧନାର ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱରେ ବ୍ୟକ୍ତିର ଅର୍ନ୍ତଜଗତରେ ନିତ୍ୟ ଗୁଞ୍ଜରିତ ଅଶୃତ ଝଙ୍କାର ଓ ବାହ୍ୟ ଜଗତର ଉଭୟ ଶୃତ ତଥା ଅଶୃତ ଧ୍ୱନୀ, ନାଦ, ବା ଝଙ୍କାର ମଧ୍ୟରେ ଯୋଗସୂତ୍ର ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଥାଏ । ସେହିପରି ଅଘୋରୀ ସାଧନା ମଧ୍ୟ ସୂଚୀତ କରେ ଯେ କୁମ୍ଭମେଳା ପରି ତ୍ରିବେଣୀ ସଙ୍ଗମ ସ୍ଥଳର ମାହେନ୍ଦ୍ର ଲଗ୍ନରେ ଅମୃତ ସ୍ୱରୂପା ଜଳରେ ସ୍ନାନ କରି ଧ୍ୟାନସ୍ଥ ହେଲେ ମନୁଷ୍ୟର ଚୈତ୍ୟ ସତ୍ତା ସହିତ ପରମ ଚୈତ୍ୟ ସତ୍ତାର ମହାମିଳନ ସମ୍ଭବ ହୋଇଥାଏ ଓ ପିଣ୍ଡ ବ୍ରହ୍ମାଣ୍ଡର ସାମ୍ୟ ଓ ଶୃଙ୍ଖଳା ସମ୍ପର୍କରେ ଜ୍ଞାନ ଲାଭ ହୋଇଥାଏ ।



ପାରାଦୀପ, (ଭାସ୍କର ନ୍ୟୁଜ୍): ଜନସଂଘର ପ୍ରତିଷ୍ଠାତା ସମ୍ପାଦକ ତଥା ରାଷ୍ଟ୍ର ପ୍ରତି ସମର୍ପିତ ପଣ୍ଡିତ ଦିନଦୟାଲଜୀଙ୍କ ୫୭ ତମ ପୁଣ୍ୟତିଥି ଓ ସମର୍ପଣ ଦିବସ ପାରାଦୀପ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତଜୀଙ୍କ ଆଦର୍ଶ ଓ ସମର୍ପଣ ମନୋଭାବ ନେଇ କିପରି ତୃଣମୂଳ ସ୍ତରରେ ଜନସାଧାରଣଙ୍କ ସେବା କରାଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କାର୍ଯ୍ୟକ୍ରମର ସଂଯୋଜକ ସୋଲେମନ ରାଜୁ ଓ ସହ ସଂଯୋଜକ ଦିଲ୍ଲୀପ ବଳିୟାରସିଂଙ୍କ ନେତୃତ୍ୱରେ ତୃଣମୂଳ ସ୍ତରରେ ସମର୍ପଣର ବାର୍ତ୍ତା ପହଞ୍ଚାଇବା ନେଇ ସର୍ବସମ୍ମତି କ୍ରମେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେପି ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ବିଜେପି ପ୍ରଭାରୀ ତପନ ତ୍ରିପାଠୀ, ସର୍ବେଶ୍ୱର ଜେନା, ଦିଲୀପ ବେହେରା, ଗୌରାଙ୍ଗ ମଣ୍ଡଳ, ପ୍ରଭାତ ସାହାଣୀ, ପ୍ରିୟବ୍ରତ ଜେନା, ବିଜେପି ନେତ୍ରୀ ନନ୍ଦିନୀ ପରିଡ଼ା, ବିଜୟଲକ୍ଷ୍ମୀ ପରିଜା, ପ୍ରୀତିରେଖା ମାନ୍ନା, ମାମାନୀ ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ରେଳଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଚାଲୁ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ରେଳ ଷ୍ଟେସନରେ ଚାଲିଥିବା ପୁନର୍ବିକାଶ କାର୍ଯ୍ୟ ହେତୁ ବ୍ରହ୍ମପୁର ରେଳ ଷ୍ଟେସନରେ ଥିବା ସହଯୋଗ (ଏନ୍‌କ୍ୱାରି) କାଉଣ୍ଟରକୁ, ଷ୍ଟେସନର ଥିବା ଅଣସଂରକ୍ଷିତ ଟିକେଟ୍ କାଉଣ୍ଟର ନିକଟକୁ ସ୍ଥାନାନ୍ତର କରାଯାଇଛି। ଯାହାଦ୍ୱାରା ଯାତ୍ରୀମାନେ ଟିକେଟ୍ କିଣିବା ସମୟରେ ଟ୍ରେନ୍ ବିଷୟରେ ଆବଶ୍ୟକ ସୂଚନା ପାଇପାରିବେ। ଯାତ୍ରୀମାନଙ୍କ ଗତିବିଧି ଏବଂ ଭିଡ଼ ନିୟନ୍ତ୍ରଣରେ ସର୍ବନିମ୍ନ ବ୍ୟାଘାତ ସୁନିଶ୍ଚିତ କରି ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଚାଲିଛି। ଯାତ୍ରୀମାନଙ୍କ ପାଇଁ ଯାତ୍ରା ଅଭିଜ୍ଞତାକୁ ସୁଗମ କରିବା ପାଇଁ ରେଳ କର୍ତ୍ତୃପକ୍ଷ ଏହି ଅସ୍ଥାୟୀ ପଦକ୍ଷେପଗୁଡିକ କାର୍ଯ୍ୟକାରୀ କରିଛନ୍ତି। ଏହି ଚାଲୁଥିବା ପୁନର୍ବିକାଶ କାର୍ଯ୍ୟ ପୂର୍ବ ସମୟରେ, ସହଯୋଗ କରିବା ପାଇଁ ପୂର୍ବ ତଟ ରେଳପଥ ଯାତ୍ରୀମାନଙ୍କୁ ଅନୁରୋଧ କରୁଛି, ଯାହା ଭବିଷ୍ୟତରେ ଯାତ୍ରୀମାନଙ୍କ ପାଇଁ ସୁବିଧା ଏବଂ ଆରାମ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବନ୍ତ ବ୍ଲକ କାର୍ଯ୍ୟାଳୟ ଠାରେ ଯୌନ ଉତ୍ପୀଡ଼ନ, ଯାହାକି କର୍ମଜୀବୀ ମହିଳାମାନଙ୍କ କ୍ଷେତ୍ରରେ ଘଟୁଛି, ସେ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହାଁ ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଏଲ୍.ଏ.ଡ଼ି.ସି.ଏସ୍. ତାପସ କୁମାର ମହାନ୍ତି, ସହକାରୀ ବିଡ଼ିଓ ନିଶିକାନ୍ତ ଖୁଣ୍ଟିଆ, ତଥା ବନ୍ତ ବ୍ଲକ୍‌ର କର୍ମଚାରୀଗଣ ଉପସ୍ଥିତ ରହି ଯୌନ ଉତ୍ପୀଡ଼ନ ସମ୍ପର୍କିତ କ'ଣ ସବୁ ଆଇନ୍ ପଦକ୍ଷେପ ରହିଛି ଓ କିପରି ଜଣେ କର୍ମଜୀବୀ ମହିଳା ଯଦି ଯୌନ ଉତ୍ପୀଡ଼ନର ଶୀକାର ହୁଅନ୍ତି ତେବେ ଏହାର କ'ଣ ଦିଗଅଛି ଯାହାକି ଆଇନ ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିପାରିବେ। ମହିଳାମାନେ କିପରି କର୍ମକ୍ଷେତ୍ରରେ ନିଜକୁ ଠିକ୍ ରୂପେ ପ୍ରତିପାଦନ କରିପାରିବେ ସେ ସମ୍ପର୍କିତ ଆଇନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ କର୍ମଚାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଷଣ୍ଡକୁଦରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



ପାରାଦ୍ୱୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ପୌରାଞ୍ଚଳ ସ୍ଥିତ ଷଣ୍ଢକୁଦ ଗ୍ରାମବାସୀ ଓ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଦ୍ୱାରା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଅଛି। ଏହି କ୍ରମରେ ଗତ ଫେବୃଆରୀ ୯ ତାରିଖରେ ଅଂକୁର ରୋପଣ, ୧୦ ତାରିଖରେ କଳସ ଶୋଭାଯାତ୍ରା, ୧୧ରେ ଚକ୍ର ଧ୍ୱଜା ସ୍ଥାପନା ଓ ରତ୍ନ ସିଂହାସନ ପ୍ରତିଷ୍ଠା ଏବଂ ୧୨ ତାରିଖରେ ମହାପ୍ରଭୁ ରତ୍ନସିଂହାସନ ବିଜେ ଓ ପହିଲି ଦର୍ଶନ ଭଳି ଭକ୍ତିମାର୍ଗ କାର୍ଯ୍ୟସୂଚୀ ଶ୍ରୀକ୍ଷେତ୍ର ପୁରୀ ମନ୍ଦିରର ନିର୍ଦ୍ଦେଶ ସମୟ ନିର୍ଘଣ୍ଟ ମତେ ସମସ୍ତ ବିଧିବିଧାନ ଅନୁଯାଇ ସମ୍ପର୍ଣ୍ଣ ହୋଇଯାଇଅଛି। ସୂଚନାଥାଉକି ଦୀର୍ଘ ୪୦ ବର୍ଷର ଏହି କୁଡ଼ିଆଘରର ଛୋଟ ମନ୍ଦିର ଚତୁର୍ଦ୍ଧା ମୂର୍ତ୍ତୀ ଷଣ୍ଢକୁଦ ଗ୍ରାମବାସିଙ୍କ ଦ୍ୱାରା ପୂଜା ପାଇଆସୁଥିଲେ। ପୁରାତନ ଟ୍ରଷ୍ଟିଙ୍କ ସ୍ୱେଚ୍ଛାକୃତ ଅବସର ଓ ନୂତନ ଟ୍ରଷ୍ଟିଙ୍କ ଯୋଗଦାନ ପରେ ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି। ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ ବେହେରା, ସମସ୍ତ ଟ୍ରଷ୍ଟି, ଗ୍ରାମର ମୁଖିଆ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସୁପରିଚାଳନା ଯୋଗୁଁ ନୂତନ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର, ବାସୁଦେବ ପୀଠ, ଷଣ୍ଢକୁଦ ଠାରେ ପ୍ରତିଷ୍ଠା ହୋଇଯାଇଛି। ଯାହାକି ମହାପ୍ରଭୁଙ୍କ ନୂତନ ମନ୍ଦିର ଓ ରତ୍ନ ସିଂହାସନ ବିଜେ ପାଇଁ ଅଗଣିତ ଭକ୍ତ ସମାଜ ସାହାଯ୍ୟ ସହଯୋଗର ହାତ ବଢ଼ାଇଥିବାରୁ ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ ବେହେରା ଓ ସମସ୍ତ ଟ୍ରଷ୍ଟି ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଓଲଡିଂ ନିଆଁରେ ଜଳିଗଲା ଚାଷୀଙ୍କ ଧାନ ଓ ପାଳ ଗଦା

### ଠିକାଦାର ଛୁ, ଦମକଳ ବାହିନୀ ନିଆଁକୁ କଲେ ଆୟତ୍ତ





ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ତହସିଲ ଅଧିନସ୍ତ ଶାଗଡ଼ାଇଲୋ ପଞ୍ଚାୟତ ଶାଗଡ଼ାଇଲୋ ଗ୍ରାମରେ ନିର୍ମାଣ ହେଉଛି ବସୁଧା ଯୋଜନାରେ ପାଣିଟାଙ୍କି। ପାଣି ଟାଙ୍କି ନିର୍ମାଣ ଜାଗାରେ ରହିଛି ଚାଷୀମାନଙ୍କର ଧାନ ଖଳା। ପାଣିଟାଙ୍କି ପାଇଁ ରଡ଼ ଓଲଡିଂ କରାଯାଉଥିବା ବେଳେ ଏହାର ନିଆଁ ପଡ଼ି କିଛି କୁଟା ଓ ନଡ଼ାରେ ନିଆଁ ଲାଗିଥିଲା। ଚାଷୀମାନେ ଏହାକୁ ବାରଣ କରି କିଛିଦିନ ଏହାକୁ ବନ୍ଦ ରଖିବାକୁ କହିଥିଲେ। ସମ୍ପୃକ୍ତ ଠିକାଦାର ଓ କର୍ମଚାରୀ ଏହାକୁ ମାନି ନଥିଲେ ଏବଂ ପୁନର୍ବାର ଓଲଡିଂ କରିଥିଲେ। ହେଲେ ବୁଧବାର ଏହି ଓଲଡିଂ ନିଆଁ ପଡ଼ି ଉକ୍ତ ଗ୍ରାମର ଭରତ ସ୍ୱାଇଁ, ରାଜକିଶୋର ସ୍ୱାଇଁଙ୍କ ଧାନଗଦା, ନଡ଼ାଗଦା ଓ କୁଟାରେ ନିଆଁ ଲାଗିଯାଇଛି। ଏ ନେଇ ଗ୍ରାମବାସୀ ଦମକଳ ବାହିନୀକୁ ଫୋନ କରିବାରୁ ଘଟଣା ସ୍ଥଳରେ ନିଆଳି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଲକ୍ଷାଧିକ ଟଙ୍କାର ଧାନଗଦା ଜଳିଯାଇଥିବା ନିଆଳି ଅଗ୍ନିଶମ ବିଭାଗ ଅଧିକାରୀ ହରେକୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଚାଷୀଙ୍କ ଧାନଗଦା ତଳେ ଥିବା ସତ୍ତ୍ୱେ ଠିକାଦାର ଓ ତାଙ୍କ କର୍ମଚାରୀ କାହିଁକି ଏଭଳି ଦୁଃସାହସିକ କାର୍ଯ୍ୟ କଲେ ? ଏ ନେଇ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଏହି ଘଟଣା ସମ୍ବନ୍ଧରେ ତଦାରଖ କରୁଛି ବୋଲି କହିଛନ୍ତି।

## ବାଇକ ଦୁର୍ଘଟଣାରେ ୩ ଯୁବକ ମୃତ

କୋଣାର୍କ, (ଭାସ୍କର ନ୍ୟୁଜ୍): କୋଣାର୍କ-କାକଟପୁର ରାସ୍ତା କୋଣାର୍କ ଥାନା ଅର୍ନ୍ତଗତ ବଢ଼େଇଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ ହୋଇଛି। ଚାରିଛକ ଦଣ୍ଡିକିରାର ଜୟପ୍ରକାଶ ସାହୁ, ସାଗର ମଲ୍ଲିକ, ଦୀପକ ମଲ୍ଲିକ ତିନିଜଣ ମଙ୍ଗଳବାର ରାତି ପ୍ରାୟ ୧ଟା ସମୟରେ ବାଇକରେ କୋଣାର୍କରୁ ଘରକୁ ଫେରୁଥିଲେ। ବଢ଼େଇଛକ ବୁଲାଣି ନିକଟରେ ଭାରସାମ୍ୟ ହରାଇ ବାଇକଟି ରାସ୍ତାକଡ଼ ମଣ୍ଡପରେ ଧକ୍କା ହୋଇଥିଲା। ଏଥିରେ ତିନିଜଣ ଗୁରୁତର ଆହତ ହୋଇଥିଲେ। ବାଇକ ଚୁରମାର ହୋଇଯାଇଥିଲା। ପ୍ରଚଣ୍ଡ ଶବ୍ଦରେ ସ୍ଥାନୀୟ ବାସିନ୍ଦା ନିଦରୁ ଉଠି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଖବରପାଇ କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ଗୁରୁତର ଆହତଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସକାଳୁ ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳକୁ ଲୋକଙ୍କ ସୁଅ ଛୁଟିଥିଲା। କୋଣାର୍କ ଥାନାରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ହସ୍ପିଟାଲ ପଠାଯାଇଥିବା କୋଣାର୍କ ପୁଲିସ ସୂଚନା ଦେଇଛି।

## ପୋଷ୍ଟମ୍ୟାନଙ୍କ ଜାଗା ନେଇଛି ସ୍ମାର୍ଟଫୋନ୍

### ଶୁଭୁନି ଡାକବାଲାର ସ୍ୱର

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସମ୍ପର୍କର ସେତୁ ଥିଲା ପୋଷ୍ଟ କାର୍ଡ। ଦିନ ଥିଲା ଲୋକଙ୍କ ଚିଠିପତ୍ର ଠାରୁ ଆରମ୍ଭ କରି ବିଭିନ୍ନ ଜିନିଷ ପଠାଇବା କ୍ଷେତ୍ରରେ ଡାକ ଘର ଏକ ପ୍ରମୁଖ ମାଧ୍ୟମ ଥିଲା। କିନ୍ତୁ ଧୀରେ ଧୀରେ ଡାକ ବ୍ୟବସ୍ଥା ସଙ୍କୁଚିତ ହେବା ସହିତ ଡିଜିଟାଲ ପ୍ରମୁଖ ମାଧ୍ୟମ ହୋଇଛି। ଗାଁଠାରୁ ସହରରେ ଲୋକମାନେ ପ୍ରତିଦିନ ଡାକ ପାଇଁ ଅପେକ୍ଷା କରୁଥିଲେ। କିନ୍ତୁ ଏହା କ୍ରମଶଃ ହଜିଯିବାକୁ ବସିଛି କହିଲେ ଅତ୍ୟୁକ୍ତି ହେବନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ରେ ହଜିବାକୁ ବସିଲାଣି ଡାକବାକ୍ସ। ଦିନ ଥିଲା ଲୋକେ ବାର୍ତ୍ତା କିମ୍ବା ଚିଠି ଟିଏ ପାଇବାକୁ ଏବଂ ପଠାଇବାକୁ ଡାକ ଘର ଉପରେ ସମ୍ପୂର୍ଣ୍ଣ ଭରସା କରୁଥିଲେ। ଏବେ କିନ୍ତୁ ଆଉ ବାର୍ତ୍ତା ପଠାଇବାକୁ ଡାକ ବାକ୍ସର ଖୋଜା ପଡୁନାହିଁ ବର୍ତ୍ତମାନ ଡିଜିଟାଲ ଯୁଗରେ ଲୋକେ ଅତ୍ୟାଧୁନିକ ସେବା ସ୍ମାର୍ଟ ଫୋନ ମାଧ୍ୟମରେ ସହଜରେ ଉପଲବ୍ଧ କରିପାରୁଛନ୍ତି। ଗାଁ' ଗାଁରେ ଆଉ ଦେଖିବାକୁ ମିଳୁନାହିଁ ଡାକବାଲା ଏବଂ ଡାକବାକ୍ସ। ବର୍ତ୍ତମାନ କାଁଭାଁ ଲୋକେ ଯାହା ଡାକ ଉପରେ ନିର୍ଭର କରୁଛନ୍ତି। ପୂର୍ବଭଳି ଆଉ ଡାକବାଲାର ଶୁଣିବାକୁ ମିଳୁନାହିଁ। ପୂର୍ବରୁ ଲୋକେ ପାଷ୍ଟମ୍ୟାନକୁ ଦିନରାତି ଅପେକ୍ଷା କରୁଥିଲେ। ଆଜିକାଲି ସ୍ମାର୍ଟଫୋନ ଟେକ୍ନୋଲୋଜିର ଯୁଗ। ଡାକବିଭାଗର ମନିଅର୍ଡରର ସ୍ଥାନ ନେଇଛି ଇଣ୍ଟରନେଟ ବ୍ୟାଙ୍କ ଏବଂ ଚିଠିର ସ୍ଥାନ ନେଇଛି ଇ-ମେଲ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ। ତେଣୁ ଆଉ ପୂର୍ବଭଳି ଡାକବାଲା ଓ ଡାକ ବାକ୍ସ ଆବଶ୍ୟକ କେତେକ ସ୍ଥାନରେ ପଡୁନାହିଁ। କେତେକ ସ୍ଥାନ ଛାଡ଼ିଦେଲେ ପୂର୍ବଭଳି ଗାଁ' ଗାଁରେ ଡାକବାକ୍ସ ହଜିବାକୁ ବସିଛି। ସେଦିନର କିଛି ଅନୁଭବିଙ୍କ କହିବା ଅନୁଯାୟୀ ପୋଷ୍ଟକାର୍ଡ ହଉ କିମ୍ବା ଇଂଲାଣ୍ଡଲେଟର ସମ୍ପର୍କର ପ୍ରମୁଖ ସେତୁ ବହନ କରିଆସୁଥିଲା। ଦେଶ ଓ ବିଦେଶରେ ନିଜ ଜ୍ଞାତିକୁଟୁମ୍ବଙ୍କ ସହିତ ଭାବର ଆଦାନପ୍ରଦାନ କ୍ଷେତ୍ରରେ ଏକ ଅପୂର୍ବ ଅନୁଭୂତି ଥିଲା। ଦୂରଦୁରାନ୍ତରେ ରହୁଥିବା ସମ୍ପର୍କୀୟଙ୍କ ଭଲମନ୍ଦ ଜାଣିବା ପାଇଁ ସାଧାରଣ ଚିଠି ଖଣ୍ଡିକ ପାଇବାକୁ ଚାତକ ପକ୍ଷୀ ଭଳି ଅନେଇ ବସୁଥିଲେ। ସେହିପରି ଚାକିରି ଆଶାୟୀ, ଯୁବଗୋଷ୍ଠୀ, ପରୀକ୍ଷାର୍ଥୀ, ବ୍ୟବସାୟୀଙ୍କ ସମେତ ସମାଜର ପ୍ରତିଟି ବ୍ୟକ୍ତି ପ୍ରତିଦିନ ଡାକବାଲା ସହିତ ସମ୍ପର୍କ ରଖୁଥିଲେ। ଯେତେବେଳେ ଡାକବାଲା କୌଣସି ଚିଠି ବା ଖବର ତାଙ୍କ ସମ୍ପର୍କୀୟଙ୍କ ଠାରୁ ଆସୁ ନଥିବା ଖବର ପାଉଥିଲେ ନିରାଶ ହୋଇ ପୁଣି ତା ପରଦିନକୁ ଅପେକ୍ଷା କରୁଥିଲେ। ସତେ ଯେପରି ଡାକବାଲା ଘର ମୁହଁକୁ ଆସି ଡାକିବ ଚିଠି.. ଚିଠି। ସେମିତି ଇଂରାଜୀ ନବବର୍ଷର ଗ୍ରୀଟିଂ କଥା... ଯାହା ଆଜିମଧ୍ୟ ମନଭିତରେ ଉନ୍ମାଦନା ଭରିଦିଏ। କିନ୍ତୁ ସେହିଦିନ ଆଉ ଆଜି ଖୋଜାପଡୁନି। ହେଲେ ସ୍ମୃତିକୁ ସାଇତି ରଖୁଥିବା ସେଦିନର ଡାକ ଓ ଡାକବାଲାକୁ ଭୁଲିବା ଅସମ୍ଭବ।

## ନିମାପଡ଼ାରେ ବାଘରା ମହୁ ଆତଙ୍କ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ବାଘରା ମହୁମାଛି ଲୋକମାନଙ୍କୁ ଗୋଡାଇ କାମୁଡୁଥିବାରୁ ଏକାଧିକ ବ୍ୟକ୍ତି ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବାଘରା ମହୁମାଛି ଆତଙ୍କରେ ଲୋକମାନେ ରାସ୍ତାରେ ଯାତାୟତ କରିପାରୁ ନାହାନ୍ତି। ନିମାପଡ଼ାରୁ କାକଟପୁର, ଗୋପ, କୋଣାର୍କ ଦେଇ ଯାଉଥିବା ରାସ୍ତାରେ ଏପରି ଘଟିଥିଲେ ମଧ୍ୟ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଲୋକମାନେ ଆତଙ୍କିତ ହୋଇପଡିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା କୁଶଭଦ୍ରା ପୋଲ ତଳେ ବାଘରା ମହୁମାଛି ବସାକରି ରହିଥିବାବେଳେ କେତେଜଣ ବ୍ୟକ୍ତି ନଦୀକୁ ଶୌଚ ହେବାକୁ ଯାଇ ମହୁ ବସାକୁ ଢେଲା ମାରିବାରୁ ମହୁମାଛି ଗୋଡାଇ ଗୋଡାଇ ଲୋକଙ୍କୁ କାମୁଡ଼ିଥିଲେ। ଏହି ବାଘରା ମହୁମାଛିଆତଙ୍କରେ ବାଲିପାଟଣା ଥାନା ଖୁଣ୍ଟିଆସାହି ଗ୍ରାମର ବିଜୟ ବେହରା (୨୬) ବିଷ୍ଣୁପୁର ମେଦିନାବସ୍ତିର ଏସ୍‌ଏକ୍ ଅଲିମ (୩୦)କୁ ମାଛି କାମୁଡିବାରୁ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଲୋକମାନେ ବାରମ୍ବାର ବନ ବିଭାଗକୁ ଅଭିଯୋଗ କେଲ ମଧ୍ୟ ବନ ବିଭାଗ ମହୁମାଛି ଘଉଡାଇବା ଦିଗେର କୌଣସି ଦୃଷ୍ଟି ଦେଉନଥିବାରୁ ନିମାପଡାରେ ବଘେରା ମହୁମାଛି ଆତଙ୍କ ଖେଳିଯାଇଛି।

## ପ୍ରତିଷ୍ଠିତ ବ୍ୟବସାୟୀ ଭାଗିରଥି ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପର ପ୍ରତିଷ୍ଠିତ ବ୍ୟବସାୟୀ ତଥା ପୂର୍ବତନ ବିଜେପି ନେତା ଭାଗିରଥି ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ପାରାଦୀପ ବନ୍ଦର ନୂତନ କଲ୍ୟାଣ ମଣ୍ଡପ ଠାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ସାହୁଙ୍କ ତିନି ପୁତ୍ର ଭବଦେଉତି ସାହୁ, ଭରଦ୍ୱାଜ ସାହୁ, ଭବାନୀ ଚରଣ ସାହୁ ଓ ବିଧବା ପତ୍ନୀ ପ୍ରମୋଦିନୀ ସାହୁଙ୍କ ସମେତ ସମସ୍ତ ପରିବାର ବର୍ଗ ସ୍ୱର୍ଗତ ସାହୁଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କର ସ୍ମୃତିଚାରଣ କରିବା ସହ ତାଙ୍କର କାର୍ଯ୍ୟଶୈଳୀ ଓ ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ସହିତ ସମସ୍ତଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଏହି ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ସ୍ୱର୍ଗତ ସାହୁଙ୍କର ଅନ୍ତରଙ୍ଗ ସହଯୋଗୀ ଓ ବନ୍ଧୁ ଅଜୟ ଦାଶ, ପ୍ରବୋଧ ଦାସ, କୈଳାସ ମହାରଣାଙ୍କ ସମେତ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଶିଷ୍ଟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ବଣିକ ସଂଘ ସଭାପତି କ୍ଷୀରୋଦ ସ୍ୱାଇଁ, ଗୋଲେଖ ସାହୁ, ବିଶିଷ୍ଟ ବ୍ୟବସାୟୀ ପ୍ରମୋଦ କିଶୋର ଜେନା, ଲକ୍ଷ୍ମୀଧର ମହାନ୍ତି, ରାକେଶ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

## ସମ୍ପତ୍ତି ଲୁଣ୍ଠନ ଉଦ୍ୟମ ଓ ଜମି ମାଲିକଙ୍କୁ ସଂଘବଦ୍ଧ ଆକ୍ରମଣ

ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳରେ ଜେଣ ବ୍ୟକ୍ତି ଅନ୍ୟର ସମ୍ପତ୍ତିକୁ ଚଞ୍ଚକତା ଭାବେ ଜେରକ୍ସ କବଲା ପ୍ରସ୍ତୁତ କରି ତହସିଲ କାର୍ଯ୍ୟାଳୟରେ ଦାଖଲ ଓ ଖାରଜ କେସ୍ କରି ଜମି ହାତେଇବା ପାଇଁ ଉଦ୍ୟମ କରୁଥିବାବେଳେ କୌଣସି ସୂତ୍ରରୁ ଜମି ମାଲିକ ଏହା ଜାଣିପାରି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ନକଲି କବଲା ଜଣାପଡିବା ପରେ ତହସିଲଦାର ଏହି ଦାଖଲ ଖାରଜ କେସ୍‌କୁ ଖାରଜ କରିଦେଇଛନ୍ତି। ଏହାକୁ ନେଇ ସମ୍ପତ୍ତି ହାତେଇବାକୁ ଉଦ୍ୟମ କରିଥିବା ବ୍ୟକ୍ତି ଜମିମାଲିକଙ୍କ ଜାଗା ଉପରେ କୋଠାଘର ନିର୍ମାଣ କରିବାରୁ ଜମିମାଲିକ ପ୍ରତିବାଦ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଜଣକ ଜମି ମାଲିକଙ୍କୁ ଆକ୍ରମଣ କରିଥିବା ନିମାପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରିରଖିଛି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଇଛାପୁର ଗ୍ରାମର ରମାକାନ୍ତ ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଆଙ୍କୁଶପୁର ଗ୍ରାମର ଜଣେ ୫୮ ବର୍ଷିୟ ବ୍ୟକ୍ତି ରମାକାନ୍ତଙ୍କ ମା'ଙ୍କ ନାମରେ ଥିବା ଆଙ୍କୁଶପୁର ମୌଜା ୪୫ ଡିସିମିଲ ସମ୍ପତ୍ତିକୁ ନକଲି କବଲା ମାଧ୍ୟମରେ ଦାଖଲ ଖାରଜ କେସ୍ କରି ସମ୍ପତ୍ତି ହାତେଇବା ଉଣ୍ଡୁର ହେବାପରେ ସମ୍ପୃକ୍ତ ବ୍ୟକ୍ତି ଗତ ୧୦ ତାରିଖ ସକାଳ ୯ଘଟିକା ସମୟରେ କିଛିଅସାମାଜିକ ବ୍ୟକ୍ତିଙ୍କୁ ଆଣି ମାରଣାସ୍ତ୍ର ଧରି ରମାକାନ୍ତଙ୍କୁ ମାରିବାକୁ ଗୋଡାଇଥିଲେ। ରମାକାନ୍ତ ଜୀବନ ବିକଳେର ଦୌଡି ପଳାଉଥିବା ବେଳେ ଏକ ମାରଣାସ୍ତ୍ର ରମାକାନ୍ତଙ୍କୁ ଉପରକୁ ଫିଙ୍ଗିଥିଲେ। ରମାକାନ୍ତ ପଡିଯିବାରୁ ସଂଘବଦ୍ଧ ଭାବେ ବିଧା ଗୋଇଠା ମାରିବା ସହ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। କେତକ ବ୍ୟକ୍ତି ସେଠାକୁ ଆସିବାରୁ ଆକ୍ରମଣକାରୀ ପଳାଇଥିଲେ। ଏ ସମ୍ପକରେ ରାମାକାନ୍ତ ପରିଡ଼ା ନିମାପଡ଼ା ଥାନାରେ ଅଭିଯୋଗ ଦେବା ସହ ନ୍ୟାୟ ଭିକ୍ଷା କରିଛନ୍ତି।

## ଆଚାର୍ଯ୍ୟ ଭରତ ମୁନି ସ୍ମରଣ ଦିବସ ସମାରୋହ ଅନୁଷ୍ଠିତ



କୋଣାର୍କ, (ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଯାତ୍ରୀନିବାସ ବାଙ୍କୁଏଟ ହଲଠାରେ ସଂସ୍କାର ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ଓ ସଂସ୍କାର ଭାରତୀ, କୋଣାର୍କ ଶାଖା ମିଳିତ ଆନୁକୂଲ୍ୟରେ ନାଟ୍ୟ ଶାସ୍ତ୍ରର ଜନକ ଆଚାର୍ଯ୍ୟ ଭରତ ମୁନି ସ୍ମରଣ ଦିବସ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଂସ୍କାର ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ଅଧ୍ୟକ୍ଷ ଜ୍ଞାନ ଗୁରୁ ଶାନ୍ତନୁ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବରେ ରାଜେନ୍ଦ୍ର ନାରାୟଣ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳାଧିପତି ଡକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ବିଶ୍ୱ ବିଦ୍ୟାଳୟର ଗବେଷଣା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ହର ମୋହନ ମିଶ୍ର, ବରିଷ୍ଠ ଶିକ୍ଷାବିତ ତଥା ପ୍ରାକ୍ତନ ପ୍ରାଧ୍ୟାପକ କ୍ଷୀରୋଦ ରାୟମହାପାତ୍ର, ବିଶିଷ୍ଟ ଓଡିଶୀ ନୃତ୍ୟ ଗବେଷିକା ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡିଶା ପୂର୍ବ ପ୍ରାନ୍ତ ସଂଚାଳକ ସମୀର କୁମାର ମହାନ୍ତି, ସଂସ୍କାର ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ଉପାଧ୍ୟକ୍ଷ ନିତାଇ ଚରଣ ନନ୍ଦ ଓ ସଂସ୍କାର ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ମହାମନ୍ତ୍ରୀ ଶ୍ରୀକାନ୍ତ ଦାସ ପ୍ରମୁଖ ଯୋଗଦେଇ ନାଟ୍ୟ ଶାସ୍ତ୍ରର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ଭାରତୀୟ ପ୍ରାଚୀନ ଲୋକନୃତ୍ୟ, କଳା, ସଂସ୍କୃତି ଓ ପରମ୍ପରାର ଆତ୍ମା ସଦୃଶ ବୋଲି ଅଭିହିତ କରିଥିଲେ। ଭାରତୀୟ ସଂସ୍କୃତିର ମହାନ ପରମ୍ପରା ଓ ଅସ୍ମିତାର ପ୍ରତୀକ ନାଟ୍ୟ ଶାସ୍ତ୍ର ଭବିଷ୍ୟତ ପଢି ପାଇଁ ସଂସ୍କାର ଧର୍ମୀ ଚିନ୍ତା ଓ ଚେତନାକୁ ସମୃଦ୍ଧ କରିବା ସହିତ ଏହା ପ୍ରାଚୀନ କଳା ଓ ନାଟ୍ୟ ସଂସ୍କୃତି ପ୍ରତି ଭରତ ମୁନିଙ୍କ ବରଦାନ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ଆନୁକୂଲ୍ୟରେ ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଓଡିଶୀ କଣ୍ଠ ସଙ୍ଗୀତ, ପାଲା ପରିବେଷଣ ସମେତ ବିଭିନ୍ନ ଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମାରୋହର ଆଭିମୁଖ୍ୟ ଓ କାର୍ଯ୍ୟଧାରା ବିଷୟରେ ଗବେଷକ ସଞ୍ଜୟ କୁମାର ବରାଳ ବିଶଦ ଭାବରେ ଆଲୋଚନା କରିଥିଲେ। ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ହରିଶ୍ଚନ୍ଦ୍ର ଦାଶ, ରବିନ୍ଦ୍ର କୁମାର ପ୍ରଧାନ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ଖଟୋଇ, କାମଦେବ ବିଶ୍ୱାଳଙ୍କ ସମେତ ସଂସ୍କାର ଭାରତୀର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ କଳାକାର, ସଂସ୍କୃତି ଓ କଳାକୃତି ସମ୍ପନ୍ନ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ଶିକ୍ଷାବିତ ଓ ବରିଷ୍ଠ ନାଗରିକମାନେ ଯୋଗଦାନ କରିଥିଲେ।

## ୟୁଏଆଇଏଲ୍‌ର 'ପ୍ରୋଜେକ୍ଟ ନୀର' କୃଷି ପାଇଁ ନୂତନ ଜୀବନ ଆଣିଛି



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲାର ହାଡିଗୁଡା ଗ୍ରାମପଞ୍ଚାୟତ ଅଧୀନରେ ଥିବା କୁଗୁପୁଟ ଗ୍ରାମ ଜଳାଭାବକୁ ନେଇ ଦୀର୍ଘକାଳରୁ ସଂଘର୍ଷ କରିଆସୁଥିଲା, ଏବଂ ଏହି ଗ୍ରାମର କୃଷକମାନେ ବୃଷ୍ଟିପୁଷ୍ଟ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ଥିଲେ, ଯେଉଁମାନେ ଅନିୟମିତ ବର୍ଷା ପାଇଁ ଶଙ୍କାରେ ରହୁଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟର ସମାଧାନ କରିବାକୁ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏ-ଆଇଏଲ୍), ଭାରତ ରୁରାଲ ଲାଇଭଲିହୁଡ ଫାଉଣ୍ଡେସନ (ବିଆରଏଲଏଫ୍) ସହଯୋଗୀତାରେ ଏକ ଦୀର୍ଘସ୍ଥାୟୀ ଜଳ ସମ୍ପଦ ପରିଚାଳନା ପ୍ରକଳ୍ପ 'ପ୍ରୋଜେକ୍ଟ ନୀର' କାର୍ଯ୍ୟକାରୀ କରିଛି ଯାହା ଗ୍ରାମର କୃଷି ପରିବ୍ୟବସ୍ଥାକୁ ପୁନଃଶକ୍ତି ଯୋଗାଇଛି ଏବଂ ଅର୍ଥନୈତିକ ସ୍ଥିରତାକୁ ପ୍ରୋତ୍ସାହିତ କରିଛି। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ସାଧାରଣ ବର୍ଗଙ୍କୁ ନେଇ ୧୨୭ ପରିବାର ବାସ କରୁଥିବା କୁଗୁପୁଟ ଦୀର୍ଘକାଳରୁ ବୃଷ୍ଟିପୁଷ୍ଟ କୃଷି ଉପରେ ନିର୍ଭର କରିଆସୁଥିଲା, ଯେଉଁଥିରେ ମୁଖ୍ୟତଃ ଖରିଫ ଋତୁରେ ଗୋଟିଏ ମାତ୍ର ଫସଲ କରାଯାଉଥିଲା। ଅନିୟମତି ବର୍ଷା ଏବଂ ଆବଶ୍ୟକ ମୁତାବକ ଜଳସେଚନ ବ୍ୟବସ୍ଥା ଅଭାବରୁ ଏହି ଗ୍ରାମ ବର୍ଷକୁ ୧୫ରୁ ୨୦ ପ୍ରତିଶତ ଶସ୍ୟହାନି ପରିସ୍ଥିତିର ସାମ୍ନା କରୁଥିଲା। ଏକ ଚିରସ୍ରୋତା ଝରଣା ଥିବା ସତ୍ତ୍ୱେ ଜଳସମ୍ପଦକୁ ସଠିକ ଭାବରେ ବିନିଯୋଗ କରାଯାଉନଥିଲା, ଏଥିରେ ପୂର୍ବରୁ ଏକ ଆଡିବନ୍ଧ ନିର୍ମାଣ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇନଥିଲା। ଏହି ଚାଲେଞ୍ଜଗୁଡିକର ଜରୁରୀ ସ୍ଥିତିକୁ ଅନୁଭବ କରି ୟୁଏଆଇଏଲ୍ ଏବଂ ବିଆରଏଲଏଫ୍ ଅସାମର୍ଥ୍ୟ, ପଙ୍କ ଜମି ବା ଏବଂ ନିମ୍ନ ମାନର ଡିଜାଇନ କରାଯାଇଥିବା ଜଳ ମହଜୁଦ ବ୍ୟବସ୍ଥା ସମେତ ମୂଳ କାରଣ ଚିହ୍ନଟ କରିବାକୁ ଏକ ପୂର୍ଣ୍ଣାଙ୍ଗ ସର୍ବେକ୍ଷଣ କରିଥିଲେ। 'ପ୍ରୋଜେକ୍ଟ ନୀର' ଅଧୀନରେ ଲୁଜ୍ ବୋଲଡର ଚେକ୍ ଡ୍ୟାମ, ଗାବିଅନ ଷ୍ଟ୍ରକଚର ଏବଂ ରହିଥିବା ଡ୍ୟାମଗୁଡିକର ଉନ୍ନତିସାଧନ ଭଳି ସମାଧାନଗୁଡିକ ନିମନ୍ତେ ପ୍ରସ୍ତାବ ଦିଆଯାଇ ଥିଲା। ଏହି ପ୍ରକଳ୍ପରେ ସ୍ଥାନୀୟ ଜନସାଧାରଣଙ୍କୁ ପାର୍ଟିସିପେଟରୀ ରୁରାଲ ଆପ୍ରେଜାଲ (ପିଆରଏ) ଭଳି ସାଧନ ଜରିଆରେ ପ୍ରକଳ୍ପର ଯୋଜନା ପ୍ରସ୍ତୁତି ଓ ତାହାର କାର୍ଯ୍ୟାନ୍ୱୟନରେ ସମ୍ପୃକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପ୍ରକଳ୍ପର କେନ୍ଦ୍ର ସ୍ଥାନରେ ରହିଥିଲା ଗ୍ରାମର ଆଡିବନ୍ଧର ପୁନରୁଦ୍ଧାର। ୧୦ଜଣ ଅଗ୍ରଣୀ ଚାଷୀଙ୍କୁ ନେଇ ନୂଆକରି ଗଠିତ କୁଗୁପୁଟ ଜଳ ବ୍ୟବହାରକାରୀ କମିଟି ମାର୍ଗଦର୍ଶନରେ ପୁନରୁଦ୍ଧାର ପ୍ରୟାସ ହାତକୁ ନିଆଯାଇଥିଲା ଯେଉଁଥିରେ ପ୍ଲାଟଫର୍ମ ନିର୍ମାଣ, ପଥର ପ୍ୟାଚିଂ, ୨୦୫ ଏକରରୁ ଅଧିକ ଜମିକୁ ଅବବାହିକ ସମ୍ପ୍ରସାରଣ ଆଦି ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରୟାସଗୁଡିକ ଡ୍ୟାମରେ ଜଳମହଜୁଦ କ୍ଷମତାକୁ ପ୍ରାୟ ୭ ଲକ୍ଷ ଲିଟରକୁ ବୃଦ୍ଧି କରିଥିଲା ଯାହା ୫୦ ଏକର ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି କରିଥିଲା। ଏହାର ଫଳାଫଳ ରୂପାନ୍ତରଣକାରୀ ହୋଇଛି। କୃଷକମାନେ ସମ୍ପ୍ରତି ଦୁଇଟି ଚାଷ କରୁଛନ୍ତି, ଏବଂ ଏକର ପିଛା ଧାନ ଅମଳ ପରିମାଣ ୫ କୁଇଣ୍ଟାଲ ବୃଦ୍ଧିପାଇଛି। ଏଥିସହିତ ୩୦ ପରିବାର ପନିପରିବା ଚାଷକୁ ଆପଣେଇଛନ୍ତି, ଏବଂ ଏହାଦ୍ୱାରା ବର୍ଷକୁ ଅଧିକ ୧୫ହଜାର ଟଙ୍କା ଉପାର୍ଜନ କରୁଛନ୍ତି। ଏହି ପ୍ରକଳ୍ପର ପ୍ରଭାବ ଉପରେ ଗୁରୁତ୍ୱ ଦେଇ ରବି ମିଶ୍ର, ୟୁନିଟହେଡ୍, ୟୁଏଆଇଏଲ୍ କହିଛନ୍ତି, "ପ୍ରୋଜେକ୍ଟ ନୀର ଦୀର୍ଘସ୍ଥାୟୀ ବିକାଶ ଏବଂ ଜନସାଧାରଣଙ୍କୁ ସଶକ୍ତ କରିବା ନିମନ୍ତେ ଆମ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଜଳ ଉପଲବ୍ଧତାରେ ବୃଦ୍ଧି ଘଟାଇ ଏବଂ ଏହି ପ୍ରକ୍ରିୟାରେ ଗ୍ରାମବାସୀଙ୍କୁ ସଂପୃକ୍ତ କରି କୃଷି କ୍ଷେତ୍ରରେ ଆପଦାପନ୍ନ ସ୍ଥିତିରୁ ଆମେ ଆତ୍ମ ନିର୍ଭରତାକୁ ରୂପାନ୍ତରିତ ହୋଇଛୁ। ଏହା ଜନସାଧାରଣଙ୍କ ଦ୍ୱାରା ଜଳସମ୍ପଦ ପରିଚାଳନାରେ ଦୀର୍ଘସ୍ଥାୟୀ କୃଷିକାର୍ଯ୍ୟର ଏକ ଜ୍ୱଳନ୍ତ ଉଦାହରଣ ହୋଇଛି। ଜଳାଭାବ ପରିସ୍ଥିତି ଦୃଷ୍ଟିଦେଇ ଏବଂ ଶସ୍ୟରେ ବିବିଧକରଣକୁ ପ୍ରୋତ୍ସାହିତ କରି ଏହି ପ୍ରୟାସ କୁଗୁପୁଟ ଗ୍ରାମରେ ଜୀବିକାରେ ଉନ୍ନତି ଆଣିବା ସହିତ ସେମାନଙ୍କର ଅର୍ଥନୈତିକ ସ୍ଥିତିକୁ ସୁଦୃଢ କରିଛି," ବୋଲି ମିଶ୍ର କହିଥିଲେ। ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଉତ୍କଳ ଆଲୁମିନିୟମ ଇଣ୍ଟରନ୍ୟାସନାଲ ଲିମିଣେଟ ଆଦିବାସୀବହୁଳ ଆଭ୍ୟନ୍ତରୀଣ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ କଲ୍ୟାଣ ଏବଂ ଜୀବନରେ ରୂପାନ୍ତରଣ ଆଣିବାକୁ ପ୍ରତିବଦ୍ଧ ରହିଛି। ୟୁଏଆଇଏଲର ସମସ୍ତ ପ୍ରକଳ୍ପଗୁଡିକ ଶ୍ରୀମତୀ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଆଦିତ୍ୟ ବିର୍ଲା ସେଣ୍ଟର ଫର କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ ଡେଭଲପମେଣ୍ଟ ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ଉତ୍କଳ ଆଲୁମିନାର ନିୟୋଜନତା ଓଡ଼ିଶାର ୨୫ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୩୨ଟି ଗ୍ରାମରେ ପରିବ୍ୟାପ୍ତ ହୋଇଛି। ୟୁଏଆଇଏଲ ଶିକ୍ଷା, ସ୍ୱାସ୍ଥ୍ୟ, ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ, ଗ୍ରାମାଞ୍ଚଳ ଭିତ୍ତିଭୂମି ଏବଂ ଗ୍ରାମାଞ୍ଚଳ ଜନସାଧାରଣଙ୍କର ସାମାଜିକ-ଅର୍ଥନୈତିକ ଦିଗଗୁଡିକ ପ୍ରତି ୟୁଏନଏସଡିଜି ଅନୁଯାୟୀ ଦୃଷ୍ଟିଦେବା ଭଳି ପାଞ୍ଚଟି ମୂଳ ବିଷୟ ଜରିଆରେ ୨,୦୧,୦୦୦ରୁ ଅଧିକ ଲୋକଙ୍କ ଜୀବନକୁ ସମୃଦ୍ଧ କରୁଛି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ସାଧାରଣ ପରିଷଦ ବୈଠକ ରେଢୁଆ ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତ, ଉପଦେଷ୍ଟା ଉପେନ୍ଦ୍ର ନାଥ ରଥ, ଗୀତା ରଥ, ରବିନାରାୟଣ ରଥ, ପ୍ରତିଭା ରାଣୀ ରାୟ, ସଦାଶିବ ବିଶ୍ୱାଳ, ଅକ୍ଷୟ କୁମାର ମହାନ୍ତି, ପରୀକ୍ଷିତ ମହାନ୍ତି ଓ ଗୋବିନ୍ଦ ଓଝା ପ୍ରମୁଖ ଯୋଗଦେଇ ନାଟ୍ୟକାର ସ୍ୱର୍ଗତ ସୁଧାକର ଦ୍ୱିବେଦୀଙ୍କ ୭୫ତମ ଜୟନ୍ତୀ ଉତ୍ସବ ପାଳନ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ଜୟନ୍ତୀ ଉତ୍ସବର ତାରିଖ ଓ ସ୍ଥାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ସ୍ତରରେ ବକ୍ତୃତା, ପ୍ରବନ୍ଧ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିର କରାଗଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହିତ ୭୫ତମ ଜୟନ୍ତୀ ଉତ୍ସବ ଉପଲକ୍ଷେ ଏକ ସ୍ମରଣୀକା ପ୍ରକାଶ ପାଇବା ପାଇଁ ସ୍ଥିର କରାଯାଇଥିଲା।



# ଛାତ୍ର ଜୀବନରୁ ଗଛ ଲଗାଇବା ନିଶା

## ୧୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇ, ସୃଷ୍ଟି କରିଛନ୍ତି ପରିବେଶ ସୁରକ୍ଷା ସଚେତନତା

ବୋଲଗଡ, (ଭାସ୍କର ନ୍ୟୁଜ୍ ) : ବୃକ୍ଷ ହିଁ ଜୀବନ। ଜୀବନ ବଞ୍ଚିଲେ ସମଗ୍ର ଜୀବ ଜଗତ ତିଷ୍ଠି ରହିବ। ଏହି ମୁଲ୍ୟବୋଧକୁ ହୃଦ୍‌ବୋଧ କରି ଦୀର୍ଘ ୫ ବର୍ଷ ହେଲା ବୃକ୍ଷ ରୋପଣ ଓ ସମାଜ ସେବାରେ ନିଜ ଜୀବନକୁ ସମର୍ପିତ କରିଛନ୍ତି ବୋଲଗଡ ବ୍ଲକ ସ୍ଥିତ ସାନପଦର ଗ୍ରାମପଞ୍ଚାୟତ ସ୍ଥିତ ରାସୋଳ ଗ୍ରାମର ଜଣେ ନିଆରା ଯୁବକ ସତ୍ୟନାରାୟଣ ବାରିକ। ଯିଏ କି ଜନସାଧାରଣଙ୍କୁ ମାଗଣାରେ ଚାରା ବଣ୍ଟନ କରିବା ସହ ଜଙ୍ଗଲ ସୁରକ୍ଷା ଓ ପରିବେଶ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରୁଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ କଥା ହେଲା, ଛାତ୍ର ଜୀବନରୁ ସେ ୫ବର୍ଷ ଧରି ନିଜ ଜୀବନକୁ ବୃକ୍ଷରୋପଣରେ ଏବଂ ସମାଜସେବା କରିବାରେ ସମର୍ପିତ କରି ସାନପଦର, ରାସୋଳ, ଦେଉଳି, ତାଳତୁମ୍ବ, ବୟାପଲ୍ଲୀ, ସଂପୁର ସାନପଦର, ପିଚୁକୁଳି ଆଦି ଗ୍ରାମରେ ବୃକ୍ଷ ଲଗାଇଛନ୍ତି। ବୋଲଗଡ ବ୍ଲକରେ ବିଭିନ୍ନ ଅଞ୍ଚଳରେ ବୃକ୍ଷ ରୋପଣ କରୁଥିବା ଅନେକ ଅନୁଷ୍ଠାନରେ ମଧ୍ୟ ସାମିଲ ହୋଇଛନ୍ତି। ୫ବର୍ଷରେ ଉତାରିଛନ୍ତି ୧ ହଜାର ବୃକ୍ଷ। ତାଳ, ବର, ଓସ୍ତ, ଅଁଳା, ବାହାଡା ଆଦି ଗଛ ବନପାଳଙ୍କ ଠାରୁ ଆଣି ସାନପଦର ସରସ୍ୱତ ପାଠାଗାର, ସାନପଦର ଗ୍ରାମବାସୀ, ରାସୋଳ ଗ୍ରାମବାସୀ, ତାଳତୁମ୍ବ ଗ୍ରାମବାସୀର ଯୁବକ ମାନଙ୍କୁ ବାଣ୍ଟୁଛନ୍ତି ମାଗଣା ଚାରା। ସୃଷ୍ଟି କରୁଛନ୍ତି ପରିବେଶ ସୁରକ୍ଷା ସଚେତନତା। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ମଧ୍ୟ ହୋଇଛନ୍ତି। ପ୍ରତିବର୍ଷ ଅନେକ ପ୍ରକାରର ଚାରା, ବୃକ୍ଷ ସାନପଦର ବିନ୍ଧ୍ୟଗିରି ପର୍ବତ, ରାସୋଳ ଠାରୁ ସାନପଦର ରାସ୍ତା କଡରେ ଚାରା ରୋପଣ କରିବା, ରାସୋଳ ପର୍ବତରେ, ଦେଉଳି ପର୍ବତରେ, ତାଳତୁମ୍ବ ଜଙ୍ଗଲରେ ଆଦି ଅନେକ ଗ୍ରାମରେ ପ୍ରତିବର୍ଷ ବୃକ୍ଷ ରୋପଣ କରୁଛନ୍ତି ସମାଜସେବୀ ସତ୍ୟନାରାୟଣ। ସାନପଦର ଗ୍ରାମପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ପ୍ରକୃତି ପ୍ରେମୀ ଯୁବ ସମାଜସେବୀ ସତ୍ୟନାରାୟଣ ବାରିକଙ୍କୁ ଅନେକ ପ୍ରଶଂସା କରିଛନ୍ତି। ତାଙ୍କର ବିଭିନ୍ନ କାର୍ଯ୍ୟରେ ସରପଞ୍ଚ ସାମିଲ ମଧ୍ୟ ହେଉଛନ୍ତି। ଏଭଳି ଯୁବକ ପଞ୍ଚାୟତ ପାଇଁ ବିରଳ, ନିଆରା କାର୍ଯ୍ୟ କରି ଆମ ପଞ୍ଚାୟତ ପାଇଁ ଗର୍ବ ଓ ପ୍ରଶଂସାର ପାତ୍ର ସାଜିଛନ୍ତି। ସତ୍ୟନାରାୟଣଙ୍କ ଠାରୁ ଅନେକ ଯୁବକ ପ୍ରେରଣା ପାଇ ଆଗକୁ ଆସିବା ଦରକାର। ଗୋପାଳପୁର ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ବାରିକ ମଧ୍ୟ ଯୁବ ପ୍ରକୃତି ପ୍ରେମୀ ସତ୍ୟନାରାୟଣଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଛନ୍ତି। ଆଗାମୀ ଦିନରେ ଆହୁରି ବୃକ୍ଷ ରୋପଣ କରିବାକୁ କହିଛନ୍ତି ସେ। ବୃକ୍ଷ ଜଗତ ବୃଦ୍ଧି ପାଇଲେ ପକ୍ଷୀ ଜଗତ ସୃଷ୍ଟି ହେବ, ଆଉ ପକ୍ଷୀ ଜଗତ ସୃଷ୍ଟି ହେଲେ ବୃକ୍ଷ ଜଗତ ବୃଦ୍ଧି ହେବ ବୋଲି କହିଛନ୍ତି ପ୍ରକୃତି ପ୍ରେମୀ ସତ୍ୟନାରାୟଣ। ଏଭଳି ଜନକଲ୍ୟାଣ, ସମାଜ କଲ୍ୟାଣ କାର୍ଯ୍ୟରେ ନିଜର ଜୀବନକୁ ନିୟୋଜିତ କରିଥିବାରୁ ସେ ବୋଲଗଡ ବ୍ଲକର ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଛନ୍ତି। ବିଧାୟକ ପ୍ରଦୀପ କୁମାର ସାହୁ ତାଙ୍କୁ ମଧ୍ୟ ସମ୍ମାନିତ କରିଛନ୍ତି। ନିଜ ଗ୍ରାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତିଆରି କରି ମା କୁଣ୍ଡାଖାଇ ସେବା ସଂଘ ରାସୋଳ ନାମରେ ନାମିତ କରିଛନ୍ତି। ସେହି ସଂଘକୁ ଗ୍ରାମବାସୀ ମାନେ ପରିଚାଳନା କରୁଛନ୍ତି। ଆରିକମା ବଣ ମଲ୍ଲୀ ଅନୁଷ୍ଠାନ, ମଲ୍ଲିପଦର ମହୋତ୍ସବ, ରାଜସୁନାଖଳା ମହୋତ୍ସବ ଓ ବୋଲଗଡ ମହୋତ୍ସବ ପକ୍ଷରୁ ସମ୍ମାନିତ ହୋଇଛନ୍ତି ଶ୍ରୀ ବାରିକ। ପ୍ରତିବର୍ଷ ବନବିଭାଗ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ କରାଯାଉଛି, କିନ୍ତୁ ଯେଉଁ ଗଛର ଫଳ ଖାଇ ପଶୁ ପକ୍ଷୀମାନେ ବଞ୍ଚିବେ ସେ ଭଳି ବୃକ୍ଷରୋପଣ କରାଯାଉ ନାହିଁ। ଆଙ୍ଗୁଲ, ଡିମିରି, କଣ୍ଟାଶିମିଳି, ମହୁଲ ଭଳି ୪୦ ପ୍ରକାରରୁ ଅଧିକ ଚାରା ଲଗାଇବାର ଆବଶ୍ୟକତା ରହିଥିବା ପ୍ରକୃତି ପ୍ରେମୀ ସତ୍ୟନାରାୟଣ ବାରିକ ପ୍ରକାଶ କରିଛନ୍ତି। ଆଜିର ଆଧୁନିକ ଯୁଗରେ ନିଜର ସ୍ୱାର୍ଥ ପାଇଁ ମନୁଷ୍ୟ ସମାଜ ବୃକ୍ଷ, ପାହାଡ କାଟି ସେଠାରେ ବିଶାଳକାୟ କୋଠା ତିଆରି କରୁଛି। ଫଳରେ ଦିନକୁ ଦିନ ଉତ୍ତାପ ବୃଦ୍ଧି ପାଇବା ସହ ମନୁଷ୍ୟ ଜଗତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେଥିପାଇଁ ଅର୍ଜୁନ, ଫଣଫଣା, ହରିଡ଼ା, ବାହାଡା, କଣ୍ଟଶିମିଳି ଭଳି ୭୦ରୁ ଊର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ଲଗାଇବା ପାଇଁ ସେ ସରକାରଙ୍କୁ ଗଣମାଧ୍ୟମରେ ଜରିଆରେ ଅନୁରୋଧ କରିଛନ୍ତି।



## ଶ୍ରମିକ ସଚେତନତା ରଥର ଶୁଭାରମ୍ଭ




କୋରାପୁଟ, (ଭାସ୍କର ନ୍ୟୁଜ) : ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ଭି କୀର୍ତି ଭାସନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ୧ମାସ ଧରି ଜିଲ୍ଲାର କୋଣ ଅନୁକୋଣ ପରିକ୍ରମା କରି ସରକାରଙ୍କ ତରଫରୁ ଶ୍ରମିକମାନଙ୍କୁ ଦିଆଯାଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା, ପ୍ରବାସୀ ଶ୍ରମିକ ଆଇନ ଓ ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ସଚେତନ କରିବ। ଜିଲ୍ଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ଯୁଗ୍ମ ଶ୍ରମ ଆୟୁକ୍ତ ନରେନ୍ଦ୍ର ରାଇକା, ବୃନ୍ଦାବନ ସେଠୀ, ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝି, ବୁଲୁ ଶ୍ରୀହରିଆ, ଅନନ୍ତ ମୁଦୁଲି, ରାମେଶ୍ୱରୀ ହିକକା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଶିଶୁ ସୁରକ୍ଷା ସ୍ୱେଚ୍ଛାସେବୀ, କଲ୍ୟାଣି ସଂଯୋଜକ ଆଡପା ହରିପ୍ରସାଦ, ଡିଇଓ ସୁମନ୍ତ କୁମାର ବେହେରା, ଚନ୍ଦନ ଭାରତୀ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ୟୁନିଅନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶୌଚାଳୟରୁ ମୃତ ନବଜାତ ଉଦ୍ଧାର

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ସ୍ୱାସ୍ଥ୍ୟ କେନ୍ଦ୍ରର ଶୌଚାଳୟରୁ ମୃତ ନାବଜାତ ଶିଶୁ ଉଦ୍ଧାର। ନାବାଳିକା ଛାତ୍ରୀ ନବଜାତଙ୍କୁ ଜନ୍ମ ଦେଇ ଶୌଚାଳୟ ମଧ୍ୟରେ ପକାଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଶୌଚାଳୟ ଭାଙ୍ଗି ମୃତ ନବଜାତଙ୍କୁ ଉଦ୍ଧାର କରାଗଲା। ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ତେବେ ସୂଚନା ମୁତାବକ ୧୨ତାରିଖ ସକାଳେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଜଣେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ୱାସ୍ଥ୍ୟ ଖରାପ ଥିବାରୁ ପରିବାର ଲୋକଙ୍କ ସହ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ଆଉ ସେ ବର୍ହିବିଭାଗର ପୁରୁଷ ଶୌଚାଳୟକୁ ଯାଇଥିବା ବେଳେ ସେଠି ନାବଜାତ ଶିଶୁଙ୍କୁ ଜନ୍ମ ଦେଇଥିଲେ। ତାପରେ ନାବଜାତ ଶିଶୁଙ୍କୁ ଶୌଚାଳୟ ମଧ୍ୟରେ ପ୍ରବେଶ କରାଇ ସେଠୁ ଛାତ୍ରୀ ଜଣଙ୍କ ଚାଲିଯିବାକୁ ଉଦ୍ୟମ ରଖିଥିବା ବେଳେ ନାବଜାତ ଶିଶୁର ମୁଣ୍ଡଟି କିନ୍ତୁ ଶୌଚାଳୟରେ ଫସି ରହିଯାଇଥିଲା। ନା ତାହା ଆଗକୁ ଯାଉଥିଲା ନା ପଛକୁ ଫେରୁଥିଲା। ଏଭଳି ସ୍ଥିତିରେ ଛାତ୍ରୀଙ୍କ ମା ଜାଣିବାକୁ ପାଇ ନବଜାତର ଗୋଡ଼କୁ ଧରି ସେଠି ବସି ରହିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର କର୍ତ୍ତୃପକ୍ଷ ଖବର ପାଇ ଛାତ୍ରୀଙ୍କୁ ପ୍ରସୂତି କକ୍ଷକୁ ନେବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ଶୌଚାଳୟ ଖୋଲି ବାହାର କରିଥିବା ବେଳେ ନବଜାତଙ୍କ ପୂର୍ବରୁ ହିଁ ମୃତ୍ୟୁ ହୋଇସାରିଥିବା ଜଣାପଡ଼ିଛି। ତେବେ ଛାତ୍ରୀ ଜଣକ ରାଇକିଆ ସୁଧାକିରଣ ମହାବିଦ୍ୟାଳୟରେ ପଢୁଥିବା ବେଳେ ୧୧ତାରିଖରେ ହିଁ ସେ ନିଜ ଘରକୁ ଆସିଥିଲେ। ୧୨ତାରିଖରେ ଏ ସବୁ ଘଟଣା ଘଟିଛି। ଯାହାକି ମହାବିଦ୍ୟାଳୟର କାର୍ଯ୍ୟଧାରକୁ ନେଇ ଅନେକ ବିଷୟ ଆଲୋଚନାକୁ ଆସିଛି। ସେପଟେ ସିଡ଼ିପିଓ ଓ ଦାରିଙ୍ଗବାଡ଼ି ପୋଲିସ ମଧ୍ୟ ଖବର ପାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଧା କାହାରି ଉପରେ ଦୃଢ଼ ପଦକ୍ଷେପ ନେଇନାହାନ୍ତି। କନ୍ଧମାଳ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ଘଟଣା ଏହିପରି ହେଉଥିବା ଦ୍ୱାରା କୌଣସି ସଚେତନତା ଠିକ ଭାବରେ ହେଉନାହିଁ। ତେଣୁ ଜିଲ୍ଲାରେ ଏହିପରି ଘଟଣା ହେଉଛି।

## ଅମିନ, ଆର୍‌ଆଇ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଜଗତସିଂହପୁର, ( ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ବାସନ୍ଦରା ଠାରେ ନୂତନ ଭାବେ ଅମିନ, ଆର୍‌ଆଇ ପ୍ରଶିକ୍ଷଣ ଅନୁଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। ମହାଦେବ ପ୍ରସାଦ ଜେନାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଭାରତୀୟ ଜନତା ପାଟି ରାଜ୍ୟ ସମ୍ପାଦକ ତଥା ଯୁବ ଆଇନଜୀବୀ ରାଜକିଶୋର ବେହେରା, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଉପ ଜିଲ୍ଲାପାଳ ବିବୁଧା ରଞ୍ଜନ ମହାନ୍ତି, ସଚ୍ଚିଦାନନ୍ଦ ରାଉତ, ବୈଷୟିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ସାହୁ, ବାସନ୍ଦରା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଯୋଗଦେଇଥିଲେ। ଅମିନ, ଆର୍‌ଆଇ ପ୍ରଶିକ୍ଷଣ ଅନୁଷ୍ଠାନର ସଂଯୋଜକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଅନୁଷ୍ଠାନର ଆଭିମୁଖ୍ୟ ଏବଂ ବିବରଣୀ ପାଠ କରିଥିବା ବେଳେ ଅଧକ୍ଷ୍ୟ ମହାଦେବ ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖ ପାଖ ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

## ଲହୁଣୀପଡ଼ା ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଲହୁଣୀପଡା, (ଭାସ୍କର ନ୍ୟୁଜ୍ ) : ଲହୁଣୀପଡା ଡିଗ୍ରୀ ମହାବିଦ୍ୟାଳୟରେ ୩୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଯୁକ୍ତ୨ରେ ପ୍ରିନ୍ସପାଲ ଲତିକା ବେସରା ଓ ଯଦୁପତି ଉଚ୍ଚ ବିଦ୍ୟାଳୟର ପ୍ରିନ୍ସପାଲ ଅସିମ୍ କୁମାର ମଲ୍ଲିକ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟ ପ୍ରିନ୍ସପାଲ ଚୁଡ଼ାମଣି ସାହୁ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ ଓ ପରବର୍ତ୍ତୀ ସମୟରେ ଅତିଥିମାନଙ୍କ କର କମଳରେ ଭଗବାନଙ୍କ ଉଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ବିଦ୍ୟାଳୟର ଇଂରାଜୀ ଅଧାପକ ପ୍ରସନ୍ନ କୁମାର ପ୍ରଧାନ ଅତିଥି ପରିଚୟ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଓଡ଼ିଆ ଅଧ୍ୟାପକ ସଞ୍ଜୟ କୁମାର ଦ୍ୱିବେଦୀ। ମୀନା ମାହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀ ମାନେ ଉତ୍ତମ ଶିକ୍ଷା ପାଇବାକୁ ହେଲେ ଛାତ୍ରଛାତ୍ରୀ ଯେତିକି ଦାୟିତ୍ୱବାନ ହେବା କଥା ଶିକ୍ଷକ ଓ ଅବିଭାବକଙ୍କ ଭୂମିକା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି କହିଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରିଥିଲେ। ଶେଷରେ ନିହାର ରଞ୍ଜନ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ର ଦୁର୍ଯ୍ୟୋଧନ ମାହାନ୍ତ, ଦୁର୍ଗା ମାହାନ୍ତ ଓ ଶରତ ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା।



## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମୀକ୍ଷା ବୈଠକ




କୋରାପୁଟ, (ଭାସ୍କର ନ୍ୟୁଜ) : କୃଷି ପ୍ରଧାନ କୋରାପୁଟ ଜିଲ୍ଲାର ଭୌଗୋଳିକସ୍ଥିତି କୃଷି ଉଦ୍ୟୋଗ ଓ କୃଷି ପର୍ଯ୍ୟଟନ ଉଦ୍ୟୋଗ ପାଇଁ ଉପଯୁକ୍ତ। କିନ୍ତୁ ବ୍ୟାଙ୍କ ଗୁଡିକ ଋଣ ଦେବା ପାଇଁ କୁନ୍ଥକୁନ୍ଥ ହେଉଛନ୍ତି। ବହୁ ସମୟରେ ବିଭିନ୍ନ ବାହାନାରେ ଆବେଦନକାରୀଙ୍କ ଋଣ ଆବେଦନ ନାକଚ କରି ଦେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ର ପରିସରରେ ଆୟୋଜିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ବିଗିଡିଛନ୍ତି ଜିଲ୍ଲାପାଳ ଭି. କିର୍ତି ଭାସନ। ଏଣିକି ଏଭଳି ହେଲେ ବ୍ୟାଙ୍କ ଗୁଡିକ ବିରୋଧରେ ପଦକ୍ଷେପ ନେବାକୁ ପଛାଇବେ ନାହିଁ ବୋଲି କଡା ଚେତାବନୀ ଦେଇଛନ୍ତି। ବିଭିନ୍ନ ସରକାରୀ ଯୋଜନାରେ ବ୍ୟାଙ୍କ ଗୁଡିକରେ ଟଙ୍କା ଜମା କରାଯାଉଛି। ଯେଉଁ ବ୍ୟାଙ୍କ ସରକାରୀ ଯୋଜନାକୁ ସଫଳ ରୂପାୟନରେ ଏବଂ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବ ନାହିଁ ସେଭଳି ବ୍ୟାଙ୍କ ସହିତ ଆଉ ପ୍ରଶାସନ ସମ୍ପର୍କରେ ରହିବ ନାହିଁ ବୋଲି ମଧ୍ୟ କହିଛନ୍ତି ଜିଲ୍ଲାପାଳ। ଜିଲ୍ଲାରେ ବହୁ କଷ୍ଟରେ କୃଷି ଉଦ୍ୟୋଗୀ ବାହାରୁଛନ୍ତି। ସେମାନଙ୍କୁ ସହଯୋଗର ହାତ ବଢାଇବା ଆବଶ୍ୟକ। ଜଣେ କୃଷି ଉଦ୍ୟୋଗୀଙ୍କୁ ଦେଖି ଆଉ କିଛି ବ୍ୟକ୍ତି ବିଭିନ୍ନ କୃଷି ଉଦ୍ୟୋଗ କରିବାକୁ ଇଚ୍ଛା ପ୍ରକାଶ କରିବ। ଏହାଦ୍ୱାରା ଜିଲ୍ଲାର ବିକାଶ ହେବ। ଏଥିରେ କାହିଁକି ବ୍ୟାଙ୍କମାନେ ବାଧକ ସାଜୁଛନ୍ତି ବୋଲି ଜିଲ୍ଲାପାଳ କହିଥିଲେ। ଚାଷୀ, କୃଷି ଉଦ୍ୟୋଗୀ, ଏସ୍‌ଏଚ୍‌ଜି, ପିଏମ୍‌ଇଜିପି, ଏମ୍‌ଏସ୍‌ଏମ୍‌ଇ ଋଣ ନେଉଥିବା ଉଦ୍ୟୋଗୀଙ୍କୁ ଆବଶ୍ୟକ ସ୍ଥଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଅଯଥାରେ ବ୍ୟାଙ୍କ ଗୁଡିକ ଆବେଦନପତ୍ର ନାକଚ ନକରି ତାଙ୍କ ଦୃଷ୍ଟି ଗୋଚରକୁ ଆଣିଲେ କେଉଁ ଋଣ ଆବେଦନରେ କେଉଁ ସମସ୍ୟା ରହିଛି ତାହାର ଆଶୁ ସମାଧାନ ମିଳିତ ଭାବେ କରିବା ବୋଲି ଜିଲ୍ଲାପାଳ ବ୍ୟାଙ୍କ ଗୁଡିକର ପ୍ରବନ୍ଧକଙ୍କୁ କହିଥିଲେ। ଏହି ଅବସରରେ ଏପିକଲ ଜରିଆରେ ୨୯ଟି କୃଷି ଉଦ୍ୟୋଗୀଙ୍କ ଋଣ ଆବେଦନପତ୍ରର ସମୀକ୍ଷା କରିଥିଲେ ଜିଲ୍ଲାପାଳ। ବୈଠକରେ ଜିଲ୍ଲାପରିଷଦ ମୁଖ୍ୟନିର୍ବାହୀ ଅଧିକାରୀ ବେଣୁଧର ଶବର, ନାବାର୍ଡର ଡିଡିଏମ ଦେବେନ୍ଦ୍ର ପ୍ରଧାନ, ଜିଲ୍ଲା ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ଭରତ ଭୂଷଣ ସାହୁ, ସିଡିଭିଓ ଲକ୍ଷ୍ମୀଧର ବେହେରା, ଏଡିଓ ଲୋଚନ ମାଝି, ଏପିକଲର ଫାଇନାସ ପ୍ରବନ୍ଧକ ତାରିଣୀ ବିଶ୍ୱାଳ, ବ୍ୟାଙ୍କିଙ୍ଗ ପରାମର୍ଶଦାତା ଚିନ୍ମୟ ପୃଷ୍ଟିଙ୍କ ସହିତ ଜିଲ୍ଲାର ୮ଟି ବ୍ୟାଙ୍କର ପ୍ରବନ୍ଧକ ଯୋଗଦେଇଥିଲେ। ଉଦ୍ୟାନ ବିଭାଗର ଜିଲ୍ଲା ଉପନିର୍ଦ୍ଦେଶକ ସୁଧାମ ବିଶ୍ୱାଳ ବୈଠକରେ ସଭାପତିତ୍ୱ କରିଥିବାବେଳେ ଏପିକଲର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ସାହୁ ସଂଯୋଜନା କରିଥିଲେ। ଏପିକଲ ଓ ଜିଲ୍ଲା ଉଦ୍ୟାନ ବିଭାଗ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିଲା।

## ବାଂଶପାଳ ବ୍ଲକରେ ସ୍ଥାୟୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ବାଂଶପାଳ ବ୍ଲକରେ ବହୁ ବର୍ଷ ଧରି ସ୍ଥାୟୀ ଶିକ୍ଷା ଅଧିକାରୀଙ୍କ ପଦ ଖାଲି ପଡ଼ିଥିବା ସ୍ଥଳେ ସମସ୍ତ ପ୍ରତୀକ୍ଷାର ଅନ୍ତ ଘଟି ନୂତନ ତଥା ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଦାଶରଥି ଶୁଣ୍ଡି ଯୋଗଦାନ କରିଛନ୍ତି। ଯାହାଫଳରେ ବାଂଶପାଳ ଅନ୍ତର୍ଗତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି। ବାଂଶପାଳରେ ସ୍ଥାୟୀ ଶିକ୍ଷା ଅଧିକାରୀ ନଥିବାରୁ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟରେ ବିଳମ୍ବ ଘଟୁଥିଲା। ତେଣୁ ନୂତନ ସ୍ଥାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପାଇ ବାଂଶପାଳ ଅନ୍ତର୍ଗତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ତରଫରୁ ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଗଠନର ସଭାପତି ଭଦ୍ରାନନ୍ଦ ପାତ୍ର, ସମ୍ପାଦକ ଆଶିଷ କୁମାର ସେଠୀ, ସାଙ୍ଗଠନିକ ସମ୍ପାଦକ ବସନ୍ତ କୁମାର ପରିଡା, ଗୌରହରି ମହାନ୍ତ, ହୃଦାନନ୍ଦ ମହାନ୍ତ ଇତ୍ୟାଦି ଶିକ୍ଷକ ନେତୃବୃନ୍ଦ ଶିକ୍ଷା ଅଧିକାରୀ ମହୋଦୟଙ୍କୁ ପୁଷ୍ପଗୁଚ୍ଛ ଏବଂ ଚାରା ଗଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୌଜନ୍ୟ ମୂଳକ ଆଲୋଚନାରେ ଶିକ୍ଷକ ମାନଙ୍କର ସମସ୍ତ ସମସ୍ୟାର ସମାଧାନ କରିବାର ପ୍ରତିଶୃତି ଦେବା ସହ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଏହି ବ୍ଲକର କୋମଳ ମତି ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷଣ ଅଗ୍ରଗତି ସୁଚାରୁ ରୂପେ ସମ୍ପାଦନ କରିବା ନିମିତ୍ତ ଶିକ୍ଷାଧିକାରୀ କହିଥିଲେ।

## ଇଚ୍ଛାଘୁଟୁ ଶାଖା ସମ୍ମିଳନୀ ଅନୁଷ୍ଠିତ

ବାରିପଦା, (ଭାସ୍କର ନ୍ୟୁଜ୍ ) : ଇଚ୍ଛାଘୁଟୁ ଶାଖା ସମ୍ମିଳନୀ ସାଥୀ ସୁରେଇ ହାଂସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଥୀ ରାମାଇ ସୋରେନ ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ସମ୍ମିଳନୀକୁ ଉଦ୍‌ଘାଟନ କରି କମ୍ୟୁନିଷ୍ଟ ପାର୍ଟିର ନୀତି, ଆଦର୍ଶ, ପ୍ରତିବଦ୍ଧତାକୁ ବଜାୟ ରଖିବାକୁ ଉଦ୍ୟମ କଲେ ଶ୍ରମିକ, କୃଷକ, ନିମ୍ନ ମଧ୍ୟବିତ୍ତ, ସକଳ ଜନଗଣ ସେମାନଙ୍କ ଅଧିକାର ପାଇ ପାରିବେ। ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥୀ ଡ଼ା ପ୍ରଶାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଲେ, ଦେଶର ସମ୍ବିଧାନ ଆମକୁ ସମାନ ଅଧିକାର ପ୍ରଦାନ କରିଥିଲେ ମଧ୍ୟ ଶାସକମାନଙ୍କ ପୁଞ୍ଜିବାଦୀ ଅର୍ଥନୈତିକ ଶୋଷଣ ନୀତିକୁ ଅନୁସରଣ କରିବା କାରଣରୁ ଧନୀ ଓ ଗରିବ ମଧ୍ୟରେ ପାତର ଅନ୍ତର ବୃଦ୍ଧି ପାଉଛି। ସାମାଜିକ ବୈଷମ୍ୟ ଉତ୍କଟ ରୂପ ଧାରଣ କଲାଣି। ଖଟିଖିଆ ମଜୁରୀଆ ମେହେନତୀ ମଣିଷ ଶିକ୍ଷିତ, ସଚେତନ ଓ ସଂଗଠିତ ହେଲେ ଏହା ବିରୁଦ୍ଧରେ ସଂଗ୍ରାମ ତୀବ୍ର ହୋଇପାରିବ। ଜୋନ୍ ସମ୍ପାଦକ ସାଥୀ ପାରାଉ ହାଁସଦା ଏକ ହୋଇ କାମ କଲେ ଆମ ଅଞ୍ଚଳର ସମସ୍ୟା ସମାଧାନ ହୋଇ ପାରିବ ବୋଲି କହିଛନ୍ତି। ସମ୍ମିଳନୀରେ ଶୁକଲାଲ ସୋରେନ, ଉଦୟ ହାଁସଦା, ଶରତ ବିନ୍ଧାଣି,ଦାଖିଣ ସୋରେନ, ଆନପ ହାଁସଦା, ସଲମାବତୀ ମୁର୍ମୁ, ଯୂଇ ହାଁସଦା, ରାନ ହାଁସଦା, ପାର୍ବତୀ ବାସ୍କେ, ସାର ମୁର୍ମୁ, ଲକ୍ଷ୍ମଣ ସୋରେନ, ଦୁଲୀ ହାଁସଦା, ପାଉରା ଟୁଡୁ, ସରସ୍ୱତୀ ସୋରେନ, ସୂର୍ଯ୍ୟମଣି ହାଁସଦା, ଶିଙ୍ଗ ସୋରେନ,ସାକିଲା ମୁର୍ମୁ, ରୁକ୍ମଣୀ ସୋରେନ, ମାଳତୀ ହାଁସଦା ପ୍ରମୁଖ ସାଥୀମାନେ ଉପସ୍ଥିତ ଥିଲେ। ସର୍ବ ସମ୍ମତି କ୍ରମେ ସାଥୀ ରାମାଇ ଚରଣ ସୋରେନକୁ ଆଗାମୀ ବର୍ଷ ପାଇଁ ଶାଖା ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି।

## ଆଡମ୍ବର ସହ ପାଳିତ ହେଉଛି ମା ଦାମଲଦେଈ ଯାତ୍ରା



ଖଇରପୁଟ, (ଭାସ୍କର ନ୍ୟୁଜ୍ ) : ଖଇରପୁଟ ନିକଟସ୍ଥ ଅମାକୁଣ୍ଡର ମାଲିଘାଟନା ଠାରେ ମାଆ ଦାମଲ୍‌ଦେଇ ଦେବୀ ଜଙ୍ଗଲରେ ବିରାଜମାନ। ପର୍ବତର ଦୁଇ ଶିଖର ଝରଣା କୂଳରେ ଅବସ୍ଥିତ। ବହୁ କାଳ୍ପନିକ କାଳରୁ ମାଆ ଦେବୀ ଏହି ଅଞ୍ଚଳରେ ଦେବୀ ରୂପରେ ଥିଲେ ବର୍ତ୍ତମାନ ବି ଅଛନ୍ତି। ଆଜି ବି ଦେବୀ ଆମାକୁଣ୍ଡ ଝରଣାରେ ମାଛ ରୂପରେ ପୂଜା ପାଇ ଆସୁଛନ୍ତି। ପୂର୍ବ ପୁରୁଷଙ୍କ ନିୟମ ଅନୁସାରେ ତ୍ରେତୟା କାଳରୁ ପାଳନ ହେଉଛି ମା ଦାମଲ ଦେଇ ଯାତ୍ରା। ପ୍ରତି ବର୍ଷ ପରି ମାଘ ମାସର ପୂର୍ଣ୍ଣିମା ତିଥିରେ ଏହି ଯାତ୍ରା ପାଳନ କରାଯାଏ। ତେଣୁ ଏହି ଅଞ୍ଚଳରେ ଏହାକୁ ମାଘ ଯାତ୍ରା ବୋଲି ଲୋକଙ୍କ ପାଟିରୁ ଶୁଣିବାକୁ ମିଳେ। ପ୍ରତି ବର୍ଷ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ବୈଠକ ବସି ଯାତ୍ରା ପରିଚାଳନା ନିମନ୍ତେ ଅସ୍ଥାୟୀ କମିଟି ଗଠନ କରାଯାଏ। ଏହି ଯାତ୍ରା ପୂର୍ବରୁ ତିନି ଦିନ ଧରି ପାଳନ କରାଯାଉଥିଲା। ବର୍ତ୍ତମାନ ଚାରି ଦିନ ଧୁମ୍‌ଧାମରେ ପାଳନ କରାଯାଉଛି। ଏହି ଯାତ୍ରା ଦେଖିବା, ଠାକୁର ଦର୍ଶନ କରିବା ସହିତ ମିନା ବଜାରର ମଜା ନେବା ପାଇଁ ଜିଲ୍ଲାର କୋଣ ଅନୁକୋଣରୁ ଲୋକ ନିଜର ମାନସିକ ପୂରଣ ପାଇଁ ଆସନ୍ତି। ପ୍ରଥମେ ମାଲିକାଟନା ଠାରେ ମାଆ ଦାମଲ ଦେଈଙ୍କୁ ପୂଜାଅର୍ଚ୍ଚନା କରି ସେଠାରେ ସମସ୍ତ ଭକ୍ତ, ପୂଜକ, ଶିରୁଆ ରୁଣ୍ଡ ହୋଇ ଗିନି, ବାଜା, ବାଇଦ ସହ ଆସି ଖଇରପୁଟ ଗ୍ରାମ ପରିକ୍ରମା ସଭା ଯାତ୍ରାରେ ବାହାରନ୍ତି। ତାହା ସହ ବିଭିନ୍ନ ସମ୍ପ୍ରଦାୟର ପାରମ୍ପରିକ ଗୀତ ନାଚ ସହକାରେ ମା ଦାମଲ ଦେଈଙ୍କୁ ତାଙ୍କ ମନ୍ଦିର ପରିସରକୁ ନିଅନ୍ତି। ଆଖପାଖ ବିଭିନ୍ନ ଗ୍ରାମରୁ ପୂଜା ଲାଠି ସେହି ଗ୍ରାମର ଗ୍ରାମବାସୀ ଓ ପୂଜକ ମାନେ କାନ୍ଧରେ ବୋହି ସଙ୍ଗୀତ କୀର୍ତ୍ତନ ସହିତ ନେଇ ଆସନ୍ତି ମାଆଙ୍କ ପୂଜା ପୀଠକୁ। ତା'ପର ଦିନ ମାଙ୍କୁ ଦର୍ଶନ ସହ ନିଜ ନିଜ ମାନସିକ କରିଥିବା ଲୋକ ବା ଭକ୍ତମାନେ ମାନସିକ ପୂରଣ ପାଇ ଛେଳି, କୁକୁଡ଼ା, ବତକ ବଳି ଦିଅନ୍ତି। ବହୁତ ଆଡ଼ମ୍ବରରେ ଖଇରପୁଟ ସାରା ଗ୍ରାମ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ ହୋଇଥାଏ। ଏହି ଯାତ୍ରା ପାଇଁ ଗ୍ରାମବାସୀ ଯେତେ ଦୂର ଦୁରନ୍ତରରେ ଥିଲେ ମଧ ଯାତ୍ରା ଉପଭୋଗ୍ କରିବା ପାଇଁ ଗାଁକୁ ଆସନ୍ତି ଓ ପରିବାର ତଥା ଗ୍ରାମବାସୀଙ୍କ ସହିତ ଯାତ୍ରାର ମଜା ନିଅନ୍ତି। ଏହି ସମୟରେ ଗ୍ରାମର କୌଣସି ମାଟି କାମ, ଜମି କାମ, ଗୃହ ନିର୍ମାଣ କାମ କରିନ୍ତି ନାହିଁ। ନିୟମ ଅନୁଯାୟୀ ସମସ୍ତେ ଗାଁ ଲୋକ ମା ଦାମଲ୍ ଦେଈ ମନ୍ଦିର ନିକଟରେ ରହି ଆନନ୍ଦର ସହିତ ଯାତ୍ରା ପାଳନ କରିଥାନ୍ତି। ଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୁଦୁଲି ପଡ଼ା ପୋଲିସ୍ ସହ ବିଏସ୍‌ଏଫ୍ ଯବାନ ଯାତ୍ରା ପ୍ରେମୀ ମାନଙ୍କୁ ରାତି ଦିନ ଶୃଙ୍ଖଳା ଓ ସୁରକ୍ଷା ଜଗାଇ ଥାଆନ୍ତି। ଏହି ଯାତ୍ରା ପାଇଁ ବ୍ଲକ୍‌ର ଆଖ ପାଖ କିଛି ପଞ୍ଚାୟତର ସ୍କୁଲ ଗୁଡ଼ିକ ମଧ୍ୟ ସରକାରୀ ନିୟମ ଅନୁସାରେ ଗୋଟିଏ ଦିନ ଆଞ୍ଚଳିକ ଛୁଟି ଭାବେ ବନ୍ଦ ରହିବା ସହିତ ସ୍କୁଲ ପିଲାମାନେ ତାଙ୍କ ଅଭିଭାବକ ମାନଙ୍କ ସହିତ ଯାତ୍ରାର ମଜା ନେବା ସହିତ ଯାତ୍ରା, ମେଳା, ମିନା ବଜାରର ଅନୁଭୂତି ହାସଲ କରନ୍ତି। ସରକାରୀ ଅଫିସ୍ ଗୁଡ଼ିକ ଯଦି ବି ଛୁଟି ହୁଏ ନାହିଁ ତେଣୁ କର୍ମଚାରୀ ମାନେ ସନ୍ଧ୍ୟା ସମୟରେ ଏଠାକୁ ଆସୁଥିବା ଦେଖା ଯାଇଛି।

## ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଲେ ପ୍ରୀତି




ଝାରସୁଗୁଡା, (ଭାସ୍କର ନ୍ୟୁଜ୍ ) : ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରୀତି ବିଶ୍ୱାଳ ପରୀକ୍ଷା ପେ ଚର୍ଚ୍ଚା ୨୦୨୫ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ନୂଆଦିଲ୍ଲୀର ଭାରତ ମଣ୍ଡପ ଠାରେ ଅନୁଷ୍ଠିତ ସମ୍ମାନଜନକ 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହ ପ୍ରୀତିଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ କରିବାର ଅସାଧାରଣ ସୁଯୋଗ ବିଦ୍ୟାଳୟ ପାଇଁ ଖୁସି ଆଣି ଦେଇଥିବା ବେଳେ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ସାଜିଛି। ପରୀକ୍ଷା ପେ ଚର୍ଚ୍ଚା ପାଇଁ ପ୍ରୀତିଙ୍କ ଯାତ୍ରା ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଦେଶର ୩୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ଭାବରେ ଚୟନ ସହିତ ଆରମ୍ଭ ହୋଇଥିଲା। ଦିଲ୍ଲୀରେ ପହଞ୍ଚିବା ପରେ ସେ ଉତ୍ସାହ ଓ ପ୍ରତୀକ୍ଷାରେ ପରିପୂର୍ଣ୍ଣ ହୋଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଆଗ୍ରହୀ ଥିଲେ। ଶେଷରେ ତାଙ୍କୁ ଇଣ୍ଟରାକ୍ଟିଭ୍ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ମିଳିଥିଲା। ଯେଉଁ ଛାତ୍ରଛାତ୍ରୀମାନେ ସେମାନଙ୍କର ସର୍ବଶ୍ରେଷ୍ଠ ଉଦ୍ୟମ ସତ୍ତ୍ୱେ ଅଳ୍ପ ପ୍ରଦର୍ଶନ କରୁଛନ୍ତି ବୋଲି ଅନୁଭବ କରୁଛନ୍ତି ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କର କଣ ଉପଦେଶ ରହିବ ବୋଲି ପ୍ରୀତି ପଚାରିଥିବା ପ୍ରଶ୍ନର ଜବାବରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଛାତ୍ରମାନଙ୍କୁ ଏକ ସକରାତ୍ମକ ମାନସିକତା ଗ୍ରହଣ କରିବାକୁ ଏବଂ ପ୍ରତିବନ୍ଧକ ଦ୍ୱାରା ନିରାଶ ହେବା ପରିବର୍ତ୍ତେ ନିରନ୍ତର ଉନ୍ନତି ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରିଥିଲେ। ସଫଳତା ହେଉଛି ଏକ ଯାତ୍ରା, ଏବଂ ପ୍ରକୃତ ଶିକ୍ଷା ଚ୍ୟାଲେଞ୍ଜରୁ ଆସିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ଛାତ୍ରମାନଙ୍କୁ ସେମାନଙ୍କର ଦୁର୍ବଳତାକୁ ବିଶ୍ଳେଷଣ କରିବାକୁ, ବାସ୍ତବବାଦୀ ଲକ୍ଷ୍ୟ ସ୍ଥିର କରିବାକୁ ଏବଂ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା ନକରିବାକୁ ପରାମର୍ଶ ଦେଇଥିଲେ। ପ୍ରୀତି ତାଙ୍କ ଅଭିଜ୍ଞତା ବାଣ୍ଟିବାକୁ ଯାଇ ଅତ୍ୟନ୍ତ ଉତ୍ସାହ ବ୍ୟକ୍ତ କରି କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା ହେବା ଏକ ସ୍ୱପ୍ନ ଥିଲା। ତାଙ୍କ କଥା ମୋତେ ଶିକ୍ଷା ଏବଂ ଆତ୍ମ-ଅଭିବୃଦ୍ଧି ପାଇଁ ଏକ ନୂତନ ଦୃଷ୍ଟିକୋଣ ଦେଇଛି। ମୁଁ ବର୍ତ୍ତମାନ ଅଧିକ ଆତ୍ମବିଶ୍ୱାସୀ ଏବଂ ବିଫଳତାକୁ ଭୟ ନକରି କଠିନ ପରିଶ୍ରମ କରିବାକୁ ପ୍ରେରିତ। ଏଭଳି ସମ୍ମାନଜନକ ପ୍ଲାଟଫର୍ମରେ ଜିଲ୍ଲା ଓ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିବାରୁ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରୀତିଙ୍କ ପ୍ରଶଂସା କରିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଠାରୁ ୩ କିମି ଦୂର ଜିଲୁଣ୍ଡି ଗ୍ରାମରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଓ ଘୃତଯଜ୍ଞ ଉଦଯାପିତ ହୋଇଯାଇଛି। ସାରା ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ସହ ବିଷ୍ଣୁ କୃପା ଲାଭ ଓ ଦେବୀ ଦୁର୍ବିପାକରୁ ରକ୍ଷା ନିମିତ୍ତ ଏହି ୨୪ ପ୍ରହର ନାମଯଜ୍ଞ ଗ୍ରାମବାସୀଙ୍କ ତରଫରୁ ଆୟୋଜିତ ହୋଇଥିଲା। ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଖଣ୍ଡ ନାମଯଜ୍ଞ ସାଢେ ୧୦ଟାରେ ସଂପନ୍ନ ହୋଇଛି। ସେହିପରି ବିଶ୍ୱଶାନ୍ତି ଘୃତଯଜ୍ଞ ମଧ୍ୟ ଦିନ ୧୧ ଟାରେ ପୂର୍ଣ୍ଣାହୂତି ହୋଇଛି। ଏହି ନାମଯଜ୍ଞାରେ ନିକଟସ୍ଥ ଗାଙ୍ଗପୁର, ସିଙ୍ଗିପୁର, ଗୋଲାପଲ୍ଲୀ(ଆସିକା), ସାମନ୍ତରାପଲ୍ଲୀ ଓ ଜିଲୁଣ୍ଡିର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ୭ ତାରିଖ ପୂର୍ବାହ୍ଣରେ ଏଥିପାଇଁ ଏକ କଳସ ଯାତ୍ରା ଆୟୋଜିତ ହୋଇଥିଲା। ମଙ୍ଗଳବାର ନାମଯଜ୍ଞ ଓ ଘୃତଯଜ୍ଞର ପୂର୍ଣ୍ଣାହୂତି ପରେ ଦଧିଭାଣ୍ଡ ଭଞ୍ଜନ ପରେ ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ, କଳସ ଯାତ୍ରାରେ ସାମିଲ ହୋଇଥିବା ଶତାଧିକ ମହିଳାଙ୍କ ସମେତ ବହୁ ଗ୍ରାମବାସୀ ଯମୁନା ସ୍ନାନରେ ସାମିଲ ହୋଇଥିଲେ। ଏଥିପାଇଁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଶେଷରେ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନାମଯଜ୍ଞରେ ବହୁ ଶ୍ରଦ୍ଧାଳୁ ଭକ୍ତଜନ ଆର୍ଥିକ ସହାୟତା ଯୋଗାଇ ଦେଇଥିବାବେଳେ ଗ୍ରାମର ପ୍ରତ୍ୟେକ ସାହିର ସ୍ୱେଚ୍ଛାସେବୀ ମାନେ ଏହାକୁ ସଫଳତାର ସହ ସଂପନ୍ନ କରିବାରେ ସଂପୂର୍ଣ୍ଣ ସହଯୋଗ କରିଥିଲେ।

# ଖାଦ୍ୟ ସୁରକ୍ଷା ଯୋଜନା:ଇ-କେୱାଇସିରେ ଜିଲ୍ଲାରେ ଗୋପ ବ୍ଲକ ପ୍ରଥମ

## ୯୩.୮ ପ୍ରତିଶତ ହିତାଧିକାରୀ କଲେ ଇ-କେୱାଇସି , ୧୫୩ ଜଣଙ୍କୁ ନୋଟିସ୍ , ୫୭ଫେରାଇଲେ ରାସନ କାର୍ଡ



ଗୋପ, (ଭାସ୍କର ନ୍ୟୁଜ) : ଖାଦ୍ୟ ସୁରକ୍ଷା ଯୋଜନା ଇ-କେୱାଇସିରେ ଜିଲ୍ଲାରେ ଗୋପ ବ୍ଲକ ପ୍ରଥମ । ୯୩.୮ ପ୍ରତିଶତ ହିତାଧିକାରୀ କଲେ କେ-ୱାଇସି । ଯାହାକି ରାଜ୍ୟ ସ୍ତରରେ ୮୯ ପ୍ରତିଶତ ହୋଇଥିବା ସୁଚନା ଦେଇଛନ୍ତି ଗୋପ ବ୍ଲକ ଯୋଗାଣ ନିରୀକ୍ଷକା ରଚିତା ପଣ୍ଡା । ଅନ୍ୟପକ୍ଷରେ ରାସନକାର୍ଡ ହାତେଇଥିବା ୧୫୩ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ବିଭାଗ ପକ୍ଷରୁ ନୋଟିସ୍ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୭ ଜଣ କାର୍ଡ ଫେରାଇଥିବା ଜଣାପଡିଛି। ସାରା ରାଜ୍ୟରେ ଅନେକ ଭୂତ ହିତାଧିକାରୀ ରାସନକାର୍ଡ ହାତେଇଥିବା ନେଇ ଅଭିଯୋଗ ପରେ ନକଲି ହିତାଧିକାରୀଙ୍କୁ ଚିହ୍ନଟ ଲାଗି ସରକାରଙ୍କ ପକ୍ଷରୁ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଇ-କେୱାଇସି ପ୍ରକ୍ରିୟାରେ ସରକାରୀ ଚାକିରିଆ, ବଡ଼ ବଡ଼ ବ୍ୟବସାୟୀ, ୪ ଚକିଆ ଯାନ ମାଲିକ, କୋଠାଘର ଥିବା ବ୍ୟକ୍ତି, ଆୟକର ଦାତା ଆଦି ବ୍ୟକ୍ତି ବାଦ୍ ପଡ଼ିବେ ବୋଲି ନିୟମ ରହିଥିଲା । ଇ-କେୱାଇସି ପରେ ଏହି ସବୁ ତଥ୍ୟ ସାମ୍ନାକୁ ଆସିଛି । ଗୋପ ବ୍ଲକରେ ଅନ୍ତୋଦ୍ୟ ଅନ୍ନ ଯୋଜନାରେ ୪ ହଜାର ୬୮୪ କାର୍ଡରେ ୧୪ ହଜାର ୧୫୬ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯାଉଥିବାବେଳେ ଜାତୀୟ ଖାଦ୍ୟସୁରକ୍ଷା ଆଇନରେ ୩୨ ହଜାର ୨୩୩ଟି କାର୍ଡରେ ୧ ଲକ୍ଷ ୧୦ ହଜାର ୯୭୫ ଜଣ ବ୍ୟକ୍ତିଙ୍କୁ ୭୯ଟି ରିଟେଲର କେନ୍ଦ୍ର ଜରିଆରେ ରାସନ ସାମଗ୍ରୀ ବଣ୍ଟନ କରାଯାଉଛି। ଗୋପ ବ୍ଲକରେ ପୂର୍ବରୁ ୧,୩୦,୨୧୮ ଜଣ ହିତାଧିକାରୀ ରାସନ ସାମଗ୍ରୀ ପାଉଥିବା ବେଳେ ସେମାନଙ୍କ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୧,୨୨,୦୯୮ ଜଣ ହିତାଧିକାରୀ ଇ-କେୱାଇସି କରିଛନ୍ତି । ଅବଶିଷ୍ଟ ୮୧୨୦ ଜଣ ଇ -କେୱାଇସି କରିନଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୩ ଜଣଙ୍କୁ ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯିବା ପରେ ଆଜି ପର୍ଯ୍ୟନ୍ତ ୫୭ ଜଣ ସେମାନଙ୍କର କାର୍ଡ ଫେରାଇଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ସରକାରଙ୍କ ପକ୍ଷରୁ ଗରିବ ଅସହାୟଙ୍କୁ ରାସନକାର୍ଡ ମାଧ୍ୟମରେ ୫ କେଜି ଲେଖାଏଁ ରାସନ ସାମଗ୍ରୀ ଯୋଗାଇ ଦିଆଯାଉଛି। ମାତ୍ର ସରକାରଙ୍କ ନିୟମକୁ ଉଲ୍ଲଙ୍ଘନ କରି ସରକାରୀ ଚାକିରି କରିଥିବା ଶିକ୍ଷକ, ଅଧ୍ୟାପକ, ଡାକ୍ତରଖାନା କର୍ମଚାରୀ, ପୋଲିସ କର୍ମଚାରୀଙ୍କ ସହ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ଶହଶହ ଅଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ହୋଇ ରାସନ ସାମଗ୍ରୀ ହାତେଇଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଗୋପ ଯୋଗାଣ ଅଧିକାରୀ ରଚିତା ପଣ୍ଡା ଏହି ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ବାଦ୍ ଦେବା ସହ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ରଚିତ ପଣ୍ଡା କହିଛନ୍ତି, ତଦନ୍ତରୁ ଜଣାପଡିବା ପରେ ୧୫୩ ଅଯୋଗ୍ୟ ହିତାଧିକାରୀଙ୍କୁ ନୋଟିସ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୫୭ ଜଣ କାର୍ଡ ଫେରାଇଛନ୍ତି। ସେହିପରି ସମସ୍ତ ରିଟେଲର ମାନଙ୍କୁ ତାଗିଦ୍ କରାଯାଇଛି, ତଦନ୍ତ କରି ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଶିଘ୍ର ଇ-କେୱାଇସି ପ୍ରକ୍ରିୟା ଶେଷ କରିବା ପାଇଁ ।

# ମୁଦୁପୁର ଓ କାଦୁଅପଡ଼ା ପ୍ରାଥମିକ କୃଷି ସମବାୟ ସମିତିରେ ମାତ୍ରାଧିକ କଟ୍ନୀ ଛଟ୍ନୀ




ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକାର ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଚଳିତବର୍ଷ ଅଦିନିଆ ଲଘୁଚାପ ବର୍ଷା ବ୍ୟାପକ ଧାନ ଫସଲ ନଷ୍ଟ କରିବା ଦ୍ୱାରା କୃଷକର ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଅପର ପକ୍ଷରେ ରାଜ୍ୟ ସରକାର କୃଷକର ହିତ ନିମନ୍ତେ ଉଚିତ ଧାନର ଉଚିତ ମୂଲ୍ୟ ନିର୍ଧାରଣ କରିଛନ୍ତି । କୌଣସି ଧାନ ମଣ୍ଡିରେ ଆଉ କଟିନୀ ଛଟିନୀ ହେବନାହିଁ ବୋଲି ରୋକଠୋକ ଡିଣ୍ଡିମ ପିଟୁଛନ୍ତି। ସେଥିପାଇଁ ପ୍ରତ୍ୟେକ ଧାନ ମଣ୍ଡିରେ ସିସି କ୍ୟାମେରା ଲାଗିଛି । ଜଣେ ସୁପର ଭାଇଜର, ଜଣେ ଆସିଷ୍ଟାଣ୍ଟ ସୁପର ଭାଇଜର, ଆଉ ଜଣେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀଙ୍କୁ ସରକାର ତଦାରଖ ଦାୟୀତ୍ୱ ଅର୍ପଣ କରିଛନ୍ତି। ସରକାରଙ୍କ ଏତେ ଲୋକାଭିମୁଖୀ ଯୋଜନା ବାଦ ଅଧିକାଂଶ ଧାନ ମଣ୍ଡିରେ ପୁରୁଣା ମୂଷା ଖୋଳ କରିବାରେ ଲାଗିପଡିଛନ୍ତି। ଯେଉଁଥିପାଇଁ ଚାଷୀ ଶୋଷଣ ଏବଂ ନିର୍ଯାତନାର ଶିକାର ହେଉଛି । ପ୍ରତ୍ୟେକ ମଣ୍ଡିରେ ସରକାରୀ କର୍ମଚାରୀ ନିୟୋଜିତ କରାଯାଇଛି। ହେଲେ ମିଲର ଏବଂ ସମବାୟ ସମିତି ସମ୍ପାଦକ ଏବଂ ସଭାପତିମାନେ ଅନାମଧେୟ ବ୍ୟକ୍ତିଙ୍କୁ ଦଲାଲ ଭାବେ ନିୟୋଜିତ କରି ଚାଷୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ସିଧାସଳଖ ଶୋଷଣ କରିବାରେ ସିଦ୍ଧହସ୍ତ ପାଲଟିଛନ୍ତି । ଖବର ନେବାରେ ଜଣା ଯାଇଛି ଜଗତସିଂହପୁର ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୮ କିଲୋମିଟର ଦୂର କାଦୁଅପଡା ଏବଂ ମୁଦୁପୁର ପ୍ରାଥମିକ କୃଷି ସମବାୟ ସମିତିରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି । କୌଣସି ଜଣେ ବି ଚାଷୀଙ୍କୁ ଧାନ ଅଖା ପ୍ରଦାନ କରାଯାଇନାହିଁ। ଚାଷୀଙ୍କ ଅନିଚ୍ଛା ସତ୍ୱେ ଧାନ କ୍ୱିଣ୍ଟାଲ ପିଛା ପାଞ୍ଚରୁ ଛଅ କେଜି କଟିନି ଛଟିନି କରାଯାଉଛି । ଧାନ ବସ୍ତା ପ୍ରତି ପନ୍ଦରରୁ କୋଡିଏ ଟଙ୍କା କଣ୍ଟା ଓଜନ ଏବଂ ଲୋଡିଂ ନିମନ୍ତେ ଚାଷୀ ମାନଙ୍କ ଠାରୁ ସିଧାସଳଖ ଟଙ୍କା ଆଦାୟ କରାଯାଉଛି। ସମବାୟ ସମିତି ସମ୍ପାଦକ ଏବଂ ମିଲରଙ୍କ ମଧ୍ୟରେ ଭାଗବାଣ୍ଟାରେ ସିଧାସଳଖ ଚାଷୀଙ୍କୁ ଶୋଷଣ କରାଯାଉଛି । ଜିଲ୍ଲାପାଳ କିମ୍ବା ଉପ ଜିଲ୍ଲାପାଳ ଏହାର ତଦନ୍ତ କରୁନାହାନ୍ତି କି ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରୁନାହାନ୍ତି । ଯେଉଁଥିପାଇଁ ଚାଷୀ ଶୋଷଣର ଶିକାର ହେଉଛି ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ବନ୍ଧୁମିଳନ ଓ ବଣଭୋଜି



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ପୁରୁଣା ବଜାର ସ୍ଥିତ ସିଦ୍ଧମଠରେ ଥିବା ସାଇ ମନ୍ଦିର ପ୍ରାଙ୍ଗଣରେ ଆଜି ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି କେନ୍ଦୁଝର ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ନିଖିଳ ଉତ୍କଳ ମହାରଣା ସମିତିର ସଭାପତି ପ୍ରଫେସର ଯାଦବାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉପଲକ୍ଷେ ଆୟୋଜିତ ସଭାରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଓଡିଶାର ସଭାପତି ସୂର୍ଯ୍ୟ ନାରାୟଣ ମହାରଣା, ସମ୍ପାଦକ ମନୋରଞ୍ଜନ ମହାରଣା, କେନ୍ଦୁଝର ଶାଖା ସମ୍ପାଦକ ବ୍ରଜ କିଶୋର ଓଝା, ସହ ସମ୍ପାଦକ ସୌରିନ୍ଦ୍ରନାଥ ମହାରଣା, କୋଷାଧ୍ୟକ୍ଷ ମନୋଜ କୁମାର ଓଝା, ସଂଯୋଜକ କୀର୍ତନ ବିହାରୀ ଓଝା, ଆନନ୍ଦପୁର ଉପଖଣ୍ଡ ବିଶ୍ୱକର୍ମା ସମିତିର ସଭାପତି କୃପାସିନ୍ଧୁ ଓଝା, ଉପ ସଭାପତି ଶ୍ରୀପତି ସାମଲ, ହରିହର ସୁତାର, ଚମ୍ପୁଆ ଉପଖଣ୍ଡରୁ କ୍ଷୀରୋଦ କୁମାର ମହାରଣା, ଉପ ସଭାପତି ସନାତନ ମହାରଣା, ଓ ସମିତିର ଅନ୍ୟ ସଦସ୍ୟବୃନ୍ଦ ଯୋଗ ଦେଇଥିଲେ। ପ୍ରଭୁ ଶ୍ରୀ ବଳଦେବଜୀଉ ଓ ମାଆ ତାରିଣୀଙ୍କ ନିକଟରେ ପ୍ରଦ୍ୱୀପ ପ୍ରଜ୍ଜଳନ ପୂର୍ବକ ସମ୍ପାଦକ ବ୍ରଜ କିଶୋର ଓଝାଙ୍କ ଦ୍ୱାରା ମାତା ଗାୟତ୍ରୀ ଏବଂ ବିଶ୍ୱକର୍ମାଙ୍କୁ ଆବାହନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ସଭାରେ ଓଡିଶାର ସଭାପତି ସୂର୍ଯ୍ୟ ନାରାୟଣ ମହାରଣାଙ୍କ ଦ୍ୱାରା କେନ୍ଦୁଝର ନିବାସୀ କୁଳମଣି ମହାରଣା, ଅଭିମନ୍ୟୁ ମହାରଣା ଓ ନୀଳମଣି ମହାରଣାଙ୍କୁ ସେମାନଙ୍କର କର୍ମ ନିପୁଣତା ଓ ସମାଜ ପ୍ରତି ସେମାନଙ୍କ ବିଶେଷ ଅବଦାନକୁ ଆଖି ଆଗରେ ରଖି ସମିତି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଆସନ୍ତା ଫେବୃଆରୀ ମାସର ୨୧ରୁ ୨୩ ତାରିଖ ଯାଏ ପୁରୀ ଠାରେ ଅନୁଷ୍ଠିତ ହେବାକୁଥିବା ହୀରକ ସମିତିର ଜୟନ୍ତୀ ସମାରୋହ ଉପଲକ୍ଷେ କେନ୍ଦୁଝରରୁ ବହୁ ସଂଖ୍ୟାରେ ସଦସ୍ୟ ଯୋଗଦାନ କରିବାପାଇଁ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଓଡିଶାର ସଭାପତି ସୂର୍ଯ୍ୟ ନାରାୟଣ ମହାରଣା ସମସ୍ତଙ୍କୁ ଅନୁରୋଧ କରିଥିଲେ । ଉକ୍ତ ବୈଠକରେ ବିଶ୍ୱକର୍ମା ସମିତି କେନ୍ଦୁଝରର ଶତାଧିକ ମହିଳା ସଦସ୍ୟ ଯୋଗ ଦେଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ । ପରିଶେଷରେ କୀର୍ତ୍ତନ ବିହାରୀ ଓଝାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ଏବଂ ଶ୍ରୀଯୁକ୍ତ ବ୍ରଜ କିଶୋର ଓଝାଙ୍କ ଦ୍ୱାରା ଶାନ୍ତିପାଠ ପୂର୍ବକ ସଭା ସାଙ୍ଗ କରାଯାଇଥିଲା ।

# ଉଠୁନି ଜବରଦଖଲ ଉନ୍ନୟନ କାର୍ଯ୍ୟ ଠପ୍



ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାରରେ ଅବସ୍ଥିତ ଗୋବିନ୍ଦପାଲ୍ଲୀ ଗ୍ରାମ। ପ୍ରତ୍ୟେକ ଦିନ ପର୍ଯ୍ୟଟକଙ୍କ ଠାରୁ ଆରମ୍ଭ କରି ପ୍ରଶାସକ, ନେତା, ମନ୍ତ୍ରୀ ଏହି ଗ୍ରାମ ଦେଇ ଜିଲ୍ଲାକୁ ପ୍ରବେଶ କରିଥାନ୍ତି। ତେଣୁ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଗ୍ରାମର ମୁଖ୍ୟ ରାସ୍ତା କଡ଼କୁ ସୌନ୍ଦର୍ଯ୍ୟକରଣ କରିବାକୁ ଅଣ୍ଟା ଭିଡ଼ିଥିବା ବେଳେ, ମୁଣ୍ଡବ୍ୟଥାର କାରଣ ସାଜିଛନ୍ତି ଜବର ଦାଖଲକାରୀ। କିଛି ଦୋକାନୀ ପଞ୍ଚାୟତ ଡ୍ରେନ ଉପରେ ଏବଂ ଆବଶ୍ୟକ ଠାରୁ ଅଧିକ ଜାଗା ଉପରେ ମାଡ଼ି ବସିଥିବା ଦେଖିବାକୁ ମିଳୁଛି । ଯାହାଫଳରେ ଡ୍ରେନ ସଫା ହୋଇପାରୁ ନଥିବା କାରଣରୁ ମୁଖ୍ୟ ବଜାର ଦୁର୍ଗନ୍ଧରେ ଫାଟୁଛି। ଏ ବାବଦରେ ଆମେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଳ କୃଷ୍ଣ ଦେହୁରୀଙ୍କୁ ପଚାରିବାରୁ ସେ କହିଥିଲେ କି ଆମେ ଦୋକାନୀଙ୍କୁ ବାରମ୍ବାର ନୋଟିସ ଦେବା ସତ୍ୱେ କୌଣସି କର୍ଣ୍ଣପାତ କରୁନାହାନ୍ତି। ଆମେ ଖଇରପୁଟ ତହସିଲଦାରଙ୍କୁ ଅବଗତ କରିଛୁ ଏବଂ ତହସିଲ ତରଫରୁ ଜାଗା ଖାଲି କରାଗଲା ପରେ ଡ୍ରେନ ସଫା ଏବଂ ସୌନ୍ଦର୍ଯ୍ୟକରଣ କାମ କରାଯିବ। ଏହି କାମ ଅତିଶୀଘ୍ର କରାଯିବା ପାଇଁ ଗୋବିନ୍ଦପାଲ୍ଲୀର ବୁଦ୍ଧିଜୀବୀ ତଥା ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାସ୍ତରୀୟ ଇଣ୍ଟରନେଟ ସୁରକ୍ଷା ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରତିବର୍ଷ ଫେବୃଆରୀ ଦ୍ୱିତୀୟ ମଙ୍ଗଳବାର ଦିନ ଇଣ୍ଟରନେଟ ସୁରକ୍ଷା ଦିବସ ଭାବରେ ସାରା ବିଶ୍ୱରେ ପାଳିତ ହେଉଅଛି। ଏହି ଅବସରରେ ଇଣ୍ଟରନେଟ ସୁରକ୍ଷା ଦିବସ ବିଷୟବସ୍ତୁ ରହିଥିଲା 'ଏକ ଭଲ ଇଣ୍ଟରନେଟ ପାଇଁ ଏକାଠି' ବିଷୟବସ୍ତୁ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ସମସ୍ତ ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କୁ ସଚେତନତା ସୃଷ୍ଟି କରାଯିବ ତଥା ଇଣ୍ଟରନେଟ ସୁରକ୍ଷାର ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସହିତ ସାଇବର ସୁରକ୍ଷା ସଚେତନତା ହେବାର ଆବଶ୍ୟକତା ରହିଛି। ସେହିପରି ଇଣ୍ଟରନେଟ ମାଧ୍ୟମରେ ହେଉଥିବା ବିଭିନ୍ନ ପ୍ରକାର ଠକେଇରୁ ସୁରକ୍ଷିତ ରହିବା ପାଇଁ ସଚେତନତା ହେବା ଜରୁରୀ, ଏଣୁ ଏହି ସଂପର୍କରେ ଏକ ଆଲୋଚନା ଚକ୍ରରେ ସାଇବର ଅପରାଧିକ ମାନେ ଟଙ୍କା ଠକେଇ କରନ୍ତି ଯାହା ୟୁପିଆଇ ପେମେଣ୍ଟ ଠକେଇ, କ୍ୟୁଆର କୋଡ୍ ସ୍କାନ୍ ଠକେଇ, ପାର୍ସେଲ ନାଁରେ ଠକେଇ, କୌନ ବନେଗା କରୋଡପତି ଭଳି ଅପରାଧିକ ଲଟେରୀ ସ୍କାମ ଜରିଆରେ ଠକେଇ, ମୋବାଇଲ୍ ଆପଲିକେସନ୍ , ଅନଲାଇନ୍ ବ୍ୟାଙ୍କିଙ୍ଗ ଓ ଇଣ୍ଟରନେଟ ଫ୍ରୀ-ରିଚାର୍ଜ ପ୍ରମୁଖ ଠକେଇ ସଂପର୍କରେ ଅବଗତ କରାଇବା ସହିତ ଠକେଇରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ଓ କୌଶଳ ଅବଲମ୍ବନ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ଚକ୍ରରେ ଜିଲ୍ଲା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀ ଟି. ବାଳ କୃଷ୍ଣା ମୂର୍ତ୍ତି ଓ ସହାୟକ ସୂଚନା ବିଜ୍ଞାନ ଅଧିକାରୀ ରାଜ ଆନନ୍ଦ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତି ଭାବରେ ପରିଚାଳନା କରିଥିଲେ।

# ଅଗ୍ନି ବିପନ୍ନଙ୍କୁ ସହାୟତା



ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ କୁଶିଆପାଳ ପଂଚାୟତ ଅନ୍ତର୍ଗତ ବାବୁରାମ ପାଟଣା ଗ୍ରାମର ସୁଲୋଚନା ସାହୁଙ୍କର ଦୁଇ ବଖରା ଘର ଗତ ରବିବାର ରାତିରେ ପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା । ଏଥିରେ ସୁଲୋଚନାଙ୍କର ବର୍ଷକର ଆହାର ସମେତ ସର୍ବସ୍ୱ ପୋଡ଼ି ନଷ୍ଟ ହୋଇଯାଇଥିଲା। ଏହି ଦୁଃଖଦ ଖବର ପାଇ ପାଟକୁରା ବିଧାୟକ ଅରବିନ୍ଦ ସମବେଦନା ପ୍ରକାଶ କରିବା ସହିତ ତାଙ୍କ ନିର୍ଦ୍ଦେଶରେ ବରିଷ୍ଠ ନେତା ସରୋଜକାନ୍ତ ନାୟକ, ବିଧାୟକଙ୍କ ଡେରାବିଶ ବ୍ଲକ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ ଓ ସୁକାନ୍ତ ଦ୍ୱିବେଦୀ ବିପନ୍ନ ପରିବାର ନିକଟରେ ପହଂଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ କୁଶିଆପାଳ ସରପଂଚ ଦୟାନିଧି ଦାସ, ଯୁବନେତା ଅଶୋକ ସାହୁ, ସମିତିସଭ୍ୟ ସୁବାସ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜାଗର ଉତ୍ସବ ପାଳନକୁ ନେଇ ଲାଗିଥିବା ଦ୍ୱନ୍ଦ୍ୱ ସମାଧାନ କଲେ ତହସିଲଦାର



ଚିକିଟି, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ତହସିଲର ପାଟିସୁନାପୁର ଗ୍ରାମରେ ଦୀର୍ଘ ଦିନ ହେଲା ଅହରହ ଦ୍ୱନ୍ଦ୍ୱ ଲାଗି ରହି ଗ୍ରାମର ଥିବା ଶିବମନ୍ଦିରର ଜାଗର ଉତ୍ସବ ପାଳନ କରିବା ସକାଶେ ଛକା ପଞ୍ଝା ଲାଗିଥିଲା। ଯେହେତୁ ଶିବରାତ୍ର ସମୟ ନିକଟତର ହୋଇ ଆସୁଥିବା ବେଳେ ଜାଗର ଯାତ୍ରା ଜାରି ରଖିବା ସକାଶେ ଏହି ଗ୍ରାମର ଦୁଇ ଦଳକୁ ସ୍ଥାନୀୟ ତହସିଲଦାର ଡାକିଥିଲେ। ଉଭୟ ଦଳ ତହସିଲ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ସ୍ଥାନୀୟ ତହସିଲଦାର, ବିଡ଼ିଓ, ବିଶ୍ୱରଂଜନ କଂହର, ଲକ୍ଷ୍ମନ ଚରଣ ସୋରେନଙ୍କ ଅଧକ୍ଷତାରେ ଏକ ଶାନ୍ତି କମିଟି ଗଠନ କରିବା ସକାଶେ ପ୍ରୟାସ କରାଯାଥିଲା। ଦୀର୍ଘ ଘଣ୍ଟା ଧରି ଏହି ବୈଠକରେ ପ୍ରବଳ ଯୁକ୍ତିତର୍କ ଚାଲିଥିଲା। ଏହି ଯୁକ୍ତି ତର୍କ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ଆରମ୍ଭ ହୋଇ ତାହାର କୌଣସି ନିଷ୍କର୍ସ ନବାହାରିବାରୁ ପ୍ରଶାସନ ପକ୍ଷରୁ ଜାଗର ନୀତିକାନ୍ତି ହିସାବରେ ପାଳନ କରିବାକୁ ସ୍ଥାନୀୟ ଦୁଇ ପ୍ରଶାସନ ଅଧିକାରୀ ଲିଖିତ ନିର୍ଦ୍ଦେଶନାମା ଜାରି କରିଥିଲେ। ଉକ୍ତ ନିର୍ଦ୍ଦେଶନାମା ଜାରି ହେବା ପରେ ଉଭୟ ଦଳର ଦୁଇ ମୁଖିଆ ସମସ୍ତ ବାଦ ବିବାଦକୁ ପଛରେ ପକାଇ ନିଜ ଦାୟିତ୍ୱରେ ଉତ୍ସବ ପାଳନ କରାଯାଇ ଯାତ୍ରାର ଆୟୋଜନ କରାଯିବ ବୋଲି ଏକ ଲିଖିତ ପ୍ରତିଶୃତି ପ୍ରଦାନ କରିଥିଲେ। ଏହି କ୍ରମରେ ଉଭୟ ଗାଁ ମୁଖିଆ ପରସ୍ପର ହାତ ମିଳାଇ ପ୍ରଶାସନର ନିୟମକୁ ନ ଭାଙ୍ଗି ଯାତ୍ରା କରିବୁ ବୋଲି ମଧ୍ୟ ପ୍ରତିଶୃତି ପ୍ରଦାନ କରିଥିଲେ। ଏହି ବୈଠକରେ ସୁନାପୁର ସରପଞ୍ଚ, ମାରାଇନ ଥାନା ଉପଅଧିକାରୀ, ଯୋଗଦାନ କରିଥିଲେ।

# ରାଶିଫଳ

**ଗୁରୁବାର, ୧୩ ଫେବୃଆରୀ ୨୦୨୫**



**ମେଷ-** ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।



**ବୃଷ-** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।



**ମିଥୁନ-** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ଛାତ୍ରମାନଙ୍କର ଭଲ ଦିନ ଅଛି। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।



**କର୍କଟ-** ଆଜି, ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ସ୍ୱାସ୍ଥ୍ୟ ଭଲ ହେବ।



**ସିଂହ-** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ। ଆପଣଙ୍କର କାମ ଆଗକୁ ବଢିବ।



**କନ୍ୟା-** ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ। ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ତୁଳା-** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। କିଛି କାମକୁ ନେଇ ଟେନସନ ହେବ। ଛାତ୍ରମାନେ ସଫଳତା ପାଇବେ। ବିବାହିତ ଜୀବନ ସୁଖୀ ହେବ।



**ବିଛା-** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ-** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।



**ମକର-** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ-** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ-** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟରେ ବଡ କୁମାରୀ ଗ୍ରାମରେ ଓଡ଼ିଶା କୃଷି ବିଭାଗର ସିଆର୍‌ଆର୍‌ଆଇ , ଜୈବ ଉର୍ବରକ ମଡେଲ ଉପରେ ତାଲିମ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଡ. ଉପେନ୍ଦ୍ର କୁମାର ଏହି ପ୍ରକଳ୍ପର ମୁଖ୍ୟ ଅନୁସନ୍ଧାନକାରି ଅଟନ୍ତି । କ୍ଷତିକାରକ ରାସାୟନିକ ସାରର ଦୁଷ୍ପ୍ରଭାବକୁ ଆଖି ଆଗରେ ରଖି ଜୈବିକ ସାରର ଲୋକପ୍ରିୟତା ଉପରେ ଓଡିଶା ସରକାର ଗୁରୁତ୍ୱ ଆରୋପ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ସି ଆର୍ ଆର୍ ଆଇ ର ବରିଷ୍ଠ ବୈଜ୍ଞାନିକ ଡ. ଉପେନ୍ଦ୍ର କୁମାର ଓ ମୁଖ୍ୟ ବୈଜ୍ଞାନିକ ଡ. ବିଶ୍ୱଜିତ୍ ମଣ୍ଡଳ ସଂଯୋଜନା କରି ନିଜ ନିଜର ମନ୍ତବ୍ୟ ରଖିଥିଲେ। ରାସାୟନିକ ସାରର ବ୍ୟବହାର ଯୋଗୁ ହେଉଥିବା ପ୍ରଦୂଷଣ ଏବଂ ଖର୍ଚ୍ଚ ବହୁଳକୁ ଦୃଷ୍ଟି ରେ ରଖି ଏନ୍ ଆର୍ ଆର୍ ଆଇ ର ଡି-କମ୍ପୋଜର ବ୍ୟବହାର କରି କିପରି ଧାନ ନଡାରୁ ଉତ୍ତମମାନର ଜୈବିକ ସାର ପାଇପାରିବେ ତା'ର ପ୍ରଦର୍ଶନ କରି ଚାଷୀଙ୍କୁ ବୁଝାଇଥିଲେ। ବରିଷ୍ଠ ବୈଜ୍ଞାନିକ ତଥା କେକେବି ନବରଙ୍ଗପୁର ଜିଲ୍ଲା ର ମୁଖ୍ୟ ଡ. ଶଶାଙ୍କ ଲେଙ୍କା ଏଠାରେ ଉପସ୍ଥିତ ଥିଲେ। ଡ. ଶଶାଙ୍କ ଲେଙ୍କା ପନିପରିବା ଚାଷରେ ଜୈବିକ ସାରର ବ୍ୟବହାର ବିଷୟରେ ବିସ୍ତୃତ ଭାବେ ଚାଷୀ ଙ୍କ ସାମ୍ନାରେ ବର୍ଣ୍ଣନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପର ଅନ୍ୟ ଟେକ୍ନିକାଲ ସଦସ୍ୟ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ପାଖାପାଖି ୧୦୦ ରୁ ଉର୍ଦ୍ଧ୍ୱ କୃଷକ ଓ ମହିଳା କୃଷିଜୀବୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଥିଲେ। ମା ପେଣ୍ଡ୍ରାଣି କୃଷି ଉତ୍ପାଦକ କମ୍ପାନୀ ଲିମିଟେଡ, ଉମରକୋଟ ତଥା ଝରିଗାଁ ର ମାଉଲି ମା ମକା ଉତ୍ପାଦକ କମ୍ପାନୀ ଲିମିଟେଡର କୃଷକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଇଟାଲୀୟ ଦମ୍ପତି



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରୁ ୬୮ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ଇଟାଲୀର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁପୁତ୍ରଙ୍କୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିଶାନ ଶାଲୋମ ଶିଶୁ ଯତ୍ନ ଅନୁଷ୍ଠାନ, ଗୁମ୍ମାଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ। ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜ କୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୧୧ ବର୍ଷ, ଶିଶୁପୁତ୍ର ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ନିଶାନ ଶାଲୋମ ଶିଶୁ ଯତ୍ନ ଅନୁଷ୍ଠାନର ପରିଚାଳକ ଶୁଭଙ୍କର ଲିମ୍ମା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯବାନ ଆହତ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲାକନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ସୁକମା ଜିଲ୍ଲା ଓ ଦନ୍ତେବାଡା ଜିଲ୍ଲାର ସୀମାନ୍ତବର୍ତ୍ତୀ ଜାଗୁରକୋଣ୍ଡା ଥାନା ଅଞ୍ଚଳରେ ଯବାନମାନେ ସର୍ଚ୍ଚ ଅପରେସନ କରୁଥିବା ସମୟରେ ଆଇଡିବୋମା ସଂସ୍ପର୍ଶରେ ଆସି ଜଣେ ଯବାନ ଆହତ ହୋଇଛନ୍ତି। ତଥ୍ୟ ଅନୁଯାୟୀ ଜାଗୁରକୋଣ୍ଡା ଥାନା ଅଞ୍ଚଳରେ ସିଆରପିଏଫ୍ ୨୩୧ ବାଟାଲିୟନର ଯବାନମାନେ ସର୍ଚ୍ଚ ଅପରେସନ ସାରି ଫେରୁଥିବା ସମୟରେ ସିଆରପିଏଫର ପ୍ରଧାନ ଆରକ୍ଷକ ଏମ୍‌ଏନ୍.ଶୁକ୍ଲା ମାଓବାଦୀଙ୍କ ଦ୍ୱାରା ଯବାନମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଲଗାଇଥିବା ଆଇଡି ବୋମା ସଂସ୍ପର୍ଶରେ ଆସିଥିଲେ। ଫଳରେ ବୋମା ବିସ୍ଫୋରଣ ହେବାରୁ ସେ ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସାଥି ଯବାନମାନେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଇବା ପରେ ଉତ୍ତମ ଚିକିତ୍ସା ନିମନ୍ତେ ହେଲିକ୍ୟାପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଛି। ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆଯାଇଛି।



# ଦୁର୍ଘଟଣାରେ ଜଣେ ମୃତ ୩ ଗୁରୁତର

ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ସହର ନିକଟସ୍ଥ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ନିକଟରେ ଅଟୋ ଓଲଟି ଜଣେ ମୃତ ହେବା ସହ ୩ ଜଣ ଗୁରୁତର ଆହତ ହେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଉମରକୋଟ ଥାନା ଅନ୍ତର୍ଗତ ସେମଳା ଗ୍ରାମର ଧନୁର୍ଜୟ ଗୌଡ଼ ୨୨ ବର୍ଷ, ଶମ୍ଭୁ ପୁଜାରୀ ୨୨, ବିଭୀଷଣ ଭତ୍ରା ୨୫, ଭଗନି ଗୌଡ଼ ୨୮ ବର୍ଷ ଏକ ଅଟୋ ଯୋଗେ ପଡାଗଡ ଠାରେ ଅନୁଷ୍ଠିତ ମଣ୍ଡେଇ ଦେଖି ସାରି ଘରକୁ ଫେରୁଥିବା ବେଳେ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ସମସ୍ତଙ୍କ ମୁଣ୍ଡ ଓ ଗୋଡ ରେ ଆଘାତ ଲାଗିଥିଲା। ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଉମରକୋଟ ହସ୍ପିଟାଲକୁ ଅଣାଯାଇଥିଲା। ତେବେ ଚିକିତ୍ସିତ ଅବସ୍ଥାରେ ଧନୁର୍ଜୟ ଗୌଡ଼ ମୃତ୍ୟୁବରଣ କରିଥିଲେ ଓ ଅନ୍ୟ ୩ ଜଣଙ୍କର ଅବସ୍ଥା ବିପଦ ମୁକ୍ତ ଏବଂ ଉମରକୋଟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଧନୁର୍ଜୟଙ୍କ ଶବ ବ୍ୟବଚ୍ଛେଦ ପରେ ଉମରକୋଟ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉମରକୋଟ ଥାନାର ଏଏସଆଇ ସଞ୍ଜୟ ମଣ୍ଡଳ ଘଟଣାର ତଦନ୍ତ କରୁଛନ୍ତି।

## ଶିକ୍ଷା ବିଭାଗର ବିକଳ ଚିତ୍ର

# ୪୩ ପିଲାଙ୍କୁ ୩ ଶିକ୍ଷୟିତ୍ରୀ

## ବେଆଇନ ଶିକ୍ଷକ ବଦଳିର ଭିଜିଲାନ୍ସ ତଦନ୍ତ ଦାବି

ଉମରକୋଟ(ଭାସ୍କର ନ୍ୟୁଜ୍): ପ୍ରଥମ ଶ୍ରେଣୀରେ ୪ ଜଣ, ଦ୍ୱିତୀୟରେ ୧୦, ତୃତୀୟ ରେ ୬, ଚତୁର୍ଥରେ ୧୨, ଆଉ ପଞ୍ଚମରେ ୧୧ ସର୍ବମୋଟ ୪୩ ଜଣ ଛାତ୍ରଛାତ୍ରୀ। ହେଲେ ଏତିକି ପିଲାଙ୍କୁ ୩ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଛନ୍ତି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାର ଉମରକୋଟ ପୌରାଞ୍ଚଳର ୱାର୍ଡ ନମ୍ବର ୯ ରେ ଥିବା ଷ୍ଟେଟ ବ୍ୟାଙ୍କ ରୋଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକାଧିକ ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ଅନୁପାତରେ ଆବଶ୍ୟକ ଅନୁସାରେ ବହୁ କମ ଶିକ୍ଷକ ଥିବାବେଳେ ଅନେକ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଯଥେଷ୍ଟ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଥଇଥାନ କରି ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଶ୍ ମାଲାମାଲ୍ ହୋଇଥିବା ଚର୍ଚ୍ଚା ଚାଲିଛି। ବିଇଓ ବିକାଶ ଚନ୍ଦ୍ର ସରକାର ନିଜର ଫାଇଦା ହାସଲ ପାଇଁ ବେଆଇନ ଭାବେ ଶିକ୍ଷକ ବଦଳି ଓ ଡେପୁଟେସନ କରିଥିବାବେଳେ ବିଦ୍ୟାଳୟ ଗୁଡିକରେ ଶିକ୍ଷାଦାନରେ ବାଧା ସୃଷ୍ଟି କରିଛନ୍ତି ବୋଲି



ଅଭିଯୋଗ ହେଉଛି। ଏହି ବେଆଇନ ଶିକ୍ଷକ ବଦଳିର ଦୁର୍ନୀତି ନିବାରଣ ବିଭାଗୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସର୍ବ ସାଧାରଣରେ ଦାବି ହେଉଛି। ଗତଦିନରେ ବୁର୍ଜା କ୍ଲଷ୍ଟର ଅନ୍ତର୍ଗତ ଶିର୍ଲିଗୁଡା ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାବେଳେ ସେଠାରେ ଥିବା ସ୍ମୃତୀ ମଣ୍ଡଳଙ୍କୁ ଉମରକୋଟ ପୌରାଞ୍ଚଳର ଏସ୍‌ବିଆଇ ରୋଡ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇ ଉକ୍ତ ବିଦ୍ୟାଳୟକୁ ସିଙ୍ଗଲ୍ ଟିଚର କରିବା ଓ ଏହାକୁ ପୂରଣ କରିବା ନିମନ୍ତେ ବୁର୍ଜା ପିୟୁପିଏସ୍ ରୁ ଡେପୁଟେସନରେ ଇନ୍ଦିରା କଲୋନୀ ସ୍କୁଲରେ ଏଡଜଷ୍ଟ କରାଯାଇଥିବା ଶିକ୍ଷକ ଚନ୍ଦନ ପାତ୍ରଙ୍କୁ ପୁଣି ସିରଲିଗୁଡ଼ା ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ କରାଯାଇଥିଲା। ସରକାରୀ ଗାଇଡ ଲାଇନକୁ ଉଲ୍ଲଂଘନ କରି ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଆଇନ ଭାବେ ଶିକ୍ଷକ ଡେପୁଟେସନକରି ଥିବାବେଳେ ଅଦ୍ୟାବଧି କୌଣସି ତଦନ୍ତ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଆଶ୍ଚର୍ଯ୍ୟର ବିଷୟ। ଏହି ବିଷୟ ନେଇ ବିଇଓଙ୍କ ସହ ଯୋଗାଯୋଗ କରିବାରୁ ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଥିବା ଜାଣିଛନ୍ତି ବୋଲି ପ୍ରକାଶ କରିଥିଲେ। ତେବେ ଯେଉଁଠି ଅଧିକ ଶିକ୍ଷକ ଅଛନ୍ତି ସେମାନଙ୍କୁ ଆବଶ୍ୟକ ଥିବା ସ୍କୁଲକୁ କାହିଁକି ବଦଳି କରାଯାଉନାହିଁ ବୋଲି ପଚାରିବାରୁ କୌଣସି ଉତ୍ତର ଦେଇନଥିଲେ। ବିଇଓ ବିକାଶ ଚନ୍ଦ୍ର ସରକାରଙ୍କ ଏବେ ବଦଳି ଆଦେଶ ପ୍ରକାଶ ପାଇଥିବାବେଳେ ପୁଣି ମନଇଚ୍ଛା ସିଙ୍ଗିଲ୍ ଟିଚର ଏଡଜଷ୍ଟ ନାରେ ଡେପୁଟେସନ କରାଯାଉଥିବା ଓ ଏଥିପାଇଁ ଅର୍ଥ କାରବାର ହେଉଥିବା ଚର୍ଚ୍ଚା ଚାଲିଛି। ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟରତ ସମୟର ଶିକ୍ଷକ ବଦଳି ଓ ଡେପୁଟେସନ ଫାଇଲକୁ ଭିଜିଲାନ୍ସ ତଦନ୍ତ କଲେ ବହୁ ଦୁର୍ନୀତିର ପର୍ଦ୍ଦା ଫାସ୍ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ସହିଦ ବଗା ପୂଜାରୀଙ୍କ ବଳିଦାନ ଦିବସ ପାଳିତ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଇଂରେଜ ସରକାରଙ୍କ ନିର୍ଯାତନାରେ ସହିଦ ହେଇଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ସହିଦ ବଗା ପୂଜାରୀଙ୍କ ୮୩ ତମ ବଳିଦାନ ଦିବସ ତଥା ଶ୍ରାଦ୍ଧ ଦିବସ ନିଜ ଗାଁ ବଡ଼ ଭରଣ୍ଡି ଠାରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେଇ ସହିଦ ବଗା ପୁଜାରୀ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୪୩ ଭାରତ ଛାଡ଼ ଆନ୍ଦୋଳନରେ ସେ କୋରାପୁଟ ଜେଲରେ ଫେବୃଆରୀ ୧୧ ତାରିଖ ଦିନ ବ୍ରିଟିଶ ନିର୍ଯାତନାରେ ସହିଦ ହେଇଥିଲେ। ଏହି ସଭାରେ ଝରିଗାଁ ର ବିଧାୟକ ନରସିଂହ ଭତ୍ରା, ପୂର୍ବତନ ରାଜ୍ୟସଭା ସଦସ୍ୟ ଭଗବାନ ମାଝି, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଲୋକସଭା ସଭ୍ୟ ରମେଶ ଚନ୍ଦ୍ର ମାଝୀ, ଅବସର ପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସୁରେନ୍ଦ୍ର ନାଥ ଦାସ,ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ,ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଭାଗିରଥି ନାୟକ, ମା'ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ , କଂଗ୍ରେସ ନେତ୍ରୀ ହାରାବତି ଗଣ୍ଡ, ଇସା ଲାଠିଆ , ଅବସର ପ୍ରାପ୍ତ ଶିକ୍ଷକ କେଦାର ପଟ୍ଟନାୟକ, ସୁରେନ୍ଦ୍ର ନାୟକ ଓ ଶରାଦୁ ପୁଜାରୀ ପ୍ରମୁଖ ଉପସ୍ଥିତ ରହି ସହିଦ ବଗା ପୂଜାରୀଙ୍କ ସ୍ମୃତି ରେ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଉମରକୋଟ ବ୍ଲକ ଅଧ୍ୟକ୍ଷ ଗୋପାଳ ପୁଜାରୀ ଧନ୍ୟବାଦ୍ ପ୍ରସ୍ତାବ ଆଗତ କରିଥିଲେ। ଏହି ଅବସର ରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ସହିଦ ବଗା ପୁଜାରୀ ସ୍ମୃତି କମିଟି ପକ୍ଷରୁ ଖୁଟୁଗୁଡ଼ା ଗ୍ରାମର ଅଙ୍ଗନୱାଡ଼ି କର୍ମୀ ଦଶମି ଭତ୍ରା, ଉମରକୋଟ ପୌର ପରିଷଦର ସଫେଇ କର୍ମଚାରୀ ଭୁବନ୍ତି ହରିଜନ, ଉମରକୋଟ ପୋଷ୍ଟ ମ୍ୟାନ ରୋହନ କୁମାର ଜେନା, ହୋମ ଗାର୍ଡ ଜୋସେଫ ଖରା, ନର୍ସିଂ ଅଫିସର ନିବେଦିତା ଜେନାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପରମା ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।

# ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କର୍ମଚାରୀଙ୍କୁ ଆକ୍ରମଣ ନେଇ ଅଭିଯୋଗ

ମାଲକାନଗିର(ଭାସ୍କର ନ୍ୟୁଜ୍):ବିଦ୍ୟୁତ ବିଲ୍ ମାଗିବାକୁ ଯାଇଥିବା ଟାଟା ପାୱାର କମ୍ପାନୀର କର୍ମଚାରୀଙ୍କୁ ପିଟିବା ସହିତ କାତିରେ ହାଣିବାକୁ ଉଦ୍ୟମ କରିଛନ୍ତି ଜଣେ ବିଦ୍ୟୁତ ଉପଭୋକ୍ତା ଏସମ୍ପର୍କରେ ମୋଟୁ ଥାନାରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ଉପଭୁକ୍ତା ଫେରାର ହୋଇ ଯାଇଥିବାର ଜଣାପଡିଛି। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଏମପିଭି ୪୨ ଗାଁ ରେ ଦେଖିବାକୁ ମିଳିଛି ଏପରି ଏକ ଅଭାବନୀୟ ଘଟଣା । ଏହି ଆକ୍ରମଣ ଘଟଣାର ଏକ ଭିଡିଓ ଭାଇରଲ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି ।



ସୂଚନାଯୋଗ୍ୟ ଯେ ମୋଟୁ ଥାନା ଏମପିଭି ୪୨ ଗାଁ ର ପଙ୍କଜ ବିଶ୍ୱାସ ନିଜ ଚାଷ ଜମିରେ ଉଠା ଜଳସେଚନ ପ୍ରକଳ୍ପ ଲାଗି ବିଦ୍ୟୁତ ସଂଯୋଗ ନେଇଥିବା ବେଳେ ଦୀର୍ଘ ମାସ ଧରି ବିଲ୍ ପୈଠ କରି ନଥିଲେ । ସୋମବାର ସନ୍ଧ୍ୟାରେ ଏମଭି ୭୯ ଜୋନ୍ ଟାଟା ପାୱାର କମ୍ପାନୀର ବିବିପିଏଲ ସୁପରଭାଇଜର ମଣିକାନ୍ତ ବେହେରା, ଲାଇନମ୍ୟାନ ଓ ଅନ୍ୟାନ ୫ଜଣ କର୍ମଚାରୀ ପଙ୍କଜ ବିଶ୍ୱାସଙ୍କ ଜମିରେ ଥିବା ଏଲଆଇପଏଣ୍ଟ ନିକଟକୁ ଯାଇ ବିଦ୍ୟୁତ ବିଲର ବକେୟା ଟଙ୍କା ମାଗିବାରୁ ପଙ୍କଜଙ୍କ ଭାଇ ପ୍ରକାଶ ବିଶ୍ୱାସ ଏକ ଧାରୁଆ କାତିରେ ମାରିବାକୁ ଗୋଡ଼ାଇଥିଲେ। ସେଠାରେ ଉପସ୍ଥିତ ଥିବା ବିଦ୍ୟୁତ କର୍ମଚାରୀ ଓ ଗ୍ରାମବାସୀ ତାଙ୍କୁ ଅଟକାଇ ଥିଲେ ମଧ୍ୟ ସେ ଆକ୍ରମଣ କରିଥିବା ଜଣାପଡିଛି । ଏହି ଆକ୍ରମଣ ଘଟଣା ସମ୍ପର୍କରେ ମୋଟୁ ଥାନାରେ ଟାଟା ପାୱାର କମ୍ପାନୀ ପକ୍ଷରୁ ଏତଲା ଦିଆଯାଇଥିବା ବେଳେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ଅଭିଯୁକ୍ତ ପ୍ରକାଶ ବିଶ୍ୱାସ ଘଟଣା ପରେ ଫେରାର ହୋଇଯାଇଥିବା ସୂଚନା ମିଳିଛି ।

# ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ

ନୂଆପଡ଼ା(ଭାସ୍କର ନ୍ୟୁଜ୍): ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳନ ଅବସରରେ ନୂଆପଡ଼ା ଜିଲ୍ଲପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଜିଲ୍ଲପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲପାଳ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ କିପରି ବର୍ତ୍ତମାନ ସମୟରେ ଇଣ୍ଟରନେଟ ବ୍ୟବହାର କରିବେ ଏବଂ କଣ କରିବା ନାହିଁ ତା ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଇଣ୍ଟରନେଟ୍ ବ୍ୟବହାର କରି ଜନସାଧାରଣ କେମିତି ବିଭିନ୍ନ ଠକାମିର ଶିକାର ହୁଅନ୍ତି, ଇଣ୍ଟରନେଟ ବ୍ୟବହାର ସଠିକ୍ ଭାବରେ କରିବା ଉପରେ ସମସ୍ତଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ । ଏହା ପରେ ବିନୟ କୁମାର ତିୱାରୀ ଏବଂ ବୀରେନ୍ଦ୍ର ସିଂହ ଦଣ୍ଡସେନା ନୂଆପଡ଼ା ସରକାରୀ ପଲିଟେକନିକ୍ , ନୂଆପଡ଼ାରେ କର୍ମଶାଳା କରିଥିଲେ। ଛାତ୍ର ଛାତ୍ରୀ ଉତ୍ସୁକତାର ସହିତ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିଥିଲେ ଏବଂ ଉତ୍ତର ମଧ୍ୟ ଦେଇଥିଲେ ।

# ମହେନ୍ଦ୍ରଗିରି ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ମହେନ୍ଦ୍ରଗିରି ପର୍ବତ ଶିଖରରେ ଚଳିତ ବର୍ଷ ମହାଶିବରାତ୍ରି ମହାଆଡମ୍ବରରେ ପାଳନ କରାଯିବ। ଏଥିନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୫ ଓ ୨୬ ତାରିଖ ଦୁଇ ଦିନ ଶିବରାତ୍ରି ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରାଯାଇଥିଲା। ମହେନ୍ଦ୍ରଗିରି ମହାଶିବରାତ୍ରି ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜନସମାଗମ ହେବାର ରହିଅଛି । ଭକ୍ତମାନେ ଯିବା ଆସିବା ରାସ୍ତାର ବିଭିନ୍ନ ସ୍ଥାନରେ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯିବ। ରାସ୍ତାର ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି । ୧୦ ଟଙ୍କାର ସୁଲଭ ଦରରେ ପ୍ରସାଦ ବିକ୍ରୟ ପାଇଁ ବ୍ୟବସ୍ଥା କରାଯାଇଛି। ମହେନ୍ଦ୍ରଗିରି ଶିଖର ମଧ୍ୟରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ଯୋଗାଇଦିଆଯିବ। ପର୍ବତ ଶିଖରରେ ଯାନବାହାନ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ସେହିପରି କୁନ୍ତୀ ମନ୍ଦିର ଓ ଯୁଧିଷ୍ଠିର ମନ୍ଦିର ଦର୍ଶନ ପାଇଁ ପ୍ରତି ମନ୍ଦିର ପିଛା ୨୦ ଟଙ୍କା ରଖାଯାଇଛି। ପ୍ରବଳ ଜନସମାଗମ ଦୃଷ୍ଟିକୁ ରଖି ପୋଲିସ୍ ଫୋର୍ସ ସୁରକ୍ଷା ପାଇଁ ନିୟୋଜିତ



ରହିବେ। ବୁରୁକତ ଠାରୁ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ଆଲୋକର ବ୍ୟବସ୍ଥା କରାଯିବ। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ସେଠାରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହିବେ। ସେହିପରି ଚିକିତ୍ସା ପାଇଁ ମେଡିକାଲ୍ ଟିମ୍ ନିୟୋଜିତ ରହିବା ସହିତ ଔଷଧ ସାମଗ୍ରୀ ରଖି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପର୍ବତ ଶିଖରରେ ସମ୍ପୂର୍ଣ୍ଣ ମାଦକ ଦ୍ରବ୍ୟ ନିଷେଧ କରାଯାଇଛି ଓ ପ୍ଲାଷ୍ଟିକ ବ୍ୟବହାର ନକରିବକୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ୍ ଅଧିକାରୀ ପାରଳାଖେମୁଣ୍ଡି ମାଧବାନନ୍ଦ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଅଲ୍ଲୀ, ଡେପୁଟି କଲେକ୍ଟର ଶ୍ରୀ କମଳ କାନ୍ତ ପଣ୍ଡା,ତହସିଲଦାର ରାୟଗଡ଼ ଶ୍ରୀ ସୁକାନ୍ତ ପ୍ରଧାନ ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ସୁରକ୍ଷା ସଜାଗତା କାର୍ଯ୍ୟକ୍ରମ

ରାୟଗଡ଼ା(ଭାସ୍କର ନ୍ୟୁଜ୍): 'ଏକ ଉତ୍ତମ ଇଣ୍ଟନେଟ୍ ପାଇଁ ଏକସାଥି ଚେଷ୍ଟା' ଥିମ୍ ସହ ସେଫର ଇଣ୍ଟନେଟ୍ ଡେ ଉପଲକ୍ଷେ ରାୟଗଡ଼ା ଜିଲ୍ଲାରେ ସାଇବର ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ଇଣ୍ଟନେଟ୍ ବ୍ୟବହାର ସମ୍ବନ୍ଧୀୟ ସଜାଗତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଗୁଡ଼ିକୁ ଗୁଣଶେଖର ନେଥେଡି, ଯୁଗ୍ମ ନିର୍ଦ୍ଦେଶକ ଏବଂ ଶ୍ରୀ ନବୀନ ରାୟଗଡ଼ ଏବଂ ନରେନ୍ଦ୍ର ସାସମଲ, ଜିଲ୍ଲା ସଂଯୋଜକ, ରାୟଗଡ଼ା ନେତୃତ୍ୱ ଦେଇଥିଲେ। ପ୍ରଭାତ କାର୍ଯ୍ୟକ୍ରମ ଅନ୍ତର୍ଗତ, ରାୟଗଡ଼ ଅଟୋନୋମସ୍ କଲେଜ୍‌ର ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ବବିତା ସରାଫ, ପ୍ରିନସିପାଲ, ରାୟଗଡ଼ ଅଟୋନୋମସ୍ କଲେଜ୍‌ଙ୍କ ଉପସ୍ଥିତିରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସେଠି ଇଣ୍ଟନେଟ୍‌ର ଲାଭ ଏବଂ ଅସୁବିଧା, ସାଇବର ଥ୍ରେଟ୍ସ ଏବଂ ବିପଦ, ସାଧାରଣ ଅନଲାଇନ୍ ଠକେଇ, ଆର୍ଥିକ ଧୋକା, ମୋବାଇଲ୍ ଆପ୍ଲିକେସନ୍ ସୁରକ୍ଷା ଏବଂ ସୁରକ୍ଷିତ ଇଣ୍ଟନେଟ୍ ବ୍ୟବହାର ପାଇଁ ଉପାୟ ବିଷୟରେ ଆଲୋଚନା ହୋଇଥିଲା। ନବୀନ ଚନ୍ଦ୍ର ନାଏକ, , ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ବିଭାଗର କର୍ମଚାରୀଙ୍କ ପାଇଁ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା । ପ୍ରାୟ ୧୭୦ ଅଂଶଗ୍ରାହୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଗୁଣଶେଖର ନେଥେଡି ଏହି ସଭାରେ ସାଇବର ହାଇଜିନ୍ ର ଗୁରୁତ୍ୱ ବ୍ୟାଖ୍ୟା କରି ନିଜକୁ ସୁରକ୍ଷିତ ରଖିବା ସହ ମିତ୍ର, ପରିବାର, ଏବଂ ସମାଜକୁ ମଧ୍ୟ ନିରାପଦ ଇଣ୍ଟନେଟ୍ ବ୍ୟବହାର ଉପରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରୟାସଗୁଡ଼ିକ ସାଇବର ସୁରକ୍ଷା ଉପରେ ସଚେତନତା ବୃଦ୍ଧି କରି ଏକ ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ପରିବେଶ ଗଠନରେ ଅଗ୍ରସର ହେବାକୁ ଉଦ୍ଦୀପିତ କରେ।

# ସ୍ଥାୟୀ ନିଯୁକ୍ତି ଓ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର




ମାଲକାନଗିରି(ଭାସ୍କର ନ୍ୟୁଜ):ନିଖିଳ ଓଡିଶା ଜୀବିକା ମିଶନ ଇସି ସଂଘ, ମାଲକାନଗିରି ଶାଖା ତରଫରୁ ତୃଣମୂଳସ୍ତରରେ ଥିବା ଇସି ସଦସ୍ୟଙ୍କ ରିଷ୍ଟ୍ରକ୍ଟରିଙ୍ଗ ବନ୍ଦ, ସ୍ଥାୟୀ ନିଯୁକ୍ତି ଓ ଅନାନ୍ୟ ସମସ୍ୟାର ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ମିଶନ ଶକ୍ତି ବିଭାଗ ଅଧିନସ୍ଥ ଜୀବିକା ମିଶନ ଓ ମିଶନ ଶକ୍ତି ଇସିଙ୍କ ରିଷ୍ଟ୍ରକ୍ଟରିଙ୍ଗ ବନ୍ଦ କରାଯାଉ, ଜିପିଏଲଏଫ, ସିଏଲଏଫ, ବିଏଲଏଫ ଓ ଡିଏଲ୍‌ଏଫରେ ଥିବା ଇସି ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ, ଜିପିଏଲଏଫ, ଓ ସିଏଲଏଫର ସଭାପତି ସମ୍ପାଦକ ରିଷ୍ଟ୍ରକ୍ଟରିଙ୍ଗ ବେଳେ ସଭାପତିଙ୍କୁ ସମ୍ପାଦକ ଓ ସମ୍ପାଦକଙ୍କୁ ସଭାପତି ପଦରେ ଅବସ୍ଥାପିତ କରାଯାଉ, ଭାରତୀୟ ଶ୍ରମ ସମ୍ମିଳନୀର ୪୫ ଓ ୪୬ତମ ପ୍ରସ୍ତାବନା ଭିତ୍ତିରେ ଏହି ସ୍କିମ ୱାର୍କରମାନଙ୍କ କାର୍ଯ୍ୟର ମାନ୍ୟତା ସୁପାରିଶକୁ କାର୍ଯ୍ୟକାରୀ କରାଯାଉ, ମିଶନ ଶକ୍ତି ଇସିମାନଙ୍କୁ ମାସିକ ମାନଦେୟ ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ହାରରେ ପ୍ରଦାନ କରାଯାଉ,ସମଗ୍ର ଓଡିଶାରେ ୨୦୨୪ ସେପ୍ଟେମ୍ବର ଠାରୁ ଏବଂ କେତେକ ଜିଲ୍ଲା ଓ ଅଧିକ ମାସର ବକେୟା ଭତା ପ୍ରଦାନ କରାଯାଇଥିବା ଇସିମାନଙ୍କୁ ମୁଣ୍ଡପିଛା ହାରରେ ଭତ୍ତା ପ୍ରଦାନ କରାଯାଉ, ସହରାଂଚଳରେ କାର୍ଯ୍ୟରତ ଇସିଙ୍କୁ କୌଣସି ଭତ୍ତା ଦିଆଯାଉ ନଥିବାରୁ ସେମାନଙ୍କୁ ମାସିକ ଭତ୍ତା ସୁନିଶ୍ଚିତ କରାଯାଉ, ମିଶନଶକ୍ତି ବିଭାଗ ଅଧିନସ୍ଥ ଜୀବିକା ମିଶନ ଓ ମିଶନ ଶକ୍ତି ଇସି ମାନଙ୍କୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବିମା ସୁବିଧା, ଏମାନଙ୍କ କାର୍ଯ୍ୟକାଳ ବୟସ ୬୫ ବର୍ଷ, ଇସିମାନେ ନିଜ ସେବାରୁ ନିବୃତ ହେବା ସମୟରେ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, କାର୍ଯ୍ୟକାଳ ସମୟରେ ମୃତ୍ୟୁବରଣ କଲେ ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ଇତ୍ୟାଦି ଉଲ୍ଲେଖ ରହିଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ସଦସ୍ୟା ସୁଜାତା ପାଣିଗ୍ରାହୀ, ମାଲକାନଗିରି ବ୍ଲକ ସମ୍ପାଦିକା କଳ୍ପନା ରାଉଳ, କୋରାପୁଟ ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାନେତ୍ରୀ ଜ୍ୟୋତି ରେଖା ଚେଟି, କୋଷାଧ୍ୟକ୍ଷା ମିଥିଳା ଶିଶାଙ୍କ ସହ ୧୦୦ରୁ ଉର୍ଦ୍ଧ୍ୱମହିଳାଯୋଗ ଦେଇଥିଲେ ।

## ■ ବଣାଇଗଡ଼ର ଲୋକକଳା ମହୋତ୍ସବ

# କଳାକାର ସୁପ୍ରିତ୍ ସନ୍ତୋଷ ବଚ୍ଛା ସମ୍ବର୍ଦ୍ଧିତ

ରାୟଗଡ଼ା(ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା ବଣାଇଗଡ଼ ଠାରେ ଓଡ଼ିଶା ଲୋକକଳା ମହୋତ୍ସବ ୨୦୨୫ ତିନି ଦିନ ଧରି ଚାଲିଥିବାବେଳେ ରାୟଗଡ଼ାର ଜଣାଶୁଣା କଳାକାର ତଥା ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ସୁପ୍ରିତ୍ ସନ୍ତୋଷ ବଚ୍ଛା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥଲେ। ଏହି ଅବସରରେ ତାଙ୍କୁ ଆୟୋଜକଙ୍କ ତରଫରୁ ମଞ୍ଚରେ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଲୋକକଳା ମହୋତ୍ସବ ମହାନ୍ ବ୍ୟକ୍ତିତ୍ୱ ବୀରକେଶରୀ ଇନ୍ଦ୍ରଦେବଙ୍କ କର କମଳରେ ଉଦଘାଟନ ହୋଇଥିବାବେଳେ ବଣାଇଗଡ଼ର ଆୟୋଜକଙ୍କ ତତ୍ତ୍ୱାବଧାନରେ ଓଡିଶାର ୩୦ଟି ଜିଲ୍ଲାରୁ ଲୋକ କଳାକାରମାନେ ନିଜ ନିଜର ଝଲକ ଦେଖାଇଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା କଳାକାର ମହାସଂଘର ସଭାପତି ଚୈତନ୍ୟ ପାଇକ ବ୍ୟଙ୍ଗକବି ଦେବେନ୍ଦ୍ର ସାହୁ, ଆନ୍ତର୍ଜାତୀୟ କ୍ରୀଡାବିତ୍ ସନ୍ତୋଷ କୁମାର ପ୍ରଧାନ, ସମାଜସେବୀ ଶ୍ରୀକାନ୍ତ ପଣ୍ଡା, ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ ଗୁରୁ ସନାତନ ନାୟକ, ରାଉରକେଲାର ପୁଲିନ ରାଉତ ରାଏ, ନୃତ୍ୟ ଗୁରୁ ବିଜୟ ନାଏକ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଆୟୋଜକ



ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ଆଚାର୍ଯ୍ୟ ମଞ୍ଚରେ ଅତିଥିଙ୍କ ପରିଚୟ ପ୍ରଦାନ ସହ ଅନୁଷ୍ଠାନ ବିଷୟରେ ଆଲୋକପାତ କରି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିବାବେଳେ ତାଙ୍କୁ ବରିଷ୍ଠ କଳାକାର ସମାଜସେବୀ ରମେଶ ସୁନା ସହଯୋଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ପୁରୀ (ଭାସ୍କର ନ୍ୟୁଜ) : ମାନବ ଚାଲଣ ଏକ ଅତ୍ୟନ୍ତ ଘୃଣ୍ୟ ଓ ଜଘନ୍ୟ ଅପରାଧିକ କାର୍ଯ୍ୟ ।ଏହାକୁ ସାମୁହିକ ଉଦ୍ୟମ ଓ ସହଯୋଗ ଦ୍ୱାରା ପ୍ରତିହତ କରାଯାଇ ପାରିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ।ଆଜି ପୁରୀ ଜିଲ୍ଲା ସଂସ୍କୃତି ଭବନ ଠାରେ ଜାତୀୟ ମହିଳା କମିଶନର ଓ ଖୋର୍ଦ୍ଧା ଇଷ୍ଟ କୋଷ୍ଟ ରେଲୱେ ସୁରକ୍ଷା ବଳ ର ମିଳିତ ଆନୁକୂଲ୍ୟରେ ମାନବ ଚାଲଣ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓ କର୍ମଶାଳା କୁ ଉଦଘାଟନ କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମାନବ ଚାଲଣ ରୋକିବାକୁ ଅର୍ଥ ବାଧକ ସାଜିବ ନାହିଁ ।ରେଲୱେ ସୁରକ୍ଷା ବଳ,ଆରକ୍ଷୀ ବାହିନୀ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ଶିକ୍ଷା ବିଭାଗର ଲଗାତାର ମିଳିତ ସହଯୋଗ ରେ ମାନବ ଚାଲଣକୁ ସମ୍ପୂର୍ଣ୍ଣ ବିଲୁପ୍ତ କରାଯାଇ ପାରିବ ବୋଲି କହିଥିଲେ । ଗାଁ ର ଗରିବ,ଅସହାୟ ଓ ଅଶିକ୍ଷିତ ଲୋକ ମାନେ କିଛି ଧୂର୍ତ୍ତ ମଧ୍ୟସ୍ଥି ଙ୍କ ଠକାମୀର ଶିକାର ହୋଇଥାନ୍ତି ।ଏହା ପ୍ରତି ଉପରୋକ୍ତ ବିଭାଗ ଗୁଡିକ ନିରନ୍ତର ଦୃଷ୍ଟି ଦେବା ସହ ପ୍ରତ୍ୟେକ ବର୍ଷ ୩/୪ ଟି ସଚେତନତା କର୍ମଶାଳା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ ।ଯାହା ଫଳରେ ମଧ୍ୟସ୍ଥି ମାନେ ଭୟ ପାଇବେ ଓ ସାଧାରଣ ଲୋକ ସଚେତନ ହୋଇ ସାହସ ପାଇବ ।ସମ୍ମିଳିତ ସହଯୋଗ ପାଇଁ ଗତ ବର୍ଷ ରଥଯାତ୍ରା ରେ ଗୋଟିଏ ବି ପିଲା ହଜି ନ ଥିବା ଆମ ସମସ୍ତଙ୍କ ମିଳିତ ଉଦ୍ୟମ ର ଫଳ ।ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଆରପିଏଫ ମିଶି ଚଳିତ ବର୍ଷ ୮୧୯ ନାବାଳକ ଓ ୬୯ ଶିଶୁ ଙ୍କୁ ଉଦ୍ଧାର କରିଛନ୍ତି ।




## ଦ.ପୂ. ରେଳପଥ-ଟେଣ୍ଡର

ସିନିୟର ଡିଇଇ(ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ଆଗ୍ରହୀ ଠିକାଦାରଙ୍କଠାରୁ ୱେବସାଇଟ୍ www.ireps.gov.in ମାଧ୍ୟମରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଯାହାର ବିବରଣୀ ନିମ୍ନରେ ପ୍ରଦତ୍ତ । ଆଗ୍ରହୀ ଠିକାଦାରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ କେବଳ ଅନଲାଇନରେ www.ireps.gov.in ରେ ଆବେଦନ କରିବେ । ଏ କ୍ଷେତ୍ରରେ ଅଫଲାଇନ ଟେଣ୍ଡର ଗ୍ରହଣଯୋଗ୍ୟ ନୁହେଁ । ଦୟାକରି ଡକ୍ୟୁମେଣ୍ଟଗୁଡ଼ିକୁ ଯତ୍ନର ସହ ପଢନ୍ତୁ ଏବଂ ଅପଲୋଡ୍ କରନ୍ତୁ । ଟେଣ୍ଡର ନୋଟିଂ ନଂ ଇଲେକ୍ଟ୍ରିକାଲ-ସିଏଚ୍‌ଜି-ଓଟି-୨୪-୨୫-ଆରଇଏ-୨୭, ତାରିଖ: ୧୧.୦୨.୨୦୨୫, କାର୍ଯ୍ୟର ନାମ: ସାନ୍ତ୍ରାଗାଛି: ବୈଦ୍ୟୁତିକ ସାମଗ୍ରୀର ସ୍ଥାନାନ୍ତର (ଫେଜ୍-୧) ଏବଂ ଟ୍ରାନ୍ସଫର୍ମର, ସୁଇଚ୍ ଗିୟର ଏବଂ ଏ ସଂପର୍କିତ ଡିଭାଇସେସ୍‌ଗୁଡ଼ିକର ସ୍ଥାନାନ୍ତର ଓ ଉନ୍ନତିକରଣ । ଟେଣ୍ଡର ମୂଲ୍ୟ: ଟ.୯୦,୯୯,୦୭୦.୫୧/-, ଅମାନତ ଜମା/ବିଡ୍ ସିକ୍ୟୁରିଟି: ଟ.୧,୮୨,୦୦୦/-, ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ: ୦୬.୦୩.୨୦୨୫ ପୂର୍ବାହ୍ନ ୧୧ଟା । ଟେଣ୍ଡର ନୋଟିସ, ଟେଣ୍ଡର କାଗଜପତ୍ର ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.in ରେ ଉପଲବ୍ଧ ।

(PR-1128)


## ‘ଡିଜିଟାଲ ହାଉସ’ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ‘ଡିଜିଟାଲ ହାଉସ’ର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବାଚସ୍ପତି ସୁରମା ପାଢୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ ଅଧୀନରେ ‘ଡିଜିଟାଲ ହାଉସ’ର ଶୁଭାରମ୍ଭ କରିଛନ୍ତି ।

## ବାରବାଟୀରେ ଖେଳିବେ ନାମୀଦାମୀ ଫିଲ୍ମ ଷ୍ଟାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଟକ ବାରବାଟୀରେ କ୍ରିକେଟ ଖେଳିବେ ନାମୀଦାମୀ ଫିଲ୍ମ ଷ୍ଟାର । ଫେବୃଆରୀ ୧୬ରେ ଆୟୋଜିତ ହେବାକୁ ଥିବା ସେଲିବ୍ରିଟି କ୍ରିକେଟ ଲିଗରେ ଖେଳିବେ ଷ୍ଟାର, ସୁପରଷ୍ଟାର। ବୁଧବାର ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସିସିଏଲ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବେଙ୍ଗଲ ସେଲିବ୍ରିଟି କ୍ରିକେଟର କଟକ ବାରବାଟୀ ହୋମ୍ ଗ୍ରାଉଣ୍ଡ ହେବ ବୋଲି ଟିମ୍ ଓନର ବୋନି କପୁର ଘୋଷଣା କରିଛନ୍ତି। ବେଙ୍ଗଲର ମୁକାବିଲା ମୁମ୍ବାଇ ଷ୍ଟାର ଟିମକୁ ଭେଟିବ। ଅର୍ଜୁନ କପୁର, ସୋହେଲ ଖାଁ, ସୋନୁ ସୁଦ୍, ମିକା ସିଂ, ଆୟୁଷ୍ମାନ ଖୁରାନା, ରିତେଶ ଦେଶମୁଖ, ଜାହ୍ନବୀ କପୁର ଭଳି ଷ୍ଟାରମାନେ ଖେଳୁଥିବାର ଦର୍ଶକ ଦେଖିବେ। ଫେବୃଆରୀ ୧୧ ରୁ ବାରବାଟୀରେ ଟିକେଟ ମିଳିବା ଆରମ୍ଭ ହୋଇଛି। ଏହାଛଡା ରେଲୱେ ଷ୍ଟେସନ, ବିମାନ ବନ୍ଦର, ବସଷ୍ଟାଣ୍ଡରେ ବି ଟିକେଟ ମିଳିବ। ସାମ୍ବାଦିକ ସମ୍ମିଳନୀରେ ଅର୍ଜୁନ କପୁର ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

## ଭିଏସ୍‌ଏସ୍‌ନଗରରେ ଅଗ୍ନି ଉତ୍ସବ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବୀର ସୁରେନ୍ଦ୍ରସାଏ ନଗରରେ ମହାସମାରୋହରେ ଅଗ୍ନିଉତ୍ସବ ପାଳିତ ହୋଇଯାଇଛି। ଅଲେଖ କୁମାର ସାହୁଙ୍କ ପ୍ରଚେଷ୍ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅଶୋକ କୁମାର ପାଲଟାସିଂହ, ବରିଷ୍ଠ ସମାଜ ସେବୀ ଭୋଳାନାଥ ମହାରଣା ଯୋଗଦାନ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଓ ଅଗ୍ନି ଉତ୍ସବର ଐତିହ୍ୟ, ପରମ୍ପରା ସଂପର୍କରେ ମୁଖ୍ୟ ଅତିଥି ଆଲୋକ ପାତ କରିଥିଲେ ।ଦିର୍ଘବର୍ଷ ଧରି ଏହି ପର୍ବ ପାଳିତ ହୋଇଆସୁଛି। ସ୍ଥାନୀୟ ଲୋକମାନେ ବହୁ ସଂଖ୍ୟାରେ ଯୋଗଦାନ କରି ପରମ୍ପରା ଅନୁଯାୟୀ ନଡ଼ିଆ, ଘୃତ, ବିଭିନ୍ନ ପ୍ରକାରର ଫଳ ଓ ପନିପରିବା ଅଗ୍ନିରେ ବିସର୍ଜନ କରିଥିଲେ। ଏଥିରେ ଅଭୟ ଜେନା, ପ୍ରଫୁଲ୍ଲ ସାହୁ, ଗୁରୁନାଥ ଚୈଧୁରୀ, ଦେବଦତ୍ତ ସାହୁପ୍ରମୁଖ ଯୋଗ ଦାନ କରିଥିଲେ। ଝରିଆ ରାଉତଙ୍କ ବିୟୋଗ ରେ ଶୋକ ପ୍ରକଟ କରାଯାଇଥିଲା।

## ବିଏମ୍‌ସିର ଦ୍ୱିତୀୟ ଭୀମଭୋଇ ସାମର୍ଥ୍ୟ ଶିବିର ପରିଦର୍ଶନ କଲେ ମେୟର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ମିଳିତ ଉଦ୍ୟମରେ ୬ ନମ୍ବରସ୍ଥିତ ବିଏମସି କଲ୍ୟାଣ ମଣ୍ଡପଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଦ୍ୱିତୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର -୨୦୨୪-୨୫ ଓ ବୟୋଶ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି । ଆଜି ଦକ୍ଷିଣ-ପୂର୍ବ ଜୋନରୁ ଶହ ଶହ ଦିବ୍ୟାଙ୍ଗ ଯୋଗଦେଇଛନ୍ତି । ବିଭାଗୀୟ ଡାକ୍ତରମାନେ ଶାରିରୀକ, ମାନସିକ, ଚକ୍ଷୁ, କର୍ଣ୍ଣ ଆଦି ପରୀକ୍ଷା କରିବା ସହ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସୁବିଧା ସଂପର୍କରେ ଆବେଦନ କରୁଛନ୍ତି । ଫେବୃଆରୀ ୧୩ ତାରିଖରେ ଉତ୍ତର ଜୋନର ଭିନ୍ନକ୍ଷମଙ୍କ ପାଇଁ ୟୁନିଟ୍ ୬ ବିଏମ୍‌ସି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ । ଗତ ୮ ତାରିଖ ଦିନ ଦକ୍ଷିଣ-ପୂର୍ବ ଜୋନର ଭିନ୍ନକ୍ଷମ ସାମର୍ଥ୍ୟ ମେଳା ଅନୁଷ୍ଠିତ ହୋଇଥିଲା । ଆଜି କାର୍ଯ୍ୟକ୍ରମରେ ମାନୀୟା ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀଧର ବେହେରା ଉପସ୍ଥିତ ଥିଲେ । ଏହି ଅବସରରେ ମେୟର ଶ୍ରୀମତୀ ଦାସ ଉପସ୍ଥିତ ଦିବ୍ୟାଙ୍ଗ ମାନଙ୍କୁ ଟ୍ରାଇ ସାଇକଲ୍ ଓ ବସ୍ ପାସ୍ ଇତ୍ୟାଦି ବଣ୍ଟନ କରିଥିଲେ।

## ଉତ୍ତମ ମହାନ୍ତିଙ୍କ ଆରୋଗ୍ୟ କାମନା କଲେ ସିଦ୍ଧାର୍ଥ ମହାପାତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତିଙ୍କ ଆରୋଗ୍ୟ କାମନା କରିଛନ୍ତି ଅଭିନେତା ତଥା ବିଜେପି ବିଧାୟକ ସିଦ୍ଧାର୍ଥ ମହାପାତ୍ର । ପ୍ରଭୁ ଜଗନ୍ନାଥ ଆମ ଘରର ଯିଏ ମୁଖିଆ ବା ମୁରବିଙ୍କୁ ଜଲଦି ଫେରେଇ ଆଣନ୍ତୁ । ସେ ଖୁବଶୀଘ୍ର ଆମ ପାଖକୁ ଚାଲି ଆସନ୍ତୁ । ତାଙ୍କ ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ସେମିତି ରହିଥାଉ ବୋଲି କହିଲେ ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ।

## ଡ. ରାଧାନାଥ ରଥଙ୍କ ସ୍ମରଣ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡ. ରାଧାନାଥ ରଥଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ ଜନନାୟକ, ସାମ୍ବାଦିକ ତଥା ସମାଜସେବୀ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ।

## ପାଳନ ହେବ ଲାଲଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଜୟନ୍ତୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପାଳନ ହେବ ପୂର୍ବତନ ବିଧାୟକ ଲାଲଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଜୟନ୍ତୀ । ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ରୋଟାରୀ ଭବନ ଠାରେ ଆସନ୍ତା ୧୪ ତାରିଖରେ ତାଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ପ୍ରଦେଶ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁର୍ଗା ପୂଜା ସମିତି ପକ୍ଷରୁ ଅଗ୍ନି ଉତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ସହିଦନଗର ସ୍ଥିତ ସହିଦନଗର ଦୁର୍ଗା ପୂଜା ସମିତି ଆନୁକୂଲ୍ୟରେ ‘ଅଗ୍ନି ପୂର୍ଣ୍ଣମା’ ଉପଲକ୍ଷେ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସମିତିର ଉପଦେଷ୍ଟା ମନୋରଞ୍ଜନ ଦାସ, ଶୁଭ୍ରାଂଶୁ ଶେଖର ରାଉତରାୟ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ଉପସଭାପତି ଚନ୍ଦନ କୁମାର ପାଳିତ, ଅଚ୍ୟୁତ ପ୍ରସାଦ ବେହେରା, ଯୁଗ୍ମ ସଂପାଦକ ବିଶ୍ୱ ପ୍ରସାଦ ମହାନ୍ତି, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ଜେନା, ଆସିଷ୍ଟାଣ୍ଟ କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ମହାନ୍ତି, ବରିଷ୍ଠ ସଭ୍ୟ ବିଭୁତି ଭୂଷଣ ମିଶ୍ର, ମହେଶ୍ୱର ମହାନ୍ତି, ଦେବାଶିଷ ସାହୁ, କାର୍ଯ୍ୟକାରୀ ସଭ୍ୟ ପ୍ରସାଦ ଜି, ଜୀତେନ୍ଦ୍ର ରାଓ, ଲଳିତ ଖୁଣ୍ଟିଆ, ବିଭୁ ପଦାରବିନ୍ଦ ନାୟକ, ରଞ୍ଜନ କୁମାର ସାମଲ, ଦେବାଶିଷ ଦାସ ସହିତ ବହୁ ଶ୍ରଦ୍ଧାଞ୍ଜଳି ଓ ସଭ୍ୟ ଉପସ୍ଥିତ ଥିଲେ । ଏହି ଉତ୍ସବରେ ଅଗ୍ନି ସଂଯୋଗ ସାରିଲା ପରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସମିତିର ସମ୍ପାଦକ ସଚି ନନ୍ଦନ ନାୟକଙ୍କ ସମସ୍ତ ଭକ୍ତ ଓ ସଭ୍ୟଙ୍କୁ ଏହି ଉତ୍ସବରେ ଯୋଗଦାନ କରିବା ଓ ସହଯୋଗ କରିଥିବାରୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୁରୁ ରବିଦାସଙ୍କୁ ନମନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁ ରବିଦାସଙ୍କୁ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସନ୍ଥ ଶିରୋମଣି ଗୁରୁ ରବିଦାସଙ୍କ ଜୟନ୍ତୀ ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ । ତାଙ୍କ ଜୀବନ ସତ୍ୟ, ପ୍ରେମ ଓ ସମାନତାର ପ୍ରତୀକ ଅଟେ । ସେ ସମାଜରେ ବ୍ୟାପ୍ତ ଭେଦଭାବ ଓ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉଠାଇଥିଲେ ଏବଂ ଏକ ଏଭଳି ସମାଜର କଳ୍ପନା କରିଥିଲେ, ଯେଉଁଠାରେ ପ୍ରତି ବ୍ୟକ୍ତିକୁ ସମାନ ଅଧିକାର ମିଳିବ । ତାଙ୍କ ଅମୃତ ବଚନ ନା କେବଳ ଆଧାତ୍ମିକ ଜାଗୃତି ଆଣିଥିଲା ବରଂ ସାମାଜିକ ପରିବର୍ତ୍ତନର ମୂଳଦୁଆ ବି ରଖିଥିଲା ।


## AFFIDAVIT

By virtue of an affidavit before Notary Public, Bhubaneswar on dated 03.04.2018, I Nalini Behera, W/o- Sukanta Kumar Behera, resident of At- Sriram Nagar, Post- RRL, Salia Sahi, Ps- Nayapalli, Bhubaneswar declares that my actual name is Nalini Behera which is mentioned in Aadhar Card. But wrongly mentioned as Golap Behera in some other documents. Nalini Behera and Golap Behera is same and one person myself. This affidavit is to be produced before concerned authority for information and necessary action.

Sd/- Nalini Behera

## AFFIDAVIT

By virtue of an Affidavit sworn before the court of Executive Magistrate, Jagatsinghpur, dt:- 30.09.2024. I Mamata Barik, W/o- Rajakishore Barik, resident of Village Dadapur, Post- Kaduapada, PS/Dist- Jagatsinghpur, declares that I have changed my name from Rani Barik to Mamata Barik. Henceforth I shall be known as Mamata Barik for all purposes.

Sd/- Mamata Barik

## AFFIDAVIT

By virtue of an affidavit sworn in the court of Executive Magistrate, Jagatsinghpur dated 04.02.2025 I Subash Chandra Barik S/o Sindhu Barik, resident of Village:- Palasa, Post/Dist :- Jagatsinghpur declare that I have changed my son's name from old name Sunaram Kisku to new name Shivansh Barik and as that he may thereafter be called, known and distinguished nor by his former name of Sunaram Kishku(Old name) but his assumed name of shivansh Barik(new name). Henceforth he shall be known as Shivansh Barik, S/o Subash Chandra Barik for all purposes.

Sd/- Subash Chandra Barik

## AFFIDAVIT

By virtue of an affidavit in the court of Executive Magistrate, Umerkote on date 11.02.2025, I Sabita Saha, W/o- Bijen Ghosh, resident of Village/Post- Chikalpadar, Ps- Umerkote, Dist- Nabarangpur, declares that my actual name is Sabita Saha, but wrongly mentioned as Gita Ghosh in KIOSK Banking. This affidavit is to be produced before concerned authority for correction from Gita Ghosh to Sabita Saha.

Sd/- Sabita Saha

## AFFIDAVIT

By virtue of an affidavit I Nirmala Dehury, W/o- Khirod Kumar Dehury, resident of At- Amalapada 6th Line, Angul, Po/Ps/ Dist- Angul, dated 07.02.2025 declares that I have possessed a sale deed No. 2787, dt. 15.07.1998 of Sub-Registrar, Khandagiri against purchase land in mouza Gotha Patna vide Khata No 76, Plot No 555, Area Ac.0.054. This sale deed was eaten by white ants from wooden Almirah. Inspite of my best effort I could not trace it out a peice of paper. This affidavit is to be produced before concerned authority for issue of Duplicate Sale Deed.

Sd/- Nirmala Dehury

## AFFIDAVIT

By virtue of an affidavit sworn before The Executive Magistrate, Chatrapur, Ganjam, dated 29.01.2025 I, Sasi Bhusan Patnaik (new name), address At: Ramlaxmi Nagar, Post/P.S: Chatrapur, Dist: Ganjam, Odisha, Pin No. 761020 declare that I have changed my and my father's name from Sigumahanty Sasibhusan Patnaik, S/o. S. Harihar Rao (old name) to Sasi Bhusan Patnaik, S/o. Hari Hara Patnaik (new name). Henceforth, we shall be known as Sasi Bhusan Patnaik, S/o. Hari Hara Patnaik (new names) for all purposes.

Sd/-SASI BHUSAN PATNAIK


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତର କନସୁଲେଟ୍...

ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଉଭୟ ନେତା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବାର ସମ୍ଭାବନା ରହିଛି। ତେବେ ମୋଦୀଙ୍କ ଏହି ଆମେରିକା ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି। ବିଶେଷକରି ପ୍ରତିରକ୍ଷା, ଏଆଇ, ଟାରିଫ ବୃଦ୍ଧି, ଅନୁପ୍ରବେଶକାରୀଙ୍କୁ ଦେଶରୁ ବିତାଡ଼ିତ ପ୍ରସଙ୍ଗ ମୋଦୀ ଉଠାଇବାର ସମ୍ଭାବନା ରହିଛି।

### ୯୬ତମ ସ୍ଥାନରେ...

ନିଆଗଲେ କେବଳ ଚୀନ୍‌କୁ ଛାଡ଼ିଦେଲେ ବାକି ସମସ୍ତ ରାଷ୍ଟ୍ର ଭାରତ ତୁଳନାରେ ଅଧିକ ଦୁର୍ନୀତିଗ୍ରସ୍ତ। ପାକିସ୍ତାନ ତାଲିକାର ୧୩୫ତମ ସ୍ଥାନରେ ରହିଥିବାବେଳେ ଶ୍ରୀଲଙ୍କା ୧୨୧ ଓ ବାଂଲାଦେଶ ୧୪୯ତମ ସ୍ଥାନରେ ରହିଛି। ତେବେ ଚୀନ୍ ତାଲିକାର ୭୬ତମ ସ୍ଥାନରେ ରହିଛି। ଅର୍ଥାତ୍ ଚୀନ୍‌ରେ ଦୁର୍ନୀତି ଭାରତଠାରୁ କମ୍ ରହିଛି। ଅନ୍ୟପକ୍ଷରେ ଆମେରିକା, ଫ୍ରାନ୍ସ, ରୁଷ ଭଳି ରାଷ୍ଟ୍ରରେ ଦୁର୍ନୀତି ମଧ୍ୟ ବୃଦ୍ଧି ପାଇଛି।

### ପ୍ରଥମ ଥରପାଇଁ...

ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କୌଣସି ସ୍ଥାନରେ ଘନ କୁହୁଡ଼ିର ପ୍ରଭାବ ରେକର୍ଡ କରାଯାଇ ନଥିବାବେଳେ ଆଗାମୀ ଦୁଇଦିନ ଭିତରେ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ହାଲୁକା କୁହୁଡ଼ିର ସମ୍ଭାବନା ରହିଛି। ତେବେ ଗତ ୨୪ ଘଣ୍ଟାରେ ତିନୋଟି ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ଥିବା ରେକର୍ଡ ହୋଇଛି। ଝାରସୁଗୁଡ଼ାରେ ୩୭ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଅନୁଗୋଳ ଓ ବଲାଙ୍ଗୀରରେ ପାରଦ ୩୫.୭ ଡିଗ୍ରୀ ରହିଛି। ସେହିପରି ଉପକୂଳ ଓଡ଼ିଶାରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସ୍ୱାଭାବିକଠାରୁ ଅଧିକ ରହିଥିବା ରେକର୍ଡ ହୋଇଛି।

### ସୁରକ୍ଷା କଡ଼ାକଡ଼ି...

ଦାୟିତ୍ୱରେ ରହିବେ। ଏହାବ୍ୟତୀତ ୧୦୦ ଅଫିସରଙ୍କ ସହିତ ଟେକ୍ନିକାଲ ୟୁନିଟ୍, ରୁଟ୍‌ଟପ୍ ସିକ୍ୟୁରିଟି ତଥା ଆନ୍ଦୋଳନ ସ୍ଥଳରେ ସ୍ୱତନ୍ତ୍ର ଫୋର୍ସ ମୁତୟନ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ବିଧାନସଭା ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଅନ୍ୟପକ୍ଷରେ ଗୃହର ସୁପରିଚାଳନା ପାଇଁ ବୁଧବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନକୁ ସୁଚାରୁରୂପେ ସମ୍ପାଦନ କରିବା ସହ ବିରୋଧୀ ଓ ଶାସକଦଳ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବାକୁ ଅନୁରୋଧ କରିଛନ୍ତି ବାଚସ୍ପତି ଶ୍ରୀମତୀ ପାଢୀ। ତେବେ ଏସବୁ ଭିତରେ ବିରୋଧୀ ଅଧିବେଶନ କାଳରେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବାର ଯଥେଷ୍ଟ ସମ୍ଭାବନା ରହିଛି। ବୁଧବାର ଶଙ୍ଖ ଭବନରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକଙ୍କ ବୈଠକ ବସି ଧାନମଣ୍ଡି ଅବ୍ୟବସ୍ଥା, କ୍ରିକେଟ ମ୍ୟାଚ୍ ବିଭ୍ରାଟ, ଆଇନଶୃଙ୍ଖଳା ସ୍ଥିତି ଉପରେ ସରକାରଙ୍କୁ ଜବାବ ମଗାଯିବ ବୋଲି ସ୍ଥିର କରାଯାଇଥିବାବେଳେ କଂଗ୍ରେସ ବିଧାୟକ ଦଳ ବୈଠକରେ କଟ୍‌ନୀ ଛଟ୍‌ନୀ, ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସରକାରଙ୍କୁ ଘେରାଯିବ ବୋଲି ସ୍ଥିର କରାଯାଇଛି। ତେବେ ବିରୋଧୀଙ୍କୁ ସରକାର ଜବାବ ଦେବାପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରିଛନ୍ତି। ଗତ ୮ ମାସରେ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକୁ ଗୃହରେ ଉପସ୍ଥାପନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ୧୭ ତମ ବିଧାନସଭା ଭାବେ ଓଡ଼ିଶା ବିଧାନସଭା ପେପର ଲେସ ହୋଇଛି । ବୁଧବାର ଉଦଘାଟନ ପରେ ପରେ ଦିଲ୍ଲୀରୁ ଆସିଥିବା ନେଭା ଟିମ ଟ୍ରେନିଂ ଦେଇଥିଲେ ଆସନ୍ତାକାଲି ମଧ୍ୟ ଟ୍ରେନିଂ ଦିଆଯିବ । ବିଧାନସଭା ପରିସରରେ ନେଭା ଟିମ ୩ ଟାରୁ ୪ ଟା ସମୟରେ ଟ୍ରେନିଂ ଦେବେ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIVSKP 2025008, ତା.05.02.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍-ବିଜୟନଗରମ ତୃତୀୟ ଲାଇନ ପ୍ରକଳ୍ପର ଅଂଶ ସହ ସମ୍ବନ୍ଧୀୟ ଇଚ୍ଛାପୁରମ (IN) ଠାରୁ ନୌପଡ଼ା ଜଙ୍କସନ୍ (IN) ମଧ୍ୟରେ ପ୍ରସ୍ତାବିତ ତୃତୀୟ ଲାଇନ ନିମନ୍ତେ ନିର୍ଦ୍ଦିଷ୍ଟ ସ୍ଥାନରେ ବଡ଼/ଛୋଟ (Major / Minor) ବ୍ରିଜ୍‌ଗୁଡ଼ିକ ନିମନ୍ତେ ଭୂତଳ (Sub-Soil) ଯାଞ୍ଚର ସମ୍ପାଦନ ଏବଂ ବଡ଼/ଛୋଟ ବ୍ରିଜ୍‌ଗୁଡ଼ିକର L-ସେକ୍ସନ, ESPs, GADsର ଭୂମି ସର୍ବେକ୍ଷଣ କରିବା, ବିସ୍ତୃତ ନକ୍ସା ପ୍ରସ୍ତୁତ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 203.85 ଲକ୍ଷ, EMD : ₹ 2,51,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.02.2025ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ** : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-156/CH/24-25

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: sgmel_uihep@ohpcltd.com

CAD-2539

OHPC
ISO 9001-14001 18001 Certified

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

'e'- Procurement Notice

NOTICE INVITING TENDER NO.UIHEP/49/2024-25 DATED.10.02.2025

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Dismantling & reconstruction of back side drain at Sector-I of UIHEP, Mukhiguda. | 12,59,465/- (Excluding GST) | 12,600/- | 'D' & 'C' Class Contractor registered with State Govt./Central Govt. / MES / Railways. | 6,000/- + GST @18% = 7,080/- | Two (02) calendar months |

Availability of tender document in the portal: From 14.02.2025 (10:00 Hrs) to 25.02.2025 (up to 13:00 Hrs.)
Last date & time of submission of tenders in the portal: 25.02.2025 up to 13:00 Hrs.
The date & time of opening of the bid: 25.02.2025 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal "https://tendersodisha.gov.in".

Sd/-Unit Head
UIHEP, Mukhiguda

OIPR 32136/11/0030/2425

E-mail: eerw_ptng@yahoo.in
Phone No – 06658-222121

GOVERNMENT OF ODISHA
OFFICE OF THE SUPERINTNDING ENGINEER
RURAL WORKS DIVISION, PATNAGARH

O-1454

Office Order No. 710 Date. 10.02.2025

1st Corrigendum to this office BID IDENTIFICATION NO. EEPTNG-online-12/2024-25 Invited Vide this office Letter No. 401 Dtd. 01.02.2025

In pursuance to this office BID IDENTIFICATION NO. EEPTNG-online-12/2024-25 published vide this office e-procurement notice no.401 Dtd. 01.02.2025, the following changes have been made in NIT.

| Sl.No. | Items | As per Original TCN | As per 1st corrigendum |
|---|---|---|---|
| 1 | Availability of tender online for bidding | 10.02.2025 11.00 AM to 15.02.2025 upto 5.00 PM | 18.02.2025 11.00 AM to 24.02.2025 upto 5.00 PM |
| 2 | Last date of seeking clarification | 14.02.2025 up to 5.00 PM | 21.02.2025 up to 5.00 PM |
| 3 | Date and Time of opening of tender in office of the R.W.Division, Patnagarh | 17.02.2025 at 11.00 AM | 25.02.2025 at 11.00 AM |

All other terms and condition remain unaltered.

Sd/- Executive Engineer
R.W. Division, Patnagarh

OIPR 25154/11/0017/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRPARA
INVITATION FOR BIDS (SHORT NOTICE)

eerw_kpd@yahoo.com

O-1461

'E' PROCUREMENT NOTICE NO. RWD / KPD-10 / 2024-25 DT.10.02.2025

1. Name of work : Repair of **Building** works in the District of Kendrapara for the year 2024-25
2. Total No of work : **11 Number of Building work.**
3. Estimated Cost : **Rs.2.12 Lakhs to 4.24 lakhs** approximately
4. Period of Completion : As Specified in the Annexure
5. Class of contractors : As Specified in the Annexure
6. Cost of tender paper : Cost of tender paper is to be remitted **ONLINE** as specified in column-5 of the Annexure.
7. Detail projects : As Specified in the Annexure

Other details as follows:

a) Procurement officer : Superintending Engineer Rural Works Division, Kendrapara
b) Availability of tender online : **15.02.2025** at 11:00 AM to **24.02.2025** up to 5:00 PM
c) Last date & time of seeking of tender clarification : 21.02.2025 up to 5.00 PM
d) Opening of Tender : **25.02.2025** at 11:00 AM
e) **Decision to conduct Lottery** : If required, to decide the agency, transparent Lottery shall be conducted on dt **01.03.2025** at 11.00 A.M in Office Chamber of the undersigned.

Further details can be seen form the Govt. website www.tendersorissa.gov.in

Sd/- Rajesh Pradhan
Superintending Engineer
Rural Works Division
Kendrapara

OIPR 25064/11/0017/2425

GOVERNMENT OF ODISHA
OFFICE OF THE EXECUTIVE ENGINEER
PODAGADA DAM DIVISION, AT/PO: KHATIGUDA
DIST: NABRANGPUR (ODISHA), PIN-764085
E-Mail Id: eepodagadadamdivision@gmail.com

A-1054

e-Procurement Notice

Bid Identification No.- EEPDD-05(02)/2024-25, Dt: -11.02.2025

Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in .

| | |
|---|---|
| 1. Name of the Work | Civil Works |
| 2. No. of Works | Two Number |
| 3. Estimated cost | Rs. 15.25 Lakhs to Rs.13.03 Lakhs. |
| 4. Eligibility of the bidders | Ranging from 'D' class to 'C' class contractors (Odisha P.W.D or equivalent class of other licensing authority) as per detail Tender call notice. |
| 5. Period of completion | Two Calendar Months |
| 6. Date of Clarification | 13.02.2025 to 15.02.2025 Only During Office Hour |
| 7. Last date/time for receipt Of bid in the portal | From 13.02.2025 11.00 AM to 25.02.2025 (up to 5:00 P.M) |
| 8. Date of opening of the bids on-line | 27.02.2025(11:30 A.M) |
| 9. Name and address of the Office Inviting Bid | Executive Engineer Podagada Dam Division, At/Po: Khatiguda, District: Nabarangpur |

Further details can be seen from the e-procurement portal http://tendersodisha.gov.in

Sd/- Executive Engineer
Podagada Dam Division
Khatiguda

OIPR 32095/11/0012/2425

GOVERNMENT OF ODISHA

B-1000

e-Procurement Notice, ANGUL (R&B) DIVISION
Bid Identification No.42 of 2024-25
e-mail ID- angulrbdivision@yahoo.co.in

1. Number of Works : 08 (Eight) number of road works
2. Approximate estimated cost : Varies from 41.00 lakh to 49.99 lakh
3. Period of completion : 01 (One) Calendar months
4. Date & Time of availability of bid document In the portal : **Dt. 15.02.2025 at 10.00 A.M.**
5. Last date / Time for receipt of bid in the portal : **Dt. 24.02.2025 up to 5.00 P.M.**
6. Date of opening Bid : **Dt. 25.02.2025 at 11.00 A.M.**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in **ONLINE** bidding only.

Further details can be seen from the e-procurement portal https:/tendersodisha.gov.in

Sd/- Superintending Engineer,
Angul (R&B) Division

OIPR 34074/11/0019/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI
E-Procurement Notice
Bid Identification No. S.E (R&B)- MLK-12/2024-25

B-1001

No. 607 Date. 11.02.2025

1. Name of the work: Road and Electrical works
2. Total No. of Works: 7 Nos road works and 3 Nos Electrical works.
3. Estimated cost: Rs. 9.62 lakhs to Rs.42.33 lakhs
4. Period of completion: 01 (One) month
5. Date & time of availability of bid document in the portal: From 11.00 hrs. Of 15.02.2025 To 16.00 hrs.Of 24.02.2025
6. Last date / Time for receipt of bids in the Portal; 16.00 hours of 24.02.2025
7. Date of opening of Tender; 11.00 hours of 25.02.2025
8. Name and address of the Officer Inviting Bid: Superintending Engineer Malkangiri(R&B) Division

**Further details can be seen from the e-procurement portal https://tendersorissa.gov.in**

Sd/- Superintending Engineer
malkangiri(R&B) Division

OIPR 34063/11/0010/2425

# ଜାତୀୟ,ଅନ୍ତର୍ଜାତୀୟ ଓ ବାଣିଜ୍ୟ



ନୂଆଦିଲ୍ଲୀ: ନିର୍ବାଚନ ପୂର୍ବରୁ ମାଗଣା ଉପହାର ତଥା ଯୋଜନା ଘୋଷଣା କରିବାକୁ ନେଇ ବୁଧବାର ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ନିକଟରେ ହୋଇଥିବା ଦିଲ୍ଲୀ ନିର୍ବାଚନ ପୂର୍ବରୁ ଆପ, ବିଜେପି ଓ କଂଗ୍ରେସ ଲୋକଙ୍କ ପାଇଁ ଅନେକ ମାଗଣା ଯୋଜନା ଘୋଷଣା କରିଥିଲେ। ଏନେଇ କୋର୍ଟ କହିଛନ୍ତି ଯେ ଲୋକମାନେ ମାଗଣା ରାସନ ଏବଂ ଟଙ୍କା ପାଉଥିବାରୁ ଆଉ କାମ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଜଷ୍ଟିସ୍ ବି. ଆର.ଗଭାଇ ଏବଂ ଅଗଷ୍ଟିନ ଜର୍ଜ ମାସିହଙ୍କ ଖଣ୍ଡପୀଠ ସହରାଞ୍ଚଳରେ ବାସହୀନ ଲୋକଙ୍କୁ ଘର ପ୍ରଦାନ ସହ ଜଡିତ ଏକ ଆବେଦନର ଶୁଣାଣି କରିଥିଲେ। ଜଷ୍ଟିସ୍ ଗଭାଇ କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟବଶତଃ।ଲୋକମାନେ କୌଣସି କାମ ନକରି ମାଗଣା ରାସନ ଏବଂ ଟଙ୍କା ପାଉଛନ୍ତି। ଏହି ମାଗଣା ଯୋଜନା ଯୋଗୁଁ ସେମାନେ କାମ କରିବାକୁ ଇଚ୍ଛୁକ ନୁହଁନ୍ତି। ସରକାର ମାଗଣା ଯୋଜନା ବଦଳରେ ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଉଚିତ ଏବଂ ସେମାନଙ୍କୁ ରାଷ୍ଟ୍ରର ବିକାଶରେ ଯୋଗଦାନ ଦେବା ପାଇଁ ପ୍ରେରଣା ଦେବା ଉଚିତ

## ଭାରତର ପ୍ରଧାନମନ୍ତ୍ରୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ମାଜାରଗ୍ୟୁସ୍ ଯୁଦ୍ଧ ସମାଧିସ୍ଥଳ ପରିଦର୍ଶନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ବୁଧବାର ମାର୍ସିଲିର ମାଜାରଗ୍ୟୁସ୍ ଯୁଦ୍ଧ ସମାଧି ସ୍ଥଳ ପରିଦର୍ଶନ କରିଥିଲେ। ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରାଣ ହରାଇଥିବା ଭାରତୀୟ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉଭୟ ନେତା ମୃତକଙ୍କ ବଳିଦାନକୁ ସମ୍ମାନ ଜଣାଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମାଜାରଗ୍ୟୁସ୍ ଯୁଦ୍ଧ କବରସ୍ଥାନ ୟୁରୋପରେ ଶାନ୍ତି ପାଇଁ ଲଢ଼ିଥିବା ଭାରତୀୟ ସୈନିକଙ୍କ ବୀରତ୍ୱ ଏବଂ ବଳିଦାନର ଇତିହାସକୁ ସଂରକ୍ଷଣ କରେ। ସେମାନଙ୍କର କାହାଣୀ ଅନେକଙ୍କୁ ପ୍ରେରଣା ଦେଇ ଚାଲିଛି। ଏହି ସମାଧିସ୍ଥଳ ଭାରତ-ଫ୍ରାନ୍ସ ସମ୍ପର୍କକୁ ସୁଦୃଢ଼ କରୁଥିବା ଲୋକ ସମ୍ପର୍କକୁ ସ୍ମରଣ କରିଥାଏ।

# ପୂର୍ବତନ ସାଂସଦ ସଜ୍ଜନ କୁମାର ଦୋଷୀ



ନୂଆଦିଲ୍ଲୀ: କଂଗ୍ରେସର ପୂର୍ବତନ ସାଂସଦ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଏହା ତାଙ୍କର ଦ୍ୱିତୀୟ ଦୋଷୀ ସାବ୍ୟସ୍ତ ହୋଇଛି ଏବଂ ତାଙ୍କ ବିରୋଧରେ ଆଉ ଦୁଇଟି ମାମଲା ରହିଛି। ୧୯୮୪ ମସିହା ନଭେମ୍ବର ପହିଲାରେ ଦିଲ୍ଲୀର ସରସ୍ୱତୀ ବିହାରରେ ହୋଇଥିବା ହିଂସାକାଣ୍ଡରେ ଯଶବନ୍ତ ସିଂହ ଓ ତାଙ୍କ ପୁଅ ତରୁଣଦୀପ ସିଂହ ନାମକ ଦୁଇ ଜଣଙ୍କୁ ହତ୍ୟା ମାମଲାରେ କୁମାର ଦୋଷୀ ସାବ୍ୟସ୍ତ ହୋଇଥିଲେ। ସ୍ୱତନ୍ତ୍ର ବିଚାରପତି ଏମ୍ କେ ନାଗପାଲ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୧୪୭, ୧୪୮, ୧୪୯, ୩୦୨, ୩୦୮, ୩୨୩, ୩୯୫, ୩୯୭, ୪୨୭, ୪୩୬ ଓ ୪୪୦ରେ ଅଭିଯୋଗ ନିର୍ଦ୍ଧାରଣ କରିଛନ୍ତି। ଫେବ୍ରୁଆରି ୧୮ ତାରିଖରେ ବିଚାରପତି ଦଣ୍ଡ ଘୋଷଣା କରିବେ। ମାମଲାରେ ସର୍ବାଧିକ ଦଣ୍ଡାଦେଶ ଭାବେ ଫାଶୀ ଦଣ୍ଡ ଓ ସର୍ବନିମ୍ନ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ରହିଛି। ୧୯୮୪ ନଭେମ୍ବର ୧/୨ରେ ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ପାଲାମ କଲୋନୀର ରାଜ ନଗର ପାର୍ଟ-୧ ଅଞ୍ଚଳରେ ପାଞ୍ଚ ଜଣ ଶିଖଙ୍କୁ ହତ୍ୟା କରିବା ଏବଂ ରାଜ ନଗର ପାର୍ଟ-୨ରେ ଥିବା ଏକ ଗୁରୁଦ୍ୱାରରେ ନିଆଁ ଲଗାଇବା ମାମଲାରେ କୁମାରଙ୍କୁ ହାଇକୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଦୋଷୀ ସାବ୍ୟସ୍ତ ହେବା ବିରୋଧରେ ତାଙ୍କ ଆବେଦନ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ଅନ୍ୟ ଦୁଇଟି ମାମଲାରେ ନିମ୍ନ ଅଦାଲତ ତାଙ୍କୁ ଦୋଷମୁକ୍ତ କରିବା ବିରୋଧରେ ଏବେ ହାଇକୋର୍ଟରେ ଦୁଇଟି ଆବେଦନ ବିଚାରାଧୀନ ରହିଛି। ଦିଲ୍ଲୀ ନିମ୍ନ ଅଦାଲତରେ କୁମାରଙ୍କ ବିରୋଧରେ ଦୁଇଟି ମାମଲା ବିଚାରାଧୀନ ରହିଛି, ଯେଉଁଥିରେ ନୱାଡାର ଗୁଲାବ ବାଗରେ ଥିବା ଏକ ଗୁରୁଦ୍ୱାର ନିକଟରେ ହୋଇଥିବା ହିଂସାକାଣ୍ଡ ସହ ଜଡିତ, ଯେଉଁଥିରେ ଜଣେ ବିଚାରପତି ତାଙ୍କୁ ଅଗଷ୍ଟ ୨୦୨୩ରେ ବିଚାର ପାଇଁ ପଠାଇଥିଲେ। ୧୯୮୪ ମସିହାରେ ଜନକପୁରି ଓ ବିକାଶପୁରୀ ଅଞ୍ଚଳରେ ହୋଇଥିବା ଦଙ୍ଗା ସମ୍ପର୍କିତ ଏକ ମାମଲାରେ ମଧ୍ୟ ଦିଲ୍ଲୀର ଏକ ଅଦାଲତ ଶୁଣାଣି କରୁଛନ୍ତି। ହିଂସାକାଣ୍ଡ ଓ ଏହାର ପରବର୍ତ୍ତୀ ଘଟଣାର ତଦନ୍ତ ପାଇଁ ଗଠିତ ନାନାବତୀ କମିଶନଙ୍କ ରିପୋର୍ଟ ଅନୁଯାୟୀ, ଦିଲ୍ଲୀରେ ୨୭୩୩ ଜଣଙ୍କ ହତ୍ୟା ଘଟଣାରେ ୫୮୭ଟି ଏତଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ପ୍ରାୟ ୨୪୦ଟି ଏତଲାକୁ ପୁଲିସ ବନ୍ଦ କରିଦେଇଥିଲା ଏବଂ ୨୫୦ଟି ମାମଲାରେ ଦୋଷମୁକ୍ତ କରାଯାଇଥିଲା। ୫୮୭ଟି ଏତଲାର ମାତ୍ର ୨୮ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ପ୍ରାୟ ୪୦୦ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୁମାରଙ୍କ ସମେତ ପ୍ରାୟ ୫୦ ଜଣଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ବର୍ତ୍ତମାନ ରାଜଧାନୀର ବିଭିନ୍ନ ଅଦାଲତରେ ପ୍ରାୟ ୨୦ଟି ମାମଲା ବିଚାରାଧୀନ ରହିଛି।

## ଖୁବଶୀଘ୍ର ମିଳିବ ନୂଆ ୫୦ ଟଙ୍କିଆ ନୋଟ୍



ନୂଆଦିଲ୍ଲୀ: ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଦସ୍ତଖତ ଥିବା ୫୦ ଟଙ୍କିଆ ନୋଟ୍ ଖୁବଶୀଘ୍ର ଜାରି କରିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ କହିଛି। ୨୦୨୪ ଡିସେମ୍ବରରେ ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପଦରୁ ଇସ୍ତଫା ଦେଇଥିବା ବେଳେ ତାଙ୍କ ସ୍ଥାନରେ ଶ୍ରୀ ମାଲହୋତ୍ରା ଦାୟିତ୍ୱ ଗ୍ରହଣ କରିଥିଲେ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ମହାତ୍ମା ଗାନ୍ଧୀ (ନୂଆ) ସିରିଜର ୫୦ ଟଙ୍କିଆ ନୋଟ୍ ସହ ଏହି ନୋଟ୍ ଗୁଡ଼ିକର ଡିଜାଇନ୍ ସବୁ ଦୃଷ୍ଟିରୁ ସମାନ। ଅତୀତରେ ରିଜର୍ଭ ବ୍ୟାଙ୍କ ଜାରି କରିଥିବା ୫୦ ଟଙ୍କିଆ ନୋଟ ବୈଧ ରହିବ ବୋଲି କୁହାଯାଇଛି।

## ଅମିତ ଶାହାଙ୍କ ବଡ଼ ନିଷ୍ପତ୍ତି

# ବ୍ୟାନ୍ ହେଲା ୮୦୫ଟି ଆପ୍ ଓ ୩୨୬୬ଟି ୱେବ୍‌ସାଇଟ୍



ନୂଆଦିଲ୍ଲୀ: ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ବଡ଼ ନିଷ୍ପତ୍ତି ନେଇଛନ୍ତି। ସଂସଦୀୟ କମିଟି ବୈଠକରେ ସେ କହିଛନ୍ତି, ଜାତୀୟ ସୁରକ୍ଷା କାରଣରୁ ୮୦୫ଟି ଆପ ଏବଂ ୩୨୬୬ଟି ୱେବସାଇଟ ବ୍ୟାନ୍ କରାଯାଇଛି। 'ସାଇବର ସୁରକ୍ଷା ଏବଂ ଅପରାଧ' ସମ୍ପର୍କିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସଂସଦୀୟ ପରାମର୍ଶଦାତା କମିଟି ବୈଠକରେ ସେ ଏହା କହିଛନ୍ତି। ଏହି ସମୟରେ ସେ ଭାରତରେ ସାଇବର ଅପରାଧ ରୋକିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ କହିଥିଲେ। ଏନେଇ ଶାହ କହିଛନ୍ତି ଯେ, ଗତ କିଛି ବର୍ଷ ମଧ୍ୟରେ ଭାରତରେ ଡିଜିଟାଲ୍ ଭିତ୍ତିଭୂମି ବିସ୍ତାର ହୋଇଛି। ଯାହା ଫଳରେ ସ୍ୱାଭାବିକ ଭାବରେ ସାଇବର ଆଟାକ୍ ସଂଖ୍ୟା ବୃଦ୍ଧି ପାଇଛି । ଯଦି ଆମେ ସାଇବର ସ୍ପେସକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖିବା, ତେବେ ଏହା ସଫ୍ଟୱେର ସେବା ଏବଂ ଉପଭୋକ୍ତାର ଏକ ଜଟିଳ ନେଟୱାର୍କ ବୋଲି କହିପାରିବା । ଯେପର୍ଯ୍ୟନ୍ତ ସଫ୍ଟୱେର ସେବା ଏବଂ ଉପଭୋକ୍ତା ମାଧ୍ୟମରେ ସାଇବର ଠକେଇକୁ ନିୟନ୍ତ୍ରଣ କରାଯାଇ ନାହିଁ, ସେପର୍ଯ୍ୟନ୍ତ ସାଇବର ସ୍ପେସର ସମସ୍ୟାର ସମାଧାନ କରିବା ବି ଅସମ୍ଭବ ହେବ । ଏଥିସହିତ ସେ ଏହା ବି କହିଛନ୍ତି, ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗୃହ ମନ୍ତ୍ରଣାଳୟ ଭାରତକୁ ସାଇବର ଠକେଇ କବଳରୁ ସୁରକ୍ଷିତ କରିବା ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ସାଇବର ଅପରାଧ ସମସ୍ତ ଭୌଗୋଳିକ ସୀମାକୁ ଦୂର କରିଦେଇଛି। ଏହା ଏକ ସୀମାହୀନ ଏବଂ ଆକାରହୀନ ଅପରାଧ, କାରଣ ଏହାର କୌଣସି ସୀମା କିମ୍ବା ସ୍ଥିର ରୂପ ନାହିଁ । ଗତ ଦଶନ୍ଧିରେ ଭାରତ ଏକ 'ଡିଜିଟାଲ୍ ବିପ୍ଲବ' ସୃଷ୍ଟି ହୋଇଛି । ଡିଜିଟାଲ୍ ବିପ୍ଲବର ଆକାର ଏବଂ ପରିସରକୁ ନ ବୁଝି ଆମେ ସାଇବର କ୍ଷେତ୍ରରେ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହୋଇପାରିବୁ ନାହିଁ ବୋଲି ମନ୍ତବ୍ୟ ରଖିଛନ୍ତି ଶାହା ।

## ରାମ ଜନ୍ମଭୂମି ମୁଖ୍ୟ ପୂଜାରୀଙ୍କ ଦେହାନ୍ତ

ଲକ୍ଷ୍ନୌ : ଶ୍ରୀରାମ ଜନ୍ମଭୂମି ମୁଖ୍ୟ ପୂଜାରୀ ମହନ୍ତ ସତ୍ୟେନ୍ଦ୍ର ଦାସଙ୍କ ବୁଧବାର ପରଲୋକ ହୋଇଯାଇଛି। ୮୭ ବର୍ଷ ବୟସ୍କ ସତ୍ୟେନ୍ଦ୍ର ଦାସ 'ବ୍ରେନ ଷ୍ଟ୍ରୋକ୍' କାରଣରୁ ଅସୁସ୍ଥ ଥିଲେ। ତାଙ୍କୁ ଲକ୍ଷ୍ନୌର ଏସଜିପିଜିଆଇ ହସ୍ପିଟାଲରେ ରବିବାର ଭର୍ତ୍ତି କରାଯାଇଥିଲା। ତାଙ୍କର ମଧୁମେହ ସମେତ ଉଚ୍ଚ ରକ୍ତଚାପ ମଧ୍ୟ ଥିଲା। ହସ୍ପିଟାଲ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁସାରେ ଅଯୋଧ୍ୟା ରାମ ମନ୍ଦିରର ମୁଖ୍ୟ ପୂଜାରୀ ସତ୍ୟେନ୍ଦ୍ର ଦାସ ବୁଧବାର ଅନ୍ତିମ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ଫେବୃଆରୀ ୩ ତାରିଖ ଦିନ ଷ୍ଟ୍ରୋକ୍ କାରଣରୁ ଗୁରୁତର ଅବସ୍ଥାରେ ନ୍ୟୁରୋଲଜି ୱାର୍ଡର ଏଚଡିୟୁରେ ଭର୍ତ୍ତି କରାଯାଇଥିଲା। ମହନ୍ତ ସତ୍ୟେନ୍ଦ୍ର ଦାସଙ୍କୁ ଗୁରୁବାର ଜଳ ସମାଧି ଦିଆଯିବ। ତାଙ୍କ ପାର୍ଥିବ ଶରୀରକୁ ବୁଧବାର ତାଙ୍କ ଘରକୁ ନିଆଯାଇଛି, ସେଠାରେ ଲୋକେ ତାଙ୍କର ଦର୍ଶନ କରୁଛନ୍ତି। ରାମମନ୍ଦିର ଟ୍ରଷ୍ଟର ସଦସ୍ୟ ମହନ୍ତ ଦିନେନ୍ଦ୍ର ଦାସ ମଧ୍ୟ ତାଙ୍କର ଶେଷ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ମୁଖ୍ୟ ପୂଜାରୀଙ୍କ ବିୟୋଗରେ ଶୋକ ପ୍ରକଟ କରିଛନ୍ତି।

# କେନ୍ଦ୍ର ମନ୍ତ୍ରୀଙ୍କୁ ସ୍ୱାଗତ କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ସନ୍ଧ୍ୟାରେ ନୂଆ ରାୟପୁରସ୍ଥିତ ନିଜ ଆବାସିକ କାର୍ଯ୍ୟାଳୟରେ କେନ୍ଦ୍ର ଖାଦ୍ୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଶ୍ରୀ ସାଏ ତାଙ୍କୁ ବସ୍ତର କଳାର ପ୍ରତୀକ ଥିବା ଏକ ସ୍ମୃତିପଟ ପ୍ରଦାନ କରିଥିଲେ। ଉଲ୍ଲେଖନୀୟ ଏହି କି ଯେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀ ରାୟପୁରରେ ପହଞ୍ଚିବା ପରେ ରାଜ୍ୟରେ କୃଷକମାନଙ୍କ ହିତ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳନା କରାଯାଉଥିବା ବିଭିନ୍ନ ଯୋଜନାର ଉଲ୍ଲେଖ କରିଥିଲେ। ଏହି ବୈଠକରେ ଛତିଶଗଡ ଖାଦ୍ୟ ମନ୍ତ୍ରୀ ଦୟାଲ ଦାସ ବାଘେଲ, ଅର୍ଥମନ୍ତ୍ରୀ ଓପି ଚୌଧୁରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ ଏବଂ ସୌରଭ ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଯୋଶୀ କହିଥିଲେ ଯେ, ଛତିଶଗଡର କୃଷକମାନଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟ ସରକାର ଯେତେବେଳେ ଯେଉଁ ସହାୟତା ଚାହିଁବେ ତାହା ନିଶ୍ଚିତ ଭାବେ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କୃଷି କ୍ଷେତ୍ରରେ ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ସମନ୍ୱୟ ଉପରେ ଶ୍ରୀ ଯୋଶୀ ଗୁରୁତ୍ୱ ଆରୋପ କରିଥିଲେ।

# ବାଣିଜ୍ୟ

Digital India
Power To Empower

ନୂଆଦିଲ୍ଲୀ : ଡିଜିଟାଲ ଇଣ୍ଡିଆ ପାଇଁ ଟେକ୍ନୋଲୋଜି ଭିତ୍ତିକ ବିକାଶ, ଏଆଇ-ଚାଳିତ ଆଧୁନିକୀକରଣ ଓ ଆର୍ଥିକ ଅଭିବୃଦ୍ଧିର ଆବଶ୍ୟକତା ରହିଛି । ବିଶ୍ୱର ଅନ୍ୟତମ ସର୍ବବୃହତ ଟାଲେଣ୍ଟ ପୁଲ୍ ଭାବେ ଭାରତରେ ଏଆଇ ବିପ୍ଳବକୁ ଆଗକୁ ବଢାଇବାର ଏକ ସ୍ୱତନ୍ତ୍ର ସୁଯୋଗ ରହିଛି । ଏଥିପାଇଁ ଦ୍ରୁତ ଅପ୍‌ସ୍କିଲିଂ, ଶିଳ୍ପ ସହଭାଗିତା ଓ ଶିକ୍ଷାକୁ ଗଣତାନ୍ତ୍ରିକ କରିବାର ଆବଶ୍ୟକତା ରହିଛି ବୋଲି ସେଲ୍‌ସଫୋର୍ସ ଇଣ୍ଡିଆର ଅଧ୍ୟକ୍ଷ ଓ ସିଇଓ, ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ୫୦,୦୦୦ ଅଟଳ ଟିଙ୍କରିଙ୍ଗ ଲ୍ୟାବ, ଶିକ୍ଷା କ୍ଷେତ୍ରରେ ଏଆଇ ପାଇଁ ୫୦୦ କୋଟି ଟଙ୍କାର ସେଂଟର ଅଫ୍ ଏକ୍ସିଲେନ୍ସ ଓ ଦକ୍ଷତା ବିକାଶ ପାଇଁ ୫ଟି ନ୍ୟାଶନାଲ ସେଂଟର୍ସ ଅଫ୍ ଏକ୍ସିଲେନ୍ସରେ ଭାରତ ସରକାରଙ୍କ ନିବେଶ ସେଲ୍‌ସଫୋର୍ସରେ ଆମର ମିଶନ ସହ ଜଡିତ ରହିଛି । ସେଲ୍‌ସଫୋର୍ସରେ ଟ୍ରେଲହେଡ ଓ ଆମର ସେଲ୍‌ସଫୋର୍ସ-ଏଆଇସିଟିଇ ଭର୍ଚୁଆଲ ଇଂଟର୍ଣ୍ଣସିପ ପ୍ରୋଗ୍ରାମ ମାଧ୍ୟମରେ ଆମେ ହଜାର ହଜାର ଶିକ୍ଷାର୍ଥୀଙ୍କୁ ଭବିଷ୍ୟତର କର୍ମକ୍ଷେତ୍ରରେ ସଫଳ ହେବା ପାଇଁ ଏଆଇ, କ୍ଲାଉଡ ଓ ଅଟୋମେଶନ ଦକ୍ଷତା ସହ ସୁସଜ୍ଜିତ କରୁଛୁ । ଟିୟର-୨ ସହରଗୁଡିକରେ ଗ୍ଲୋବାଲ କାପାବିଲିଟି ସେଂଟର୍ସ (ଜିସିସି) ଉପରେ ଗୁରୁତ୍ୱ, ଏଆଇ-ପରିଚାଳିତ ଡିଜିଟାଲ ସେବାଗୁଡିକୁ ଉନ୍ନୋଚିତ କରିବ ଯେବେକି ଆଂଚଳିକ ଉଦ୍ଭାବନ ଓ ନୂତନ ନିଯୁକ୍ତି ସୁଯୋଗଗୁଡିକୁ ବ୍ୟାପକ ସ୍ତରରେ ତ୍ୱରାନ୍ୱିତ କରିବ ।

## ୟୁନାଇଟେଡ୍ ପେଟ୍ରୋ ସିପିଂ ପିଟିଇ ଏବଂ ସାଧବ ସିପିଂ ଲିମିଟେଡ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ସହ ବୁଝାମଣା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ୟୁନାଇଟେଡ୍ ପେଟ୍ରୋ ଗ୍ରୁପ୍, ସିଙ୍ଗାପୁର ଏବଂ ମୁମ୍ବାଇର ସାଧବ ସିପିଂ ଲିମିଟେଡ୍ ଓଡ଼ିଶାରେ ଜାହାଜ ନିର୍ମାଣ ଏବଂ ବ୍ୟାପକ ଉପକୂଳ ସୁବିଧା ପ୍ରତିଷ୍ଠା ପାଇଁ ଏକ ବଡ଼ ଭାଗିଦାରୀ ଘୋଷଣା କରିଛନ୍ତି। ଜାନୁଆରୀ ୨୮, ୨୦୨୫ରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫' ଅବସରରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ଉଭୟ ସଂଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଜିନ୍ଦଲ ଷ୍ଟିଲ, ଆଦାନୀ ପୋର୍ଟସ, ବେଦାନ୍ତ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ସମେତ ଅନେକ ପ୍ରମୁଖ ବ୍ୟବସାୟିକ ସଂସ୍ଥା ଏବଂ ଓଡ଼ିଶା ସରକାରଙ୍କ ଅନେକ ଶୀର୍ଷ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଯୋଗ ଦେବେ ନୀତା ଅମ୍ବାନୀ




ମୁମ୍ବାଇ : ରିଲାଏନ୍ସ ଫାଉଣ୍ଡେସନ ଅଧ୍ୟକ୍ଷ ନୀତା ଅମ୍ବାନୀ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ସମ୍ମାନଜନକ 'ବାର୍ଷିକ ଭାରତ ସମ୍ମିଳନୀ'ରେ ମୁଖ୍ୟ ବକ୍ତା ଭାବରେ ନିମନ୍ତ୍ରିତ ହୋଇଛନ୍ତି। ନୀତା ଅମ୍ବାନୀ ଭାରତର କଳା ଓ ସଂସ୍କୃତିର ବିଭିନ୍ନ ଦିଗ ଏବଂ ବିଶ୍ୱରେ ଭାରତର ଯୋଗଦାନ ସମ୍ପର୍କରେ ହାର୍ଭାର୍ଡ ବିଜନେସ୍ ସ୍କୁଲର ପୂର୍ବତନ ଡିନ୍ ନିତିନ ନୋହରିଆଙ୍କ ସହ ଆଲୋଚନା କରିବେ। 'ଭାରତରୁ ବିଶ୍ୱ ପର୍ଯ୍ୟନ୍ତ' ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀ ଫେବୃୟାରୀ ୧୫ ଓ ୧୬ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ ଏବଂ ଏଥିରେ ୧୦୦୦ ରୁ ଅଧିକ ପ୍ରତିନିଧି ଯୋଗଦେବେ ବୋଲି ଆଶା କରାଯାଉଛି। ବିଗତ କିଛି ବର୍ଷ ଧରି ବିଶ୍ୱ ମଞ୍ଚରେ ଭାରତର ସବୁଠାରୁ ପ୍ରଭାବଶାଳୀ ସ୍ୱର ଭାବରେ ଆଗକୁ ଆସିଛନ୍ତି ନୀତା ଅମ୍ବାନୀ। ହାର୍ଭାର୍ଡରେ ସେ ଭାରତର ସୂକ୍ଷ୍ମ ଶକ୍ତି (ସଫ୍ଟ ପାୱାର) ଏବଂ ପ୍ରାସଙ୍ଗିକତାକୁ ନୂତନ ଭାବରେ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବେ। ଟେକ୍ନୋଲୋଜି, ଜଳବାୟୁ, ଆର୍ଥିକ ବିକାଶ, ଗଣତନ୍ତ୍ର, କୂଟନୀତି, ସାଂସ୍କୃତିକ ବିନିମୟ ଭଳି ପ୍ରସଙ୍ଗରେ ଭାରତର ଦୃଷ୍ଟିକୋଣ ଉପରେ ଆଲୋଚନା ହେବ। ଗତ ୨୨ ବର୍ଷ ଧରି ହାର୍ଭାର୍ଡ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏହି ସମ୍ମିଳନୀ ଆୟୋଜିତ ହୋଇଆସୁଛି। ଏହି ସମ୍ମିଳନୀ ଏଭଳି ଏକ ଭାରତ ଉପରେ ଆଲୋକପାତ କରିବ ଯାହା ବିଶ୍ୱର କେବଳ ଏକ ଉଦୀୟମାନ ମହାଶକ୍ତି ନୁହେଁ ବରଂ ଆଧୁନିକତା ଓ ବିକାଶ ସହିତ ବସୁଧୈବ କୁଟୁମ୍ବକମର ସନ୍ଦେଶକୁ ଦୃଢ ଭାବେ ଯୋଡୁଥିବା ଏକ ଦେଶ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ୧୧ କେଭି ବିଦ୍ୟୁତ୍ ଫିଡର ସ୍ଥାପନ



ବୁର୍ଲା (ଭାସ୍କର ନ୍ୟୁଜ୍) : ଓଭରଲୋଡିଂ ଏବଂ ଲୋ-ଭୋଲ୍‌ଟେଜ ସମସ୍ୟାର ସମାଧାନ ଲାଗି ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ବରପାଲି ସହରର ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଏକ ନୂତନ ଓ ଉତ୍ସର୍ଗୀକୃତ ୧୧କେ.ଭି ଫିଡର୍ଲାଇନର ସ୍ଥାପନ କରାଯିବା ସହ ଏହାକୁ କାର୍ଯ୍ୟକ୍ଷମ କରାଯାଇଅଛି। ଏହି ନୂତନ୧୧କେ.ଭି ଫିଡଲାଇନଟି ଆଧୁନିକ ଜ୍ଞାନକୌଶଳ ସହ ନିର୍ମାଣ କରାଯାଇଅଛି। ଏହି ଫିଡର ଲାଇନର ସ୍ଥାପନ ହେବା ଫଳରେ ବରପାଲି ସହରକୁ ବିଦ୍ୟୁତ୍ ସଂଯୋଗ ଦେଉଥିବା ବର୍ତ୍ତମାନର ଫିଡରଲାଇନଟି ଦୁଇ ଭାଗରେ ବିଭକ୍ତ ହୋଇଛି। ଏହା ଫଳରେ ବରପାଲି ସହରରେ ଉପୁଜୁଥିବା ଓଭରଲୋଡିଂ ଏବଂ ଲୋ-ଭୋଲଟେଜ ସମ୍ବନ୍ଧୀୟ ଦୀର୍ଘକାଳୀନ ସମସ୍ୟାକୁ ସମାଧାନ କରାଯାଇପାରିବ। ଏହି ନୂତନ୧୧ କେ.ଭି ଫିଡର ଲାଇନଦ୍ୱାରା ବରପାଲି ଅଞ୍ଚଳର ପ୍ରାୟ ୫୦୦୦ଗ୍ରାହକ ଉପକୃତ ହେବେ। 'ବରଗଡ଼ ଜିଲ୍ଲାରଏକ ପ୍ରମୁଖ କ୍ଷେତ୍ର ବରପାଲି ଅଞ୍ଚଳ ପାଇଁ ଏହି ନୂତନ ୧୧ କେ. ଭି ଫିଡର ଲାଇନର ସଫଳ ସମାପ୍ତି ହେବା ଫଳରେ ଓଭରଲୋଡିଂ ଏବଂ ଲୋ-ଭୋଲଟେଜ ଭଳି ସମସ୍ୟା ଦୂର ହେବ। ଯାହା ଆମର ବିଦ୍ୟୁତ୍ ଗ୍ରାହକମାନଙ୍କୁ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପାଇଁ ଅଧିକ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇଦେବ। ଏହି ପ୍ରକଳ୍ପ ଲାଗି କମ୍ପାନୀ ପକ୍ଷରୁଏକ କୋଟି ଟଙ୍କା ଖର୍ଚ୍ଚ କରାଯାଇଅଛି ବୋଲି ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି।

# ୧୦୦ ଏନ୍‌ଟିଏ ସ୍କୋର ପାଇଛନ୍ତି ଆଲେନ୍‌ର ୫ ଛାତ୍ର

## ଓମପ୍ରକାଶ ୩୦୦ରୁ ୩୦୦ର ସମ୍ପୂର୍ଣ୍ଣ ସ୍କୋର ଲାଭ କରିଥିବା ବେଳେ ୧୩ ଜଣ ରାଜ୍ୟ ଟପ୍ପର

ALLEN
CAREER INSTITUTE
KOTA (RAJASTHAN)
path to success




କୋଟା : ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଜେଇଇ ମେନ୍ ଜାନୁଆରୀ ସେସନର ଫଳାଫଳ ପ୍ରକାଶ କରିଛି। ଏପର୍ଯ୍ୟନ୍ତ ଦେଖାଯାଇଥିବା ଫଳାଫଳରେ, ଏନ୍‌ଟିଏ ଦ୍ୱାରା ୧୪ ଜଣ ଛାତ୍ରଙ୍କୁ ୧୦୦ ଏନ୍‌ଟିଏ ସ୍କୋରର ଭାବରେ ଘୋଷଣା କରାଯାଇଛି, ଯେଉଁଥିରୁ ୫ ଜଣ ଛାତ୍ର ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍‌ର। ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଡକ୍ଟର ବ୍ରିଜେଶ ମାହେଶ୍ୱରୀ କହିଛନ୍ତି ଯେ ଆଲେନ୍ କୋଟା ଶ୍ରେଣୀଗୃହର ଛାତ୍ର ଓମ୍ ପ୍ରକାଶ ବେହେରା, ରଜିତ ଗୁପ୍ତା, ସକ୍ଷମ ଜିନ୍ଦଲ ଏବଂ ଅର୍ଣ୍ଣବ ସିଂହ ଆଲେନ୍ ଅନଲାଇନ୍ ଟେଷ୍ଟ ସିରିଜର ହର୍ଷ ଝାଙ୍କ ସହିତ ୧୦୦ ଏନ୍‌ଟିଏ ସ୍କୋର ହାସଲ କରିଛନ୍ତି। ଏନ୍‌ଟିଏ ଉତ୍ତର କୀ ଏବଂ ରେକର୍ଡ ହୋଇଥିବା ଉତ୍ତର ଅନୁସାରେ, ଓମ ପ୍ରକାଶ ବେହେରା ୩୦୦ ରୁ ୩୦୦ ନମ୍ବର ରଖିଛନ୍ତି। ଏହା ସହିତ, ୪୪ ଜଣ ରାଜ୍ୟ ଟପରଙ୍କ ତାଲିକା ପ୍ରକାଶିତ ହୋଇଥିଲା, ଯେଉଁଥିରୁ ୧୩ ଜଣ ଆଲେନର। ରାଜ୍ୟ ଟପ୍ପରମାନଙ୍କ ମଧ୍ୟରେ ଅଛନ୍ତି ଅର୍ଣ୍ଣବ ସିଂହ, ରଜିତ ଗୁପ୍ତା, ସକ୍ଷମ ଜିନ୍ଦଲ, ରାଜସ୍ଥାନର ଓମ ପ୍ରକାଶ, ଛତିଶଗଡ଼ର ଶୌର୍ଯ୍ୟ ଅଗ୍ରୱାଲ, ଝାଡ଼ଖଣ୍ଡର ଅଭିମନ୍ୟୁ ଟିବ୍ରେୱାଲ, ବିହାରର ପାଣିନି, ଓଡ଼ିଶାରୁ ନବନିତ ପ୍ରିୟଦର୍ଶୀ, ହିମାଚଳ ପ୍ରଦେଶର ଧୈର୍ଯ୍ୟ ଶର୍ମା, ଆସାମରୁ କୃଷ୍ଣ ଚକ୍ରବର୍ତ୍ତୀ, ପୁଡୁଚେରୀର ଇ କୁମାରନ, ଦିଲ୍ଲୀର ହର୍ଷ ଝା ଏବଂ ମେଘାଳୟର ନିଶିତା। ଫଳାଫଳ ଘୋଷଣା ହେବା ମାତ୍ରେ, ଜବାହାର ନଗରରେ ଥିବା ଆଲେନର ଆଡଭାନ୍ସଡ୍ କ୍ୟାମ୍ପସରେ ଉତ୍ସବ ପାଳନ କରାଯାଇଥିଲା। ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଅଧ୍ୟାପକମାନଙ୍କ ସହିତ ଫଳାଫଳକୁ ପାଳନ କରିଥିଲେ। ସେମାନେ ପରସ୍ପରକୁ ମିଠା ଖୁଆଇଲେ। ୧୦ଟି ସିଫ୍ଟରେ ହୋଇଥିବା ପରୀକ୍ଷାରେ ମୋଟ ୧୪ ଜଣ ଛାତ୍ରଛାତ୍ରୀ ୧୦୦ ଘଞ୍ଚଇ ସ୍କୋର କରିଛନ୍ତି, ଯେଉଁଥିରୁ ସର୍ବାଧିକ ୫ ଜଣ ରାଜସ୍ଥାନର; ଏହି ୪ ଜଣଙ୍କ ମଧ୍ୟରୁ କୋଟାର ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟର ଶ୍ରେଣୀଗୃହର ଛାତ୍ର। ଏଥିରେ ଦିଲ୍ଲୀର ୨ ଜଣ, ଉତ୍ତର ପ୍ରଦେଶର ୨ ଜଣ, ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଏବଂ ତେଲେଙ୍ଗାନାର ପ୍ରତ୍ୟେକ ଜଣେ ଛାତ୍ର ଅନ୍ତର୍ଭୁକ୍ତ। ଏହି ବର୍ଷ, ରାଜସ୍ଥାନର ସର୍ବାଧିକ ସଂଖ୍ୟକ ଛାତ୍ରଛାତ୍ରୀ ୧୦୦ ଏନ୍‌ଟିଏ ସ୍କୋର କରିଛନ୍ତି। ଫଳାଫଳରେ ୪୪ ଜଣ ରାଜ୍ୟ ଟପରଙ୍କ ତାଲିକା ମଧ୍ୟ ପ୍ରକାଶ ପାଇଛି। ବିଇ-ବିଟେକ ପାଇଁ ଜେଇ ମେନ୍ ଜାନୁଆରୀ ଅଧିବେଶନ ୨୨ରୁ ୨୯ ଜାନୁଆରୀ ପର୍ଯ୍ୟନ୍ତ ୫ ଦିନ ଧରି ୧୦ଟି ସିଫ୍ଟରେ ଅନୁଷ୍ଠିତ ହୋଇଥିଲା। ଶେଷ ଉତ୍ତର କୀ ୧୦ ଫେବୃଆରୀରେ ପ୍ରକାଶିତ ହୋଇଥିଲା। ପରୀକ୍ଷା ପାଇଁ ୧୩ ଲକ୍ଷ ୧୧ ହଜାର ୫୪୪ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ ଏବଂ ୧୨ ଲକ୍ଷ ୫୮ ହଜାର ୧୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ କୃଷି ସମ୍ମିଳନୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସଏଫ) ଦ୍ୱାରା ଆୟୋଜିତ ଦୁଇଦିନିଆ ସାମୁହିକ ଯୋଗଦାନକାର୍ଯ୍ୟକ୍ରମ ଅରୁଣିମା-୨୦୨୫ର ଶେଷ ଦିବସରେ କୃଷକ ଓ ବୈଜ୍ଞାନିକମାନେ ଏକାଠି ହୋଇ ଜଳବାୟୁ ସହନଶୀଳ କୃଷିକ୍ଷେତ୍ରରେଉଦ୍ଭାବନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସର ସମ୍ମାନନୀୟ ବକ୍ତାମାନଙ୍କ ମଧ୍ୟରେ ଥିଲେ ଓୟୁଏଟିର ଫଳ ବିଜ୍ଞାନ ଓ ଉଦ୍ୟାନ କୃଷି ବିଭାଗର ମୁଖ୍ୟ ଡକ୍ଟର ସୁବାସ ଚନ୍ଦ୍ର ସ୍ୱାଇଁଉଦ୍ୟାନ କୃଷି ବୈଷୟିକ ଓୟୁଏଟି, ବରିଷ୍ଠ ବୈଜ୍ଞାନିକ ତଥା ଗାମ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟଡକ୍ଟର ସୁଜିତ ନାଥ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ କୁମାର ସାହୁ, ଓଡିଶା ସରକାରଙ୍କ ଏସ୍‌ସି ଓ ଏସ୍‌ଟି ବିଭାଗର ପ୍ରୋଗ୍ରାମ ଅଫିସରଇଂ ରଶ୍ମି ରନ ବାରିକ, ଓଏମଫେଡର ପ୍ଲାଂଟ ପ୍ରବନ୍ଧକ ଡକ୍ଟର ହରପ୍ରିୟା ଦାସ, ଟାଟା ଷ୍ଟିଲର ଓଡିଶା ସିଏସ୍‌ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସ୍ଥାନୀୟ ଅଂଚଳର ୩୦୦ରୁ ଅଧିକ କ୍ଷୁଦ୍ର ଚାଷୀ ଅଂଶଗ୍ରହଣ କରି ବିଭିନ୍ନ କୃଷି କ୍ଷେତ୍ରକୁ ପ୍ରତିନିଧିତ୍ୱ କରିଥିଲେ। ବୈଜ୍ଞାନିକ-କୃଷକ ସମ୍ମିଳନୀ 'ଦି ଏଗ୍ରିକଲଚର ମିଟ୍'- କୃଷି ସମ୍ମିଳନୀ (ବିଏଆରଟିଏ) ଜ୍ଞାନ ବିନିମୟ ଏବଂ ସହଯୋଗ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା ଯେଉଁଥିରେ ନୂତନ ଉଦ୍ଭାବନ, ସର୍ବୋତ୍ତମ ଅଭ୍ୟାସ ଏବଂ ସରକାରୀଯୋଜନା ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବାତ୍ୟା ପ୍ରବଣ ଗାମରେ କୃଷି ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହିତ କରିବା, କୃଷକ ଅନୁଷ୍ଠାନକୁ ସୁଦୃଢ଼ କରିବା, ସରକାରୀ ଯୋଜନାର ଲାଭ ଉଠାଇବା ଏବଂ ଜଳବାୟୁ-କୁଶଳ କୃଷି ପଦ୍ଧତି ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା। ଅରୁଣିମା ୨୦୨୫ର ଉଦଘାଟନୀ କାର୍ଯ୍ୟକ୍ରମରେ, ଆର୍ଥିକ ଭାବରେ ଦୁର୍ବଳଅନୁସୂଚିତ ଜାତି/ଜନଜାତି ପରିବାରର୭୪୫ ମେଧାବୀ ଛାତ୍ରଛାତ୍ରୀଙ୍କୁ ଜ୍ୟୋତି ଫେଲୋସିପ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୩୦୦ଜଣ ଏସଏଚଜି ମହିଳା ସାମିଲ ହୋଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଓଡ଼ିଶା ଆସିବ ଟାଟା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ଟ୍ରଫି । ହେବ ଆଇପିଏଲ ମ୍ୟାଚ୍ ଅନୁଷ୍ଠିତ ହୋଇ ନ ଥିଲା ବେଳେ ଏବେ ଏହାର ଟ୍ରଫି ଆସିବାକୁ ଯାଉଛି । ଆଇପିଏଲ ୨୦୨୪ରେ ଏକ ସ୍ମରଣୀୟ ଅଭିଯାନ ପରେ ଡିଫେଣ୍ଡିଂ ଚାମ୍ପିଅନ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦେଶର ବିଭିନ୍ନ ରାଜ୍ୟରେ ପ୍ରଥମ ଥର ପାଇଁ ଟ୍ରଫି ଟୁର୍ ସହିତ ଇତିହାସ ରଚିବାକୁ ଯାଉଛି । ସେମାନଙ୍କର ଚାମ୍ପିଅନସିପ୍ ପାଳନର ଏକ ଅଂଶ ଭାବରେ, ଫ୍ରାଞ୍ଚାଇଜ୍ ସେମାନଙ୍କ ପ୍ରଶଂସକଙ୍କ ହୃଦୟ ସହିତ ଯୋଡ଼ିହେବା ପାଇଁ ଓଡ଼ିଶାର ରାଜଧାନୀ ସମେତ ଭାରତର ବିଭିନ୍ନ ସହରରେ ଟ୍ରଫି ସହିତ ଯାତ୍ରା କରିବ । ଇତିହାସରେ ଏହା ପ୍ରଥମ ଥର ପାଇଁ ହୋଇଛି ଯେ ଏକ ଟାଟା ଆଇପିଏଲ ଫ୍ରାଞ୍ଚାଇଜ୍ ସେମାନଙ୍କ ଘରୋଇ ସହର ବାହାରେ ଏକ ଟ୍ରଫି ଟୁର୍ ଆୟୋଜନ କରୁଛି । ନୂତନ ସିଜିନ୍ ପୂର୍ବରୁ, ଏହି ଟୁରରେ ନଅଟି ସହରରେ ପ୍ରତିଷ୍ଠିତ ଟାଟା ଆଇପିଏଲ୍ ଟ୍ରଫି ଯାତ୍ରା କରିବ, ଯାହା ଫେବୃଆରୀ ୧୪ ରୁ ଗୌହାଟୀରେ ଆରମ୍ଭ ହେବ ଏବଂ ଶେଷରେ ମାର୍ଚ୍ଚ ୧୨ ଏବଂ ୧୬ ସୁଦ୍ଧା କୋଲକାତାର ଆନନ୍ଦ ସହରକୁ ଫେରିବ । ଏହି ଟୁର୍ ଗୌହାଟୀ, ଭୁବନେଶ୍ୱର, ଜାମସେଦପୁର, ରାଞ୍ଚି, ଗ୍ୟାଙ୍ଗଟକ୍, ସିଲିଗୁଡ଼ି, ପାଟନା, ଦୁର୍ଗାପୁର ଏବଂ କୋଲକାତା ସମେତ ବିଭିନ୍ନ ଅଞ୍ଚଳକୁ କଭର କରିବ ।

# ଇଂଲଣ୍ଡ ଧରାଶାୟୀ, ୩-୦ରେ ଭାରତର ସିରିଜ୍ କ୍ଲିନ୍ ସୁଇପ୍



ଅହମ୍ମଦାବାଦ: ବ୍ୟାଟରଙ୍କ ପରେ ବୋଲର ଦେଖାଇଲେ ଦମ୍ । ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳା ଯାଉଥିବା ତୃତୀୟ ଦିନିକିଆରେ ଭାରତ ଇଂଲଣ୍ଡକୁ ୧୪୨ ରନରେ ହରାଇଛି । ଏହି ବିଜୟ ସହ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୩-୦ରେ କ୍ଲିନ ସୁଇପ୍ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୩୫୬ ରନ କରିଥିଲା । ଦଳ ପକ୍ଷରୁ ଶୁଭମନ ଗିଲ୍ ୧୧୨ ରନର ଶତକୀୟ ଇନିଂସ ଖେଳିଥିବା ଶ୍ରେୟସ ଆୟର ୭୮ ରନ ଓ ବିରାଟ କୋହଲି ୫୨ ରନ କରିଥିଲା । ଜବାବରେ ଇଂଲଣ୍ଡ ଭାରତୀୟ ବୋଲରଙ୍କ ମାପଚୁପ ବୋଲିଂର ମୁକାବିଲା କରି ନ ପାରି ୩୪.୨ ଓଭରରେ ୨୧୪ ରନରେ ଅଲଆଉଟ୍ ହୋଇଛି । ଦଳ ପକ୍ଷରୁ ଟମ୍ ବ୍ୟାଣ୍ଟନ ୩୮ ରନ ଓ ଗସ୍ ଅଟିଙ୍କସନ ୩୮ ରନ କରିଥିଲେ । ଭାରତୀୟ ବୋଲରଙ୍କୁ ମିଳିତ ସଫଳତା ମିଳିଛି । ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତୀୟ ଦଳ ବଡ଼ ବିଜୟ ହାସଲ କରିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ମଇଦାନକୁ ଓହ୍ଲାଇଥିବା ଭାରତର ଆରମ୍ଭ ନୈରାଶ୍ୟଜନକ ଥିଲା । ଅଧିନାୟକ ରୋହିତ ଶର୍ମା(୧) ଦ୍ୱିତୀୟ ଓଭରରେ ଆଉଟ୍ ହୋଇଥିଲେ । ଏହା ପରେ ଶୁଭମନ ଗିଲ୍ ଓ ବିରାଟ କୋହଲି ଦଳର ବ୍ୟାଟିଂ ମଙ୍ଗ ସମ୍ଭାଳିଥିଲେ । ଉଭୟ ବ୍ୟାଟର ଚିତ୍ତାକର୍ଷକ ବ୍ୟାଟିଂ କରି ଇଂଲଣ୍ଡ ବୋଲରଙ୍କୁ ଚାପରେ ରଖିଥିଲେ । ଏହି କ୍ରମରେ ଦୁଇ ବ୍ୟାଟର ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଦୀର୍ଘ ଦିନ ଧରି ଖରାପ ଫର୍ମ ଦେଇ ଗତି କରୁଥିବା ବିରାଟ କୋହଲି ୫୫ ବଲରୁ ୭ ଚୌକା ଓ ୧ ଛକା ସହ ୫୨ ରନ କରି ଆଉଟ୍ ହୋଇଥିଲେ । ଏହା ପୂର୍ବରୁ ଗିଲ୍ ଓ କୋହଲି ଦ୍ୱିତୀୟ ୱିକେଟ୍ ପାଇଁ ୧୧୬ ରନର ଶତକୀୟ ଭାଗିଦାରୀ ଯୋଡ଼ିଥିଲେ । ଏହା ପରେ ଗିଲ୍ ଓ ଶ୍ରେୟସ ଆୟରଙ୍କ ମଧ୍ୟରେ ଆଉ ଏକ ଶତକୀୟ ଭାଗିଦାରୀ ଦେଖିବାକୁ ମିଳିଥିଲା । ଗିଲ୍ ଦିନିକିଆରେ ନିଜର ଚମତ୍କାର ଫର୍ମ ଜାରି ରଖି ଦିନିକିଆରେ ସପ୍ତମ ଶତକ ପୂରଣ କରିଥିଲେ । ଏହି ଶତକ ଜରିଆରେ ସେ ଅନେକ ରେକର୍ଡ ଭାଙ୍ଗିଛନ୍ତି । ଗିଲ୍ ୧୦୨ ବଲରୁ ୧୪ ଚୌକା ଓ ୩ ଛକା ସହ ୧୧୨ ରନ କରି ଆଉଟ୍ ହୋଇଛନ୍ତି । ଆୟର ଓ ଗିଲ୍ ତୃତୀୟ ୱିକେଟ୍ ?ରେ ୧୦୪ ରନ ଯୋଡ଼ି ଦଳର ସ୍ଥିତି ମଜବୁତ କରିଥିଲେ । ଅନ୍ୟପଟେ ଶ୍ରେୟସ ଆୟର ଆଉ ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ସେ ୬୪ ବଲରୁ ୮ ଚୌକା ଓ ୨ ଛକା ସହ ୭୮ ରନ କରି ପାଭିଲିୟନ ଫେରିଥିଲେ । ତାଙ୍କ ପରେ କେଏଲ ରାହୁଲ ନିମ୍ନ କ୍ରମରେ ଉପଯୋଗୀ ବ୍ୟାଟିଂ କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ୯ ବଲରୁ ୧୭ ରନ ଓ ଅକ୍ଷର ପଟେଲ୍ ୧୩ ରନ କରି ଆଉଟ୍ ହୋଇଥିଲେ । କେଏଲ ରାହୁଲ ଦ୍ରୁତ ବ୍ୟାଟିଂ କରି ୨୯ ବଲ୍ ?ରୁ ୪୦ ରନ କରି ଆଉଟ୍ ହୋଇଥିଲେ । ଶେଷ ଆଡ଼କୁ ହର୍ଷିତ ରାଣା ୧୩ ରନ ଓ ୱାଶିଂଟନ ସୁନ୍ଦର ୧୪ ରନ କରି ଆଉଟ୍ ହୋଇଥିଲେ । ଏହିପରି ଭାରତ ୫୦ ଓଭରରେ ସମସ୍ତ ୱିକେଟ୍ ହରାଇ ୩୫୬ ରନ କରି ପାରିଛି । ବୋଲିଂରେ ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ ୬୪ ରନ ବ୍ୟୟ କରି ସର୍ବାଧିକ ୪ ଟି ସଫଳତା ପାଇଛନ୍ତି । ମାର୍କ ଉଡଙ୍କୁ ଦୁଇଟି ୱିକେଟ୍ ମିଳିଥିବା ବେଳେ ଶାକିବ ମେହମୁଦ, ଗସ ଏଟିଙ୍କନ ଓ ଜୋ ରୁଟ୍ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି ।

## ଚାମ୍ପିଅନ୍ସ ଟ୍ରଫି ପାଇଁ ଚୂଡାନ୍ତ ଦଳ ଘୋଷଣା କଲା ବିସିସିଆଇ

# ବାଦ୍ ପଡିଲେ ଷ୍ଟାର ବୋଲର ବୁମ୍ରାହ



ନୂଆଦିଲ୍ଲୀ: ବୁଧବାର ଚାମ୍ପିଅନ୍ସ ଟ୍ରଫି ପାଇଁ ବିସିସିଆଇ ପକ୍ଷରୁ ଚୂଡାନ୍ତ ଦଳ ଘୋଷଣା କରାଯାଇଛି । ହେଲେ ଭାରତର ଷ୍ଟାର ବୋଲି ଯଶପ୍ରୀତ ବୁମ୍ରାହାରା ଆହାତ କାରଣରୁ ବାଦ୍ ପଡିଛନ୍ତି । ଯାହା ଭାରତୀୟ କ୍ରିକେଟ ପ୍ରେମୀ ଓ ଟିମ୍ ଇଣ୍ଡିଆ ପାଇଁ ଦୁଖଦ ଖବର । ସେ ସମ୍ପୂର୍ଣ୍ଣ ଭାବେ ଫିଟ ହୋଇ ନ ଥିବାରୁ ବାଧ୍ୟ ହୋଇ ଏହି ନିଷ୍ପତି ନେଇଛନ୍ତି । ତାଙ୍କ ସ୍ଥାନରେ ହର୍ଷିତ ରାଣା ସାମିଲ ହୋଇଛନ୍ତି । ବୁମରା ସମ୍ପ୍ରତି ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ)ରେ ଚିକିତ୍ସିତ ହେଉଛନ୍ତି । ଫେବୃୟାରୀ ୧୧ ସୁଦ୍ଧା ଟିମରେ ପରିବର୍ତନ କରିବା ପାଇଁ ଡେଡଲାଇନ ରଖା ଯାଇଥିଲା । ବୁମରାହ ସହ ଯଶସ୍ୱୀ ଜୈସୱାଲଙ୍କୁ ମଧ୍ୟ ଏହି ଦଳରୁ ବାଦ ଦିଆଯାଇଛି । ଯଶସ୍ୱୀଙ୍କ ସ୍ଥାନରେ ବରୁଣ ଚକ୍ରବର୍ତିଙ୍କୁ ସାମିଲ କରାଯାଇଛି । ଯଶସ୍ୱୀ, ଶିବମ ଦୁବେ ଓ ମହମ୍ମଦ ସିରାଜ ରିଜର୍ଭ ଖେଳାଳି ଭାବେ ଦଳ ସହିତ ରହିବେ । ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ଅବସରରେ ବୁମରାହ ଆଘାତପ୍ରାପ୍ତ ହୋଇଥିଲେ । ଏହା ପରେ ତାଙ୍କୁ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ମଧ୍ୟ ବିଶ୍ରାମ ଦିଆ ଯାଇଥିଲା । ଚାମ୍ପିୟନ୍ସ ଟ୍ରଫିରେ ଭାରତ ଫେବୃୟାରୀ ୨୦ରେ ବାଂଲାଦେଶ ବିପକ୍ଷରେ ଅଭିଯାନ ଆରମ୍ଭ କରିବ । ଏହାପରେ ୨୩ରେ ପାକିସ୍ତାନକୁ, ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡକୁ ଭେଟିବ । ପାକିସ୍ତାନ ଏହି ଟୁର୍ଣ୍ଣାମେଂଟରେ ଆୟୋଜକ ଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିକୋଣରୁ ଭାରତ ତାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ । ୧୫ ତାରିଖରେ ଭାରତୀୟ ଦଳ ଦୁବାଇ ଅଭିମୁଖେ ଯାତ୍ରା କରିବ । ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶୁଭମନ ଗିଲ (ଉପ-ଅଧିନାୟକ), ବିରାଟ କୋହଲି, ଶ୍ରେୟାଶ ଆୟାର, କେଏଲ ରାହୁଲ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା, ମହମ୍ମଦ ସାମୀ, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତି ଓ କୂଲଦୀପ ଯାଦବ ।

## ସର୍ବ ଭାରତୀୟ ବୃହତ୍ତ ବନ୍ଦର ଫୁଟବଲ୍ ଚାମ୍ପିଅନସିପ ଉଦ୍‌ଘାଟିତ



ପାରାଦୀପ (ଭାସ୍କର ନ୍ୟୁଜ) : ପାରାଦୀପ ବନ୍ଦର ପ୍ରାଧିକରଣ ଓ ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ମିଳିତ ଆନୁକୂଲ୍ୟରେ ୪୬ ତମ ସର୍ବ ଭାରତୀୟ ବୃହତ ବନ୍ଦର ଫୁଟବଲ ଚମ୍ପିୟନସିପ ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିଅମ ଠାରେ ବୁଧବାର ଦିନ ଉଦଘାଟିତ ହୋଇଯାଇଛି । ପାରାଦୀପ ବନ୍ଦରର ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷ ଏହି ଟୁର୍ନାମେଣ୍ଟକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଟୁର୍ନାମେଣ୍ଟ ଫେବୃଆରୀ ୧୨ ରୁ ଆରମ୍ଭ ହୋଇ ୧୬ ତାରିଖରେ ଉଦଯାପିତ ହେବ । ଏହି ପ୍ରତିଯୋଗିତା ଲିଗ ଓ ନକଆଉଟ ଆଧାରରେ କରାଯିବ । ଏହି ଚମ୍ପିୟନସିପରେ ପାରାଦୀପ ବନ୍ଦର ସମେତ ଚେନାଇ, କୋଚିନ, ଦିନଦୟାଲ, ଶ୍ୟାମା ପ୍ରସାଦ ମୁଖାର୍ଜୀ, ମୁମ୍ବାଇ, ଭି.ଓ. ଚିଦାମ୍ବରନ, ବିଶାଖାପଟନମ ପ୍ରମୁଖ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଉଦଘାଟନୀ ମ୍ୟାଚରେ ପାରାଦୀପ ବନ୍ଦର ଓ ବିଶାଖାପଟନମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପାରାଦୀପ ବନ୍ଦର ଟିମ ବିଶାଖାପଟନମ ଦଳକୁ ୬ - ୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା । ଏହି କ୍ରୀଡା ପ୍ରତିଯୋଗିତାକୁ ବନ୍ଦର କ୍ରୀଡା ପରିଚାଳନା କମିଟିର ଅଧ୍ୟକ୍ଷ ଡ଼ି.ଏନ.ସୋଧୀ, ସମ୍ପାଦକ ଡା.ଦୁର୍ଗା ପ୍ରସାଦ ସେଠୀ, ସଂଯୋଜକ ରବି ଦାସ ଓ ଯୁଗ୍ମ ସମ୍ପାଦକ ରଞ୍ଜନ ରଶ୍ମି ବେଉରା ପ୍ରମୁଖ ପରିଚାଳନା କରୁଛନ୍ତି ।

## ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡିଲେ ଅଷ୍ଟ୍ରେଲିଆର ୩ ଖେଳାଳି

ନୂଆଦିଲ୍ଲୀ : ଅଷ୍ଟ୍ରେଲିଆକୁ ଆଉ ଏକ ଝଟ୍‌କ ଲାଗିଛି । ଚାମ୍ପିୟନ୍ସ ଟ୍ରଫିରେ ୩ ପ୍ରମୁଖ ପେସ ବୋଲର ବାଦ୍ ପଡିଛନ୍ତି । ନିୟମିତ ଅଧିନାୟକ ପାଟ କମିନ୍ସ, ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି । ବେଶ କିଛି ଦିନ ପୂର୍ବରୁ ଗୋଇଠି ଜନିତ ସମସ୍ୟା ପାଇଁ କମିନ୍ସ ଓ ଗୋଡ଼ ଜନିତ ସମସ୍ୟା ଯୋଗୁ ହାଜେଲଉଡ ଚାମ୍ପିୟନ୍ସ ଟ୍ରଫି ଖେଳିବେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା । କିନ୍ତୁ ଏବେ ଷ୍ଟାର୍କ ବ୍ୟକ୍ତିଗତ କାରଣ ପାଇଁ ଚାମ୍ପିୟନ୍ସ ଟ୍ରଫିରୁ ନିଜ ନାଁକୁ ପ୍ରତ୍ୟାହାର କରି ନେଇଛି । ସେ ମ୍ୟାଚ୍ ଖେଳିବାକୁ ଫିଟ ଥିଲେ ହେଁ କ'ଣ ପାଇଁ ଚାମ୍ପିୟନ୍ସ ଟ୍ରଫିରୁ ନିଜ ନାଁକୁ ପ୍ରତ୍ୟାହାର କଲେ, ସେକଥା ଜଣାପଡ଼ି ନାହିଁ । କୁହାଯାଉଛି ଯେ ପାରିବାରିକ କାରଣ ପାଇଁ ଷ୍ଟାର୍କ ଆଇସିସିର ଏହି ବଡ଼ ଟୁର୍ଣ୍ଣାମେଣ୍ଟରୁ ନିଜ ନାଁକୁ କାଢ଼ି ନେଇଛନ୍ତି । କମିନ୍ସ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଥିବାରୁ କ୍ରିକେଟ ଅଷ୍ଟ୍ରେଲିଆ ନୂଆ ଅଧିନାୟକଙ୍କ ନାଁ ଘୋଷଣା କରିଛି । ଶ୍ରୀଲଙ୍କା ବିପକ୍ଷ ୨ଟିକିଆ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆର କାମ ଚଳା ଅଧିନାୟକ ଭାବେ କାମ କରୁଥିବା ଷ୍ଟିଭ ସ୍ମିଥ ଏବେ ଚାମ୍ପିୟନ୍ସ ଟ୍ରଫିରେ ଦଳର ନେତୃତ୍ୱ ନେବେ । ଚାମ୍ପିୟନ୍ସ ଟ୍ରଫି ପାଇଁ କ୍ରିକେଟ ଅଷ୍ଟ୍ରେଲିଆ ଘୋଷଣା କରିଥିବା ୧୫ ଜଣିଆ ସ୍କ୍ୱାଡରେ ମାର୍କସ ଷ୍ଟୋଇନିସ ମଧ୍ୟ ନାହାନ୍ତି । କାରଣ ସେ ଗତ ସପ୍ତାହରେ ଦିନିକିଆ ଫର୍ମାଟକୁ ଅଲବିଦା କହିଥିଲେ । ଆହତ ଯୋଗୁ ଅନ୍ୟତମ ଅଲରାଉଣ୍ଡର ମିଚେଲ ମାର୍ଶ ମଧ୍ୟ ବାଦ ପଡ଼ିଛନ୍ତି । ଅଷ୍ଟ୍ରେଲିଆର ୩ ପ୍ରମୁଖ ପେସର ବାଦ ପଡ଼ିଥିବାରୁ ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡରେ ସ୍ପେନସର ଜନସନ, ନାଥନ ଏଲିସ ଓ ବେନ ଡ୍ୱାରଶୁଇସକୁ ସ୍ଥାନ ମିଳିଛି । ଆରୋନ ହାର୍ଡିଙ୍କୁ ସିମିଂ ଅଲରାଉଣ୍ଡ ଭାବେ ସ୍କ୍ୱାଡରେ ରଖାଯାଇଛି । ତନବୀର ସଙ୍ଘା ଓ ଆଡାମ ଜାମ୍ପା ସ୍ପିନ ବୋଲର ଭାବେ ସୁଯୋଗ ପାଇଛନ୍ତି । ଅଷ୍ଟ୍ରେଲିଆ ଦଳ: ଷ୍ଟିଭ ସ୍ମିଥ(ଅଧିନାୟକ), ସେନ ଆବୋଟ୍, ଆଲେକ୍ସ କେରୀ, ବେନ ଡ୍ୱାରଶୁଇସ, ନାଥନ ଏଲିସ, ଜ୍ୟାକ-ଫ୍ରାସେର ମ୍ୟାକର୍ଗ, ଆରୋନ ହାର୍ଡି, ଟ୍ରାଭିସ ହେଡ, ଜୋଶ ଇଙ୍ଗଲିସ, ସ୍ପେନସର ଜନସନ, ମାର୍ନସ ଲାବୁଶେନ, ଗ୍ଲେନ ମ୍ୟାକ୍ସୱେଲ, ତନବୀର ସଙ୍ଘା, ମାଥ୍ୟୁ ଶର୍ଟ ଓ ଆଡାମ ଜାମ୍ପା ।

# ବେଲପାହାଡ଼ କପ୍ ଫୁଟବଲ୍ ଉଦ୍‌ଘାଟିତ




ବେଲପାହାଡ଼ ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଫରୀ ଆସୋସିଏସନ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡିୟମ୍‌ରେ ୨ୟ ତମ ତିନିଦିନିଆ ବେଲପାହାଡ଼ କପ୍ ଫୁଟବଲ୍ ୨୦୨୫ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏହା ଚଳିତ ଫେବୃଆରୀ ୧୨ ତାରିଖ ଆରମ୍ଭ ହୋଇ ଆସନ୍ତା ୧୬ ତାରିଖ ଉଦଯାପିତ ହେବ । ଏଥିରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିବେ । ପ୍ରଥମ ଖେଳ ଜାହାଜପଡ଼ା କଳିଙ୍ଗ ୟୁଥ୍ ଆସୋସିଏସନ୍ ଦଳ ଓ ମୁଚବାହାଲ ମହାବୀର କ୍ଲବ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁଚବାହାଲ ଦଳ ୧-୦ ଗୋଲରେ ଜାହାଜପଡ଼ା ଦଳକୁ ପରାସ୍ତ କରି ଆଗାମୀ ଖେଳକୁ ଉନ୍ନୀତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଚମ୍ପିଆନ୍ ଦଳକୁ ନଗଦ ୫୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ନଗଦ ୩୦ ହଜାର ନଗଦ ଟଙ୍କା ପୁରସ୍କାର ସହିତ ଟ୍ରଫି ମଧ୍ୟ ପ୍ରଦାନ କରାଯିବ । ଆଗାମୀ ସେମି ଫାଇନାଲରେ ପରାସ୍ତ ଦଳକୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯିବ । ମ୍ୟାଚ୍ କମିଶନର ଗିରିଶ ଚନ୍ଦ୍ର ଜୟପୁରିଆ, ରେଫରୀ ଭାବରେ ଅଗଷ୍ଟି ହାତିପଟ୍ଟାଙ୍କ ସମେତ କିଶନ ଦାଶ, କାର୍ତ୍ତିକ ଦାଶ, ମହେନ୍ଦ୍ର ବଗର୍ତ୍ତି, ରମଣି ମାଝୀ, ସଞ୍ଜୟ ମିର୍ଦ୍ଧା, ସୂର୍ଯ୍ୟ ନାରାୟଣ ମିର୍ଦ୍ଧା, ରାଜକୁମାର ମଣ୍ଡଳ, ତିନ୍ତସ ବାରୁ, ଗିରିଶ ପଧାନ ଖେଳ ଗୁଡ଼ିକୁ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଜମିଦାର ଅଜୟ କୁମାର ଉମରବର ରାଏ, ସମ୍ମାନିତ ଅତିଥି ଭାବେ ଗୌନ୍ତିଆ ଦୁବରାଜ ନାଏକ, ପୌର କାଉନସିଲର ବିଭୀଷଣ ରାଉତ, ଯୁଧିଷ୍ଠିର ମୁଖୀ, ସଞ୍ଜୟ ଯାଦବ, କ୍ରୀଡ଼ା ପ୍ରେମୀ ରମାକାନ୍ତ ତ୍ରିପାଠୀ, ହମିଦ ମହାପାତ୍ର, ବି. ଗୋବର୍ଦ୍ଧନ ପଟ୍ଟନାୟକ, ଅମୂଲ୍ୟ ପତି, କଳାକାର ନାଗ, ଆୟୋଜକ ସଂଘର ଗିରିଶ ଚନ୍ଦ୍ର ଜୟପୁରିଆ ପ୍ରମୁଖ ସାମିଲ ରହି ଖେଳର ଶୁଭାରମ୍ଭ କରିଥିଲେ । ବେଲପାହାଡ଼ ରେଫରୀ ଆସୋସିଏସନ ଗିରିଶ ଜୟପୁରିଆ, ରାମ ସେନ୍ଦ୍ରିଆ, କିଶନ ଦାଶ, କାର୍ତ୍ତିକ ଦାଶ, ମହେନ୍ଦ୍ର ବଗର୍ତ୍ତି, ରମଣୀ ମାଝୀ, ମୁନ୍ନା ସାହୁ, ରତ୍ନାକର ସାଏ, ହିତେଶ ବଗର୍ତ୍ତି, କଳାକାର ନାଗ, ଅନୀଲ ରଣା, ରୋହିତ ମହାନନ୍ଦିଆ, ସମୀର ମାଝୀଙ୍କ ସମେତ ସମସ୍ତ ସଦସ୍ୟ ଖେଳ ଆୟୋଜନରେ ସହଯୋଗ କରୁଛନ୍ତି ।

## ରାଜ୍ୟସ୍ତରୀୟ ମହିଳା କ୍ରିକେଟ୍ ମ୍ୟାଚ: ଜାଗୃତି ଟିମ୍ ବିଜୟୀ




ପରଜଙ୍ଗ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମିନି ଷ୍ଟାଡିୟମରେ ଉର୍ଜ୍ଜା ଟ୍ରଷ୍ଟ ସହଯୋଗରେ ଓ ପରଜଙ୍ଗ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଜାରି ରହିଛି ସର୍ବ ଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ । ଟୁର୍ଣ୍ଣାମେଣ୍ଟ ମଧ୍ୟରେ ଦର୍ଶକଙ୍କ ପାଇଁ ଆକର୍ଷଣୀୟ ଭାବେ ଏକ ଦିବସୀୟ ରାଜ୍ୟ ସ୍ତରୀୟ ମହିଳା କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଜାଗୃତି କ୍ରିକେଟ ଏକାଡେମୀ ଭୁବନେଶ୍ୱର ଓ ପଥାନ୍ କ୍ରିକେଟ ଏକାଡେମୀ ଭୁବନେଶ୍ୱର ମଧ୍ୟରେ ୨୦ ଓଭର ବିଶିଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମ୍ୟାଚର ପ୍ରଥମାର୍ଦ୍ଧରେ ଢେଙ୍କାନାଳ ଜେଲର ଅଧିକାରୀ ସନ୍ତୋଷିନୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେଜିଲ୍ଲା ବିଜେପି ଦଳର ଉପସଭାନେତ୍ରୀ ବନଲତା ମହାନ୍ତି, ସରାଙ୍ଗ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରତିମା ମିଶ୍ର , ପରଜଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତାରାଣୀ ସାହୁ ଓ ପରଜଙ୍ଗ ପଞ୍ଚାୟତ ସରପଞ୍ଚ ଗାୟତ୍ରୀ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉଭୟ ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ଖେଳକୁ ଶୁଭାରମ୍ଭ କରିଥିଲେ । କ୍ରିକେଟ ଏକାଡେମି ପଥାନ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଶେଷ ସୁଦ୍ଧା ସମସ୍ତ ୱିକେଟ ହରାଇ ୧୩୦ ରନ ସଂଗ୍ରହ କରିଥିବା ବେଳେ, ଜବାବରେ ଜାଗୃତି କ୍ରିକେଟ ଏକାଡେମୀ ୧୫ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ ।ମ୍ୟାଚର ଅନ୍ତିମ ପର୍ଯ୍ୟାୟରେ ଢେଙ୍କାନାଳ ଏନଏସି ଅଧକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତ, କଙ୍କଡ଼ାହାଡ଼ ବ୍ଲକ ଉପାଧକ୍ଷା ଦୀପା ସାହୁ ଓ ପରଜଙ୍ଗ ପଞ୍ଚାୟତ ସମିତି ସଭ୍ୟା ଶୈଳେନ୍ଦ୍ରି ସେଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ରନର୍ସ ଦଳକୁ ସମ୍ମାନୀତ ଅତିଥି ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିବା ବେଳେ, ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ । ଆଶୁତୋଷ ପାଣି, ନୀରୋଦ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ପ୍ରେମାନନ୍ଦ ମହନ୍ତ ଧାରାବିବରଣୀ ପାଠ କରିଥିଲେ ।ପରିଶେଷରେ ବେଷ୍ଟ ବୋଲର, ବେଷ୍ଟ ବ୍ୟାଟ୍ସମ୍ୟାନ୍ ଓ ମ୍ୟାନ ଅଫ ଦି ମ୍ୟାଚ୍ ଜାଗୃତି ଟିମ୍ ସପକ୍ଷରେ ଆୟୋଜକ ପକ୍ଷରୁ ଘୋଷଣା କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା ।

### ଇତିହାସ ରଚିଲେ ଗିଲ୍

ଅହମ୍ମଦାବାଦ: ଇତିହାସ ରଚିଲେ ଭାରତୀୟ ଉପଅଧିନାୟକ ତଥା ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ । ଏଠାରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଉଥିବା ତୃତୀୟ ତଥା ଅନ୍ତିମ ମୁକାବିଲାରେ ସେ ୯୫ ବଲ୍‌ରେ ଶତକ ମାରିଛନ୍ତି । ଏହା ତାଙ୍କ କ୍ୟାରିୟରର ୭ମ ଶତକ । ତେବେ ଏହି ଶତକ ସହ ଗିଲ୍ ଦୁନିଆର ସବୁଠାରୁ ବଡ଼ ମଇଦାନରେ ତିନୋଟି ଯାକ ଫର୍ମାଟରେ ଶତକ ମାରିଥିବା ପ୍ରଥମ ଖେଳାଳି ପାଲଟିଛନ୍ତି । ଗିଲ ଅହମ୍ମଦାବାଦ ମଇଦାନରେ ଟେଷ୍ଟ, ଦିନିକିଆ, ଟି୨୦ ଏବଂ ଆଇପିଏଲ୍‌ରେ ଶତକ ମାରିଛନ୍ତି । ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ସେ ୧୨୮ ରନ୍(ଟେଷ୍ଟ)ର ଇନିଂସ ଖେଳିଥିଲେ । ସେହିଭଳି ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ରେ ୧୨୬ ରନ୍‌ର ଇନିଂସ ଖେଳିଥିଲେ । ଏବେ ସେ ଇଂଲଣ୍ଡ ବିପକ୍ଷ ଦିନିକିଆରେ ୧୧୨ ରନ୍‌ର ଇନିଂସ ଖେଳି ତିନୋଟି ଯାକ ଫର୍ମାଟରେ ଶତକର ହାଟ୍ରିକ ପୂରଣ କରିଛନ୍ତି ।

## ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଖମୋଳ ପଂଚାୟତ ଅନ୍ତର୍ଗତ ସରକାରୀ ଫଗୋଳ ଜହ୍ନିମୂଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ପୂର୍ବତନ ସରପଂଚ ଅଜୟ କୁମାର ମଲ୍ଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଓ ସମ୍ମାନିତ ଅତିଥିଭାବରେ ସହ ଅତିରକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ ଓ ଦେବଦତ ଶତପଥି ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ଅକ୍ଷୟ କୁମାର ନାୟକ, ଅନାଦି ଚରଣ ଓଝା, ଖଗେଶ୍ୱର ନାଥ,



ଲଲାଟ କେଶରୀ ଭୂୟାଁ, ବିଦ୍ୟାଳୟର ଉପଦେଷ୍ଟା ଭାରତ ଭୂଷଣ ବରାଳ ପ୍ରମୁଖ ଯୋଗ ଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସୁଧାଂଶୁ ଭୂଷଣ ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ପୂର୍ବରୁ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ସିଆରସିସି ପ୍ରମୋଦ କୁମାର ମଲ୍ଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଆରତୀ ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅର୍ଚ୍ଚନା ସାହୁ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସିଆରସିସି ବିଶ୍ୱଜିତ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଛାତ୍ରଛାତ୍ରୀ ଓ ଛାତ୍ରାଭିଭାବକମାନେ ଉପସ୍ଥିତ ରହିଥିଲେ ।

## ଉତ୍ତମ ମଲ୍ଲିକ ଫ୍ରେଣ୍ଡସ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ମାଲକାନାଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍ଭି ୬୯ ଗ୍ରାମରେ ଉତ୍ତମ ମଲ୍ଲିକ ଫ୍ରେଣ୍ଡସ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ମାଧବ ଚନ୍ଦ୍ର ସରକାର, ସମ୍ମାନିତ ଅତିଥି ଜଣା ଶୁଣା ଖେଳାଳି ତଥା ସମଯ ସେବି ମାନସ ରଞ୍ଜନ ଜେନା, ଯୋଗ ଦେଇଥିଲେ । ସେହିପରି ଏହି ଅବସରରେ ଆୟୋଜକ ଡ.ଉତ୍ତମ ମଲ୍ଲିକ ମଧ୍ୟ ଉପସ୍ଥିତ ରହିଥିବା ବେଳେ ଅନ୍ୟତମ ଅତିଥି ଭାବେ ସୁବାଷ ଚକ୍ରବର୍ତ୍ତୀ, ଶୁଭ୍ରାଂଶୁ ଶେଖର ସାହୁ, ପ୍ରଦୀପ ମଣ୍ଡଳ, ରଞ୍ଜିତ ରାୟ, ବିଦ୍ୟୁତ୍ ମିସ୍ତ୍ରୀ, ବିକ୍ରମ୍ ମଣ୍ଡଳ, ମିଳନ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ । ତେବେ ଅଞ୍ଚଳରେ କାଳିପୂଜା ଏବଂ ଭାଗବତ ପାଠ ଉପଲକ୍ଷେ ଏହି କ୍ରିକେଟ ଟୁର୍ନମେଣ୍ଟ ଆୟୋଜିତ ହୋଇଥିଲା । ଏଥିରେ ୮ ଟିମ୍ ଅଂସ ଗ୍ରହ କରିଥିବା ବେଳେ ଏହାର ସେସ ତଥା ଉଦଜପନି ମ୍ଯାଚ ୧୭ ତାରିଖରେ ଅନୁଷ୍ଠିତ ହେବେ । ଆଜିର ମ୍ୟାଚ୍ ଟି ଏମ୍ଭି ୧୧୨ ଏବଂ ଏମ୍ଭି ୬୦ ଗ୍ରାମ ଦଳ ମଧ୍ୟରେ ହୋଇଥିଲା । ଏଥିରେ ଅମ୍ପାୟର ଭାବେ ବିପ୍ଲବ ମଣ୍ଡଳ, ଶୁଭ୍ରାଂଶୁ ଶେଖର ସାହୁ ଦଇତ୍ୱ ନିର୍ବାହ କରିଥିଲେ । ତେବେ ଏଠାରେ ଖେଳିବା ପାଇଁ ଖେଳ ପଡିଆ ନଥିବା ବେଳେ ଏକ ଖେଳ ପଡିଆର ଅବଶ୍ୟକତା ରହିଥିବା ଦାବି ହୋଇଛି ।

# ୧୬ରୁ ସେଲିବ୍ରିଟ୍ କ୍ରିକେଟ୍ ଲିଗ୍




ଭୁବେନଶ୍ୱର (ଭାସ୍କର ନ୍ୟୁଜ): ବହୁ ପ୍ରତିକ୍ଷିତ ସେଲିବ୍ରିଟି କ୍ରିକେଟ୍ ଲିଗ୍ (ସିସିଏଲ୍) ୨୦୨୫ ଓଡ଼ିଶା ମାଟିକୁ ଆସିଛି । ଏହି କାର୍ଯ୍ୟକ୍ରମଟି ୨୦୨୫ ଫେବ୍ରୁଆରି ୧୬ର କଟକର ବାରବାଟି ଷ୍ଟାଡିୟମେର ଅନୁଷ୍ଠିତ ହେବ । ଚଳିତ ୨୦୨୫ ସିଜନ ପାଇଁ ବେଙ୍ଗଲ ଟାଇଗର୍ସ ଦଳ ବାରବାଟି ଷ୍ଟାଡିୟମକୁ ନିଜ ଘରୋଇ ପଡ଼ିଆ ଭାବେ ଚୟନ କରିଛି । ୟୁଜେନିକ୍ସ ହେୟାର ସାଇନେସସ୍‌ର ଡ. ପ୍ରଦୀପ ସେଠି ଏବଂ ଡ. ଆରିକା ବଂଶଲଙ୍କ ସମର୍ଥନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବଲିଉଡ୍‌ର କିଛି ବଡ଼ ତାରକାଙ୍କୁ ଏକାଠି କରିବ ଯେଉଁଥିରେ କ୍ରିକେଟ୍, ମନୋରଞ୍ଜନ ଏବଂ ଗ୍ଲାମରର ଏକ ରୋମାଂଚକର ମିଶ୍ରଣ ସୃଷ୍ଟି ହେବ । ଅର୍ଜୁନ କପୁର, ସୋହେଲ ଖାନ, ସୋନୁ ସୁଦ, ମିକା ସିଂହ, ଆୟୁଷ୍ମାନ ଖୁରାନା, ରିତେଶ ଦେଶମୁଖ, ଜାନଭି କପୁର ଆଦି କଳାକାରମାନେ ଏହି କାର୍ଯ୍ୟକ୍ରମେର ଅଂଶଗ୍ରହଣ କରିବେ । ଏହି ରୋମାଂଚକର କ୍ରିକେଟ୍ ଖେଳରେ ବର୍ତ୍ତମାନର ଚାମ୍ପିୟନ ବେଙ୍ଗଲ ଟାଇଗର୍ସ - ମୁମ୍ବାଇ ଦଳ ସହ ଖେଳିବ ଏବଂ ଏକ ପ୍ରଦର୍ଶନୀ ମ୍ୟାଚରେ ଓଡିଆ ସେଲିବ୍ରିଟି ଦଳ ଭାଗ ନେବ ଯାହା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁଭବ ମହାନ୍ତିଙ୍କ ନେତୃତ୍ୱରେ ଗଠନ କରାଯାଇଛି । ସ୍ଥାନୀୟ ରଣଜୀ କ୍ରିକେଟର ଯେପରିକି ଜିତୁ ଶତପଥୀ ଏବଂ ପବନ ଅଗ୍ରୱାଲ ମଧ୍ୟ ଏଥିରେ ଅଂଶ ଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମ ୟୁଜେନିକ୍ସ ହେୟାର ସାଇନେସସ୍‌ର ଡ. ପ୍ରଦୀପ ସେଠି ଏବଂ ଡ. ଆରିକା ବଂଶଲଙ୍କ ଦ୍ୱାରା ଆୟୋଜିତ ହେଉଥିବା ବେଳେ ସିସିଏଲ୍ ଓଡିଶା କୋର୍ କମିଟି ଏହାର ସହ ଭାଗିଦାରୀରେ ରହିଛି । ମୁଖ୍ୟ ସଂଯୋଜକ ଅଜୟ ଅଗ୍ରୱାଲ ଓଡିଶାକୁ ସିସିଏଲ୍ ଆଣିବା ପାଇଁ ଯେଥେଷ୍ଟ ପରିଶ୍ରମ କରିଛନ୍ତି । କମିଟିରେ ଡ. ସତ୍ୟବ୍ରତ ମିନେକତନ (ମୁଖ୍ୟ ଆବାହକ), ଗୋଲକ ମହାପାତ୍ର (ପରାମର୍ଶଦାତା), ବାସୁଦେବ (ଆବାହକ) ଏବଂ ଅନ୍ୟମାନେ ଅଛନ୍ତି । ଏହି କାର୍ଯ୍ୟକ୍ରମ ୨୦୨୫ ଫେବ୍ରୁଆରି ୧୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅପରାହ୍ନ ୨ଟାରେ ଉଦଘାଟନ ହେବ ଯେଉଁଥିରେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ରହିବେ । ପୁରସ୍କାର ବିତରଣ ସମାରୋହରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହେଦଓ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉପସ୍ଥିତ ରହିବେ । ବେଙ୍ଗଲ ଟାଇଗର୍ସର ମାଲିକ ବୋନି କପୁର ବାରବାଟି ଷ୍ଟାଡିୟମକୁ ୨୦୨୫ ସିଜନ୍ ପାଇଁ ଦଳର ଘେରାଇ ପଡ଼ିଆ ଭାବେର ବାଛିଛନ୍ତି । ବେଙ୍ଗଲ ଟାଇଗର୍ସ ଦିନର ଦ୍ୱିତୀୟ ମ୍ୟାଚେର ମୁମ୍ବାଇ ସହ ଖେଳିବ, ଯାହା ପ୍ରଥମ ମ୍ୟାଚ୍ ପଞ୍ଜାବ ବନାମ ଭୋଜପୁରୀ ମ୍ୟାଚ୍ ପେର ଅପରାହ୍ନ ୨ଟାରେ ଆୟୋଜିତ ହେବ । ସିସିଏଲ୍ ୨୦୨୫ର ଟିକେଟ୍ ଅନଲାଇନ୍ ଉପଲବ୍ଧ କରାଯାଉଛି । ଟିକେଟ୍ କାଉଣ୍ଟର୍ ୨୦୨୫ ଫେବ୍ରୁଆରି ୧୧ରୁ ବାରବାଟି ଷ୍ଟାଡିୟମରେ ଖୋଲା ରହିଛି । ଏହା ବ୍ୟତୀତ, ବିମାନବନ୍ଦର, ରେଳେଷ୍ଟସନ୍, ବସ୍ ଷ୍ଟାଣ୍ଡ ଏବଂ ହୋଟେଲ୍ ଆଦି ମୁଖ୍ୟ ସ୍ଥାନଗୁଡିକେର ଅତିରିକ୍ତ ଟିକେଟ୍ ଆଉଟେଲଟ୍ ଖୋଲା ହେବ, ଯାହା ପ୍ରଶଂସକମାନଙ୍କ ପାଇଁ ସହଜରେ ଉପଲବ୍ଧ ହୋଇପାରିବ ।

# ଜିନ୍ଦଲ ପକ୍ଷରୁ ଫୁଟବଲ୍ ତାଲିମ କେନ୍ଦ୍ର ଆରମ୍ଭ




ବ୍ୟାସନଗର (ଭାସ୍କର ନ୍ୟୁଜ) : ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ନିରନ୍ତର ପ୍ରୟାସରେ, ଜିନ୍ଦଲ୍ ଷ୍ଟେନଲେସ୍, କ୍ରୀଡାକ୍ଷେତ୍ରରେ ଯୁବ ପ୍ରତିଭାର ବିକାଶକୁ ସମର୍ଥନ କରି କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରତି ଏହାର ପ୍ରତିବଦ୍ଧତା ଜାରି ରଖିଛି । କମ୍ପାନୀ ୯ ରୁ ୧୪ ବର୍ଷ ବୟସର ପିଲାମାନଙ୍କୁ ଫୁଟବଲ୍ ତାଲିମ ପ୍ରଦାନ କରିବା ପାଇଁ ଏକ ପଦକ୍ଷେପ ଆରମ୍ଭ କରିଛି । ଏହା ସହିତ ସେମାନଙ୍କ ତାଲିମ ପାଇଁ ଆବଶ୍ୟକୀୟ ଉପକରଣ ମଧ୍ୟ ଯୋଗାଇ ଦେଇଛି । ଏହି ଅବସରରେ ଚଳିତ ମାସ ୭ ତାରିଖରେ ଦାନଗଦି ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଂଚାୟତର ବେଣାପାଟିୟା, ୮ ତାରିଖରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଙ୍କଡପାଳ ପଂଚାୟତର ଗରାମିଆ ଓ ରାଂଶଳ ପଂଚାୟତର କାଳରଙ୍ଗିତା ଏବଂ ଭୁବନ ବ୍ଲକ ଅନ୍ତର୍ଗତ ମଲୁଆଗୋଡା ଗ୍ରାମର ୨୦ ଜଣ ଲେଖା ପିଲାଙ୍କୁ ଚୟନ କରି ଫୁଟବଲ ପ୍ରଶିକ୍ଷଣ ଦିଆଯାଉଅଛି । ଜେଏସଏଲ ଦ୍ୱାରା ପରିଚାଳିତ ଏହି କୋଚିଂ ସେଣ୍ଟର ଗୁଡିକରେ ସ୍ଥାନୀୟ କିଶୋରମାନଙ୍କୁ ଉଚ୍ଚମାନର କ୍ରୀଡା ତାଲିମ ପ୍ରଦାନ କରାଯାଉଅଛି । ଦିଲ୍ଲୀର ସୁଦେବା ଫୁଟବଲ୍ ଏକାଡେମୀର ଜଣେ ପ୍ରଶିକ୍ଷିତ ପ୍ରଶିକ୍ଷକ ସକାଳ ଏବଂ ସନ୍ଧ୍ୟାରେ ୯ ରୁ ୧୩ ବର୍ଷ ବୟସର ଯୁବ ଖେଳାଳିଙ୍କ ପାଇଁ ପ୍ରଶିକ୍ଷଣ ଅଧିବେଶନ ପରିଚାଳନା କରୁଛନ୍ତି । ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଜରିଆରେ ଖେଳାଳିମାନଙ୍କୁ ଛତୁଆ, ଗୁଡ ଅଣ୍ଡା ଓ କଦଳୀ ଭଳି ପୋଷଣଯୁକ୍ତ ଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଉଛି । ତାଲିମ ବ୍ୟତୀତ, ଜିନ୍ଦଲ୍ ଷ୍ଟେନଲେସ୍ ବଲ୍, ଜୋତା ଏବଂ ୟୁନିଫର୍ମ ସମେତ ଫୁଟବଲ୍ କିଟ୍ ପ୍ରଦାନ କରିଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଯଥାକ୍ରମେ ବିଜୟଲକ୍ଷ୍ମୀ ଦାସ, ସଞ୍ଜୟ କୁମାର ପରିଡା ଓ କନକାଲତା ସରଦାର ପାତ୍ର ପ୍ରଶିକ୍ଷାର୍ଥୀମାନଙ୍କୁ ଜର୍ସି, ଷ୍ଟଡ୍, ଫୁଟବଲ୍ ଏବଂ ଅନ୍ୟାନ୍ୟ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସିଏସ୍‌ଆର୍ ବିଭାଗର ମୁଖ୍ୟ ସୁକାନ୍ତ କୁମାର ରଥ 'ଜିନ୍ଦଲ୍ ଷ୍ଟେନଲେସ୍‌ରେ, ଆମେ ଏହି ପିଲାମାନଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ ଏବଂ ଗୁଣାତ୍ମକ ତାଲିମ ପ୍ରଦାନ କରି ଯୁବ ମନକୁ ଗଠନ କରିବା ଏବଂ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ଦୃଢ଼ତାକୁ ଉତ୍ସାହିତ କରିବା ପାଇଁ କ୍ରୀଡାର ଶକ୍ତିରେ ବିଶ୍ୱାସ କରୁ ବୋଲି ନିଜର ମତବ୍ୟକ୍ତ କରିଥିଲେ । ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, ଜେଏସେଲ ସ୍ଥାନୀୟ ଯୁବପିଢ଼ି ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ଏବଂ ସୁଯୋଗ ପ୍ରଦାନ ପ୍ରତି ଏହାର ଉତ୍ସର୍ଗୀକୃତତା ପ୍ରଦର୍ଶନ କରିଚାଲିଛି ।



ଛତୁ ଖାଇବା ଆମ ଦେହ ପକ୍ଷେ ବହୁତ ଉପକାରୀ। ଆଜିକାଲି ଛତୁରେ ବିଭିନ୍ନ ଆଇଟମ୍ ତିଆରି ହୋଇଛି। ହୋଟେଲଠୁ ନେଇ ରେଷ୍ଟୁରାଣ୍ଟରେ ଛତୁର ଭିନ୍ନ ଭିନ୍ନ ଟେଷ୍ଟି ଛତୁ ଆଇଟମ୍ ଖାଇବାକୁ ବେଶ୍ ପସନ୍ଦ କରୁଛନ୍ତି ଲୋକମାନେ। ଛତୁ ହେଉଛି ଏକ ସୁପରଫୁଡ୍ ଯେଉଁଥିରେ କମ୍ ଗ୍ଲାଇସେମିକ ଇଣ୍ଡେକ୍ସ ଏବଂ ଗ୍ଲାଇସେମିକ, ଲୋଡ କମ୍ ଥାଏ। ଯାହା ବ୍ଲଡ ସୁଗାର ଲେଭଲକୁ କଣ୍ଟ୍ରୋଲ କରେ। ଅର୍ଥାତ ଏହା ମାଧ୍ୟମରେ ଆପଣ ଗ୍ଲୁକୋଜ ସ୍ତରକୁ ନିୟନ୍ତ୍ରଣ କରିପାରିବେ। ଛତୁର ଅଳ୍ପ ପରିମାଣର ସୁଗାର ଏବଂ କାର୍ବୋହାଇଡ୍ରେଟ୍ ଥାଏ। କେତେକ ଅଧ୍ୟୟନରୁ ଜଣାପଡ଼ିଛି ଯେ, କମ୍ କାର୍ବୋଡାଏଟ୍ ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଛତୁରେ ପଲିସାକାରାଇଡ ରହିଥାଏ। ଯେଉଁଥିରେ ଆଣ୍ଟି-ଡାଇବେଟିସର ପ୍ରଭାବ ରହିଥାଏ। ଏହା ମଧୁମେହ ରୋଗର ପ୍ରତିରକ୍ଷା ପାଇଁ ସୁରକ୍ଷା କବଚ ସୃଷ୍ଟି କରେ। ଯାହା ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଯେଉଁମାନେ ନିୟମିତଭାବେ ଛତୁ ଖାଆନ୍ତି ସେମାନଙ୍କ ଓଜନକୁ କଣ୍ଟ୍ରୋଲ କରିବା ସହଜ ହୋଇଥାଏ। ମୋଟାପଣକୁ ମଧୁମେହ ରୋଗର ପ୍ରଥମ ପାହାଚ କୁହାଯାଏ। ଏହା ବ୍ୟତୀତ, ଅଧିକ ଓଜନ ବଢ଼ିବା ଦ୍ୱାରା ହୃତରୋଗ ହେବାର ଆଶଙ୍କା ବଢ଼ିଯାଏ। ଛତୁ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ହ୍ରାସ କରି ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ।

# ଆଲାର୍ମ ବାଜିବା ପୂର୍ବରୁ କାହିଁକି ନିଦ ଭାଙ୍ଗିଯାଏ ?



ଆପଣ ସକାଳେ ନିଦରୁ ଉଠିବା ପୂର୍ବରୁ ଆଲାର୍ମ ଦିଅନ୍ତି କି ନାହିଁ! ଏହା ଏକ ନିଦ ଭାଙ୍ଗିବା ପାଇଁ ଚିର ପରିଚିତ ଅଭ୍ୟାସ ଭାବେ ଅନେକ ଏହାକୁ ଗ୍ରହଣ କରିଥାନ୍ତି। ଅନେକ ଲୋକ ସକାଳୁ ଉଠିବା ପାଇଁ ଘଣ୍ଟାରେ ଆଲାର୍ମ ଦେଇଥାନ୍ତି। କିନ୍ତୁ ଆଲାର୍ମ ବାଜିବାର ପାଞ୍ଚ ବା ଦଶ ମିନିଟ ପୂର୍ବରୁ ଅନେକଙ୍କର ନିଦ ଭାଙ୍ଗିଯାଏ। ଏହା ପଛରେ ରହିଛି ବୈଜ୍ଞାନିକ କାରଣ। ବୈଜ୍ଞାନିକମାନଙ୍କର କହିବା ଅନୁଯାୟୀ ଆମ ଶରୀରରେ ଏକ ଜୈବିକ ଘଡ଼ି ରହିଛି। ଏହା ଆଲାର୍ମ ଭଳି କାମ କରିଥାଏ। ଯାହା ଦିନ ରାତି ହିସାବରେ ମଣିଷକୁ ଜାଗ୍ରତ କରାଏ, ଶୁଆଇ ଦିଏ। ଯଦି ଜଣେ ଶେଯକୁ ଯିବା ଓ ବିଛଣା ଛାଡ଼ିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରନ୍ତି, ଶରୀର ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରିଦିଏ। ଯଦି ଜଣେ ଏକ ନିର୍ଦ୍ଦିଷ୍ଟ ସମୟରେ ସବୁଦିନ ସକାଳୁ ଉଠୁଥାନ୍ତି, ତାଙ୍କ ଶରୀର ସେହି ସମୟ ଆଖପାଖରେ ଉଠିବା ପାଇଁ ନିଜକୁ ପ୍ରସ୍ତୁତ କରିଦିଏ। ଖାସ ଏହି କାରଣରୁ ଜଣେ ଭୋର ୬ଟାରେ ଆଲାର୍ମ ଦେଇଥିବା ବେଳେ ଏହାର ୬-୧୦ ମିନିଟ ଆଗରୁ ନିଦ ଭାଙ୍ଗିଯାଇଥାଏ। ଏହାବାଦ ଏଥିପାଇଁ ପର ନାମକ ପ୍ରୋଟିନ ମଧ୍ୟ ଦାୟୀ ରହିଥାଏ। ଏହାର ସ୍ତର ରାତିରେ ହ୍ରାସ ପାଇବାରୁ ରକ୍ତଚାପ ହ୍ରାସ ପାଏ, ହୃଦସ୍ପନ୍ଦନ ମଧ୍ୟ ଧୀମା ହୋଇଯାଏ। ଫଳରେ ଶରୀର ନିସ୍ତେଜ ହୋଇ ନିଦ ଲାଗିଥାଏ। ସେହିଭଳି ଜଣେ ଶେଯରୁ ଉଠିବା ସମୟରେ ପର ସ୍ତର ବୃଦ୍ଧି ପାଏ। ଏହା ସହ ଶରୀରର ରକ୍ତଚାପ ଓ ତାପମାତ୍ରା ବଢ଼ିଯାଏ। ଏହି ସମୟରେ ମସ୍ତିଷ୍କରୁ କର୍ଟିସୋଲ ନାମକ ହରମୋନ କ୍ଷରଣ ହୋଇଥାଏ। ଫଳରେ ନିଦରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଏଥିପାଇଁ ଆଲାର୍ମ ବାଜିବା ପୂର୍ବରୁ ଜଣକର ନିଦ ଭାଙ୍ଗିଯାଏ।

# ଫେବୃଆରୀ ୧୩ : ବିଶ୍ୱ ରେଡ଼ିଓ ଦିବସ




ଏକଦା ମନୋରଞ୍ଜନର ମୁଖ୍ୟ ମାଧ୍ୟମ ବୋଲଉଥିବା ରେଡ଼ିଓ ଏବେ ନୂଆ ରୂପ ଓ ନୂଆ ରଙ୍ଗରେ ଶ୍ରୋତାଙ୍କ ମନ ଜିଣିବାରେ ସଫଳ ହୋଇଛି। ଖବର ପ୍ରସାରଣର ଅନ୍ୟତମ ପ୍ରମୁଖ ମାଧ୍ୟମ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଆଜି ବି ଲୋକେ ଏହାର ବ୍ୟବହାର ଜାରି ରଖିଛନ୍ତି।

ଟେଲିଭିଜନ, ମୋବାଇଲ, ଇଣ୍ଟରନେଟ, ଟ୍ୟାବଲେଟ ଆଦି ଅତ୍ୟାଧୁନିକ ଉପକରଣଗୁଡ଼ିକର ଲୋକପ୍ରିୟତା ଯେତେ ବୃଦ୍ଧି ପାଇଲେ ବି ନିଜ ଚାହିଦା ବଜାୟ ରଖିଛି ରେଡ଼ିଓ। ଅନ୍ୟ ବୈଦ୍ୟୁତିକ ଗଣମାଧ୍ୟମ ତୁଳନାରେ ସବୁ ପରିସ୍ଥିତିରେ ଓ ସବୁ ସ୍ଥାନରେ ପହଞ୍ଚ ଅଗଣିତ ଶ୍ରୋତାଙ୍କ ବିଶ୍ୱାସଭାଜନ ହୋଇପାରିଛି। ଧନୀଙ୍କ ଠାରୁ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ରେଡ଼ିଓ ମନୋରଞ୍ଜନର ଏକ ମୁଖ୍ୟ ମାଧ୍ୟମ। କେବଳ ସେତିକି ନୁହେଁ, ଅଧିକାଂଶ ସମ୍ପ୍ରଦାୟଙ୍କ ପାଇଁ ମଧ୍ୟ ଏହା ଖବର ପ୍ରେରଣର ଏକ ମାଧ୍ୟମ। ରେଡ଼ିଓ ଯେମିତି ସେମାନଙ୍କ ପରମ୍ପରା ସହିତ ଯୋଡ଼ି ହୋଇ ରହିଛି। ବିନା ବିଜୁଳିରେ ଚାଲୁଥିବାରୁ ବିପର୍ଯ୍ୟୟ ସମୟରେ ଏହାର ଆବଶ୍ୟକତା ବଢ଼ିଯାଏ। ଏବେ ଦୁର୍ଗମ ଅଞ୍ଚଳରେ କମ୍ୟୁନିଟି ରେଡ଼ିଓର ଆଦର ବଢ଼ୁଛି। ଇଣ୍ଟରନେଟ, ଟିଭି, ମୋବାଇଲ ଅଚଳ ହୋଇପଡ଼ିଥିବାବେଳେ ରେଡ଼ିଓ ଯୋଗାଯୋଗ ବଜାୟ ରଖିଥାଏ। ସ୍ପାନିଶ ରେଡ଼ିଓ ଏକାଡ଼େମୀର ପ୍ରସ୍ତାବ ଏବଂ ଜାତିସଂଘର ଅନୁମୋଦନ କ୍ରମେ ୨୦୧୨ରୁ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖ ବିଶ୍ୱ ରେଡ଼ିଓ ଦିବସ ପାଳନ କରାଯାଉଛି। ଏହାର ପ୍ରଚାର ପ୍ରସାର ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଜର୍ମାନୀର ହେନରିଚ୍ ହର୍ଜ, ଋଷିଆର ଆଲେକଜାଣ୍ଡର ପୋପୋଭ, ଫ୍ରାନ୍ସର ଏଡ୍‌ୱାର୍ଡ଼, ଆମେରିକାର



ନିକୋଲା ଟିସ୍‌ଲା, ଇଟାଲିର ଗୁଗ୍ଲିଏଲମୋ ମାର୍କୋନି, ବ୍ରିଟେନର ଅଲିଭର ଲଜ, ଭାରତର ଚନ୍ଦ୍ର ବସୁ। ରେଡ଼ିଓରେ ପ୍ରଚାର ପ୍ରସାରରେ ଏମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏମାନଙ୍କ ଅବଦାନକୁ ମନେ ପକାଇବା ପାଇଁ ଏହି ଦିବସର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ।

# ପରୀକ୍ଷାର୍ଥୀଙ୍କୁ ଚାପମୁକ୍ତ ନେଇ ଟିପ୍ସ ଦେଲେ ଦୀପିକା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ‘ପରୀକ୍ଷା ପେ ଚର୍ଚ୍ଚା’ର ଅଷ୍ଟମ ସଂସ୍କରଣରେ ଦେଶବ୍ୟାପୀ ଛାତ୍ରଛାତ୍ରୀମାନଙ୍କ ସହ ଯୋଡ଼ି ହୋଇଥିଲେ। ସୋମବାର ପ୍ରସାରିତ ଏହି ଆଲୋଚନା ଅଧିବେଶନରେ, ପ୍ରଧାନମନ୍ତ୍ରୀ ସ୍ମାର୍ଟ ନ୍ୟୁଟ୍ରିସନ୍, ପରୀକ୍ଷା ଚାପ ଏବଂ ଲିଡରସିପ୍‌ର ମୂଳମନ୍ତ୍ର ଉପରେ ନିଜର ମତାମତ ସେୟାର କରିଥିଲେ। ଏବେ ଶୋ’ର ଦ୍ୱିତୀୟ ଏପିସୋଡରେ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିଥିଲା। ସେ ପିଲାମାନଙ୍କ ସହ ତାଙ୍କ ସ୍କୁଲ ଦିନ ଗୁଡ଼ିକୁ ମନେ ପକାଇଥିଲେ। ସେମାନଙ୍କ ସହିତ ଖୋଲାଖୋଲି ଭାବେ କଥା ହେବା ସହ ଡିପ୍ରେସନ ସହିତ କିପରି ଲଢ଼ିଥିଲେ ତାହା ସେୟାର କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପାଠ୍ୟର ବିଷୟରେ ବିଚାର କରି ସେଗୁଡ଼ିକୁ ଲେଖିବାକୁ ପରାମର୍ଶ ଦେଇଥିଲେ। ସେ ତାଙ୍କ ସ୍କୁଲ ଦିନଗୁଡ଼ିକୁ ମନେ ପକାଇ ଦୀପିକା କହିଛନ୍ତି ଯେ ମୁଁ ଅନେକ ଜିନିଷରେ ଜଡ଼ିତ ଥିଲି। ସ୍କୁଲ, ଖେଳ ଏବଂ ତା’ପରେ ମଡେଲିଂ। ୨୦୧୪ ମସିହାରେ ଗୋଟିଏ ଦିନ ମୁଁ ହଠାତ୍ ଚେତାଶୂନ୍ୟ ହୋଇଗଲି ଏବଂ କିଛିଦିନ ପରେ ଅନୁଭବ କଲି ଯେ ମୁଁ ଡିପ୍ରେସନରେ ପୀଡ଼ିତ। କିଛି ଲୋକ ଡିପ୍ରେସନ ଅନୁଭବ କରନ୍ତି, କିନ୍ତୁ ଆମକୁ ତାହା ଜଣାପଡ଼େ ନାହିଁ। ମୁଁ ମଧ୍ୟ ପୂର୍ବରୁ କାହାକୁ କହି ନଥିଲି। ସେତେବେଳେ ମୁଁ ମୁମ୍ବାଇରେ ଏକା ରହୁଥିଲି। ଏହାକୁ କାହା ସହିତ ସେୟାର କରିନଥିଲି। ଯେତେବେଳେ ମୋ ମାଆ ମୁମ୍ବାଇ ଆସି କିଛିଦିନ ପରେ ପଳାଇଥିଲେ, ମୁଁ ହଠାତ୍ କାନ୍ଦିବାକୁ ଲାଗିଲି। ମୁଁ ସମ୍ପୂର୍ଣ୍ଣ ନିରାଶାଗ୍ରସ୍ତ ଅନୁଭବ କରୁଥିଲି। ମୋତେ ବଞ୍ଚିବାର ଇଚ୍ଛା ନଥିଲା। ତା’ପରେ ମୁଁ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କୁ ଡାକିଲି। ଯେତେବେଳେ ମୁଁ ଏସବୁ ବିଷୟରେ ଖୋଲାଖୋଲି ଭାବରେ କଥା ହେଲି, ମୋତେ ହାଲୁକା ଅନୁଭବ ହେଲା। ଡିପ୍ରେସନର ଉପଯୁକ୍ତ ସମାଧାନ କେବଳ ଆଲୋଚନା ଏବଂ ବୁଝାମଣା ମାଧ୍ୟମରେ ସମ୍ଭବ। ଏଥିସହ ମାନସିକ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ ମାନସିକ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପର୍ଯ୍ୟାପ୍ତ ନିଦ୍ରା ଏବଂ ସୂର୍ଯ୍ୟକିରଣ। ଏହା ସହିତ, ଆପଣଙ୍କ ଭାବନାକୁ ସେୟାର କରିବାକୁ କେବେବି ସଂକୋଚ କରନ୍ତୁ ନାହିଁ। ଲୋକମାନେ ଶୁଣିବାକୁ ଏବଂ ଦେଖିବାକୁ ଚାହାଁନ୍ତି ...ଏହା ସ୍ୱାଭାବିକ, ତେଣୁ କହିବାକୁ ଭୟ କରନ୍ତୁ ନାହିଁ। ଆପଣଙ୍କ ମନର ଚିନ୍ତାଧାରାକୁ ସେୟାର କରିବା ଦ୍ୱାରା ଆପଣ ଆପଣଙ୍କର ଚିନ୍ତାକୁ କମ୍ କରିପାରିବେ ଏବଂ ଭଲ ଅନୁଭବ ମଧ୍ୟ କରିବେ।




# ‘ଫ୍ୟାଟି ଲିଭର’ର ପୂର୍ବାଭାସ

ଆମ ଶରୀରର ନିରବ ନାୟକ ଯକୃତ ବା ଲିଭର ପୋଷକାୟ ସଂରଚନା, ଶରୀର ଗଠନ, ପୁଷ୍ଟିସାର ସଂଶ୍ଳେଷଣ ଓ ବିଷ ହରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଶରୀର ସୁରକ୍ଷାକାରୀ ଗୁଣ ସତ୍ତ୍ୱେ ଏହା ‘ଫ୍ୟାଟି ଲିଭର’ ବା ‘ଚର୍ବିଳ ଯକୃତ’ ଭଳି ରୋଗରେ ଆକ୍ରାନ୍ତ ହୋଇଥାଏ। ଯକୃତ କୋଷରେ ଅତ୍ୟଧିକ ଚର୍ବି ଜମା ହେବା ଦ୍ୱାରା ଏହି ଅବସ୍ଥା ଦେଖାଦିଏ ଏବଂ ପ୍ରଦାହ, ଯନ୍ତ୍ରଣା ଓ ଅନ୍ୟାନ୍ୟ ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରେ। ‘ଫ୍ୟାଟି ଲିଭର’ର କିଛି ପ୍ରାକ୍ ଲକ୍ଷଣ ବିଷୟରେ ଜାଣନ୍ତୁ। ଯକୃତ ବିଶେଷଜ୍ଞଙ୍କ କହିବାନୁସାରେ, ତଳିପେଟ ଧାରେ ଧାରେ ପୃଥୁଳକାୟ ହେବା ‘ଫ୍ୟାଟି ଲିଭର’ର ପୂର୍ବାଭାସ। କ୍ଳାନ୍ତି ଅନୁଭବ ହେବା କି ବ୍ୟସ୍ତବିବ୍ରତ ଲାଗିବା ମଧ୍ୟ ଏହି ରୋଗର ଅନ୍ୟ ଏକ ପ୍ରାକ୍ ସୂଚନା। ପିଞ୍ଜରାର ଡାହାଣ ପାଖ ତଳେ ଅସ୍ୱସ୍ତି ଅନୁଭବ କରିବା ମଧ୍ୟ ଏକ ପ୍ରମୁଖ ସଂକେତ ହୋଇପାରେ। ସେହିପରି ପ୍ରବଳ ତ୍ରୁଟି ଝଡ଼ିବା, ମୁହଁରେ ବ୍ରଣ ଉଠିବା, ବାରମ୍ବାର ଓକାଳ ଆସିବା ଓ ଭୋକ ନଲାଗିବା ବି ଏହାର ଲକ୍ଷଣ ହୋଇପାରେ। ଏଭଳି ଲକ୍ଷଣ ଦେଖିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଆବଶ୍ୟକ ଚିକିତ୍ସା ଆରମ୍ଭ କରିବା ଜରୁରି। ‘ଫ୍ୟାଟି ଲିଭର’ର ଆଶଙ୍କା ହ୍ରାସ କରିବାର କେତେକ ଉପାୟ ହେଲା- ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ପନିପରିବା, ଫଳମୂଳ ଓ ସ୍ୱାସ୍ଥ୍ୟପ୍ରଦ ଚର୍ବି ଗ୍ରହଣ କରିବା, ମଦ୍ୟପାନ, ପ୍ରକ୍ରିୟାକୃତ ଶର୍କରା ଓ ଚିନି ଆଦି ଗ୍ରହଣକୁ ପାରୁପର୍ଯ୍ୟନ୍ତ କମ୍ କରିବା, ପ୍ରଚୁର ଜଳପାନ କରି ଶରୀରକୁ ସର୍ବଦା ଆର୍ଦ୍ର ରଖିବା। ସର୍ବୋପରି ନିୟମିତ ବ୍ୟାୟାମ ସହ ଶରୀରର ଓଜନ ଉପରେ ନିଘା ରଖିବା ଦରକାର।



# ରାମ ଚରଣଙ୍କର ଏଥର ପୁଅ ହେଉ କହି ଟ୍ରୋଲ ହେଲେ ଚିରଞ୍ଜିବୀ





ସାଉଥ ସୁପରଷ୍ଟାର ରାମ ଚରଣ ଏବଂ ତାଙ୍କ ପତ୍ନୀ ଉପାସନାଙ୍କ ଝିଅ ୨୦୨୩ରେ ଏ ଦୁନିଆକୁ ଆସିଥିଲେ। ବିବାହର ପ୍ରାୟ ୧୧ ବର୍ଷ ପରେ ଦୁହେଁ ମାତାପିତା ହୋଇଥିଲେ। ଏତେ ବର୍ଷ ପରେ ମାତାପିତା ହେବାର ସୌଭାଗ୍ୟ ମିଳିଥିବାରୁ ଖୁବ୍ ଖୁସି ହୋଇଥିଲେ ରାମଙ୍କ ପରିବାର। ହେଲେ ଏବେ ରାମଙ୍କ ବାପା ଅର୍ଥାତ ମେଗାଷ୍ଟାର ଚିରଞ୍ଜିବୀ ନାତୁଣୀ ଜନ୍ମକୁ ନେଇ ଖୁସି ନଥିବା ଚର୍ଚ୍ଚା ହେଉଛି। ଏକ ଟକ୍ ସୋ’କୁ ଯାଇ ସେ ଯେଉଁ କଥା କହିଛନ୍ତି, ଏହା ପରେ ତାଙ୍କୁ ଟ୍ରୋଲ କରାଯାଉଛି। ଚିରଞ୍ଜିବି ନିକଟରେ ବ୍ରହ୍ମା ଆନନ୍ଦମ୍‌ର ପ୍ରି-ରିଲିଜ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଥିଲେ। ଏହି ସମୟରେ ସେ କହିଥିଲେ, ‘ଯେତେବେଳେ ମୁଁ ଘରେ ଥାଏ, ମୋତେ ଏପରି ଲାଗେ ନାହିଁ ଯେପରି ମୁଁ ମୋ ନାତୁଣୀମାନଙ୍କ ଦ୍ୱାରା ଘେରି ରହିଛି। ସେତେବେଳେ ମୋତେ ଏମିତି ଲାଗେ ଯେପରି ମୁଁ ମହିଳା ହଷ୍ଟେଲର ୱାର୍ଡେନ ଓ ମୋ ଚାରିପାଖରେ କେବଳ ମହିଳାମାନେ ରହିଛନ୍ତି। ମୁଁ କାମନା କରୁଛି ଯେ, ରାମ ଚରଣଙ୍କର ଏଥର ପୁଅ ହେଉ, ଯାହାଦ୍ୱାରା ଆମର ବଂଶ ଓ ପରମ୍ପରା ଆଗକୁ ବଢ଼ିବ। ମୋତେ ଡର ଲାଗୁଛି, ଯେମିତି ଏଥର ବି ଝିଅ ନହୋଇଯାଉ।’ ତାଙ୍କର ଏଭଳି ବୟାନ ଏବେ ଅନେକଙ୍କୁ ପସନ୍ଦ ଆସିନାହିଁ। ଏଥିପାଇଁ ତାଙ୍କୁ ଟ୍ରୋଲ କରାଯାଉଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ବନ୍ଧୁଗାଁ, (ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକର କାନାଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ କାନାଗାଁ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକର୍ମୀ ସଞ୍ଜୟ କୁମାର ସିଂ ଙ୍କ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭାସ୍କର ୱାଟାକା ଯୋଗଦେଇ ଆନୁଷ୍ଠାନିକ ଭାବେ ବିଦ୍ୟାଦାତା ଗଣେଷଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ତାରକା ରାମ ହୁକା, ପୂର୍ବତନ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାଲତୀ ୱାଟାକା ପ୍ରମୁଖ ଉପସ୍ଥିତ ରହି ନିପୁଣ ଓଡ଼ିଶା ମେଳାର ଉଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ନିପୁଣ ଓଡ଼ିଶା ମେଳାରେ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀ ଓ ଅଭିଭାବକ ମିଳିତ ଭାବେ ଶପଥ ପାଠ କରାଯିବା ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ପରେ ମେଳାରେ ମୌଳିକ ସାକ୍ଷରତା, ମୌଳିକ ସଂଖ୍ୟା ଜ୍ଞାନ, ସୃଜନଶୀଳତା ଭଳି ଷ୍ଟଲ ଗୁଡ଼ିକରେ ଛାତ୍ରଛାତ୍ରୀ ୧୬ଟିରୁ ଊର୍ଦ୍ଧ୍ୱ କାରୁକାର୍ଯ୍ୟ ପ୍ରଦର୍ଶନ କରାଯାଇଥିଲା। ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଜୟନ୍ତ ବାରିକ ମଞ୍ଚ ପରିଚାଳନା କରିବାବେଳେ ସୁଭଶ୍ରୀ ସପ୍ନା ହିଆଲ, କାତୁଲପେଟା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଷ୍ଣୁ ପ୍ରସାଦ ଦ୍ୱିବେଦୀ, କ୍ଲଷ୍ଟରରେ ଥିବା ୧୨ଟି ସ୍କୁଲର ସମସ୍ତ ଗାଇଡ ଶିକ୍ଷକ ଓ ଏଫ୍ଏଲ୍ଏନ ଶିକ୍ଷକମାନେ ମେଳାରେ ସହଯୋଗ କରିଥିଲେ।

## ଗତୀଶ୍ୱର ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ, (ଭାସ୍କର ନ୍ୟୁଜ): କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ଆରାଧ୍ୟ ଟାକୁର ବାବା ଗତୀଶ୍ୱର ଦେବଙ୍କ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ଗତ ୭ ତାରିଖ ଠାରୁ ଆରମ୍ଭ ହୋଇ ଆଜି ଅପରାହ୍ନରେ ହଜାରହଜାର ଭକ୍ତଙ୍କ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଥିଲା। ଛଅଦିନ ଧରି ଶୁଭାଧିବାସ, ଅଙ୍କୁରୋପଣ, ଜଳଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ସାଲପୂଜା, ଆହୁତି ପ୍ରଦାନ, ଗୋପୂଜା, ଅଭିଷେକ, ଗୀତାପାଠ ପୁଷ୍ପାଞ୍ଜଳୀ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋହିତ ପଣ୍ଡି କାଳୀପ୍ରସାଦ ପରମଗୁରୁ ଏବଂ ସହ ଯୋଗୀ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟେକ ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ସିରେଇ ଗ୍ରାମବାସୀ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ।

# ବିଜିଗୋଳ ମା’ ଭୈରବୀଙ୍କର ଆଶୀର୍ବାଦ ମହାଯଜ୍ଞ



କଣିହାଁ, (ଭାସ୍କର ନ୍ୟୁଜ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ବିଜିଗୋଳ ସ୍ଥିତ ଏନ୍‌ଟିପିସି ପାଣି ପମ୍ପ ହାଉସ୍ ପାଖ ମା’ ଭୈରବୀ ପୀଠରେ ଲାବଣ୍ୟବତୀ ମା’ଭୈରବୀଙ୍କର ୮୧ତମ ଆଶୀର୍ବାଦ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏନେଇ ଗତ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଜିଗୋଳ ପୁରୁଣା ରାମମନ୍ଦିର ନିକଟସ୍ଥ ବ୍ରାହ୍ମଣୀ ନଦୀ ପଠାରେ ପୁରୋହିତ ହରମୋହନ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ସରିବା ପରେ ଶତାଧିକ ପୁରୁଷ/ମହିଳା ମାନସିକଧାରୀଙ୍କ ପକ୍ଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଜଗୋଳ, ବାରଡାଙ୍ଗୁଆ, ଏନ୍‌ଟିପିସି ପାଣି ପମ୍ପ ହାଉସ୍ ଦେଇ ବିରାଟ ଶୋଭାଯାତ୍ରାରେ ମା’ ଭୈରବୀ ପୀଠରେ ପହଞ୍ଚି ଥିଲେ। ସେଠାରେ ନିର୍ଦ୍ଧାରିତ ଯଜ୍ଞସ୍ଥଳରେ ଘଟ ସ୍ଥାପନା କରିବା ପରେ ଘୃତଯଜ୍ଞ, ନାମଯଜ୍ଞ, ଗୀତାଯଜ୍ଞ ଓ ଅନ୍ନଯଜ୍ଞ ସମ୍ପର୍ଣ୍ଣ ହୋଇଥିଲେ। ଯଜ୍ଞରେ କର୍ତ୍ତା ଭାବରେ ସଞ୍ଜୀବ ମହାନ୍ତି ଓ ତାଙ୍କ ସ୍ତ୍ରୀ ପୁଷ୍ପଲତା ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ସେହିପରି ଗତ ଶନିବାର ଠାରୁ ଆଜି ପର୍ଯ୍ୟନ୍ତ ମା’ଙ୍କର ପୂର୍ଜାର୍ଚ୍ଚନା, ଆହୂତି ପ୍ରଦାନ, ସନ୍ଧ୍ୟାଭଜନ ଓ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ତେବେ ଚାରିଦିନ ଧରି ହଜାରହଜାର ଭକ୍ତ, ଶ୍ରଦ୍ଧାଳୁମାନଙ୍କ ପାଇଁ ଆହୋରାତ୍ର ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ସୋମବାର ଆଶୀର୍ବାଦ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମା’ ଭୈରବୀ ଟ୍ରଷ୍ଟ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ମହାନ୍ତି, ଉପସଭାପତି ଭଜହରି ମହାନ୍ତି, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଦଣ୍ଡଧର ସାହୁ, ଦିଲ୍ଲିପ କୁମାର ମହାନ୍ତି, ଦୀପକ କୁମାର ବାରିକ, ଗଣେଶ୍ୱର ବୈଶାଖ, ଗଣେଶ୍ୱର ପାତ୍ର, ବିଦ୍ୟାଧର ଗଡ଼ନାୟକ ପ୍ରମୁଖ ଅନ୍ୟମାନେ ସହଯୋଗ କରୁଛନ୍ତି।

# ଶିକ୍ଷା ବିଭାଗରେ ସରକାରୀ ନିୟମକୁ ଉଲ୍ଲଂଘନ




ନାରାୟଣପାଟଣା, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ଶିକ୍ଷା ବିଭାଗରେ ଦେଖିବାକୁ ମିଳିଛି ଅଜବ ବିକଟାଳ ନୀତି, ଯାହାକି ନାରାୟଣପାଟଣା ପଞ୍ଚାୟତ ସମିତି ଅନ୍ତର୍ଗତ ମାଓ ଅଧ୍ୟୁଷିତ ଆଦିବାସୀ ବହୁଳ ଅଞ୍ଚଳ ଲଙ୍ଗଲବେଡ଼ା ପଞ୍ଚାୟତ ଅଧିନସ୍ଥ ତଳ କେସଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ସନ୍ତା କେସଲା ପ୍ରାଥମିକ ବିଦ୍ୟାଳୟ ଠାରେ। ସରକାରଙ୍କ ଠାରୁ ମୋଟା ଅଙ୍କର ଦରମା ପାଇବା ସତ୍ତ୍ୱେ ସରକାରଙ୍କର ଏହି ନିୟମାବଳୀକୁ ଉଲ୍ଲଂଘନ କରିବା ସହ ବେଖାତିର କରିବାର ଦୁଃସାହସ କରି ଉକ୍ତ ବିଦ୍ୟାଳୟ ଶିକ୍ଷକ ମାନେ ନିୟମାନୁସାରେ ନିର୍ଦ୍ଧାରିତ ସମୟରେ ଯଥା ସକାଳ ୧୦ଘଟିକା ସମୟରୁ ଅପରାହ୍ନ ୦୪ଘଟିକା ସମୟ ମଧ୍ୟରେ ବିଦ୍ୟାଳୟ ଖୋଲା ରଖିବା ପରିବର୍ତ୍ତେ ଗୋଟିଏ ସ୍କୁଲ (ତଳକେସଲା) ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଆଉ ଗୋଟିଏ ସ୍କୁଲ (ବଡ଼ କେସଲା) ମଧ୍ୟାହ୍ନ ଭୋଜନ ପରେ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ହେଲେ ଗ୍ରାମବାସୀଙ୍କ କହିବା ମୁତାବକ ଏହା ସମ୍ପୂର୍ଣ୍ଣ ବନ୍ଦ ରହିବା ସହିତ ମଧ୍ୟାହ୍ନ ଭୋଜନ ପରେ ସ୍କୁଲ ବନ୍ଦ କରି ଶିକ୍ଷକମାନେ ଘରକୁ ଫେରି ଯାଉଛନ୍ତି। ଏମଡିଏମ ଆପ୍ ମାଧ୍ୟମରେ ଜଣାପଡ଼ିଛି କି ସ୍କୁଲକୁ ନ ଯାଇ ମଧ ଶିକ୍ଷକମାନେ ଘରେ ବସି ଏମଡିଏମ ମେସେଜ୍ ପଠାଇ ସରଳ ନିରୀହ ଆଦିବାସୀ ଛାତ୍ରଛାତ୍ରୀଙ୍କ ଏମଡିଏମ ବାବଦକୁ ଆସୁଥିବା ସବୁତକ ପଇସା ହରିଲୁଟ କରିବାରେ ପଛାଉ ନାହାନ୍ତି। ଏ ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଜଣାଇବାରୁ ସେମାନେ ଯାଞ୍ଚ ପରେ ନିଶ୍ଚିତ ରୂପେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଇଛନ୍ତି। ଦେଖିବାକୁ ବାକି ରହିଲା ଆଗାମୀ ଦିନରେ କ’ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# ବିଜେଡ଼ି ପକ୍ଷରୁ ଛାତ୍ରୀଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି



ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଏମ୍‌ଭି-୭୨ ନୋଡ଼ାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଦୁଇଜଣ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୁଲିସର ହାତ ଖାଲି ରହିଛି। ଏଯାଏଁ ଘଟଣା ଉପରୁ ପରଦା ଉଠାଇବାରେ ପୁଲିସ ବିଫଳ ହୋଇଛି। ଅନ୍ୟପଟେ ଘଟଣାକୁ ନେଇ ରାଜନୀତି ତେଜିବାରେ ଲାଗିଛି। ଗତକାଲି ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଉଭୟ ଛାତ୍ରୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଏହି ଘଟଣାର ସତ୍ୟାସତ୍ୟ ଏବଂ ପ୍ରକୃତ ଦୋଷୀକୁ ଖୁବ୍ ଶୀଘ୍ର ଖୋଜି ବାହାର କରାଯିବ ବୋଲି କହିଥିଲେ। ଅପରାହ୍ନରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ମାନସ ମାଡ଼କାମୀଙ୍କ ସହ ବିଜେଡ଼ିର ଏକ ଟିମ୍ ଉଭୟ ଛାତ୍ରୀଙ୍କ ପରିବାରକୁ ଭେଟିଥିଲେ। ଏମ୍‌ଭି-୧୨୬ ଗାଁରେ ରହୁଥିବା ବାଗା ସୋଡ଼ିଙ୍କ ପରିବାରକୁ ପ୍ରଥମେ ଭେଟି ଘଟଣା ସମ୍ପର୍କରେ ପଚାରିଥିଲେ। ବାଗା ସୋଡ଼ିଙ୍କ ୨ଝିଅ ଓ ୨ପୁଅଙ୍କ ମଧ୍ୟରେ ମନ୍ଦିରା ସୋଡ଼ି ସାନ ଝିଅ ଥିଲା। ତାଙ୍କର ଏଭଳି ମୃତ୍ୟୁରେ ଗରିବ ବାପା, ମା’ ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ସେମାନଙ୍କ କହିବା କଥା ହେଲା ଯେ, ଆମ ଝିଅକୁ ହତ୍ୟା କରାଯାଇଛି ଆମକୁ ନ୍ୟାୟ ଦରକାର। କିନ୍ତୁ ଏ ସମ୍ବନ୍ଧରେ ସେମାନେ ଆଜିସୁଦ୍ଧା ଥାନାରେ ଲିଖିତ ଅଭିଯୋଗ କରି ନଥିବା ଜଣାପଡ଼ିଛି। ସେହିପରି ଏମଭି-୭୨ ଗ୍ରାମର ତିମିର ହାଲଦାର୍‌ଙ୍କ ୨ ଝିଅ ଓ ଗୋଟିଏ ପୁଅ ମଧ୍ୟରେ ଜ୍ୟୋତି ସେମାନଙ୍କ ମଧ୍ୟରେ ବଡଝିଅ ଥିଲାଫ ଝିଅର ମୃତ୍ୟୁରେ ପୁରା ପରିବାର ମର୍ମାହତ। ତେବେ ବିଜେଡ଼ି ଟିମଙ୍କ ଆଲୋଚନା ସମୟରେ ପୋଲିସର ସାଂଘାତିକ ଆଚରଣ ସାମ୍ନାକୁ ଆସିଥିଲା। କୌଶଳକରି ପୋଲିସ ଉଭୟ ଛାତ୍ରୀଙ୍କ ପରିବାରଙ୍କ ଠାରୁ ଲିଖିତ ଭାବେ ନେଇଯାଇଛି। ସେଥିରେ ଉଭୟ ଛାତ୍ରୀ ଆତ୍ମହତ୍ୟା କରିଥିବା ନେଇ ଉଲ୍ଲେଖ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ପୁଲିସର ଭୂମିକା ସନ୍ଦେହଜନକ ଲାଗୁଥିବାରୁ ଉଚ୍ଚସ୍ତରୀୟ କମିଟି ଗଠନ କରି ଘଟଣାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ବିଜେଡ଼ି ଦାବି କରିଛି। ପରିବାରକୁ ଭେଟିବା ସମୟରେ ଜିଲ୍ଲା ପରିଷଦ ସଭାପତି ସମାରୀ ଟାଙ୍ଗୁଲୁ, ଆଦିବାସୀ ସମାଜ ମହାସଂଘ ପରାମର୍ଶଦାତା ଘନଶ୍ୟାମ ମାଡ଼କାମୀ, ଜିଲ୍ଲା ପରିଷଦ ସଭ୍ୟା ମମତା ପଡ଼ିଆମୀ, ସର୍ବ କୁମାର ବିଶୋଇ, କମଳା ବରାଳ, ପ୍ରଶାନ୍ତି ଲତା ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ମହାଦେବ ଶ୍ରୀଲୋକନାଥଙ୍କର ପଦ୍ମ ବେଶ

ପୁରୀ, (ଭାସ୍କର ନ୍ୟୁଜ): ମାଘ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଗଜଉଦ୍ଧାରଣ ବେଶ ଓ ମହାଦେବ ଶ୍ରୀଲୋକନାଥଙ୍କର ପଦ୍ମ ବେଶ। ସୋଲ, ଜରି ଜମ୍ବୁରା ଓ କଇଥ ଅଠାରେ ପ୍ରସ୍ତୁତ ପଦ୍ମ ପାଖୁଡା, ହଂସ, ଗଛ ତିଆରି କରି ମହାପ୍ରଭୁ ଶ୍ରୀଲୋକନାଥ ପଦ୍ମ ବେଶରେ ବିଭୂଷିତ ହୋଇଛନ୍ତି। ଏହାସହ ଶ୍ରୀଲୋକନାଥଙ୍କ ମନ୍ଦିରରେ ଶିବପାର୍ବତୀଙ୍କ ଯୁଗଳମୂର୍ତ୍ତୀଙ୍କୁ ମଧ ପଦ୍ମ ବେଶରେ ବିଭୂଷିତ କରାଯାଇଛି। ରଥସାହି ବ୍ରାହ୍ମଣ ବାଡ ପକ୍ଷରୁ କାହିଁ କେଉଁ ଅନାଦି କାଳରୁ ପରମ୍ପରାନୁସାରେ ଶ୍ରୀଲୋକନାଥଙ୍କର ପଦ୍ମ ବେଶ ଅନୁଷ୍ଠିତ କରାଯାଉଛି। ପବିତ୍ର ମାଘ ପୂର୍ଣ୍ଣିମାରେ ଏହି ବେଶ ପ୍ରତିବର୍ଷ ଆଧାତ୍ମିକ ଓ ଭକ୍ତିମୟ ପରିବେଶରେ ସମ୍ପନ୍ନ ହେଉଛି। ଏହି ଅବସରରେ ଶ୍ରୀଲୋକନାଥଙ୍କ ନିକଟରେ ଖୀରୀ, ଅମ୍ବାଲୁ, ଚୁଡାଘଷା, ଛେନା ଚକଟା ଭୋଗ ଲାଗିଥାଏ। ସଭାପତି ମନୋଜ କୁମାର ମିଶ୍ର, ଉପସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ରାମନାରାୟଣ ମହାପାତ୍ର, ଆସିଷ୍ଟାଣ୍ଟ ସେକ୍ରେଟାରୀ ପ୍ରିୟବ୍ରତ ବାହିନୀପତି,ଜଗନ୍ନାଥ ମିଶ୍ର, ହିତବ୍ରତ ବାହିନୀପତି, ବିଜୟ ମହାପାତ୍ର, ସାମ୍ବାଦିକ ମଧୁସୂଦନ ମିଶ୍ର, ରାମଚନ୍ଦ୍ର ମିଶ୍ର, ମଦନମୋହନ ହୋତା, ଶଶୀଭୂଷଣ ତ୍ରିପାଠୀ ପ୍ରମୁଖଙ୍କ ଉପସ୍ଥିତିରେ ବିଧିବିଧାନ ମୁତାବକ ପଦ୍ମବେଶ ନୀତି ସମ୍ପନ୍ନ ହୋଇଛି।

# ଦଶମ ବାର୍ଷିକ ଶ୍ରୀରାମଚରିତ ମାନସ ଓ ନବାହ୍ନ ପାରାୟଣ



ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଦଶମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ଦଧିବାମନଜୀଉ ଶ୍ରୀରାମ ଚରିତ ମାନସ ପାରାୟଣ ସମିତି ପକ୍ଷରୁ ଚଳିତ ମାସ ୨ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗଞ୍ଜାମର ବାବା ପରମେଶ୍ୱର ଦାଶ ବ୍ୟାସ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦିବସରେ ଶାନ୍ତିଧାମ କରମଳାର ବାବାଜୀ ସତ୍ୟପ୍ରଜ୍ଞାନନ୍ଦ ଦାଶ, କଟକ ଜିଲ୍ଲା ବାଙ୍କିର ଗୀତାଞ୍ଜଳୀ ଜେନା, ପୁରୀର ଭକ୍ତି ଭରଦ୍ୱାଜ ପ୍ରତାପ ନନ୍ଦଜୀ, ଭଦ୍ରକର ପଣ୍ଡିତ ଅକ୍ଷୟ ମହାରାଜ ଓ ମାନସ କୋକିଳ ଅନଙ୍ଗ ଦାସ ପ୍ରମୁଖ ୯ ଦିନ ବ୍ୟାପୀ ସମ୍ପୂର୍ଣ୍ଣ ରାମାୟଣ ଗାଥା ଆଶ୍ରୀବଚନ ମାଧ୍ୟମରେ ଉପସ୍ଥିତ ଭକ୍ତମାନଙ୍କୁ ଶୁଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ମହାରଣା ଓ ବବୃବାହାନ ମହାରଣା କର୍ତାକର୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିବା ବେଳେ ସଂଜୟ ସାହୁ, ଅନିରୁଦ୍ଧ ବେହେରା, ଦିବାକର ପଣ୍ଡା, ଭଗବାନ ରଣା, ରତ୍ନାକର ପଣ୍ଡା, ବିଚିତ୍ରାନନ୍ଦ ବିଶ୍ୱାଳ, ରାମଚନ୍ଦ୍ର ରାଉତ, ଅକ୍ଷୟ ପଣ୍ଡା, ନୃସିଂହ ଚରଣ ଓଝା, ନୀଳମଣୀ ଦାସ, ବିଶ୍ୱନାଥ ଓଝା, ଲକ୍ଷ୍ମୀଧର ବେହେରା, ବିଶ୍ୱମୋହନ ଦାସ, ଅଜୟ ସାହୁ, ଉଦୟନାଥ ସାହୁ, ବିପିନ ବିହାରୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କୋଟଗଡ଼ ଆଶ୍ରମବିଦ୍ୟାଳୟର ବାର୍ଷିକ ଉତ୍ସବ

ବୋଲଗଡ, (ଭାସ୍କର ନ୍ୟୁଜ୍): ରାଜସୁନାଖଳା ସ୍ଥିତ କୋଟଗଡ଼ ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଦାଧର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା, ମୁଖ୍ୟବକ୍ତା ଭାବେ ରାଜସୁନାଖଳା ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ବିଜୟ କୁମାର ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ ପୃଷ୍ଟି, ରଣପୁର ବ୍ଲକ ମଙ୍ଗଳ ଅଧିକାରିଣୀ ସୁଶ୍ରୀ ଶୁଭସ୍ମିତା ଓ ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାନେତ୍ରୀ ମିଲି ନାୟକ, ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କ୍ରୀଡା ପ୍ରତିଯୋଗିତା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ଓ ଆଧୁନିକ ନୃତ୍ୟ ମାଧ୍ୟମରେ ଉପସ୍ଥିତ ଦର୍ଶକ ଓ ଅଭିଭାବକମାନଙ୍କ ମନୋରଞ୍ଜନ କରିଥିଲେ।

# ସମିତିରୁ ମିଲରମାନେ ନିୟମିତ ଉଠାଉ ନାହାନ୍ତି ଧାନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧୀନରେ ଥିବା ସମବାୟ ସମିତି ଓ ମହିଳା ଗୋଷ୍ଠୀମାନେ ଧାନ କିଣିବାକୁ ଅନୁମତି ପାଇଛନ୍ତି। ଚାଷୀଙ୍କ ଠାରୁ ସମିତି ଓ ମହିଳା ଗୋଷ୍ଠୀ ଧାନ କିଣି ଚାଲିଛନ୍ତି। ମାତ୍ର ମିଲରମାନେ ସମିତିରୁ ନିୟମିତ ଗାଡ଼ି ପଠାଇ ଧାନ ନଉଠାଇବାରୁ ସମିତିମାନଙ୍କରେ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି। ସମିତି ବାହାରେ ଧାନ ପଡ଼ି ଖରା ବର୍ଷା ଖାଉଥିବା ବେଳେ ଷଣ୍ଢ, ଗୋରୁ ଗାଈ, ଛେଳି ମଧ ଧାନ ଖାଇ ନଷ୍ଟ କରୁଛନ୍ତି। ଚାଷୀ ଧାନ ଦେଇ ଉଚିତ ସମୟରେ ଟଙ୍କା ପାଇ ପାରୁନାହିଁ। ଯାହାଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମିଲରମାନଙ୍କର ଏପରି ଖାମଖିଆଲି ଓ ଅସହଯୋଗ ମନୋଭାବ ପାଇଁ ଚାଷୀଙ୍କ ସହିତ ସମିତି ସମ୍ପାଦକମାନେ ହଇରାଣ ହେଉଛନ୍ତି। ସମିତି ସମ୍ପାଦକମାନେ ଧାନ କେଉଁଠି ରଖିବେ ସେଥିପାଇଁ ଚିନ୍ତିତ ହୋଇ ପଡ଼ିଛନ୍ତି। ଦିନଦିନ ଧରି ଚାଷୀ ଗାଡ଼ିରେ ଧାନ ବୋଝେଇ କରି ସମିତି ଆଗରେ ଅପେକ୍ଷା କରୁଛି। ଠିକ୍ ସମୟରେ ସମିତିରୁ ମିଲରମାନେ ଧାନ ଉଠାଇ ନେଲେ ଏପ୍ରକାର ଅସୁବିଧା ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ। ଜିଲ୍ଲାପାଳ ଏ ଦିଗରେ ବାରମ୍ବାର ମିଲରମାନଙ୍କୁ ତାଗିଦ କରିବା ସହିତ ବାହାର ମିଲର ମଧ ଧାନ ଉଠାଇବା ପାଇଁ ନିଯୁକ୍ତି କରିଛନ୍ତି। ତଥାପି ସମସ୍ୟା ସୁଧୁରୁ ନାହିଁ। ଭାଟପଡ଼ା ସମିତିରେ ୪ହଜାର କ୍ୱିଣ୍ଟାଲରୁ ଅଧିକ, ପାଳିଆବିନ୍ଧା ସମିତିରେ ୨ହଜାର କ୍ୱିଣ୍ଟାଲ, ବାମନବିନ୍ଧା ସମିତିରେ ୫ହଜାର କ୍ୱିଣ୍ଟାଲରୁ ଅଧିକ, ମଙ୍ଗଳପୁର ସମିତିରେ ୨ହଜାର କ୍ୱିଣ୍ଟାଲରୁ ଅଧିକ, ବାରସର ସମିତିରେ ୫ହଜାର କ୍ୱିଣ୍ଟାଲରୁ ଅଧିକ, ଅଣ୍ଡରାଇ ସମିତିରେ ୨ହଜାର କ୍ୱିଣ୍ଟାଲରୁ ଅଧିକ, ଚାରିତରଫ ସମିତିରେ ୨୫୦୦ କ୍ୱିଣ୍ଟାଲରୁ ଅଧିକ, ବିଲଣା ସମିତିରେ ୧ହଜାରରୁ ଅଧିକ କ୍ୱିଣ୍ଟାଲ, ଗାନ୍ଧିନଗର ସମିତିରେ ୨୭୦୦ କ୍ୱିଣ୍ଟାଲରୁ ଅଧିକ, ଅରସା ସମିତିରେ ୫ହଜାର କ୍ୱିଣ୍ଟାଲରୁ ଅଧିକ, ନିଶ୍ଚନ୍ତପୁର ସମିତିରେ ୧ହଜର କ୍ୱିଣ୍ଟାଲରୁ ଅଧିକ ଧାନ ପଡ଼ି ରହିଛି। ଚାଷୀ ଟୋକନ ପାଇ ମଧ ନିର୍ଦ୍ଦିଷ୍ଟ ସମୟରେ ଧାନ ଦେଇ ପାରୁନାହାନ୍ତି, ଯାହାଫଳରେ ଟୋକନର ମିଆଦ ସରିବାକୁ ବସିଲାଣି। ଟୋକନର ମିଆଦ ସରିଗଲେ ଚାଷୀ ଆଉ ଧାନ ଦେଇ ପାରିବ ନାହିଁ। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଇଛି।

# ବିଭିନ୍ନ କ୍ଲଷ୍ଟରରେ ନିପୁଣ ଓଡ଼ିଶା ମେଳା



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ସରସଦା ସାଧନକେନ୍ଦ୍ରରେ ନିପୁଣ ଓଡ଼ିଶା ମେଳା ତୁଳସୀପୁର ଉପ୍ରା ବିଦ୍ୟାଳୟରେ ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଡଙ୍କ ସଂଯୋଜନାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟଅତିଥି, ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଏବିଇଓ ଅକ୍ଷୟ ଜେନା, ଉମେଷ ଜେନା, ତ୍ରିଲୋଚନ ନାୟକ, ରାଧାଶ୍ୟାମ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ନାୟକ ଅତିଥି ପରିଚୟ ଓ ପ୍ରଜ୍ଞାପରମିତା ସ୍ୱାଇଁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପୂର୍ଣ୍ଣିମା ଜେନା, ସଞ୍ଜୁଲତା ପାତ୍ର, ସୁଜାତା ସ୍ୱାଇଁ, ସୁବାସିନୀ ସ୍ୱାଇଁ, ମୀନାକୁମାରୀ ମହାପାତ୍ର, ଗୀତାରାଣୀ ଶଙ୍ଖୁଆ, ଜୟପ୍ରକାଶ ସ୍ୱାଇଁ ପ୍ରମୁଖ ମେଳା ପରିଚାଳନା କରିଥିଲେ। ସେହିପରି ରାଜେନ୍ଦ୍ରପୁର ସାଧନକେନ୍ଦ୍ରରେ ନିପୁଣ ଓଡ଼ିଶା ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସଂଯୋଜିକା ଜ୍ୟୋସ୍ନା କୁମାରୀ ବାରିକଙ୍କ ସଂଯୋଜନା ଓ ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ଗୁଡ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ତରାଇ ମୁଖ୍ୟଅତିଥି, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସମିତି ସଭ୍ୟା ପ୍ରତିନିଧି ଅଜୟ ସାହୁ, ପ୍ରାକ୍ତନ ଶିକ୍ଷା ସଂଯୋଜକ କୈଳାସ ଚନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନରେ ଦକ୍ଷତା ହାସଲ କରିପାରିଲେ ନିପୁଣ ଓଡିଶା ମେଳା ସଫଳ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ପ୍ରଥମରୁ ତୃତୀୟଶ୍ରେଣୀର ୧୨୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୌଳିକ ସାକ୍ଷରତା, ମୌଳିକ ସଂଖ୍ୟାଜ୍ଞାନ, ହସ୍ତକଳା ଓ ଶିଳ୍ପକଳା ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। କେଟସିରା ଉପ୍ରା ବିଦ୍ୟାଳୟ ପ୍ରଥମ, ରାଜେନ୍ଦ୍ରପୁର ଉପ୍ରା ବିଦ୍ୟାଳୟ ଦ୍ୱିତୀୟ ଓ ଥଇଲା ଉପ୍ରା ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିଲା। ଶିକ୍ଷକ ରୂପେଶ କୁମାର ଲେଙ୍କା ଅତିଥି ପରିଚୟ ଓ ଶ୍ରୀକାନ୍ତ ପ୍ରସାଦ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ରତ୍ନାକର ମାଝୀ, ରିନା ମାଝୀ, ପ୍ରଶାନ୍ତ ଜେନା, ରୁନୁବାଳା କୁଣ୍ଡୁ, ମନସ୍ମିତ ବିଶ୍ୱାଳ, ମଞ୍ଜୁଲତା ସାହୁ, ଜାନକୀ ସାହୁ, ମାଧବଲତା ସେଠୀ, ଅନନ୍ତ ନାୟକ, ଚନ୍ଦନ ଦାସ ପ୍ରମୁଖ ମେଳା ପରିଚାଳନା କରିଥିଲେ।

## ମାଲିସିରାରେ ଅଣ ସଙ୍ଗଠିତ ଶ୍ରମିକ ସଚେତନା ଶିବିର ଅନୁଷ୍ଠିତ

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ମାଲିଶିରା ଗ୍ରାମ ପଞ୍ଚାୟତ ଠାରେ ଆକ୍ସନଏଡ ଆସୋସିଏସନ ଓ ଜନ ଜାଗରଣ ଦାଦନ ସଂଘ ତରଫରୁ ଅଣ ସଂଘଠିତ ଶ୍ରମିକମାନଙ୍କୁ ନେଇ ଏକ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବଲାଙ୍ଗୀର ଜିଲ୍ଲାର ଅତିରିକ୍ତ ଶ୍ରମ ଅଧିକାରୀ ରଜନୀ କାନ୍ତ ଛତ୍ରିଆ, ମୁରିବାହଲ ଏ.ପି.ଓ ପ୍ରେମାନନ୍ଦ ମିଶ୍ର, ସ୍ଥାନୀୟ ମାଲିଶିରା ସରପଞ୍ଚ ଦେବରାଜ ପାତ୍ର ଓ ମାଲିଶିରା କାର୍ଯ୍ୟ ନିର୍ବାହି ଅଧିକାରୀ ଉପସ୍ଥିତ ରହି ବିଟାବନ୍ଧ, ମାଲିଶିରା, ସିରୋଲ, କନ୍ଧାଖାଲ, ମହୁଲପଡା, ଚିକିନିବହାଲି, ଖରାଲିର ହାରାହାରି ୨୫୦ ଜଣ ଅଣସଂଗଠିତ ଶ୍ରମିକ ମାନଙ୍କୁ ସାମାଜିକ ନିରାପତ୍ତା ଯୋଜନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଶିବିରରେ ଶ୍ରମ ଅଧିକାରୀଙ୍କ ତରଫରୁ ଶିଶୁ ଶ୍ରମିକ, ମହିଳା ଚାଲାଣ, ପ୍ରବାସି ଶ୍ରମିକ ଉପରେ ଏକ ସଚେତନା ରଥ ପରିକ୍ରମା କରିବା ସହିତ ନିର୍ମାଣ ଶ୍ରମିକ ରେ ଥିବା ସୁବିଧା ସୁଯୋଗ ର ଲିଫଲେଟ ବଣ୍ଟନ କରାଯାଇଥିଲା। ଏଥିରେ ଜନ ଜାଗରଣ ସଂଘର ସଭାପତି ନରେନ୍ଦ୍ର ମହାରଣା ଓ ଆକ୍ସନଏଡର କର୍ମୀ ସୁଶ୍ରୀ ଜ୍ୟୋତିର୍ମୟୀ ଦହଲ, ତୃପ୍ତିମୟୀ ପ୍ରଧାନ, ସଞ୍ଜୀବ ରଣା ସହଯୋଗ କରିଥିଲେ।

# କଷ୍ଟ ଦେଉଛି ପାନୀୟ ଜଳ ସମସ୍ୟା, ବିଡ଼ିଓଙ୍କୁ ଦାବିପତ୍ର ଦେଲେ ମହିଳା

ମୁରିବାହାଲ, (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ହାଟପଦା ପଡ଼ାରେ ପାନୀୟ ଜଳ ଯୋଗାଣରେ ସମସ୍ୟା ଦେଖା ଦେଇଛି। ଫେଲ ମାରିଛି ଏଠି ସରକାରଙ୍କ ଯୋଜନା। ଅନେକ ଦିନରୁ ଏହି ପଡ଼ାରେ ଜଳ ଯୋଗାଣ ବନ୍ଦ ହୋଇ ପଡିଥିବାରୁ ଏହି ପଡାବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ମୁରିବାହାଲ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି। ପଡା ବାସୀଙ୍କ କହିବା ଅନୁସାରେ ଜଳ ଯୋଗାଣ ହେଉଥିବା ପାଇପ ଟି ଅତି ନିମ୍ନମାନର ହୋଇଥିବା ହେତୁ ବାରମ୍ବାର ଅନେକ ସ୍ଥାନରେ ଫାଟିଯାଉଛି ତତଦ୍ୱାରା ଅନେକ ଜାଗାରେ ପାଣି ଲିକେଜ ହେଉ ଥିବାରୁ ବିଭାଗ ପକ୍ଷ ରୁ ଦିନଦିନ ଧରି ପାଣି ଯୋଗାଣକୁ ବନ୍ଦ କରିଦିଆଯାଉଛି। ଏହି ପଡ଼ାରେ ମାତ୍ର ଗୋଟିଏ ହିଁ ନଳକୂପ ଅଛି ଯୋଉଥିରେ ସ୍ୱଚ୍ଛ ପାଣି ଆସୁନାହିଁ ତେବେ ଏହିପରି ଅବସ୍ଥାରେ ଟିକିଏ ପାନୀୟ ଜଳ ପାଇଁ ଉହଳବିକଳ ହେଉଛନ୍ତି ଲୋକେ। ଯଦି ଏହା ବ୍ଲକ ଅଫିସ ଠାରୁ ଏକ କିଲୋମିଟର ଭିତରେ ଥିବା ସ୍ଥାନ ର ଅବସ୍ଥା ଏମିତି



ତେବେ ଅନ୍ୟ ଜାଗା କୁ ପଚାରେ କିଏ ବୋଲି ଲୋକେ ପ୍ରକାଶ କରିଛନ୍ତି। ମୁରିବାହାଲ ବିଡ଼ିଓ ବାସନ୍ତୀ ସେଠି ଅଫିସ କାର୍ଯ୍ୟ ରେ ବାହାରେ ଥିବାରୁ ଅର୍ଥ ଅଧିକାରୀ ଘେନୁରାମ ତାଣ୍ଡି ଦାବିପତ୍ର ଗ୍ରହଣ କରି ଆର.ଡବ୍ଲୁ.ଏସ.ଏସ ଯନ୍ତ୍ରୀ ସରୋଜ ସେଠଙ୍କୁ ଯୋଗାଯୋଗ କରିଥିଲେ ଯନ୍ତ୍ରୀ ଗୋଟିଏ ଦିନ ମଧ୍ୟରେ ଜଳ ଯୋଗାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ଦେବା ସମୟରେ ୱାର୍ଡ ମେମ୍ବର ଲକ୍ଷ୍ମୀକାନ୍ତ ଧରୁଆ, ରୁକ୍ମଣୀ ନାଗ, ସୁଭଦ୍ରା ଭୋଇ, ଗୀତା ସାହୁ, କନକ ଭୋଇ, ଗିରିସୁତା ସାହୁ, ଶୁଭା ଛୁରା, ଆରତୀ ଦୀପ, ରିତା ବେହେରା, ଗାୟତ୍ରୀ ନାଗ, ପୁଷ୍ପଲତା ଧୀର, ହୀରା ହାତୀ, ପଦ୍ମିନୀ ତାଣ୍ଡି, ଗୁଲାପି ସେଠ, କେତକୀ ଭୋଇ, ଗୁଲାପି ସୁନା, ପଦ୍ମିନୀ ବେହେରା, ସୁବିଧା ମାଝୀ, ମିଥିଳା ମାହାକୁର, ଲକ୍ଷ୍ମୀପ୍ରିୟା କୁମ୍ଭାର, ପ୍ରେମ ଭୋଇ, ଶ୍ୟାମସୁନ୍ଦର ଝାଙ୍କର, ଯଦୁ ନାଗ, ପ୍ରଶାନ୍ତ ରତେଇ, ଯଶୋଦା ଥାଟି, ଥୋରୋ ବାଗ, ପ୍ରବୀର କମ୍ପ ଓ ଅନେକ ପଡା ବାସିନ୍ଦା ଉପସ୍ଥିତ ଥିଲେ। ତେବେ ଦେଖିବାକୁ ବାକିରହିଲା କ’ଣ ସତରେ ଗୋଟିଏ ଦିନରେ ସମସ୍ୟା ସମାଧାନ ହେବ ନାଁ ପଡା ବାସିନ୍ଦା ଆହୁରି ନିର୍ଯାତନା ପାଇବେ।

# ପରିବାରର ନିର୍ଯାତନା ସହି ନପାରି ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧା



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ଥାନା ରଇତସହି ଗ୍ରାମର ସତୁରି ବର୍ଷୀୟା ବୃଦ୍ଧା ରଙ୍ଗଲତା ଏବେ ଅସହାୟ, ନସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ସ୍ୱାମୀ ନିରଞ୍ଜନଙ୍କ ମୃତ୍ୟୁ ପରେ ରଙ୍ଗଲତା ଦିନେ ଖାଇଲେ ଦିନେ ଉପବାସ, ହଜାରେ ଟଙ୍କା ବାର୍ଦ୍ଧକ୍ୟ ଭତ୍ତାରେ ଦୁଃଖକଷ୍ଟେ ଏକମାସ ଚଳୁଛନ୍ତି। ବୃଦ୍ଧା ଅବସ୍ଥାରେ କେହି ସହାୟ ହେଉନାହାନ୍ତି। ଅନେକ ଦୁଃଖ କଷ୍ଟରେ ଜୀବନ ବିତାଇବାକୁ ପଡୁଛି। ତିନିଟି ପୁଅ, ବୋହୂ, ନାତିନାତୁଣୀ ହେଲେ ଦିନକ ପାଇଁ ଖାଇବାକୁ ଦେବା ତ ଦୂରର କଥା ବୃଦ୍ଧା ରଙ୍ଗଲତାକୁ ଶାରୀରିକ, ମାନସିକ ନିର୍ଯାତନା ଦେଉଛନ୍ତି। ଘରୁ ବାହାରିଯିବାକୁ କହୁଛନ୍ତି। ଅନେକ ନିର୍ଯାତନା ସହି ଘର କୋଣରେ ବୃଦ୍ଧା ରଙ୍ଗଲତା ଗୁମୁରିଗୁମୁରି କାନ୍ଦୁଛି। ଅସହାୟ ନିଃସହାୟ ବୃଦ୍ଧାବୃଦ୍ଧମାନଙ୍କ ପାଇଁ ସରକାରୀ ନିର୍ଦ୍ଦେଶନାମାରେ ଅନେକ ନୀତିନିୟମ ରହିଛି ହେଲେ ତାହା ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହେଉନାହିଁ। ଯେଉଁଥିପାଇଁ ବୃଦ୍ଧାବୃଦ୍ଧି ମାନେ ପୁଅ, ବୋହୂ, ନାତିନାତୁଣୀମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଅନେକ କିଛି ଭୁଲଭଟକା କରି ମୃତ୍ୟୁକୁ ଆପଣେଇ ନେଉଛନ୍ତି ନଚେତ ଜରାଶ୍ରମରେ ଜୀବନ ବିତାଉଛନ୍ତି। ଏପରି କ୍ଷେତ୍ରରେ ଆଇନୀଗତ ସହାୟତା ଯୋଗାଇଦେବା ନିମନ୍ତେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ବୃଦ୍ଧା ରଙ୍ଗଲତାକୁ ଆଇନୀଗତ ନ୍ୟାୟ ପ୍ରଦାନ ନିମନ୍ତେ ଜଗତସିଂହପୁର ଉପ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ପୂର୍ବରୁ ଅନେଗୁଡ଼ିଏ କେଶ୍‌କୁ ନ୍ୟାୟ ପାଇଁ ସଂଗ୍ରାମ କରି ସଫଳ ହୋଇଥିବାରୁ ରଙ୍ଗଲତାଙ୍କ କ୍ଷେତ୍ରରେ ସ୍ନେହମୟୀ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ଆମ କଳାହାଣ୍ଡି







### ୩ ଦିନ ପରେ ଅଗ୍ନିଶମ ବିଭାଗକୁ ମିଳିଲା ସଫଳତା

## ଡୋକରୀଦରରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କୋକସରା, (ଭାସ୍କର ନ୍ୟୁଜ୍ ) : ପର୍ଯ୍ୟଟନସ୍ଥଳ ଡୋକରୀ ଚଞ୍ଚରାର ଡୋକରୀଦର ନିକଟରେ ସେଲଫି ନେବା ସମୟରେ ପାଣିରେ ପଡି ନିଖୋଜ ହୋଇଥିବା ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡୁମେରମୁଣ୍ଡା ଗ୍ରାମର ଯୁବକ ଅଭିନାଶ ପରଜା (୨୨)ଙ୍କ ମୃତ ଶରୀର ମଙ୍ଗଳବାର ଉଦ୍ଧାର ହୋଇଛି। ଏଥିପାଇଁ ଅଗ୍ନିଶମ ବିଭାଗକୁ ଦିର୍ଘ ୩ ଦିନ ଧରି ପ୍ରୟାସ କରିବାକୁ ପଡ଼ିଥିଲା। ଶେଷରେ ଗ୍ରାଭନେଲ ହୁକ୍ ସାହାଯ୍ୟରେ ୩୦ ଫୁଟ୍ ଗଭୀର ପାଣି ମଧ୍ୟରୁ ଯୁବକଙ୍କ ମୃତଦେହକୁ ଟାଣି ବାହାରୁ ଅଣାଯାଇଥିଲା। କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀ ସୁନୀଲ ରଞ୍ଜନ ବାରଲା, ରାଧେଶ୍ୟମ ପ୍ରଧାନୀ, ମନୋଜ ବିଶ୍ୱାଳ, ସତ୍ୟମ ମାଝୀ, ଦିଗାମ୍ବର ଶବର ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଆମପାଣି ଥାନା ପୋଲିସ ଶବ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ୧୬ଶ ଅର୍ଥ କମିଶନଙ୍କ ବ୍ଲକ ଗସ୍ତ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ର ସରକାରଙ୍କ ୧୬ଶ ଅର୍ଥ କମିଶନ ସଦସ୍ୟ ମନୋଜ ପଣ୍ଡା ଦୁଇଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି। ଗସ୍ତର ଦ୍ୱିତୀୟ ଦିନରେ ଲାଞ୍ଜିଗଡ଼ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ପ୍ରକଳ୍ପ ପରିଦର୍ଶନ କରିବା ସହିତ ହିତାଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଶ୍ରୀ ପଣ୍ଡା ବ୍ଲକର ଚର୍ଚ୍ଚିତ ପ୍ରଧାନମନ୍ତ୍ରୀ ଆବାସ ଓ ମନରେଗା ପ୍ରକଳ୍ପ ଦ୍ୱାରା ସମ୍ପାଦିତ ଲାଞ୍ଜି ପଞ୍ଚାୟତର ବିକାଶ ନଗର ଓ କାନକୁଟ୍ରୁ ପଞ୍ଚାୟତର ଆବାସ ନଗର ପରିଦର୍ଶନ କରିଥିଲେ। ଏହାପରେ ଶ୍ରୀ ପଣ୍ଡା ନିୟମଗିରି ପର୍ବତ ଉପରେ ଥିବା ତ୍ରିଲୋଚନପୁର ପଞ୍ଚାୟତ ଫୁଲଡୁମେର ଗାଁ ଗସ୍ତ କରିବା ସହିତ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସ୍ଥାନୀୟ ଆଦିବାସୀ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜଗନ୍ନାଥପୁର ପଞ୍ଚାୟତ ପରିଦର୍ଶନ କରିବା ପରେ ନିୟମଗିରି ବେଦାନ୍ତ ନଗରରେ ଆଦିବାସୀଙ୍କ ଦ୍ୱାରା ବିଭିନ୍ନ ହାତ ତିଆରି କାମ ଦେଖିବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ। ସେଠାରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଦେଇ ଭବାନୀପାଟଣା ଫେରିଯାଇଥିଲେ। ଏହି ଗସ୍ତ ସମୟରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର, ବିଡିଓ ଶଶାଙ୍କ ପାତ୍ର ପ୍ରମୁଖ ସାମିଲ ଥିଲେ। ସେହିପରି ଲାଞ୍ଜି ପଞ୍ଚାୟତରେ ସରପଞ୍ଚ ଯମୁନା ମାଝୀ, କାନକୁଟ୍ରୁ ପଞ୍ଚାୟତରେ ସରପଞ୍ଚ ବନମାଳୀ ମାଝୀ, ତ୍ରିଲୋଚନପୁର ପଞ୍ଚାୟତରେ ସରପଞ୍ଚ ସୋନାଲୀ ମାଝୀ, ଜଗନ୍ନାଥପୁରରେ ସରପଞ୍ଚ ମୁଗାନା ମାଝୀ, ସମିତିସଭ୍ୟ ପ୍ରଦୀପ ମାଝୀ, କନିଷ୍ଠ ଯନ୍ତ୍ରୀ ଅମିତ କୁମାର ସିଂ, ପଂଚାୟତ ନିର୍ବାହୀ ଅଧିକାରୀ ତାପସ କୁମାର ସାହୁ, ସାଧୁରାମ ସାହୁଙ୍କ ସମେତ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ




ଧର୍ମଗଡ, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ବିଜୁ କଲ୍ୟାଣ ମଣ୍ଡପ ଠାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତାର୍କି, ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ଏନ୍ଏସି ଉପାଧକ୍ଷା ମନୀଷା ମିଶ୍ର, ଜୁବେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର, ଶିଶୁ ସୁରକ୍ଷା କମିଟି ସଦସ୍ୟ ସଞ୍ଜୟ କୁମାର, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରିଣୀ ମୁଜୀବନ ଦିଶା, ପ୍ରୋଗ୍ରାମ ଅଧିକାରୀ ସୁଚରିତା ମହାପାତ୍ର, ମହିଳା ମହାବିଦ୍ୟାଳୟ ଅଧକ୍ଷା ପ୍ରିୟମ୍ୱଦା ଚାନ୍ଦ ପ୍ରମୁଖ ମଞ୍ଚାସିନ ହୋଇଥିଲେ। କାର୍ଯ୍ୟକ୍ରମକୁ ଯୋଗେଶ୍ୱର ବୁଢ଼ିଆ ପରିଚାଳନା କରିଥିଲେ। ଏଥିରେ ସମସ୍ତ ଅଙ୍ଗନବାଡି କର୍ମି, ମିଶନ ଶକ୍ତି ମହିଳା ଓ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ।

## ହରଗୌରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସ୍ଥିତ ହରଗୌରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, କୁଶୁର୍ଲା ଠାରେ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବ ଅଧକ୍ଷ ସୁବୋଧ କୁମାର ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ କର୍ଲାମୁଣ୍ଡା ପଞ୍ଚାୟତ ସମିତିର ଅଧକ୍ଷା କୁନି ସାହୁ, ହରପ୍ରସାଦ ଭୋଇ (ଓଏଏସ୍ ) ଓ ମୁଖ୍ୟବକ୍ତା ଭାବରେ ଅଧାପକ ଲମ୍ବୋଦର ସାହୁକାର ଉପସ୍ଥିତ ରହିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧାପକ ଗଗନ ବିହାରୀ ମହାପାତ୍ର ଓ ପିତାମ୍ବର ସାହୁ। ଏଥି ପୂର୍ବର ହୋଇଥିବା ସମସ୍ତ ପ୍ରକାର ପ୍ରତିଯୋଗିତାରେ ରାଜକିଶୋର ରଣାଖେଳ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ଅନ୍ୟ ଅତିଥି ମାନେ ବିରେନ୍ଦ୍ର କୁମାର ସାହୁ, ଶିବାଜୀ ବାରିକ, ପ୍ରସନ୍ନ କୁମାର ବେହେରା, ଜ୍ୟୋତିମୀଳା ରାଉତ, ଚୂଡ଼ାମଣି ସାହୁ, ଶାନ୍ତନୁ ସାହୁ, ପ୍ରମୁଖ ସହଯୋଗ କରିଥିଲେ ସଭାଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅତିସୁନ୍ଦର ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ଗ୍ରନ୍ଥ ରକ୍ଷକ ଧ୍ରୁବରେଣ ସାହୁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।




## ସେଲକୋ ଫାଉଣ୍ଡେସନ୍ ପକ୍ଷରୁ 'ସୌର ଉଦ୍ୟୋଗୀ ମେଳା'



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଓୟୁଏଟି ପରିଚାଳିତ କୃଷି ମହାବିଦ୍ୟାଳୟ ପରିସରରେ ଥିବା ଖେଳପଡିଆ ଠାରେ ଜୀବନ ଜୀବିକା ବିକାଶରେ ସୌରଶକ୍ତିର ବ୍ୟବହାର ଦିଗରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା 'ସେଲକୋ ଫାଉଣ୍ଡେସନ' ଓ କଳାହାଣ୍ଡିର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ସେବା ଜଗତ'ର ମିଳିତ ଉଦ୍ୟମରେ ସୌର ଉଦ୍ୟୋଗୀ ମେଳା -୨୦୨୫ ଅନୁଷ୍ଠିତ ହୋଇଯାଇଛି। ସୌରଶକ୍ତି ମାଧ୍ୟମରେ ବିଭିନ୍ନ ଉଦ୍ୟୋଗର ପରିଚାଳନା କରିବା ତଥା ବିଜୁଳି ଶକ୍ତି ପହଞ୍ଚି ପାରୁନଥିବା ଗ୍ରାମାଞ୍ଚଳରେ ଥିବା ଉଦ୍ୟୋଗୀମାନେ କିଭଳି ସୌରଶକ୍ତି ମାଧ୍ୟମରେ ନିଜ ବ୍ୟବସାୟ ଓ ଉତ୍ପାଦିତ ଦ୍ରବ୍ୟର ଠିକ୍ ରୂପେ ବଜାରୀ କରଣ କରି ପରିବାର ପ୍ରତିପୋଷଣ କରିପାରିବେ ତାହା ଆଲୋଚନା କରାଯାଇଥିଲା। ସେଲକୋ ଫାଉଣ୍ଡେସନ ଓ ସେବା ଜଗତ କିଭଳି କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହାର ପ୍ରଚାର ଓ ପ୍ରସାର କରିବା ପାଇଁ ଏହି ମେଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ କଳାହାଣ୍ଡି ଓ ଅନ୍ୟାନ୍ୟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆଗ ଧାଡିର ଉଦ୍ୟୋଗୀ ଯୋଗ ଦେଇଥିଲେ। ସୌରଶକ୍ତିର ସହାୟତା ନେଇ ବିଭିନ୍ନ ଉଦ୍ୟୋଗ କରି ଲାଭବାନ ହୋଇଥିବା ବହୁ ସଂସ୍ଥା ଏହି ମେଳାରେ ଷ୍ଟଲ ଜରିଆରେ ସେମାନଙ୍କ କାର୍ଯ୍ୟକ୍ରମର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସେଲକୋ ଫାଉଣ୍ଡେସନର ରାଜ୍ୟମୁଖ୍ୟ ସତ୍ୟପ୍ରିୟ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ନିର୍ବାହୀ କଳାହାଣ୍ଡି ଜିଲ୍ଲା ପରିଷଦ ଦୟାମୟ ପାଢୀ, କଳାହାଣ୍ଡି କୃଷି ମହାବିଦ୍ୟାଳୟ ଡିନ୍ ଡ. ଶାନ୍ତନୁ କୁମାର ତ୍ରିପାଠୀ, ନାବାର୍ଡର କଳାହାଣ୍ଡି ମୁଖ୍ୟ ମହେଶ୍ୱର ଦାସ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା ଉପସ୍ଥିତ ରହି ସୌରଶକ୍ତିର ପରିଚାଳନା ଏବଂ ସାଂପ୍ରତିକ ସମୟରେ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ମେଳାରେ ପ୍ରଦର୍ଶିତ ଷ୍ଟଲ୍ ମାନ ବୁଲି ଦେଖିବା ସହ ହିତାଧିକାରୀ ମାନେ କିଭଳି ଉପକୃତ ହୋଇପାରିବେ ତାହା ଉପସ୍ଥିତ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସୌରଶକ୍ତି ନିମନ୍ତେ ସେଲକୋ ଫାଉଣ୍ଡେସନ ସହ ମିଶି କାମ କରୁଥିବା ସେବା ଜଗତର ମୁଖ୍ୟ ସତ୍ୟ ପଟ୍ଟନାୟକ, ରୋଷନାରା ମହାନ୍ତି, ନାବାର୍ଡ ସହାୟତାରେ କାମ କରୁଥିବା ଏଫ୍‌ସି ସଂଗଠନର କୃଷ୍ଣଚନ୍ଦ୍ର ମିଶ୍ର, ସେଲକୋ ଫାଉଣ୍ଡେସନ ଓ ସେବା ଜଗତର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସଭାକାର୍ଯ୍ୟର ମଞ୍ଚ ପରିଚାଳନା କରିଥିଲେ ସେବା ଜଗତର ରୋଷନାରା ମହାନ୍ତି ଓ ସେଲକୋ ଫାଉଣ୍ଡେସନର ନିହାରିକା ପଣ୍ଡା। ସୌରଶକ୍ତି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ଆକର୍ଷକ ମେଳା ମାଧ୍ୟମରେ ଜନସାଧାରଣ ତଥା ଉଦ୍ୟୋଗୀମାନଙ୍କୁ ସଚେତନ କରିବାକୁ ପ୍ରୟାସ କରିଥିବା ସେଲକୋ ଫାଉଣ୍ଡେସନ ଓ ସେବା ଜଗତର କର୍ମକର୍ତ୍ତା ମାନଙ୍କୁ ଉପସ୍ଥିତ ଅଧିକାରୀ ଓ ଉଦ୍ୟୋଗୀ ମାନେ ଧନ୍ୟବାଦ ଜଣାଇଥିଲେ।

## ସରିଲା କନ୍ଧାଗଡ଼ିଆ ମାଝୀ ପରିବାରର ମାଘ ପାଟଯାତ୍ରା



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଆମପାଣି ପଞ୍ଚାୟତର କନ୍ଧାଗଡ଼ ସୁକୁଲିଭଟା ଗ୍ରାମର କନ୍ଧାଗଡ଼ିଆ ମାଝୀ ପରିବାର ପକ୍ଷରୁ ଗତ ୩ ଦିନ ଧରି ଚାଲିଥିବା ମାଘ ପାଟଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ରବିବାର ପାଟଯାତ୍ରା ଆରମ୍ଭ ହୋଇଥିବାବେଳେ ସୋମବାର ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ନିମନ୍ତ୍ରିତ ଦେବାଦେବୀ ମାନଙ୍କୁ ମଙ୍ଗଳବାର ବିଦାୟ ଦିଆଯାଉଥିଲା। ଦିର୍ଘ ୧୨ ବର୍ଷ ପରେ ପାଳିତ ହୋଇଥିବା ଏହି ପାଟ ଯାତ୍ରାରେ କନ୍ଧାଗଡିଆ ମାଝୀ ପରିବାର ସମେତ ପଡୋଶୀ ନବରଙ୍ଗପୁର, କୋରାପୁଟ ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ବସ୍ତର ଜିଲ୍ଲାରୁ ତାଙ୍କ ବନ୍ଧୁ ବାନ୍ଧବ ଶହ ଶହ ସଂଖ୍ୟାରେ ସାମିଲ ହୋଇଥିଲେ। ପାଟଯାତ୍ରାରେ ମାଝୀ ପରିବାରର ମୁଖ୍ୟ ଦେବୀ ଭାବରେ ମାନପୁରେନ୍ ଦେବୀଙ୍କୁ ପୂଜା କରାଯାଇ ଥିବାବେଳେ ପାର୍ଶ୍ୱ ଦେବଦେବୀ ଭାବରେ ଲଙ୍କେଶ୍ୱରୀ, ଭୈରବ, ପିଲାଭିମା, ପଞ୍ଚମୁଖୀ କାଳୀ, କାଳୀ ସୁନ୍ଦରୀ, ବାରମାଝୀ, ମିର୍ଚୁକ୍ ଆଦି ଦେବାଦେବୀ ପୂଜାର୍ଚ୍ଚନାରେ ସ୍ଥାନ ପାଇଥିଲେ। ନିମନ୍ତ୍ରିତ ଦେବାଦେବୀଙ୍କ ମଧ୍ୟରେ କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜା, ଜେନା ବୁଢ଼ା, ମା' ମାଉଳୀ ଠାକୁରାଣୀ ଆଦି ବିଭିନ୍ନ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମାଘ ପାଟଯାତ୍ରାର ଉଦ୍‌ଯାପନୀ ଦିବସରେ ଗ୍ରାମ ଦେବାଦେବୀଙ୍କୁ ଶାନ୍ତି କରିବା ନିମନ୍ତେ ପୋଢ଼ ବଳି ଦିଆଯାଇଥିଲା। ଏହି ଯାତ୍ରା ଆରମ୍ଭରେ କଳିଙ୍ଗ ଯାତ୍ରା କରାଯାଇ ସେଠାରୁ ଲୁଣ ଓ ମାଛ ଅଣା ଯାଇଥିଲା। ଏହାକୁ ଦେବୀଙ୍କ ନିକଟରେ ଭୋଗ ଲାଗି ହେବା ପରେ ଆସିଥିବା ବନ୍ଧୁ ବାନ୍ଧବ ମାନଙ୍କୁ ପ୍ରସାଦ ଆକାରରେ ପ୍ରଦାନ କରାଯାଇଥିଲା। ବିଶ୍ୱାସ ରହିଛି ଏହି ପ୍ରସାଦକୁ ସେବନ କଲେ କୌଣସି ଦୂରଯାତ୍ରା କରୁଥିଲେ ବଞ୍ଚାରେନ ଦେବୀ ସାହା ହୋଇଥାନ୍ତି ଓ କୌଣସି ଅଘଟଣ ଘଟି ନଥିବା ମାଝୀ ପରିବାରର ବରିଷ୍ଠ ବ୍ୟକ୍ତି ମାନେ ପ୍ରକାଶ କରିଛନ୍ତି। ଏହି ମାଘ ଯାତ୍ରାରେ ଆଖପାଖ ଅଞ୍ଚଳର ଶହଶହ ଲୋକଙ୍କ ସହିତ ପଡ଼ୋଶୀ ଜିଲ୍ଲା ନବରଙ୍ଗପୁର, ଛତିଶଗଡ଼ ରାଜ୍ୟରୁ ମଧ୍ୟ ଅନେକ ମାଝୀ ପରିବାରର ବନ୍ଧୁ ବର୍ଗ ସାମିଲ ହୋଇଥିଲେ। ମୁଖ୍ୟ ପୁଝାରୀ ଦେବି ସିଂ ମାଝୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ରାଜେନ୍ଦ୍ର ମାଝୀ, ସୁଦର୍ଶନ ମାଝୀ, କମଳ ମାଝୀ, ବାଳକୃଷ୍ଣ ମାଝୀ, ହଳଧର ମାଝୀ ପ୍ରମୁଖ ପୂଜକ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଲକ୍ଷ୍ମୀକାନ୍ତ ମାଝୀ, ଗୋବିନ୍ଦ ମାଝୀ, ବୈଷ୍ଣବ ମାଝୀ, ସଦାନନ୍ଦ ମାଝୀ, ସୁପେଲ ପୁଝାରୀ, ହାତୀ ରାମ ମାଝୀ, ଦେବରାଜ ମାଝୀ, ନିକୁଞ୍ଜ ମାଝୀ, ଦୈତାରି ମାଝୀ, ଚୁଡ଼ାମଣି ମାଝୀ, ହେମନ୍ତ ମାଝୀ, ଚୈବନ ମାଝୀ, ରତ୍ନରାଜ ମାଝୀ, କୁମୁଦ ପୁଝାରୀ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ମାଘ ଯାତ୍ରା ଉପଲକ୍ଷେ ମାଝୀ ପରିବାର ଏବଂ ମାଘ ପାଟ ଯାତ୍ରା କମିଟି ପକ୍ଷରୁ ଦର୍ଶକ ମାନଙ୍କ ମନୋରଞ୍ଜନ ନିମନ୍ତେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପରିବେଷଣ କରାଯାଇଥିଲା।

### ବୁଲା ବେପାରୀଙ୍କ କବଜାରେ ସ୍ମାର୍ଟ ଶ୍ମଶାନର ଗୋଦାମ ଗୃହ

## ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହେଉଥିଲା ବମ୍ବେ ଲଡୁ



ଧର୍ମଗଡ, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ସହରରେ ଦିନକୁ ଦିନ ଅଣ ଓଡିଆ ବୁଲା ବେପାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବୁଲା ବେପାରୀ ମାନେ ରାସ୍ତାକଡ଼ରେ ଟେଣ୍ଟ ମାରି, ବିଭିନ୍ନ ଖୋଲା ଜାଗା ଓ ଗଳି କନ୍ଦିରେ ଭଡା ଘର ନେଇ ବେପାର କରୁଛନ୍ତି । ଏମାନଙ୍କ କୌଣସି ସଠିକ୍ ହିସାବ ନାହିଁ । ଏମାନେ କେଉଁଠୁ ଆସିଛନ୍ତି, ଏଠାରେ କେତେ ଦିନ ହେଲା ରହୁଛନ୍ତି ବା ରହିବେ, କି ବେପାର କରୁଛନ୍ତି ଇତ୍ୟାଦି ବିଷୟରେ ଏକ ସୂଚନା ରହିବା କଥା । ଏବେ ଏମାନଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ି ଚାଲିଥିବା ବେଳେ ରହିବା ପାଇଁ ଶେଷରେ ଶ୍ମଶାନରେ ଥିବା ଗୋଦାମ ଗୃହକୁ ମଧ୍ୟ ଛାଡ଼ି ନାହାଁନ୍ତି । ଧର୍ମଗଡ ଏନ୍ଏସି ପକ୍ଷରୁ ନିର୍ମିତ ସ୍ମାର୍ଟ ଶ୍ମଶାନରେ କାଠ ରଖିବା ପାଇଁ ତଥା ଅନ୍ୟ କାର୍ଯ୍ୟ ପାଇଁ ଦୁଇଟି ପକ୍କା ଘର ନିର୍ମାଣ କରାଯାଇଛି । ତେବେ ଏହି ଘର ଖାଲି ଥିବା ଦେଖି ଏଠାରେ କିଛି ବାହାର ରାଜ୍ୟର ଲୋକ ଆସି ରହୁଛନ୍ତି । ଖାଲି ରହୁ ନାହାନ୍ତି ସେଠାରେ ସେମାନେ ଅସ୍ୱାସ୍ଥ୍ୟକର ପରିବେଶରେ ବମ୍ବେ ଲଡୁ (ଏକ ପ୍ରକାର ମିଠା) ପ୍ରସ୍ତୁତ କରି ସହର ତଥା ଆଖ ପାଖ ଗ୍ରାମାଞ୍ଚଳରେ ବିକ୍ରି କରୁଛନ୍ତି । ଛୋଟ ଛୋଟ ପିଲାମାନେ ଏହାକୁ କିଣି ଖାଉଛନ୍ତି। ଏଭଳି ପରିବେଶରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଖାଇବା ଦ୍ୱାରା ଯଦି ପିଲାଙ୍କ କିଛି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବ ତାହା ହେଲେ କିଏ ଦାୟୀ ରହିବ । କିଛିଦିନ ତଳେ ଧର୍ମଗଡ ଭାଜପା ନଗର ସଭାପତି ସୌରଭ ମିତ୍ତଲ ତାଙ୍କ ବଡ ମାଙ୍କ ଶବ ସଂସ୍କାର ପରେ ଅସ୍ଥି ସଂଗ୍ରହ ପାଇଁ ଯାଇଥିବା ବେଳେ ଏହି ଘଟଣା ସାମ୍ନାକୁ ଆସିଥିଲା। କିଛି ବାହାର ରାଜ୍ୟର ବ୍ୟକ୍ତି ଶ୍ମଶାନ ଗୃହରେ ରହି ବମ୍ବେ ଲଡୁ ପ୍ରସ୍ତୁତ କରୁଥିବା ସେ ଦେଖିଥିଲେ । ଏହା ଜଣାପଡିବା ପରେ ବିବେକ ରଞ୍ଜନ ମିଶ୍ର ସାମାଜିକ ଗଣମଧ୍ୟମରେ ଏହାକୁ ପୋଷ୍ଟ କରିଥିଲା ବେଳେ ଏହାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲୋଙ୍କୁ ଯୋଗାଯୋଗ କରିବାରୁ ସେମାନଙ୍କୁ ନୋଟିସ କରାଯାଇ ସେଠାରୁ ହଟାଯିବ ବୋଲି କହିଥିଲେ ।

## ରାଶିଫଳ

ଗୁରୁବାର, ୧୩ ଫେବୃଆରୀ ୨୦୨୫



**ମେଷ-** ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।



**ବୃଷ-** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।



**ମିଥୁନ-** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ଛାତ୍ରମାନଙ୍କର ଭଲ ଦିନ ଅଛି। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ।



**କର୍କଟ-** ଆଜି, ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ସ୍ୱାସ୍ଥ୍ୟ ଭଲ ହେବ।



**ସିଂହ-** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ। ଆପଣଙ୍କର କାମ ଆଗକୁ ବଢିବ।



**କନ୍ୟା-** ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ। ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ତୁଳା-** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। କିଛି କାମକୁ ନେଇ ଟେନସନ ହେବ। ଛାତ୍ରମାନେ ସଫଳତା ପାଇବେ। ବିବାହିତ ଜୀବନ ସୁଖୀ ହେବ।



**ବିଛା-** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ-** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ।



**ମକର-** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ-** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ-** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କଟକ(ଭାସ୍କର ନ୍ୟୁଜ୍): ନୂତନ ରେରା (ଓଡ଼ିଶା ରିଅଲ୍ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି) ଆଇନ ୨୦୧୭ ମସିହା ପୂର୍ବରୁ ନିର୍ମାଣ ହୋଇଥିବା ଫ୍ଲାଟ୍ ବା ପ୍ରକଳ୍ପ ଉପରେ ଲାଗୁ ହୋଇପାରିବ ନାହିଁ। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଅଦାଲତଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ରହିତାଦେଶ ବଳବତର ରହିବ ବୋଲି ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ଆଗତ ଏକ ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି । ଏଥିସହିତ ଏହି ମାମଲା ଉପରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ଆସନ୍ତା ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି। ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଫେବୃଆରୀ ପହିଲାରେ ରେରା ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ ଜୁନ୍ ୨୮ରୁ ରାଜ୍ୟରେ ଲାଗୁ ହୋଇଥିବା ନୂତନ ରେରା ଆଇନ ବଳରେ କୌଣସି ଫ୍ଲାଟ୍ର ବାସିନ୍ଦାଙ୍କ ପାଇଁ ଥିବା ସ୍ଥାନ ଉପରେ ଆଲଟିମାନଙ୍କ ଆସୋସିଏସନ୍ର ଅଧିକାର ରହିବ।



### ଓଡ଼ିଶାରେ ପୋଶା ଆଇନର କାର୍ଯ୍ୟକାରିତା ନେଇ ସମୀକ୍ଷା ବୈଠକ

# ଅଧ୍ୟକ୍ଷତା କଲେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷ ବିଜୟା ରାହତକରଙ୍କ ଦି ଦିନିଆ ଗସ୍ତ କାଳରେ ଆଜି ମହିଳା ଓ ଶିଶୁ ବିକାଶ ଏବଂ ଜାତୀୟ ମହିଳା ଆୟୋଗ ର ସହଭାଗିତାରେ ରାଜ୍ୟରେ 'କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ନିରୋଧଆଇନ'(ପୋଶ ଆଇନ)ର କାର୍ଯ୍ୟକାରିତା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷ ବିଜୟା କେ ରାହତକର ଅଧ୍ୟକ୍ଷତା କରି କହିଲେ ଯେ ଆଜିର ଯୁଗରେ ସମାଜରେ ମହିଳାମାନଙ୍କ ଭୂମିକା ଓ କର୍ତ୍ତବ୍ୟରେ ବହୁ ପରିବର୍ତ୍ତନ ଆସିଛି । ଆଜିର କର୍ମଜୀବୀ ମହିଳା ନିଜ ଘର ଓ କାର୍ଯ୍ୟକୁ ଅତି ନିଖୁଣ ଭାବରେ ପରିଚାଳନା କରିପାରୁଛନ୍ତି । ଏହି ପରିପ୍ରେକ୍ଷିରେ ସେମାନଙ୍କୁ ଏକ ସୁରକ୍ଷିତ ଓ ସମ୍ମାନିତ କାର୍ଯ୍ୟକ୍ଷେତ୍ର ପ୍ରଦାନ କରିବା ଆମ ସମସ୍ତଙ୍କ ଗୁରୁ ଦାୟିତ୍ୱ ହେବା ଉଚିତ । 'କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ନିରୋଧ ଆଇନ'(ପୋଶ ଆଇନ ) ର ସଠିକ କାର୍ଯ୍ୟକାରିତା ଓ ଏହି ଆଇନ ସମ୍ବନ୍ଧରେ ଦୃଢ ଜନସଚେତନତା ସୃଷ୍ଟି କରିପାରିଲେ ହିଁ ଆମେ କାର୍ଯ୍ୟକ୍ଷେତ୍ରରେ ଘଟୁଥିବା ଯୌନ ଉତ୍ପୀଡନକୁ ଦମନ କରିପାରିବା ବୋଲି ଦୃଢୋକ୍ତି ରଖିଛନ୍ତି । ରାଜ୍ୟର ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ଅନ୍ତଃ ସମିତି ଓ ପ୍ରତ୍ୟେକ ଜିଲ୍ଲାରେ ଆଞ୍ଚଳିକ ସମିତିର ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ସମିତିର ସଦସ୍ୟା ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ପ୍ରତି ଜିଲ୍ଲାର ସର୍ବସାଧାରଣ ସ୍ଥାନରେ ଏହି ଆଇନ ସମ୍ପର୍କରେ ବିଜ୍ଞାପନ ଓ ହୋର୍ଡିଂ ଜରିଆରେ ଲୋକମାନଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ଏହି ଆଇନ ଅନ୍ୟାୟ ବିରୁଦ୍ଧ, ପୁରୁଷ ବିରୁଦ୍ଧ ନୁହେଁ ଏବଂ ଏହି ଆଇନ ହିସାବରେ ଦୋଷୀକୁ ନିଶ୍ଚୟ ଦଣ୍ଡ ମିଳିବ ବୋଲି ସେ ଦୃଢ ମତ ରଖିଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ଓଡ଼ିଶାରେ 'କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡନ ନିରୋଧ ଆଇନ'(ପୋଶ ଆଇନ )ର ସ୍ଥିତି ବିଷୟରେ ବିଶଦ ଉପସ୍ଥାପନ କରିଥିଲେ । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପୋଲିସ ଆଇଜି ଏସ.ସାଇନିଙ୍କ ସହ ବିଭାଗୀୟ ନିର୍ଦ୍ଦେଶକ ସୁଶ୍ରୀ ମୋନିଷା ବାନାର୍ଜୀ ଓ ବିଭାଗର ଉଚ୍ଚପଦସ୍ଥ ଅଧିକାରୀବୃନ୍ଦ ମାନେ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର ନୋଡାଲ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବୋନି କାପୁର ଏବଂ ଅର୍ଜୁନ କାପୁର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ଓଡିଶା ବିଧାନସଭା ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରସିଦ୍ଧ ବଲିଉଡ୍ ଫିଲ୍ମ ନିର୍ମାତା ବୋନି କାପୁର ଏବଂ ଅଭିନେତା ଅର୍ଜୁନ କାପୁର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଓଡିଶାରେ ଆୟୋଜିତ ହେବାକୁ ଥିବା ସେଲିବ୍ରିଟି କ୍ରିକେଟ୍ ଲିଗରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଶ୍ରୀ କାପୁର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ । ଶ୍ରୀ କାପୁର କହିଥିଲେ ଯେ, ଓଡିଶାରେ ଫିଲ୍ମ ସୁଟିଂ ପାଇଁ ବ୍ୟାପକ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟାପ୍ତ ସୁବିଧା ରହିଛି । ଏ ସବୁର ପ୍ରଚାର ପ୍ରସାର ହେଲେ ବହୁ ଫିଲ୍ମ ନିର୍ମାତାଙ୍କ ପାଇଁ ଓଡିଶା ହେବ ପସନ୍ଦ ଯୋଗ୍ୟ ଫିଲ୍ମ ସୁଟିଂ ସ୍ଥାନ । ଏଥି ସହିତ ରାଜ୍ୟ ପର୍ଯ୍ୟଟନର ମଧ୍ୟ ଅଭିବୃଦ୍ଧି ଘଟିବ ବୋଲି ସେ କହିଥିଲେ । ଏହି ସାକ୍ଷାତ ଆଲୋଚନା ସମୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମନ୍ତ୍ରୀ ମଣ୍ଡଳର ସଦସ୍ୟ ଓ ବିଧାୟକ ମାନେ ଉପସ୍ଥିତ ଥିଲେ ।

## ପିସିସି ମୁଖ୍ୟ ଘୋଷଣା ପରେ ନଗର କଂଗ୍ରେସ କାର୍ଯ୍ୟାଳୟରେ ଉତ୍ସବ

କଟକ(ଭାସ୍କର ନ୍ୟୁଜ୍): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ନୂଆ ପିସିସି ମୁଖ୍ୟ ଘୋଷଣା କରାଯିବା ପରେ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ କର୍ମକର୍ତାମାନେ ନିଜ ନିଜ ଭିତରେ ମିଠା ବଣ୍ଟନ କରି ଉତ୍ସବ ପାଳନ କରିଛନ୍ତି । ଏଥିସହିତ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଆଗକୁ କଂଗ୍ରେସ ଅଧିକ ଶକ୍ତିଶାଳୀ ହେବ ବୋଲି କର୍ମୀମାନେ ଆଶାପୋଷଣ କରିଛନ୍ତି । ଶ୍ରୀ ଦାସଙ୍କ ନେତୃତ୍ୱରେ ସାରା ରାଜ୍ୟରେ କଂଗ୍ରେସ ନେତା ଓ କର୍ମୀ ସୁ-ସଂଗଠିତ ହୋଇ ସଂଗଠନକୁ ମଜବୁତ୍ କରିବା ସହ ପ୍ରତିପକ୍ଷଙ୍କୁ କଡା ଟକ୍କର ଦେଇପାରିବ ବୋଲି କଂଗ୍ରେସ କର୍ମୀମାନେ ଆଶା ବ୍ୟକ୍ତ କରିଥିଲେ । ଏହି ଅବସରରେ ନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ଶିଶିର ରଥଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଏକାଠି ଖୁସି ଜାହିର କରିଛନ୍ତି । ସେହିପରି ବରିଷ୍ଠ କଂଗ୍ରେସ ନେତା ତଥା କଟକ ଜିଲ୍ଲା କଂଗ୍ରେସ ସଭାପତି ଥିବା ମାନସ ଚୌଧୁରୀଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିନେବା ଘଟଣାକର୍ମୀଙ୍କ ମଧ୍ୟରେ ଉତ୍ସାହ କରି ଦେଇଛି । ଏହି ଡବଲ ଖୁସି ପାଇଁ କଂଗ୍ରେସ କର୍ମୀମାନେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡଗେ, ଦଳର ସର୍ବମାନ୍ୟ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣେଇବା ସହିତ ଉଭୟ ନେତା ଭକ୍ତ ଦାସ ଏବଂ ମାନସ ଚୌଧୁରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, କଟକ ସଦର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ, କଟକ ନଗର(ଜିଲ୍ଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ଜିଲ୍ଲା କଂଗ୍ରେସର ପ୍ରାକ୍ତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ୍, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟ ନାରାୟଣ ତ୍ରିପାଠୀ, ପ୍ରାକ୍ତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଛାତ୍ରନେତା ସୁନୀଲ ଜେନା, ବ୍ଲକ ସଭାପତି ଆଶୁତୋଷ ବରାଳ, ସଦାଶିବ ବାରିକଙ୍କ ସମେତ ରଜନୀ ବସ୍ତିଆ, ସନ୍ତୋଷ ବିଶ୍ୱାଳ, ଦୀପକ୍ ସାହୁ, ବିକି ଜେଠୀ, ପ୍ରତ୍ୟୁଷ ସାହୁ, ଉଗ୍ରସେନ ଭୂୟାଁ, ଋଷି କାଣ୍ଡି ପ୍ରମୁଖ ଯୋଗଦେଇ କୃତଜ୍ଞତା ଜ୍ଞାପନ କରିଥିଲେ ।

## ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫' ଆୟୋଜନ ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଭେଟେରିନାରୀ କଲେଜ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଲୋଗୋ ଏବଂ ମାସ୍କଟ୍ ଉନ୍ମୋଚନ କରିଥିଲେ । ପରେ ପରେ ମାନ୍ୟବର ମନ୍ତ୍ରୀ ସମାବେଶ ସମ୍ପର୍କରେ ଗଣମାଧ୍ୟମ ସମ୍ମୁଖରେ ସବିଶେଷ ତଥ୍ୟ ରଖିଥିଲେ । କହିଥିଲେ ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ସମୃଦ୍ଧିର ମହାକୁମ୍ଭ ସାଜିବ ଏହି ସମାବେଶ । କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ସେ ତଥ୍ୟ ରଖିଥିଲେ । ଚଳିତ ଫେବୃଆରୀ ୧୪ ରୁ ୧୬ ପର୍ଯ୍ୟନ୍ତ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆଠାରେ ଏହି ସମାବେଶ ଆୟୋଜିତ ହେବ । ୨୦୨୫ ବର୍ଷ ପାଇଁ ଥିମ ରହିଛି ମତ୍ସ୍ୟ ଓ ପ୍ରାଣିପାଳନ, ଜୀବନଜୀବିକା ଜୈବସନ୍ତୁଳନ । ଏହି ସମାବେଶରେ ପ୍ରତି ବ୍ଲକ୍ ରୁ ୨୬ ଜଣ ଚାଷୀ ମୋଟ ୮୧୬୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ଯୋଗ ଦେବେ । ତା ସହ ପ୍ରତ୍ୟେକ ଉପଖଣ୍ଡରୁ ୪ ଜଣ ସଫଳ ପ୍ରାଣିପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ । ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୪ ଜଣ ଶ୍ରେଷ୍ଠ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ । ସମାବେଶ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ । ଚଳିତଥର ମୋଟ ୧୦ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜନ ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି । 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ । ୨ଟି ହ୍ୟାଙ୍ଗର୍ ରେ ପ୍ରାୟ ୨୦୦ ଟି ଷ୍ଟଲ୍ ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେବ । ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ କରାଯିବ । ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ପ୍ରାଣିପାଳନ ଓ ପ୍ରାଣି ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସ ବିଧାୟକ ଦଳ ବୈଠକରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା କାଲିଠାରୁ ଆରମ୍ଭ ହେଉଛି ବିଧାନସଭାର ବଜେଟ ଅଧିବେଶନ । ଅଧିବେଶନ ପୂର୍ବରୁ ବସିଲା କଂଗ୍ରେସ ବିଧାୟକ ଦଳ ବୈଠକ ବସିଛି । ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହୋଇଛି ରଣନୀତି । ମଣ୍ଡିରୁ ଧାନ ନ ଉଠିବା, କଟନୀ ଛଟନୀ, କଣାସରେ ହଇଜା ବ୍ୟାପିବା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ବାରବାଟୀ ଅବ୍ୟବସ୍ଥା, ବେକାରୀ, ସୀମା ବିବାଦ, ଭଳି ପ୍ରସଙ୍ଗ ଏହା ସହିତ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ରଖିନଥିବା, ୩୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ ଛାଡ଼ କରିବା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବ କଂଗ୍ରେସ ବୋଲି ସୂଚନା ଦେଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ।

## ଭୁବନେଶ୍ୱର-ସୋନପୁର ଇଣ୍ଟରସିଟି ଟ୍ରେନରେ ନିଆଁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର-ସୋନପୁର ଇଣ୍ଟରସିଟି ଟ୍ରେନରେ ଲାଗିଲା ନିଆଁ । ସକାଳ ୬.୪୫ରେ ଟ୍ରେନଟି ମଞ୍ଜେଶ୍ୱର ଷ୍ଟେସନରେ ପହଁଚିଥିଲା । ନିର୍ଦ୍ଦିଷ୍ଟ ଏକ ଏସି ବଗି ତଳୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା । ବ୍ରେକ୍ ବାଇଣ୍ଡିଂ ଯୋଗୁଁ ଏଭଳି ଧୂଆଁ ବାହାରୁଥିବା ଜଣାପଡିଛି । ମଞ୍ଜେଶ୍ୱର ଷ୍ଟେସନରେ ଅଧଘଣ୍ଟା ରହିବା ପରେ ଟ୍ରେନ ନିଜ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାଇଥିଲା । ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି ।

## ଶିଶୁ ସୁରକ୍ଷା ଆଇନ ସମ୍ପର୍କିତ କର୍ମଶାଳା

କଟକ(ଭାସ୍କର ନ୍ୟୁଜ୍): ଜିଲ୍ଲା ଶିକ୍ଷା ସମ୍ମିଳନୀ କକ୍ଷରେ କଟକ କମିଶନରେଟ ପୋଲିସ ଏବଂ ଗ୍ରାମାଞ୍ଚଳ ପୋଲିସ ଅଧିନସ୍ଥ ୪୨ଟି ଥାନାର ସମସ୍ତ ଶିଶୁ ମଙ୍ଗଳ ଅଧିକାରୀମାନଙ୍କ ପାଇଁ ଶିଶୁ ସୁରକ୍ଷା ଆଇନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳ ସ୍ୱତନ୍ତ୍ର କିଶୋର ଆରକ୍ଷୀ ୟୁନିଟର ଅଧକ୍ଷ ନିର ଶବର, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ଓ ସଦସ୍ୟ ହରିହର ନାୟକ ବିଷୟ ବିଶାରଦ ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଆଇନ ଗୁଡିକୁ କାର୍ଯ୍ୟକାରୀ କରାଇବାରେ ଶିଶୁ ମଙ୍ଗଳ ଥାନା ଅଧିକାରୀମାନଙ୍କର ଦାୟିତ୍ୱ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶିଶୁ ସୁରକ୍ଷା ଆଇନ ପରିସରରେ ଆସୁଥିବା ଶିଶୁ ମାନଙ୍କୁ ଶିଶୁ ମିତ୍ରଭାବାପନ୍ନ ଆଚରଣ ପ୍ରଦର୍ଶନ କରି ସେମାନଙ୍କ ପ୍ରକୃତ ସମସ୍ୟାର ନିରାକରଣ ଦିଗରେ ଯତ୍ନଶୀଳ ହେବାଲାଗି ବିଷୟ ବିଶାରଦ ତାଲିମ ପ୍ରଦାନ କରିଥିଲେ। ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଜାତିସଂଘର ସନନ୍ଦରେ ପାରିତ ପ୍ରାବଧାନ ସମୂହକୁ ଦୃଷ୍ଟିରେ ରଖି ଆଇନର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବାକୁ ତାଲିମ ଦିଆଯାଇଥିଲା। ଏଥିରେ ଶିଶୁ ଓ କିଶୋର (ଯତ୍ନ ଓ ସୁରକ୍ଷା) ଆଇନ-୨୦୧୨, ଶିଶୁ ଯୌନ ନିର୍ଯ୍ୟାତନା ସୁରକ୍ଷା ଆଇନ ଏବଂ ଶିଶୁ ଶ୍ରମ ନିଷେଧ ଓ ନିରାକରଣ ଆଇନର କାର୍ଯ୍ୟକାରିତା ରେ ଶିଶୁ ମଙ୍ଗଳ ଆରକ୍ଷୀ ଅଧିକାରୀମାନଙ୍କର ଭୂମିକା ସମ୍ବନ୍ଧରେ ତାଲିମ ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଆୟୋଜନ ଓ ପରିଚାଳନା କରଯାଇଥିଲା।

### ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ନେଇ ପରାମର୍ଶ ବୈଠକ

# 'ଅମୃତ ଅନ୍ନ' ନାମରେ ଏକ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ପ୍ରସ୍ତାବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶ୍ରୀମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳର ବ୍ୟବହାର ନେଇ ଏକ ପରାମର୍ଶ ବୈଠକ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ନେଇ ଆଲୋଚନା ହୋଇଥିଲା। ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଶ୍ରୀମନ୍ଦିରର ମହାପ୍ରସାଦରେ ଜୈବିକ ଚାଉଳ ଏବଂ ପନିପରିବାର ବ୍ୟବହାର ନିଷ୍ପତ୍ତିକୁ ସୁଆର-ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସର୍ବଦା ଜୈବିକ କୃଷିକୁ ସମର୍ଥନ ଦେଇ ଆସିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀମନ୍ଦିର କୋଠଭୋଗରେ ଏହି ଜୈବିକ ଚାଉଳର ବ୍ୟବହାର କରାଯିବ । ଏଥି ସହ ଶ୍ରୀଗୁଣ୍ଡିଚା ସମୟରେ ସମ୍ପୂର୍ଣ୍ଣ ଲାଗି ହେଉଥିବା ଭୋଗରେ ଜୈବିକ ଚାଉଳ ଓ ପନିପରିବା ବ୍ୟବହାର ହେବା ପାଇଁ ପ୍ରସ୍ତାବ ରହିଛି । 'ଅମୃତ ଅନ୍ନ' ନାମରେ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଜୈବିକ ଅନ୍ନରୁ ପ୍ରସ୍ତୁତ ମହାପ୍ରସାଦ ଆନନ୍ଦବଜାରରେ ଭକ୍ତଙ୍କ ପାଇଁ ଉପଲବ୍ଧ ହେବ । ଏଥିପାଇଁ ଆନନ୍ଦବଜାରରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବାର ପ୍ରସ୍ତାବ ରହିଛି । ପ୍ରାରମ୍ଭିକ ଭାବେ ରାଜ୍ୟରେ ଉତ୍ପାଦିତ ହେଉଥିବା କଳାଜୀରା, ପିମ୍ପୁଡ଼ିବାସ, ଯୁବରାଜ ଆଦି ଜୈବିକ ଚାଉଳ ଦେଶୀୟ ପ୍ରଜାତିର ଜୈବିକ ଧାନ ଏହି 'ଅମୃତ ଅନ୍ନ' ମହାପ୍ରସାଦରେ ବ୍ୟବହୃତ ହେବ । ଏଥି ମଧ୍ୟରୁ କଳାଜୀରା ଧାନ ଜିଆଇ ଟ୍ୟାଗ୍ (ଭୌଗୋଳିକ ସୂଚକାଙ୍କ)ରେ ସ୍ଥାନିତ ହୋଇସାରିଛି । ସଂପ୍ରତି ଓଡ଼ିଶା ଚାଉଳ ଉତ୍ପାଦକତାରେ ଜାତୀୟ ହାରଠାରୁ ଆଗରେ ରହିଛି । ଚଳିତ ବର୍ଷ କୋରାପୁଟର ୧୩୬୫ ଏକର ଜମିରେ କଳାଜୀରା ଚାଉଳ ଚାଷ ହୋଇଛି ଏବଂ କୋଟପାଡ଼ଠାରେ ପ୍ରଥମ ଥର ପାଇଁ କଳାଜୀରା ଧାନର ମଣ୍ଡି ଖୋଲାଯାଇଛି । ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଗାନିକ୍ ସାର୍ଟିଫିକେସନ୍, ସବ୍‌ସିଡ଼ିର ଆଦିର ପ୍ରସ୍ତାବ ରହିଛି । ଏଥି ସହ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ମାନଙ୍କୁ କ୍ଲଷ୍ଟର ଆପ୍ରୋଚ୍ ମାଧ୍ୟମରେ ଜୈବିକ ଚାଉଳ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦିଆଯିବ ଏବଂ ସଂପୂର୍ଣ୍ଣ ପ୍ରକ୍ରିୟାକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବାକୁ ଏକ ପରିଚାଳନା କମିଟି ଗଠନ କରାଯିବ । ସେହି କମିଟିରେ ଶ୍ରୀମନ୍ଦିର ପ୍ରଶାସନ, ସୁଆର-ମହାସୁଆର ନିଯୋଗ ପ୍ରତିନିଧିଙ୍କ ସମେତ ଅନ୍ୟ ଉତ୍ପାଦକ ଗୋଷ୍ଠୀର ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ସଦସ୍ୟ ରହିବେ । ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଓୟୁଏଟିର ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, କମାଣ୍ଡର ସୁଧାକର ପଟ୍ଟନାୟକ, ସୁଆର, ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର ଓ ସଂପାଦକ ନାରାୟଣ ମହାସୁଆର, ବରିଷ୍ଠ ସେବାୟତ ବୈଦ୍ୟନାଥ ମହାସୁଆର, ବିଭିନ୍ନ ଜୈବିକ ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି, ରାଜେନ୍ଦ୍ର ଦେଶୀ ଧାନ ଗବେଷଣା ପ୍ରତିଷ୍ଠାନର ନଟବର ଷଡଙ୍ଗୀ, କୋରାପୁଟ ପ୍ରଗତି ଅନୁଷ୍ଠାନର ପ୍ରଭାକର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ମତ ଉପସ୍ଥାପନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଖ୍ୟାତିସମ୍ପନ୍ନ ଜଳାପୋଡ଼ା ଯତ୍ନ ବିଶେଷଜ୍ଞ ଡ. ମାର୍କସ୍‌ଙ୍କ ଏମ୍ସ ପରିଦର୍ଶନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଡ଼ାଜଳା ଯତ୍ନ କ୍ଷେତ୍ରରେ ହେବ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ। ଅନ୍ତର୍ଜାତୀୟ ସ୍ତରରେ ଉପଲବ୍ଧ ନୂତନ ଏବଂ ସର୍ବୋତ୍ତମ ଚିକିତ୍ସା ପଦ୍ଧତିର ଉପଯୋଗ ହୋଇ, ରୋଗୀଙ୍କୁ ପ୍ରଦାନ କରାଯିବ ସ୍ୱାସ୍ଥ୍ୟସେବା। ଏଥିସହିତ ଏହି କ୍ଷେତ୍ରରେ ଅଧିକ ଗବେଷଣା ନିମନ୍ତେ ଅଷ୍ଟ୍ରେଲିଆର ରୟାଲ୍ ଆଡିଲେଡ୍ ହସ୍ପିଟାଲ (ଆରଏଏଚ୍) ଭଳି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହିତ ଏମ୍ସ ଭୁବନେଶ୍ୱରର ସହଭାଗିତା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପୋଡ଼ାଜଳା ଯତ୍ନ ବିଶେଷଜ୍ଞ ତଥା ରୟାଲ୍ ଆଡିଲେଡ୍ ହସ୍ପିଟାଲ୍, ଅଷ୍ଟ୍ରେଲିଆର ବିଭାଗୀୟ ମୁଖ୍ୟ ଡ. ମାର୍କସ୍ ୱାଗଷ୍ଟାଫ୍‌ଙ୍କ ଦିନିକିଆ ଏମ୍ସ ଭୁବନେଶ୍ୱର ଗସ୍ତ ଅବସରରେ ଏପରି ମତପ୍ରକାଶ ପାଇଛି। ଏମ୍ସ ବର୍ଣ୍ଣସ୍ ସେଣ୍ଟର ପରିଦର୍ଶନ ସହିତ ଗବେଷଣା, ନବସୃଜନ ଏବଂ ନୂତନ କୌଶଳ ବିକାଶ ମାଧ୍ୟମରେ ପୋଡ଼ାଜଳା ଚିକିତ୍ସା କ୍ଷେତ୍ରରେ ବିପ୍ଳବ ଆଣିବାର ଲକ୍ଷ୍ୟ ସହିତ ଏକ ସକରାତ୍ମକ ସହଭାଗୀତାର ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି ଡ. ମାର୍କସ୍। ଆରଏଏଚ୍ ସ୍କିନ୍ ଇଞ୍ଜିନିୟରିଂ ଲାବୋରେଟୋରୀର ମୁଖ୍ୟ ଡ. ମାର୍କସ୍ ଏମ୍ସ ଭୁବନେଶ୍ୱର ବର୍ଣ୍ଣସ୍ କେନ୍ଦ୍ରରେ ପ୍ରଦାନ କରାଯାଉଥିବା ଅତ୍ୟାଧୁନିକ ସୁବିଧାଗୁଡ଼ିକୁ ପ୍ରଶଂସା କରିଥିଲେ। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ, ଡ. ମାର୍କସ୍‌ଙ୍କୁ ଏହି ଜାତୀୟ ପ୍ରତିଷ୍ଠାନକୁ ସ୍ୱାଗତ କରିବା ସହିତ ଉଭୟ ଅନୁଷ୍ଠାନ ମଧ୍ୟରେ ଏକ ପରିବର୍ତ୍ତନକାରୀ ସହଭାଗୀତାର ଅପାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଗସ୍ତ ସମୟରେ, ଡ. ମାର୍କସ, ଏମ୍ସ ଭୁବନେଶ୍ୱର ବର୍ଣ୍ଣସ୍ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ମୁଖ୍ୟ ଡ. ସଞ୍ଜୟ କୁମାର ଗିରି, ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ମନୋଜ କୁମାର ମହାନ୍ତି ଏବଂ ଡ.ପ୍ର ଭାସ ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସହିତ ଆଲୋଚନା କରିଥିଲେ।

## ରେଭେନ୍ସା ସମାବର୍ତ୍ତନ ଉତ୍ସବ ସ୍ଥଗିତ

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବକୁ ଅନିବାର୍ଯ୍ୟ କାରଣ ନିମନ୍ତେ ସ୍ଥଗିତ ରଖାଯାଇଛି। ସମାବର୍ତନ ଉତ୍ସବରେ ସମ୍ବର୍ଦ୍ଧିତ ହେବାକୁ ଥିବା ବିଭିନ୍ନ ବିଭାଗର ସ୍ୱର୍ଣ୍ଣପଦକ ବିଜେତା ତଥା ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଏ ସମ୍ପର୍କରେ ସୂଚିତ କରାଯିବ । ସମାବର୍ତ୍ତନ ଉତ୍ସବର ପରବର୍ତ୍ତୀ ତାରିଖ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖୁବଶୀଘ୍ର ଅବଗତ କରାଯିବ।

## ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

କଟକ(ଭାସ୍କର ନ୍ୟୁଜ୍): ମହିଳାଙ୍କ ମୌଳିକ ଅଧିକାରର ସୁରକ୍ଷା ଲାଗି ଆଇନଗତ ଢାଂଚାକୁ ସୁଦୃଢ କରିବା ଏବଂ ନ୍ୟାୟ ବ୍ୟବସ୍ଥାକୁ ବ୍ୟାପକ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଆଜି ଗାନ୍ଧୀ ସ୍ମୃତିପୀଠ ତେଲେଙ୍ଗାପେଣ୍ଠ ଠାରେ ଓଡିଶା ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୁଲ୍ୟରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାଶ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମହିଳାମାନଙ୍କ ଉପରେ ହେଉଥିବା ଘରୋଇ ହିଂସା ସମ୍ପର୍କରେ ସଚେତନତା ଏବଂ ସେମାନଙ୍କ ପାଇଁ ଥିବା ନିୟମ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆକ୍ସନଏଡ୍‌ର ଜାତୀୟ ପ୍ରକଳ୍ପ ପ୍ରମୁଖ ଘାସିରାମ ପଣ୍ଡା ଯୋଗଦେଇ ମହିଳାମାନଙ୍କ ଆଚରଣ, ମହିଳା ଓ ପୁରୁଷ ମଧ୍ୟରେ ଫରକ, ଶାରୀରିକ ହିଂସାରୁ ସୁରକ୍ଷା, ଜାତିଗତ ହିଂସା, ଲିଙ୍ଗ ଭିତିକ ହିଂସାକୁ ଗୁରୁତ୍ୱ ନଦେବା ଉପରେ ଆଲୋଚନା କରିଥିଲେ । କ୍ଲାପର ସଭାପତି ବିକାଶ ଦାଶ ପାରିବାରିକ ହିଂଶା ଆଇନ, ଶାରୀରିକ ହିଂସା ଆଦି ଉପରେ ଆଲୋଚନା କରିଥିଲେ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଆକ୍ସନ ଏଡ଼ ଜିଲ୍ଲା ସଂଯୋଜିକା ନିବେଦିତା ପାଣିଗ୍ରାହୀ, ଜିଲ୍ଲା ସଯୋଜକ ପୋଷଣ ଶ୍ରୀକାନ୍ତ ଜେନା ଉପସ୍ଥିତ ଥିଲେ । ପ୍ରୋଗ୍ରାମ ଅଫିସର ଶୁଭ୍ର ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ରଶ୍ମିତା ମହାନ୍ତି, ଅଙ୍ଗନବାଡି ଦିଦି, ଆଶା କର୍ମୀ,କଲେଜ ଛାତ୍ରୀ, ଅଦ୍ୱିକା କିଶୋରୀ, ମହିଳା ସରପଞ୍ଚ ଓ ମେଡିକାଲ ଅଫିସର ମାନଙ୍କୁ ସଚେତନ କରାଇଥିଲେ। ଶେଷରେ ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।